# ରାଜୁଆ ଡାଇଭର୍ସନ ୱେୟାର ପାଇଁ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁରୁମପଡା ଗ୍ରାମରେ ବେସରକାରୀ ଜମି ଅଧିଗ୍ରହଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ (ଟି ଓ ଆର୍ ୭୮-୦୦୦୦୭)

ପ୍ରଦାନ ହେଲା :


ରାଜ୍ୟ ଏସ୍ ଆଇ ଏ ୟୁନିଟ୍

ନବକୃଷ୍ଣ ଚୌଧୁରୀ  ଉନ୍ନୟନ ଅଧ୍ୟୟନ କେନ୍ଦ୍ର,

(ଓଡିଶା ସରକାରଙ୍କ ସହଯୋଗରେ ଗଠିତ ଆଇ ସି ଏସ୍ ଏସ୍ ଆର୍ ଗବେଷଣା ସଂସ୍ଥା)

ଭୁବନେଶ୍ୱର-୭୫୧୦୧୩ ଓଡିଶା, ଭାରତ


ପ୍ରଦାନ କଲେ :


STARR

ସୋସାଇଟି ଫର ଟ୍ରେନିଂ ଆକ୍ସନ ରିସର୍ଚ୍ଚ ଆଣ୍ଡ ରିହାବିଲିଟେସନ

ପ୍ଲଟ ନମ୍ବର ଏନ୍ –୬ ଆଇ ଆର୍ ସି ଭିଲେଜ, ନୟାପଲ୍ଲୀ-ଭୁବନେଶ୍ୱର-୭୫୧୦୧୫, ଓଡିଶା

# ରାକୁଆ ଡାଇଭର୍ସନ ୱେୟାର ପାଇଁ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁରୁମପଡା ଗ୍ରାମରେ ବେସରକାରୀ ଜମି ଅଧିଗ୍ରହଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ (ଟି ଓ ଆର୍ ୭୮-୦୦୦୦୭)

ପ୍ରଦାନ ହେଲା :

ରାଜ୍ୟ ଏସ୍ ଆଇ ଏ ୟୁନିଟ୍

ନବକୃଷ୍ଣ ଚୌଧୁରୀ  ଉନ୍ନୟନ ଅଧ୍ୟୟନ କେନ୍ଦ୍ର,

(ଓଡିଶା ସରକାରଙ୍କ ସହଯୋଗରେ ଗଠିତ ଆଇ ସି ଏସ୍ ଏସ୍ ଆର୍ ଗବେଷଣା ସଂସ୍ଥା)

ଭୁବନେଶ୍ୱର-୭୫୧୦୧୩ ଓଡିଶା, ଭାରତ

ପ୍ରଦାନ କଲେ :

ସୋସାଇଟି ଫର ଟ୍ରେନିଂ ଆକ୍ସନ ରିସର୍ଚ୍ଚ ଆଣ୍ଡ ରିହାବିଲିଟେସନ

ପ୍ଲଟ ନମ୍ବର ଏନ୍ -୬ ଆଇ ଆର୍ ସି ଭିଲେଜ, ନୟାପଲ୍ଲୀ-ଭୁବନେଶ୍ୱର-୭୫୧୦୧୫, ଓଡିଶା

## ବିବରଣୀ ପ୍ରସ୍ତୁତକର୍ତ୍ତା

**ଶ୍ରୀ ପଦ୍ମ ଚରଣ ଦାଶ**
**ନିର୍ଦ୍ଦେଶକ**
**ସୋସାଇଟି ଫର ଟ୍ରେନିଂ ଆକ୍ସନ ରିସର୍ଚ୍ଚ ଆଣ୍ଡ ରିହାବିଲିଟେସନ ଭୁବନେଶ୍ୱର**

## ପଦ୍ଧତି ଏବଂ ବୈଷୟିକ ସହାୟତା

**ଶ୍ରୀ ଜଗମୋହନ ଦେବତା**

## ତଥ୍ୟ ବିଶ୍ଳେଷଣ ଏବଂ ସାରଣୀ ପ୍ରସ୍ତୁତି

**ଶ୍ରୀ ଦୀପକ ରଂଜନ ମହାକୁଲ**

## ଡି ଟି ପି ଏବଂ ଡିଜାଇନ୍

**ଶ୍ରୀ ସତ୍ୟ ନାରାୟଣ ରଥ**

## ସହାୟତା

**ରାଜ୍ୟ ସାମାଜିକ ପ୍ରଭାବ ଆକଳନ ୟୁନିଟ୍**
**ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର**
**(ଓଡିଶାର ସରକାରଙ୍କର ସହଯୋଗରେ ଆଇ ସି ଏସ ଏସ ଆର ଗବେଷଣା ପ୍ରତିଷ୍ଠାନ)**

# ସ୍ୱୀକାରୋକ୍ତି

ଏହି ଅଧ୍ୟୟନଟିକୁ ସୁଚାରୁରୁପେ ଆଗେଇନେବା ପାଇଁ ସହାୟତା ପ୍ରଦାନ କରିଥିବାରୁ ଆମେ ନବକୃଷ୍ଣ ଚୌଧୁରୀ ସେଣ୍ଟର୍ ଫର୍ ଡେଭଲପମେଣ୍ଟ ଷ୍ଟଡିଜ ଭୁବନେଶ୍ୱରଙ୍କ ନିକଟରେ କୃତଜ୍ଞ। ଏନ୍ ସି ଡି ଏସ୍ ରାଜ୍ୟ ସଂଯୋଜକ ଡଃ ରାଜ କୁମାର୍ ଖୋଶଲାଙ୍କୁ ତାଙ୍କର୍ ସମୟୋଚିତ ବୈଷୟିକ ସହାୟତା ପ୍ରଦାନ ନିମନ୍ତେ ଆମେ ବିଶେଷ ଧନ୍ୟବାଦ ପ୍ରଦାନ କରୁଛୁ।

ଅଧ୍ୟୟନ କରିବାକୁ ଅନୁସନ୍ଧାନକାରୀ ଦଳର୍ ସଦସ୍ୟମାନଙ୍କୁ ପ୍ରୋତ୍ସାହିତ କରି ଉପଦେଶ ପ୍ରଦାନ କରିଥିବାରୁ ଆମେ ଖୋର୍ଦ୍ଧା ଜିଲ୍ଲାର୍ ଜିଲ୍ଲାପାଳଙ୍କ ନିକଟରେ ଆମର୍ ଗଭିର୍ କୃତଜ୍ଞତା ଜ୍ଞାପନ କରୁଛୁ।

ଅଧ୍ୟୟନ କାର୍ଯ୍ୟ ସମୟରେ ଉପାଦେୟ ଏବଂ ପ୍ରାସଙ୍ଗିକ ତଥ୍ୟ ପ୍ରଦାନ କରିଥିବାରୁ ଆମେ ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା ଏବଂ ଅନ୍ୟାନ୍ୟ ଜିଲ୍ଲା ଅଧିକାରୀ ଙ୍କୁ ଧନ୍ୟବାଦ ଜ୍ଞାପନ କରୁଅଛୁ।

କ୍ଷେତ୍ର ଅଧ୍ୟୟନ ସମୟରେ ସମସ୍ତ ପ୍ରକାରର୍ ବୈଷୟିକ ଓ ବ୍ୟବସ୍ଥାଗତ ସହଯୋଗ ପ୍ରଦାନ କରିଥିବାରୁ ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ଏସ୍ ଡି ଓ, ଏବଂ ସହକାରୀ ଯନ୍ତ୍ରୀ ଖୋର୍ଦ୍ଧା ଜଳସେଚନ ବିଭାଜନ, ଖୋର୍ଦ୍ଧା ଜିଲ୍ଲା ଏବଂ ତାଙ୍କ ଦଳର୍ ସଦସ୍ୟମାନଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛୁ।

ପ୍ରଭାବିତ ଗ୍ରାମଗୁଡିକରେ ସମୟ ସମୟରେ କେନ୍ଦ୍ରୀଭୂତ ଦଳଗତ ଆଲୋଚନା ଆୟୋଜନ କରିବାରେ ସହଯୋଗ କରିଥିବାରୁ ଆମେ ନରଣଗଡ ଗ୍ରାମ ପଞ୍ଚାୟତର୍ ସରପଞ୍ଚଙ୍କ ସମେତ ପଞ୍ଚାୟତି ରାଜ ଅନୁଷ୍ଠାନର୍ ସମସ୍ତ ସଦସ୍ୟ ଆମର୍ ଧନ୍ୟବାଦର୍ ପାତ୍ର ଅଟନ୍ତି ।

ଅଧ୍ୟୟନ ନିମନ୍ତେ ବିଚାର୍ ବିମର୍ଷ ସମୟରେ ଗ୍ରାମବାସୀମାନେ ସେମାନଙ୍କ ବହୁମୂଲ୍ୟ ସମୟ ପ୍ରଦାନ କରି ସହଯୋଗ କରିଥିବାରୁ ସମସ୍ତ ଗ୍ରାମବାସୀଙ୍କ ନିକଟରେ ସମପରିମାଣରେ କୃତଜ୍ଞ।

ଗବେଷଣା ଦଳର୍ ସମସ୍ତ ସଦସ୍ୟ କ୍ଷେତ୍ର ଅଧ୍ୟୟନ ସମୟରେ ତାଙ୍କର୍ ଅକୁଣ୍ଠ ସମର୍ଥନ ଯୋଗାଇ ଦେଇଥିବାରୁ ସେମାନେ ଆମର୍ ପ୍ରଶଂସାର୍ ଯୋଗ୍ୟ।

*ନିର୍ଦ୍ଦେଶକ*
*ଷ୍ଟାର, ଭୁବନେଶ୍ୱର*

# ସୂଚୀପତ୍ର


ସ୍ୱୀକାରୋକ୍ତି ......... iv
ସୂଚୀପତ୍ର ......... v
ସାରଣୀ ସୂଚୀ ......... ix
ଚିତ୍ର ସୂଚୀ ......... x
ମାନଚିତ୍ର ସୂଚୀ ......... x
ସଂକ୍ଷିପ୍ତ ସୂଚୀ ......... xi
ପ୍ରଥମ ଅଧ୍ୟାୟ ......... ୧
କାର୍ଯ୍ୟନିର୍ବାହୀ ସାରାଂଶ ......... ୧
୧.୧ ପ୍ରକଳ୍ପର ନାମ ......... ୧
୧.୨. ସାର୍ବଜନୀନ ଉଦ୍ଦେଶ୍ୟ ......... ୧
୧.୩. ପ୍ରକଳ୍ପର ଅବସ୍ଥିତି ......... ୧
୧.୪. ପ୍ରକଳ୍ପ ଅଞ୍ଚଳ ......... ୧
୧.୫. ବିକଳ୍ପର ବିଶ୍ଳେଷଣ ଏବଂ ସର୍ବନିମ୍ନ ଭୂମି ଅଧିଗ୍ରହଣ ......... ୧
୧.୬ ପ୍ରଭାବିତ ଅଞ୍ଚଳ ତଥା ଗୋଷ୍ଠୀର ସାମାଜିକ ଅର୍ଥନୈତିକ ପାର୍ଶ୍ବଚିତ୍ର ......... ୨
୧.୭ ପ୍ରଶମନ ଉପାୟ ......... ୩
୧.୮.ସାମାଜିକ ଖର୍ଚ୍ଚ ଏବଂ ଲାଭର ଆକଳନ ......... ୫
ଲାଭ ମୂଲ୍ୟ ଅନୁପାତ ......... ୫
୧.୯. ଉପସଂହାର ଓ ସୁପାରିଶ ......... ୬
ଦ୍ୱିତୀୟ ଅଧ୍ୟାୟ : ପ୍ରକଳ୍ପ ସମ୍ବନ୍ଧରେ ବିସ୍ତୃତ ବର୍ଣ୍ଣନା ......... ୮
୨.୧ ପ୍ରକଳ୍ପର ପୃଷ୍ଠଭୂମି ଏବଂ ବିକାଶକାରୀଙ୍କ ପୃଷ୍ଠଭୂମି ଓ ନିୟନ୍ତ୍ରଣ ......... ୮
୨.୨ ପରିଚାଳନାର ଢାଞ୍ଚା ......... ୯
୨.୩ ପ୍ରକଳ୍ପର ଯୁକ୍ତିଯୁକ୍ତତା ସମେତ ଏହି ପ୍ରକଳ୍ପଟିର ସର୍ବସାଧାରଣ ଉଦ୍ଦେଶ୍ୟ ......... ୯
୨.୪ ପ୍ରକଳ୍ପର ଆକାର, ଅବସ୍ଥିତି, ସାମର୍ଥ୍ୟ, ଉତ୍ପାଦନ, ଉତ୍ପାଦନର ଲକ୍ଷ୍ୟ, ମୂଲ୍ୟ ଏବଂ ବିପଦ ସମ୍ପର୍କରେ ବିସ୍ତୃତ ବିବରଣୀ ......... ୧୦
୨.୫.ବିକଳ୍ପର ପରୀକ୍ଷଣ ......... ୧୧
୨.୬. ପ୍ରକଳ୍ପ ନିର୍ମାଣର ବିଭିନ୍ନ ପର୍ଯ୍ୟାୟ ......... ୧୧
୨.୭. ମୂଳ ଡିଜାଇନ୍ ର ବୈଶିଷ୍ଟ୍ୟ ଆକାର ଏବଂ ବିଭିନ୍ନ ପ୍ରକାରର ସୁବିଧା ......... ୧୧
୨.୮. ଅତିରିକ୍ତ ଭିତ୍ତିଭୂମି ସୁବିଧା ର ଆବଶ୍ୟକତା ......... ୧୨
୨.୯. ଶ୍ରମବଳର ଆବଶ୍ୟକତା ......... ୧୨
୨.୧୦. ଯଦି ପୂର୍ବରୁ କୌଣସି ଏସ ଆଇ ଏ କିମ୍ବା ଇ ଆଇ ଏ ଏବଂ ବୈଷୟିକ ବିବରଣୀ ପ୍ରସ୍ତୁତ ହୋଇଥାଏ ତାହାର ବିସ୍ତୃତ ବିବରଣୀ ......... ୧୨

୨.୧୧. ପ୍ରଯୁଜ୍ୟ ଆଇନ କାନୁନ ........ ୧୩

ତୃତୀୟ ଅଧ୍ୟାୟ: ଦଳ ଗଠନ, କାର୍ଯ୍ୟପ୍ରଣାଳୀ, ପଦ୍ଧତି ଏବଂ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ସମୟ ସାରଣୀ ........ ୨୩

୩.୧. ଅଧ୍ୟୟନ ଦଳର ତାଲିକା ସମେତ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ........ ୨୩

୩.୨. ଆକଳନ ର ପରିସର ........ ୨୪

୩.୩. ଆକଳନ ଅଧ୍ୟୟନର ଉଦ୍ଦେଶ୍ୟ ........ ୨୬

୩.୪. ପ୍ରକଳ୍ପ ପାଇଁ ସୂଚନା ସଂଗ୍ରହ ପାଇଁ ବ୍ୟବହୃତ ପଦ୍ଧତି ଏବଂ କୌଶଳଗୁଡ଼ିକ ପାଇଁ ବର୍ଣ୍ଣନା ଏବଂ ଯୁକ୍ତିଯୁକ୍ତତା ........ ୨୬

୩.୪.୧. ବର୍ଣ୍ଣନା ଏବଂ ବ୍ୟବହୃତ କାର୍ଯ୍ୟପ୍ରଣାଳୀର ପ୍ରଯୁଜ୍ୟତା ........ ୨୬

୩.୪.୨. ପରୋକ୍ଷ ଭାବରେ ସଂଗୃହୀତ ତଥ୍ୟଗୁଡିକର ସମୀକ୍ଷା ........ ୨୭

୩.୪.୩. ପ୍ରକଳ୍ପ ସ୍ଥାନ ପରିଦର୍ଶନ, ପରାମର୍ଶ ଓ ସୂଚନା ପ୍ରସାରଣ ........ ୨୭

୩.୪.୪. ଜନଗଣନା ସର୍ଭେ ଏବଂ ପରିବାର ସ୍ତରୀୟ ତଥ୍ୟ ସଂଗ୍ରହ ........ ୨୭

୩.୪.୫. କେନ୍ଦ୍ରୀଭୂତ ଦଳଗତ ଆଲୋଚନା ସହଭାଗୀ ଗ୍ରାମ ଅବଧାରଣା ........ ୨୮

୩.୪.୬. ତଥ୍ୟ ବିଶ୍ଳେଷଣ ଓ ବିବରଣୀ ପ୍ରସ୍ତୁତ ........ ୩୦

୩.୪.୭. ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଝଓଗଚ) ପ୍ରସ୍ତୁତି: ........ ୩୦

୩.୪.୮. ଜନ ଶୁଣାଣି ........ ୩୧

୩.୫. ଅଧ୍ୟୟନ ବିବରଣୀ ପ୍ରସ୍ତୁତି ........ ୩୫

ଚତୁର୍ଥ ଅଧ୍ୟାୟ: ଜମିର ଆକଳନ ........ ୩୬

୪.୧ ପ୍ରକଳ୍ପ ଅଧୀନରେ ପ୍ରଭାବିତ ଅଞ୍ଚଳ, ଉଭୟ ଅଧିଗ୍ରହଣ ହେବାକୁ ଥିବା ଜମି ଏବଂ ପ୍ରକଳ୍ପର ପରିବେଶ, ସାମାଜିକ କିମ୍ବା ଅନ୍ୟାନ୍ୟ ପ୍ରଭାବ ଦ୍ୱାରା ପ୍ରଭାବିତ ଅଞ୍ଚଳ ସହିତ ପ୍ରସ୍ତାବିତ ପ୍ରକଳ୍ପ ଅଧୀନରେ ପ୍ରଭାବିତ କ୍ଷେତ୍ର ........ ୩୬

୪.୨ ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ର ପରିମାଣ ଏବଂ ଅବସ୍ଥିତି ........ ୩୬

୪.୩ ଏହି ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ ହେଉଥିବା ଜମି ସର୍ବନିମ୍ନ ଆବଶ୍ୟକତା ଅଟେ କି ?୩୭

୪.୪ ପ୍ରକଳ୍ପ ଅଧୀନରେ ପ୍ରଭାବିତ ଅଞ୍ଚଳକୁ ଦର୍ଶାଉଥିବା ମାନଚିତ୍ର ........ ୩୭

୪.୫. ପ୍ରକଳ୍ପ ପାଇଁ ବିକଳ୍ପ ସ୍ଥାନର ସମ୍ଭାବନା ଏବଂ ଏହାର ସମ୍ଭାବ୍ୟତା ........ ୩୮

୪.୬ ଅନୁସୂଚିତ ଅଞ୍ଚଳରେ ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ସର୍ବଶେଷ ଉପାୟ କି ?..... ୩୮

୪.୭ ଯଦି ପୂର୍ବରୁ କୌଣସି ଜମି, କ୍ରୟ, କିସମ ପରିବର୍ତ୍ତନ, ଲିଜ୍ କିମ୍ବା ଅଧିଗ୍ରହଣ ହୋଇଥାଏ ଏବଂ ପ୍ରକଳ୍ପ ପାଇଁ ଆବଶ୍ୟକ ପ୍ରତ୍ୟେକ ଜମି ପାଇଁ ଉଦ୍ଦିଷ୍ଟ ବ୍ୟବହାର ........ ୩୮

୪.୮ ପ୍ରକଳ୍ପ ପାଇଁ ଆବଶ୍ୟକ ପ୍ରତ୍ୟେକ ଜମି ପାଇଁ ଉଦ୍ଦିଷ୍ଟ ବ୍ୟବହାର ଏହି ପ୍ରକଳ୍ପ ପାଇଁ ଯେ କୌଣସି ସାର୍ବଜନୀନ ଅବ୍ୟବହୃତ ଜମି ବ୍ୟବହାର ହେବାର ସମ୍ଭାବନା ଏବଂ ଏହିପରି କୌଣସି ଜମି କାହା ଦଖଲରେ ଅଛି କି ? ........ ୩୮

୪.୯ ଜମିର ପ୍ରକାର, ବର୍ତ୍ତମାନର ବ୍ୟବହାର ଏବଂ ଜମିର ବର୍ଗୀକରଣ ଏବଂ ଯଦି ଏହା ଏକ କୃଷି ଜମି, ଉକ୍ତ ଜମି ପାଇଁ ଜଳସେଚନର ବ୍ୟାପ୍ତି ଏବଂ ଫସଲ ଢାଞ୍ଚା ........ ୩୯

୪.୧୦ ପ୍ରସ୍ତାବିତ ଜମି ଅଧିଗ୍ରହଣରେ ଖାଦ୍ୟ ନିରାପତ୍ତାକୁ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ପାଳନ କରାଯାଇଛି କି ନାହିଁ ........ ୩୯

୪.୧୧ ଜମି ଧାରଣର ଆକାର, ମାଲିକାନା ଢାଞ୍ଚା, ଜମି ଆବଣ୍ଟନ, ଆବାସିକ ଘର ସଂଖ୍ୟା ଏବଂ ସରକାରୀ ଓ ବେସରକାରୀ ଭିତ୍ତିଭୂମି ଏବଂ ସମ୍ପତ୍ତି; ........ ୩୯

୪.୧୧.୧ ଆବାସିକ ଘର ଏବଂ ସର୍ବସାଧାରଣ ଓ ବେସରକାରୀ ଭିତ୍ତିଭୂମି ଏବଂ ସମ୍ପତ୍ତିର ପରିମାଣ ୪୧

୪.୧୨ ଜମି ମୂଲ୍ୟ ଏବଂ ମାଲିକାନାରେ ପରିବର୍ତ୍ତନ ଗତ ତିନିବର୍ଷ ମଧ୍ୟରେ ଜମିର ମାଲିକାନା, ସ୍ଥାନାନ୍ତର ଏବଂ ବ୍ୟବହାରରେ ପରିବର୍ତ୍ତନ ........ ୪୧

୪.୧୨.୧ ଜମି ଅଧିଗ୍ରହଣ ହେତୁ କ୍ଷତି ହେବାକୁ ଥିବା ଜମିର ମୂଲ୍ୟ ନିର୍ଣ୍ଣୟ କରିବାର ଆଧାର୪୧

୪.୧୨.୨ ବିଭିନ୍ନ ଗୁଣକ ଏବଂ ସ୍ଲାଇଡିଙ୍ଗ ସ୍କେଲ........ ୪୨

୪.୧୨.୩ ସମ୍ପତ୍ତିର ମୂଲ୍ୟ, ଜମି ଉପରେ ଅବସ୍ଥିତ ଥିବା ଗଛର ମୂଲ୍ୟ........ ୪୨

୪.୧୨.୪ ଅନୁକମ୍ପା ରାଶି ଅ ୧୦୦%........ ୪୨

୪.୧୨.୫ ଅତିରିକ୍ତ ପାଉଣା........ ୪୨

ପଞ୍ଚମ ଅଧ୍ୟାୟ: ପ୍ରଭାବିତ ପରିବାର ଏବଂ ସମ୍ପତ୍ତିର ଆକଳନ ଓ ଗଣନା ........ ୪୪

୫.୧. ଜମି ଏବଂ ଅନ୍ୟାନ୍ୟ ଅଚଳନ୍ତି ସମ୍ପତ୍ତି ହରାଉଥିବା ପରିବାରର ଗଣନା ........ ୪୫

୫.୧.୧. ଜନସଂଖ୍ୟା ସମ୍ବନ୍ଧୀୟ ପାର୍ଶ୍ୱଚିତ୍ର........ ୪୫

୫.୧.୨. ଲିଙ୍ଗଗତ ପାର୍ଶ୍ୱଚିତ୍ର........ ୪୫

୫.୧.୩. ପରିବାର ପ୍ରକାର ........ ୪୬

୫.୧.୪. ବୟସ ସଂରଚନା ........ ୪୭

୫.୧.୫. ବୈବାହିକ ସ୍ଥିତି ........ ୪୮

୫.୧.୬. ସାକ୍ଷରତା ଏବଂ ଶିକ୍ଷାଗତ ଯୋଗ୍ୟତା ସ୍ଥିତି ........ ୪୮

୫.୧.୭. ବୃତ୍ତି ଅନୁଯାୟୀ ଲୋକସଂଖ୍ୟାର ବିତରଣ ........ ୪୯

୫.୧.୮. ଆୟ ଏବଂ ଖର୍ଚ୍ଚ........ ୫୦

୫.୧.୯. ଦାରିଦ୍ର୍ୟତା ଓ ଋଣଗ୍ରସ୍ତତା ........ ୫୨

୫.୧.୧୦. ଦୁସ୍ଥତାର ସ୍ଥିତି ........ ୫୩

୫.୨. ବାସସ୍ଥାନ ଅବସ୍ଥା, ମୌଳିକ ସୁବିଧାର ଉପଲବ୍ଧତା ଏବଂ ସମ୍ପତ୍ତି ସ୍ଥିତି........ ୫୩

୫.୩ ସ୍ୱାସ୍ଥ୍ୟ ଅବସ୍ଥା ଏବଂ ସ୍ୱାସ୍ଥ୍ୟ ସମ୍ପର୍କିତ ଆଚରଣ ........ ୫୫

୫.୪. ଜୀବିକା ହରାଉଥିବା ପରିବାର ଗଣନା........ ୫୫

୫.୫. ଅନୁସୂଚିତ ଜନଜାତିର ପରିବାର ଏବଂ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସିନ୍ଦା ଯେଉଁମାନେ ସେମାନଙ୍କର ଜଙ୍ଗଲ ଅଧିକାର ହରାଉଛନ୍ତି ସେମାନଙ୍କ ଗଣନା........ ୫୬

୫.୬. ବିଭିନ୍ନ ଯୋଜନା ଅଧୀନରେ ଦିଆଯାଇଥିବା ଜମି ହରାଉଥିବା ପରିବାରର ଗଣନା: ୫୬

୫.୭. କୃଷି ଶ୍ରମିକଙ୍କ ପରିବାର, ଭଡାନେଇ ଜମି ଚାଷ କରୁଥିବା ବ୍ୟକ୍ତି କିମ୍ବା ଫଳଅଧିକାର ଦାବିଦାର ବ୍ୟକ୍ତି, ଭାଗଚାଷୀ କିମ୍ବା କାରିଗର କିମ୍ବା ଯେଉଁମାନେ ଜମି ଅଧିଗ୍ରହଣ ପୂର୍ବରୁ ତିନି ବର୍ଷ ଧରି ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟ କରିଥିବେ ........ ୫୬

୫.୮. ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାର ଯେ କୌଣସି ଯୋଜନା ଅଧୀନରେ ଯେଉଁ ପରିବାରମାନଙ୍କୁ ଜମି ଦେଇଛନ୍ତି ........ ୫୬
୫.୯. ସହରାଞ୍ଚଳର ଯେ କୌଣସି ଜମିରେ ଯଦି ପରିବାରମାନେ ଜମି ଅଧିଗ୍ରହଣ ପୂର୍ବରୁ ୩ ବର୍ଷ କିମ୍ବା ତା'ଠାରୁ ଅଧିକ ପୂର୍ବରୁ ବସବାସ କରିଆସୁଛନ୍ତି; ........ ୫୬
୫.୧୦ ପ୍ରକଳ୍ପ ହେତୁ ପରୋକ୍ଷ ଭାବରେ ପ୍ରଭାବିତ ପରିବାରର ସାମାଜିକ ଆର୍ଥିକ ସ୍ଥିତି (ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହକାରୀ, ଶିକାରୀ, କେଉଟ, ଏବଂ ନାଉରିଆ) ........ ୫୭
ଷଷ୍ଠ ଅଧ୍ୟାୟ: ଅଧ୍ୟୟନ ଅଞ୍ଚଳର ପାର୍ଶ୍ୱଚିତ୍ର, ସାମାଜିକ ଅର୍ଥନୈତିକ ଏବଂ ସାଂସ୍କୃତିକ ପାର୍ଶ୍ୱଚିତ୍ର ........ ୫୯
୬.୧. ମୁଖବନ୍ଧ ........ ୫୯
୬.୨ ଜିଲ୍ଲା ସମ୍ବନ୍ଧରେ ........ ୫୯
୬.୩. ଅଧ୍ୟୟନ ବ୍ଲକର ପାର୍ଶ୍ୱଚିତ୍ର ........ ୬୩
୬.୪ ପ୍ରଭାବିତ ଗ୍ରାମ ତଥା ଗୋଷ୍ଠୀର ସାମାଜିକ ଅର୍ଥନୈତିକ ପାର୍ଶ୍ବଚିତ୍ର ........ ୬୩
ସପ୍ତମ ଅଧ୍ୟାୟ: ପ୍ରକଳ୍ପ ସମ୍ବନ୍ଧରେ ପରିବାରର ଧାରଣା ଏବଂ ପ୍ରକଳ୍ପର ପ୍ରଭାବ .. ୬୯
୭.୧. ପ୍ରକଳ୍ପର ପ୍ରଭାବ ........ ୬୯
୭.୧.୧ ଜମି ଏବଂ ଭୂମିଭିତ୍ତିକ ଜୀବିକା ଉପରେ ପ୍ରଭାବ: ........ ୬୯
୭.୧.୨ ନିଯୁକ୍ତି ଏବଂ ଆୟ ଉପରେ ପ୍ରଭାବ: ........ ୭୦
୭.୧.୩ ସାଧାରଣ ସମ୍ପତ୍ତି ସମ୍ପଦ (ସିପିଆର) ଉପରେ ପ୍ରଭାବ: ........ ୭୦
୭.୨ ପ୍ରକଳ୍ପ ସମ୍ବନ୍ଧରେ ସଚେତନତା ........ ୭୧
୭.୩ କ୍ଷତିପୂରଣ ପାଇଁ ପ୍ରଭାବିତ ପରିବାରଗୁଡିକର ଆଶା ଏବଂ ପସନ୍ଦ: ........ ୭୧
୭.୪ ସାମାଜିକ ପ୍ରଭାବ ପରିଚାଳନା ଯୋଜନା: ........ ୭୧
ଅଷ୍ଟମ ଅଧ୍ୟାୟ: ମୂଲ୍ୟ ସହ ଲାଭର ବିଶ୍ଳେଷଣ ଓ ସୁପାରିଶ ........ ୭୫
୮.୧ ଉପକ୍ରମ ........ ୭୫
୮.୨ ମୂଲ୍ୟ ସହ ଲାଭର ବିଶ୍ଳେଷଣ ........ ୭୫
୮.୨.୧ ଆର୍ଥିକ ମୂଲ୍ୟ ଲାଭ ........ ୭୬
୭.୨.୨ ସାମାଜିକ ମୂଲ୍ୟ ଲାଭ ........ ୭୭
୮.୨ ସାର୍ବଜନୀନ ଉଦ୍ଦେଶ୍ୟର ଆକଳନ ........ ୭୮
୮.୩ ଜମିର ସର୍ବନିମ୍ନ ଆବଶ୍ୟକତା ଏବଂ କମ୍ ବିସ୍ଥାପନ ନିମନ୍ତେ ବିକଳ୍ପର ଚୟନ ........ ୭୯
୮.୪ ଉପସଂହାର ଓ ସୁପାରିଶ ........ ୭୯
ଅନୁସୂଚୀ ଅନୁସୂଚୀ-୧ ........ ୮୨
ଅନୁସୂଚୀ-୧ ........ ୮୩
ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ନିମନ୍ତେ ବିଜ୍ଞପ୍ତି ଏବଂ ଭୂମି ଅନୁସୂଚୀ ........ ୮୩
ଅନୁସୂଚୀ-୨ ........ ୮୯
ଜନଶୁଣାଣି ନିମନ୍ତେ ବିଜ୍ଞପ୍ତି ଏବଂ ଭୂମି ଅନୁସୂଚୀ ........ ୮୯

ଅନୁସୂଚୀ-୩ ........ ୯୦
ଜନଶୁଣାଣି ସଭାରେ ଭାଗ ନେଇଥିବା ବ୍ୟକ୍ତିମାନଙ୍କ ସ୍ୱାକ୍ଷର ........ ୯୦
ଅନୁସୂଚୀ-୪ ........ ୯୨
ଅନୁସୂଚୀ-୪ ........ ୯୨
ଦଳଗତ ଆଲୋଚନାରେ ଭାଗ ନେଇଥିବା ବ୍ୟକ୍ତିମାନଙ୍କ ସ୍ୱାକ୍ଷର........ ୯୨
ଅନୁସୂଚୀ- ୫........ ୯୩
ସର୍ବେକ୍ଷଣ କରାଯାଇଥିବା ପରିବାରର ତାଲିକା........ ୯୩
ଅନୁସୂଚୀ- ୬........ ୯୬
କୁରୁମପଡା ଗ୍ରାମର ମାନଚିତ୍ର........ ୯୬
ସର୍ବେକ୍ଷଣ ଓ ଦଳଗତ ଆଲୋଚନା ଫଟୋଗ୍ରାଫ........ ୯୭
ଜନଶୁଣାଣି ଫଟୋଗ୍ରାଫ ........ ୯୯


## ସାରଣୀ ସୂଚୀ


| ସାରଣୀ ସଂଖ୍ୟା | | ବିବରଣୀ | ପୃଷ୍ଠା |
|---|---|---|---|
| ୨.୧ | :- | ଉପଯୁକ୍ତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣରେ ସ୍ୱଚ୍ଛତାପୁନର୍ବାସ ଓ ଥଇଥାନ , ୨୦୧୩ଅଧିନୀୟମ ର ସାରାଂଶ | ୧୫ |
| ୨.୨ | :- | ଜମି ମାଲିକମାନଙ୍କ ନିମନ୍ତେ କ୍ଷତିପୂରଣ | ୨୧ |
| ୩.୧ | :- | ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳର ପାର୍ଶ୍ୱଚିତ୍ର | ୨୩ |
| ୪.୧ : | :- | ପ୍ରସ୍ତାବିତ ପ୍ରକଳ୍ପ ପାଇଁ ପ୍ରଭାବିତ ଏବଂ ଅଧିଗ୍ରହଣ ହେବାକୁ ଥିବା ଜମିର ପ୍ରକାର | ୪୦ |
| ୪.୨ | :- | ଦୂରତ୍ୱର ପରିଧି, ବିଭିନ୍ନ ଗୁଣକ ଏବଂ ସ୍ଲାଇଡିଙ୍ଗ ସ୍କେଲ | ୪୨ |
| ୪.୩ | :- | ହିସାବ ପ୍ରଣାଳୀର ନମୁନା | ୪୩ |
| ୫.୧ | :- | ଧର୍ମ ଓ ସାମାଜିକ ଗୋଷ୍ଠୀ ଆଧାରରେ ପ୍ରଭାବିତ ପରିବାର ଗୁଡ଼ିକର ସଂରଚନା | ୪୫ |
| ୫.୨ | :- | ପ୍ରଭାବିତ ପରିବାର ମୁଖ୍ୟମାନଙ୍କର ଲିଙ୍ଗଗତ ସଂରଚନା | ୪୬ |
| ୫.୩ | :- | ପ୍ରଭାବିତ ପରିବାରଗୁଡ଼ିକର ଜନସଂଖ୍ୟା ର ଲିଙ୍ଗଗତ ବିତରଣ | ୪୬ |
| ୫.୪ | :- | ପ୍ରଭାବିତ ପରିବାରର ପ୍ରକାର | ୪୬ |
| ୫.୫ | :- | ପ୍ରଭାବିତ ପରିବାର ମଧ୍ୟରେ ବୟସ ଅନୁଯାୟୀ ବର୍ଗୀକରଣ | ୪୭ |
| ୫.୬ | :- | ବୈବାହିକ ସ୍ଥିତି ଆଧାରରେ ବିତରଣ | ୪୮ |
| ୫.୭ | :- | ଶିକ୍ଷାର ବିଭିନ୍ନ ସ୍ତରକୁ ବିଚାରକୁ ନେଇ ସଦସ୍ୟଙ୍କ ର ବିତରଣ | ୪୮ |
| ୫.୮ | :- | ନିୟମିତ କାର୍ଯ୍ୟକ୍ରମ ଅନୁଯାୟୀ ଲୋକମାନଙ୍କର ବିତରଣ | ୪୯ |
| ୫.୯ | :- | ଜୀବିକା ର କାର୍ଯ୍ୟକ୍ରମ ଅନୁଯାୟୀ ଜନସଂଖ୍ୟାର ବିଭାଜନ | ୫୦ |
| ୫.୧୦ | :- | ଆୟ ଶ୍ରେଣୀ ଅନୁସାରେ ପରିବାର ଗୁଡ଼ିକର ବିଭକ୍ତିକରଣ | ୫୧ |
| ୫.୧୧ | | ଖାଦ୍ୟ ଏବଂ ଅଣଖାଦ୍ୟ ସାମଗ୍ରୀ ଉପରେ ମାସିକ ଖର୍ଚ୍ଚ (ଟଙ୍କାରେ) | ୫୨ |

| | | | |
|---|---|---|---|
| ୫.୧୨ | :- | ଋଣର ଉଦ୍ଦେଶ୍ୟ | ୫୩ |
| ୫.୧୩ | :- | ପ୍ରଭାବିତ ପରିବାରର ଦୁସ୍ଥତାର ସ୍ଥିତି | ୫୩ |
| ୫.୧୪ | | ଘରର ଢାଞ୍ଚା | ୫୪ |
| ୫.୧୫ | | ମୌଳିକ ସୁବିଧା ସୁଯୋଗର ଉପଲବ୍ଧତା | ୫୪ |
| ୫.୧୬ | :- | ସ୍ୱାସ୍ଥ୍ୟ ଅବସ୍ଥା ଏବଂ ସ୍ୱାସ୍ଥ୍ୟ ସମ୍ପର୍କିତ ଆଚରଣ | ୫୫ |
| ୫.୧୭ | :- | ସେମାନେ ସାଧାରଣତଃ ଚିକିତ୍ସା ପାଇଁ କେଉଁଠାକୁ ଯାଆନ୍ତି | ୫୫ |
| ୫.୧୮ | :- | ପରୋକ୍ଷ ଭାବରେ ପ୍ରଭାବିତ ପରିବାରର ଜାତି ଅନୁଯାୟୀ ବିତରଣ | ୫୭ |
| ୫.୧୯ | :- | ପରୋକ୍ଷ ଭାବରେ ପ୍ରଭାବିତ ପରିବାରର ଲିଙ୍ଗଭିତ୍ତିରେ ଜନସଂଖ୍ୟାର ବିତରଣ | ୫୮ |
| ୫.୨୦ | :- | ପରୋକ୍ଷ ଭାବରେ ପ୍ରଭାବିତ ଜନସଂଖ୍ୟା ର ବୟସ ଅନୁଯାୟୀ ବିତରଣ | ୫୮ |
| ୬.୧ | :- | ଜିଲ୍ଲା ସମ୍ବନ୍ଧରେ ମୌଳିକ ତଥ୍ୟ | ୬୧ |
| ୬.୨ | :- | ଜିଲ୍ଲାର ପ୍ରଶାସନିକ ବ୍ୟବସ୍ଥା | ୬୧ |
| ୬.୩ | :- | ଜିଲ୍ଲାର ଭୌଗଳିକ ଏବଂ ଜନସଂଖ୍ୟା ସମ୍ବନ୍ଧୀତ ବିବରଣୀ | ୬୧ |

## ଚିତ୍ର ସୂଚୀ

| ଚିତ୍ର ସଂଖ୍ୟା | | ବିବରଣୀ | ପୃଷ୍ଠା |
|---|---|---|---|
| ୫.୧ | :- | ଜାତି ଅନୁଯାୟୀ ପ୍ରଭାବିତ ପରିବାର ବିତରଣ | ୪୫ |
| ୫.୨ | :- | ପ୍ରଭାବିତ ପରିବାର ମୁଖ୍ୟମାନଙ୍କର ଲିଙ୍ଗଗତ ବିଭାଜନ | ୪୬ |
| ୫.୩ | :- | ବିଭିନ୍ନ ବୟସ ଅନୁଯାୟୀ ଲୋକସଂଖ୍ୟା ର ପ୍ରତିଶତ ଅନୁଯାୟୀ ବିଭାଜନ | ୪୭ |
| ୫.୪ | :- | ଲୋକସଂଖ୍ୟାର ଶିକ୍ଷାଗତ ଯୋଗ୍ୟତାର ସ୍ଥିତି )ସମସ୍ତ ସଂଖ୍ୟା ଶତକଡାରେ( | ୪୯ |
| ୫.୫ | :- | ନିୟମିତ କାର୍ଯ୍ୟକ୍ରମ ଅନୁଯାୟୀ ଲୋକମାନଙ୍କର ବିତରଣ | ୫୦ |
| ୫.୬ | :- | ଜୀବିକା ର କାର୍ଯ୍ୟକ୍ରମ ଅନୁଯାୟୀ ଜନସଂଖ୍ୟାର  ବିଭାଜନ | ୫୦ |
| ୫.୬ | :- | ଆୟ ଶ୍ରେଣୀ ଅନୁସାରେ ପରିବାର ଗୁଡ଼ିକର ବିତରଣ | ୫୧ |

## ମାନଚିତ୍ର ସୂଚୀ

| ମାନଚିତ୍ର ସଂଖ୍ୟା | | ବିବରଣୀ | ପୃଷ୍ଠା |
|---|---|---|---|
| ୨.୧ | :- | ପ୍ରକଳ୍ପର ଅବସ୍ଥିତି | ୩୩ |
| ୪.୧ | :- | ଜମି ଅଧିଗ୍ରହଣ ଅଞ୍ଚଳ ପ୍ରଦର୍ଶିତ କରି କୁରୁମପଡା  ଗ୍ରାମର ମାନଚିତ୍ର | ୪୦ |
| ୬.୧ | :- | ଖୋର୍ଦ୍ଧା ଜିଲ୍ଲା ମାନଚିତ୍ର | ୬୦ |

# ସଂକ୍ଷିପ୍ତ ସୂଚୀ

| | | |
|---|---|---|
| ସି ଏଚ୍ ସି | : | କମ୍ଯୁନିଟି ହେଲଥ୍ ସେଣ୍ଟର / ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର |
| ସି ପି ଆର୍ | : | କମନ୍ ପ୍ରପର୍ଟି ରିସୋର୍ସ୍ / ସର୍ବସାଧାରଣ ସମ୍ପତ୍ତି |
| ଡି ପି ଆର୍ | : | ଡିଟେଲ ପ୍ରୋଜେକ୍ଟ ରିପୋର୍ଟ /ବିସ୍ତୃତ ପ୍ରକଳ୍ପ ବିବରଣୀ |
| ଏଫ୍ ଜି ଡି | : | କେନ୍ଦ୍ରୀଭୁତ ଦଳଗତ ଆଲୋଚନା |
| ଜି ଓ ଆଇ | : | ଭାରତ ସରକାର |
| ଜି ଓ ଭି ଟି | : | ସରକାର |
| ଜି ପି | : | ଗ୍ରାମ ପଞ୍ଚାୟତ |
| ଏଲ୍ ଏ ଓ | : | ଜମି ଅଧିଗ୍ରହଣ ଅଧିକାରୀ |
| ଏମ ଜି ଏନଆର ଇ ଜି ଏ | : | ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା |
| ଏନ ସି ଡି ଏସ | : | ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର |
| ଓ ବି ସି | : | ଅନ୍ୟାନ୍ୟ ପଛୁଆ ବର୍ଗ |
| ପି ଏ ଏଫ | : | ପ୍ରକଳ୍ପ ପ୍ରଭାବିତ ପରିବାର \| |
| ପି ଏ ପି | : | ପ୍ରକଳ୍ପ ପ୍ରଭାବିତ ଲୋକମାନେ |
| ପି ଏଚ୍ ସି | : | ପ୍ରାଇମେରୀ ହେଲଥ୍ ସେଣ୍ଟର / ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର |
| ପି ଆର୍ ଏ | : | ସହଭାଗୀ ଗ୍ରାମୀଣ ଅବଧାରଣା |
| ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆଣ୍ଡ ଆର୍ | : | ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ ରେ ସ୍ୱଚ୍ଛତା ଅଧିନିୟମ, ୨୦୧୩ |
| ଆର୍ ଓ ଆର୍ | : | ଜମି ଅଧିକାରର ରେକର୍ଡ |
| ଏସ୍ ସି | : | ଅନୁସୂଚିତ ଜାତି |
| ଏସ୍ ଆଇ ଏ | : | ସାମାଜିକ ପ୍ରଭାବ ଆକଳନ |
| ଏସ୍ ଆଇ ଏମ୍ ପି | : | ସାମାଜିକ ପ୍ରଭାବ ପରିଚାଳନା ଯୋଜନା |
| ଏସ୍ ଟି | : | ଅନୁସୂଚିତ ଜନଜାତି |

# ପ୍ରଥମ ଅଧ୍ୟାୟ
# କାର୍ଯ୍ୟନିର୍ବାହୀ ସାରାଂଶ

**୧.୧ ପ୍ରକଳ୍ପର ନାମ - ରାଜୁଆ ଡାଇଭର୍ସନ ୱେୟାର ପାଇଁ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁରୁମପଡା ଗ୍ରାମରୁ ୧.୦୨୬୦ ଏକର ବେସରକାରୀ ଜମି ଅଧିଗ୍ରହଣ ପାଇଁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ (ଟି ଓ ଆର୍ ୭୮ - ୦୦୦୦୭)**

## ୧.୨. ସାର୍ବଜନୀନ ଉଦ୍ଦେଶ୍ୟ

ଏହି ପ୍ରକଳ୍ପ ସାର୍ବଜନୀନ ଉଦ୍ଦେଶ୍ୟ ସାଧନ କରୁଛି ବୋଲି ବିବେଚନା କରାଯାଇଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର, ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ଥଇଥାନରେ ସ୍ବଚ୍ଛତା ଆଇନ ୨୦୧୩ ର ଧାରା ୪(୧) ଅନୁଯାୟୀ ମୂଲ୍ୟାଙ୍କନ ପାଇଁ ଏହା ଅନାବଶ୍ୟକ । ବର୍ତ୍ତମାନ କ୍ଷେତ୍ରରେ ଭୂମି ଅଧିଗ୍ରହଣ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁରୁମପଡ଼ା ଗ୍ରାମରେ ରାଜୁଆ ଡାଇଭର୍ସନ ୱେୟାର ଭଳି ଜଳସେଚନ ଭିତ୍ତିଭୂମି ନିର୍ମାଣ ପାଇଁ।

ଏହା ନିସନ୍ଦେହରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ କାରଣ ଏହି ଜଳସେଚନ ପ୍ରକଳ୍ପ ଖୋର୍ଦ୍ଧା ଜିଲ୍ଲାର ୧୫ ଟି ଗ୍ରାମର ୧୨୭୩.୫୦ ହେକ୍ଟର ଜମି ଏବଂ ପୁରୀ ଜିଲ୍ଲାର ୨୧ ଟି ଗ୍ରାମର ୧୩୯୨.୫୦ ହେକ୍ଟର ଜମିକୁ ଜଳସେଚନ କରିବାରେ ସାହାଯ୍ୟ କରିବ। ଏହି ପ୍ରକଳ୍ପ କୃଷି ବିକାଶରେ ସାହାଯ୍ୟ କରିବ ଯାହା ଦ୍ୱାରା ଖୋର୍ଦ୍ଧା ଏବଂ ପୁରୀ ଜିଲ୍ଲାର ଲୋକଙ୍କ ସାମାଜିକ ଆର୍ଥିକ ଅବସ୍ଥା ବିକଶିତ ହେବ। ସର୍ବୋପରି ଏହା ଜନସାଧାରଣଙ୍କ ସାଧାରଣଙ୍କ ଲାଭରେ ସାହାଯ୍ୟ କରିବ। ଧାରା -୨, (b) (ii) ଅନୁଯାୟୀ ଏହି ପ୍ରକଳ୍ପକୁ ସାଧାରଣ ଉଦ୍ଦେଶ୍ୟ ଭାବରେ ବିବେଚନା କରାଯାଇଛି।

## ୧.୩. ପ୍ରକଳ୍ପର ଅବସ୍ଥିତି

ରାଜୁଆ ଡାଇଭର୍ସନ ୱେୟାର (ବ୍ରଜମୋହନପୁର ସବ-ମାଇନର୍ ୦୨) ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ନରଣଗଡ ଗ୍ରାମପଞ୍ଚାୟତର କୁରୁମପଡା ଗ୍ରାମରେ ଅବସ୍ଥିତ । ପ୍ରସ୍ତାବିତ ପ୍ରକଳ୍ପ ଯୋଗୁଁ ଗୋଟିଏ ଗ୍ରାମ ପ୍ରଭାବିତ ହେବ। ଏହି ବିବରଣୀର ଦ୍ୱିତୀୟ ଅଧ୍ୟାୟରେ ସ୍ଥାନର ମାନଚିତ୍ର ଦିଆଯାଇଛି।

## ୧.୪. ପ୍ରକଳ୍ପ ଅଞ୍ଚଳ

ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲର କୁରୁମପଡା ଗ୍ରାମରୁ ୧.୦୨୬୦ ଏକର ବ୍ୟକ୍ତିଗତ ଜମି ଅଧିଗ୍ରହଣ କରିବାକୁ ପ୍ରସ୍ତାବ ଦିଆଯାଇଛି।

## ୧.୫. ବିକଳ୍ପର ବିଶ୍ଳେଷଣ ଏବଂ ସର୍ବନିମ୍ନ ଭୂମି ଅଧିଗ୍ରହଣ

ରାଜୁଆ ଡାଇଭର୍ସନ ୱେୟାର ଅନ୍ତର୍ଗତ ବ୍ରଜମୋହନପୁର ସବ୍ ମାଇନର୍ ୦୨ ର ନିର୍ମାଣ ଜଳବିଜ୍ଞାନ ଅନୁସାରେ ଯୋଜନା କରାଯାଇଛି । ଭବିଷ୍ୟତରେ ଜମି ଅଧିଗ୍ରହଣ ଏବଂ ଗ୍ରାମର ଅସୁବିଧାକୁ କମ କରିବା ପାଇଁ ସମସ୍ତ ପ୍ରକାରର ପ୍ରୟାସ କରାଯାଇଛି । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ଦ୍ୱାରା ଗ୍ରାମବାସୀଙ୍କ ସହିତ ସ୍ଥାନ ପରିବର୍ତ୍ତନ କରିବା ପାଇଁ ଅନ୍ୟାନ୍ୟ

ସମ୍ଭାବ୍ୟ ବିକଳ୍ପଗୁଡ଼ିକର ପରୀକ୍ଷା କରିବା ପାଇଁ ମଧ୍ୟ ଏକ ପ୍ରୟାସ କରାଯାଇଥିଲା, ଯାହା ଦ୍ୱାରା ଜମି ଅଧିଗ୍ରହଣକୁ କମ କରାଯାଇପାରିବ। କିନ୍ତୁ ଏହା ସମ୍ଭବ ହୋଇନଥିଲା। ସ୍ଥାନରେ ଏପରି କୌଣସି ପରିବର୍ତ୍ତନ ନକାରାତ୍ମକ ପ୍ରଭାବ ପକାଇପାରେ। ଶେଷରେ, ଅଧ୍ୟୟନ ଦଳ ସ୍ଥାନ ସମ୍ବନ୍ଧୀୟ ସମସ୍ତ ବିକଳ୍ପ ଯାଞ୍ଚ କରିବା ପରେ ଜାଣିପାରିଲେ ଯେ ମନୋନୀତ ସ୍ଥାନ ଯଥାର୍ଥ ଏବଂ ବର୍ତ୍ତମାନ ପର୍ଯ୍ୟାୟରେ ସର୍ବନିମ୍ନ ଆବଶ୍ୟକତା ନିଶ୍ଚିତ କରେ । ବର୍ତ୍ତମାନ ପ୍ରକଳ୍ପ ଯୋଗୁଁ କୌଣସି ବିସ୍ଥାପନ ହେଉ ନାହିଁ । ତେଣୁ ଏଠାରେ କୁହାଯାଇପାରେ ଯେ ପ୍ରସ୍ତାବିତ ନିର୍ମାଣ ସ୍ଥାନଟି ଉତ୍ତମ ଏବଂ ସମସ୍ତ ଆବଶ୍ୟକୀୟ ମାନଦଣ୍ଡ ପୂରଣ କରୁଛି । ତେଣୁ ବିକଳ୍ପ ଖୋଜିବାର କୌଣସି ଆବଶ୍ୟକତା ନାହିଁ ।

## ୧.୬ ପ୍ରଭାବିତ ଅଞ୍ଚଳ ତଥା ଗୋଷ୍ଠୀର ସାମାଜିକ ଅର୍ଥନୈତିକ ପାର୍ଶ୍ୱଚିତ୍ର

ଅଧିକାର ରେକର୍ଡ (RoR) ଅନୁଯାୟୀ, କୁରୁମପଡା ଗ୍ରାମରୁ ମୋଟ ୧.୦୨୬୦ ଏକର ବ୍ୟକ୍ତିଗତ ଜମି ଅଧିଗ୍ରହଣ କରାଯିବାର ପ୍ରସ୍ତାବ ରହିଛି । ଜମି ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ ୬ ଟି ଖାତା ଅଧୀନରେ ୭ଟି ପ୍ଲଟରେ ୧୩ ଜଣ ଜମି ସତ୍ତ୍ୱାଧିକାରୀ (RoR Holder)ଏହି ଅଧିଗ୍ରହଣ ଦ୍ୱାରା ପ୍ରଭାବିତ ହେବେ । ଅଞ୍ଚଳରେ ସର୍ଭେ ସମୟରେ ଏହା ଜଣାପଡ଼ିଥିଲା ଯେ, ରେକର୍ଡ ହୋଇଥିବା RoR ଧାରକଙ୍କ ମଧ୍ୟରୁ ୩ ଜଣ ସର୍ଭେ ସମୟରେ ଗାଁରେ ଉପଲବ୍ଧ ନଥିଲେ ଏବଂ ଅବଶିଷ୍ଟ ୧୦ ଜଣ ଜମି ସତ୍ତ୍ୱାଧିକାରୀ (RoR Holder) ମୃତ୍ୟୁ ହୋଇଯାଇଛି । ମୃତ ଜମି ସତ୍ତ୍ୱାଧିକାରୀ(RoR Holder)ଙ୍କ ପରିବର୍ଦ୍ଧିତ ପରିବାର ବିଚାରକୁ ନେଲେ, ମୋଟ ପ୍ରଭାବିତ ପରିବାର ସଂଖ୍ୟା ୧୪ ବୋଲି ଆକଳନ କରାଯାଇଛି । ଏହି ୧୪ ଟି ପରିବାରର ସାମାଜିକ-ଅର୍ଥନୈତିକ ପାର୍ଶ୍ୱଚିତ୍ର ବର୍ତ୍ତମାନର ସାମାଜିକ ପ୍ରଭାବ ଆକଳନ (SIA) ଅଧ୍ୟୟନର ଅଂଶ ଭାବରେ ଦଲିଲ କରାଯାଇଛି ।

ପ୍ରକଳ୍ପ କ୍ଷେତ୍ର ଅନ୍ତର୍ଗତ କୁରୁମପଡା ଗ୍ରାମର ପ୍ରଭାବିତ ପରିବାରର ଜନସଂଖ୍ୟାଗତ ଏବଂ ସାମାଜିକ-ଆର୍ଥିକ ବିଶେଷତା ଏହି ବିଭାଗରେ ଉପସ୍ଥାପିତ ହୋଇଛି । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଅନୁଯାୟୀ ସର୍ଭେ କରାଯାଇଥିବା ୧୪ ଟି ପ୍ରଭାବିତ ପରିବାର ମଧ୍ୟରୁ ସମସ୍ତ ପରିବାର ହିନ୍ଦୁ । ସର୍ଭେ କରାଯାଇଥିବା ପରିବାର ମଧ୍ୟରୁ ଅଧିକାଂଶ ଅର୍ଥାତ ୧୩ (୯୨.୮୬%) ଜଣ ଅନ୍ୟାନ୍ୟ ପଛୁଆ ବର୍ଗ (OBC) ପରିବାର ଏବଂ ଅବଶିଷ୍ଟ ୧ (୭.୧୪%) ଜଣ ଅନୁସୂଚିତ ଜାତି ପରିବାର ଅଟନ୍ତି । ଏହି ପ୍ରକଳ୍ପ ଦ୍ୱାରା କୌଣସି ଅନୁସୂଚିତ ଜନଜାତି (ST) କିମ୍ବା ସାଧାରଣ ବର୍ଗ ପରିବାର ପ୍ରଭାବିତ ହେବେ ନାହିଁ । ପ୍ରଭାବିତ ୧୪ ଟି ପରିବାରର ମୋଟ ଜନସଂଖ୍ୟା ୮୭ ବୋଲି ଆକଳନ କରାଯାଇଛି । ସେମାନଙ୍କ ମଧ୍ୟରୁ ୪୦ (୪୫.୯୮%) ଜଣ ପୁରୁଷ ଏବଂ ୪୭ ଜଣ (୫୪.୦୨) ମହିଳା । ତଥାପି, ଖୋର୍ଦ୍ଧା ବ୍ଲକର ୨୦୧୧ ଜନଗଣନା ତଥ୍ୟ ଦର୍ଶାଉଛି ଯେ, ପୁରୁଷ ପ୍ରତିଶତ ୫୧.୮୩% ଏବଂ ମହିଳା ୪୮.୧୭। ପରିବାରର ହାରାହାରି ଆକାର ୬.୨୧ ଏବଂ ପ୍ରଭାବିତ ଜନସଂଖ୍ୟା ମଧ୍ୟରେ ଲିଙ୍ଗ ଅନୁପାତ ପ୍ରତି ୧୦୦୦ ପୁରୁଷରେ ୧୧୭୫ ମହିଳା । ସର୍ବେକ୍ଷଣ କରାଯାଇଥିବା ମୋଟ ୧୪ ପରିବାର ମଧ୍ୟରୁ ୬ (୪୨.୮୬%) ମିଳିତ ପରିବାରର ଏବଂ ବାକି ୮ (୫୭.୧୪%) ନ୍ୟୁକ୍ଲିୟର ବର୍ଗର । ୮୭ ପ୍ରଭାବିତ ଜନସଂଖ୍ୟା ମଧ୍ୟରେ ବୟସ ବଣ୍ଟନର ବିବରଣୀ ନିମ୍ନଲିଖିତ ସାରଣୀ ଏବଂ ଗ୍ରାଫରେ ଦିଆଯାଇଛି। ସାରଣୀରୁ ଜଣାପଡୁଛି ଯେ କୁରୁମପଡା ଗ୍ରାମରେ ଉତ୍ପାଦନକ୍ଷମ ବୟସ ଗୋଷ୍ଠୀ (୧୮+ ରୁ ୪୦) ବର୍ଷ ବୟସ ମଧ୍ୟରେ ୩୧ (୩୫.୬୩%) ଜଣ ଏବଂ ୪୦+ ରୁ ୬୦ ବର୍ଷ ବୟସ ବର୍ଗ ମଧ୍ୟରେ ୨୬ (୨୯.୮୯%) ଜଣ ଅଟେ । ବୟସ ଗୋଷ୍ଠୀରେ (୬+ ରୁ୧୪) ବର୍ଷ ବୟସ ବ୍ୟକ୍ତିଙ୍କ ସଂଖ୍ୟା ୭(୮.୦୫%), ୧୪+ ରୁ ୧୮ ବୟସ ଗୋଷ୍ଠୀରେ ୩(୩.୪୫%), ୬୦ ବର୍ଷରୁ ଅଧିକ ବୟସ ଗୋଷ୍ଠୀ ମଧ୍ୟରେ ଏହା

୧୩(୧୪.୯୪%) ଅଟେ। ପ୍ରଭାବିତ ଜନସଂଖ୍ୟା ମଧ୍ୟରେ ୭(୮.୦୫%) ଜଣ ପିଲା (୦-୬ ବୟସ ଗୋଷ୍ଠୀ ମଧ୍ୟରେ) ଅଛନ୍ତି । କାର୍ଯ୍ୟକ୍ଷମ ବୟସର ଜନସଂଖ୍ୟା ୧୮+ ରୁ ୬୦ ବର୍ଷ ପର୍ଯ୍ୟନ୍ତ, ମୋଟ ଜନସଂଖ୍ୟାର ୬୫.୫୨% ଏହା ୩୪.୪୮% ନିର୍ଭରଶୀଳତାକୁ ସୂଚିତ କରୁଛି ଯାହା ଏକ ଅନୁକୂଳ ପରିସ୍ଥିତି । କାର୍ଯ୍ୟକ୍ଷମ ବୟସ ଗୋଷ୍ଠୀ ଉପରେ ନିର୍ଭରଶୀଳତା ଭାର କମ୍ ଥିବାରୁ, ଜମି ଅଧିଗ୍ରହଣ ପ୍ରଭାବିତ ପରିବାର ଉପରେ ଅଧିକ ପ୍ରଭାବ ପକାଇବ ନାହିଁ ।

ପ୍ରଭାବିତ ୮୭ ଜଣ ଜନସଂଖ୍ୟାରୁ ଏହା ଦେଖାଯାଇଥିଲା ଯେ ସ୍କୁଲ ନ ଯାଉଥିବା ବୟସର ପିଲା (୦-୬ ବର୍ଷ ବୟସ ମଧ୍ୟରେ) ୭ (୮.୦୫%) ଅଛନ୍ତି, ୮୭ ଜଣ ମଧ୍ୟରୁ କେବଳ ୪ ଜଣ (୪.୬୦%) ନିରକ୍ଷର। ସର୍ବାଧିକ ସଂଖ୍ୟକ ବ୍ୟକ୍ତି ୩୪.୪୮% ଅର୍ଥାତ୍ ୮୭ ଜଣଙ୍କ ମଧ୍ୟରୁ ୩୦ ଜଣ ଯୁକ୍ତ ଦୁଇ ପାସ୍ କରିଛନ୍ତି, ଏହା ପରେ ୧୯ ଜଣ (୨୧.୮୪%) ପ୍ରାଥମିକ ସ୍ତର (ଶ୍ରେଣୀ ୧ ରୁ ଶ୍ରେଣୀ ୩) ପାସ୍ କରିଛନ୍ତି, ୧୩ ଜଣ (୧୪.୯୪%) କେବଳ ସାକ୍ଷର, ୭ ଜଣ (୮.୦୫%) ଉଚ୍ଚ ବିଦ୍ୟାଳୟ ସ୍ତର (ଶ୍ରେଣୀ ୯ମ -ଶ୍ରେଣୀ ୧୦ମ) ପର୍ଯ୍ୟନ୍ତ ଯୋଗ୍ୟତା ହାସଲ କରିଛନ୍ତି, ୫ ଜଣ (୫.୭୫%) ବ୍ୟକ୍ତି ସେମାନଙ୍କର ବୈଷୟିକ ଡିଗ୍ରୀ ହାସଲ କରିଛନ୍ତି । କେବଳ ୧(୧.୧୫%) ଜଣ ବ୍ୟକ୍ତି ସ୍ନାତକ ଏବଂ ୧(୧.୧୫%) ଜଣ ବ୍ୟକ୍ତି ସ୍ନାତକୋତ୍ତର ସ୍ତର ପାଜୟନତା ଶିକ୍ଷା ଲାଭ କରିଛନ୍ତି । ସର୍ଭେ କରାଯାଇଥିବା ଜନସଂଖ୍ୟାର ବୃତ୍ତି ବିଷୟରେ ଏହା ପ୍ରକାଶିତ ହୋଇଥିଲା ଯେ କେବଳ ୩୭.୯୩% (୮୭ ଜଣଙ୍କ ମଧ୍ୟରୁ ୩୩) କିଛି ନିଯୁକ୍ତି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏହି ସମ୍ପୂର୍ଣ୍ଣ ବେକାରୀଙ୍କ ମଧ୍ୟରୁ ପ୍ରାୟ ୨.୩୦% (୮୭ ଜଣଙ୍କ ମଧ୍ୟରୁ ୨)। ଗ୍ରାମରେ ଅଧିକାଂଶ ଲୋକ ଘରୋଇ କାର୍ଯ୍ୟରେ ଜଡିତ (୮୭ ଜଣଙ୍କ ମଧ୍ୟରୁ ୩୫) ଏବଂ ଛାତ୍ର ଙ୍କ ସଂଖ୍ୟା ୧୧.୪୯% (୮୭ ଜଣଙ୍କ ମଧ୍ୟରୁ ୧୦)। ଏହା ସହିତ ୭ ଜଣ (୮.୦୫%) ପିଲା ଅଛନ୍ତି ଯେଉଁମାନେ ସ୍କୁଲ ଯାଉଛନ୍ତି ନାହିଁ। ପ୍ରଭାବିତ ଜନସଂଖ୍ୟାରେ କୌଣସି ବ୍ୟକ୍ତି ବୃଦ୍ଧ/ଅବସରପ୍ରାପ୍ତ ବର୍ଗରେ ମିଳିନାହିଁ। ନିଯୁକ୍ତିପ୍ରାପ୍ତ ବ୍ୟକ୍ତିଙ୍କ ମଧ୍ୟରୁ ଅଧିକାଂଶ ଲୋକ ଖୋର୍ଦ୍ଧା ଏବଂ ଭୁବନେଶ୍ୱରରେ ଦରମାପ୍ରାପ୍ତ ନିଯୁକ୍ତି ପାଇଛନ୍ତି। ଏହି ସଂଖ୍ୟା ୨୦ (୬୦.୬୧%)। ଦରମାପ୍ରାପ୍ତ ନିଯୁକ୍ତି ବ୍ୟତୀତ ୬ ଜଣ (୧୮.୧୮%) ବ୍ୟକ୍ତି ଗ୍ରାମରେ ବ୍ୟବସାୟ କରନ୍ତି, ୪ ଜଣ (୧୨.୧୨%) ଦିନ ମଜୁରିଆ ଏବଂ ୩ ଜଣ (୯.୦୯%) ବ୍ୟକ୍ତି ଚାଷ କାର୍ଯ୍ୟରେ ନିୟୋଜିତ। କୁରୁମପଡା  ଗ୍ରାମର ୧୪ ଜଣ ପ୍ରଭାବିତ ପରିବାରର ବାର୍ଷିକ ଆୟ ବିଷୟରେ ପ୍ରକାଶିତ ହୋଇଥିଲା ଯେ ସର୍ବାଧିକ ୬(୪୨.୮୬%) ଟି ପରିବାରର ବାର୍ଷିକ ଆୟ  ଟଙ୍କା୪,୦୦,୦୦୧ ରୁ ଟଙ୍କା ୧୦,୦୦,୦୦୦ ମଧ୍ୟରେ, ଏହା ପଛକୁ ୩(୨୧.୪୩%) ଟି ପରିବାରର ବାର୍ଷିକ ଆୟ ଟଙ୍କା୧,୦୦,୦୦୧ ରୁ ଟଙ୍କା୨,୦୦,୦୦୦ ଟଙ୍କା ମଧ୍ୟରେ, ୨ (୧୪.୨୯%)ଟି ପରିବାରର ବାର୍ଷିକ ଆୟ ୨,୦୦,୦୦୧ ରୁ ୪,୦୦,୦୦୦ ଟଙ୍କା ଏବଂ ସେହି ୨(୧୪.୨୯%) ଟି ପରିବାରର ବାର୍ଷିକ ଆୟ ଟଙ୍କା୧୦,୦୦,୦୦୦ ଟଙ୍କାରୁ ଅଧିକ । ୧ ପରିବାରର ଆୟ ଟଙ୍କା୬୦,୦୦୦ ପର୍ଯ୍ୟନ୍ତ।

## ୧.୭ ପ୍ରଶମନ ଉପାୟ

ଜଳସେଚନ ପ୍ରକଳ୍ପର ଫଳାଫଳ ସମ୍ପର୍କରେ କିଛି ଚିନ୍ତା ଅଛି ଯାହାକୁ SIA ଡକ୍ୟୁମେଣ୍ଟରେ ଉଲ୍ଲେଖ କରାଯାଇଥିବା ପ୍ରଶମନ ବ୍ୟବସ୍ଥା ମାଧ୍ୟମରେ ସତର୍କତାର ସହ ପରିଚାଳନା କରାଯିବା ଆବଶ୍ୟକ। ସାମଗ୍ରିକ ଭାବରେ, ଏହା ନିଷ୍କର୍ଷିତ ହୋଇପାରେ ଯେ ଏହି ପ୍ରକଳ୍ପ ସ୍ଥାନୀୟ ଲୋକଙ୍କ ଜୀବନଜୀବିକା ଉପରେ ଅଧିକ ସକାରାତ୍ମକ ପ୍ରଭାବ ପକାଇବ।

- ପ୍ରକଳ୍ପ ଯୋଗୁଁ ସମ୍ଭାବ୍ୟ ଲାଭ ସମ୍ପର୍କରେ ଗ୍ରାମବାସୀଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା ଗୁରୁତ୍ୱପୂର୍ଣ୍ଣ ।
- ପ୍ରକଳ୍ପର ସମୟୋଚିତ ଏବଂ ସଫଳ କାର୍ଯ୍ୟାନ୍ୱୟନ ଆଶଙ୍କାକୁ ଦୂର କରିପାରେ ।

- ସଂରକ୍ଷଣ ସ୍ଥାନରେ ପର୍ଯ୍ୟାପ୍ତ ଏବଂ ସର୍ବାଧିକ ଜଳସ୍ତର ସଂରକ୍ଷଣ ସୁନିଶ୍ଚିତ କରିବା ପାଇଁ ଜଳାଶୟର ପ୍ରବାହ କ୍ଷେତ୍ର ଅଞ୍ଚଳରେ ମୃତ୍ତିକା ସଂରକ୍ଷଣ କାର୍ଯ୍ୟ କରିବା ଆବଶ୍ୟକ ।
- କେନାଲର ତଳମୁଣ୍ଡରେ କେନାଲ ପ୍ରଣାଳୀକୁ ଦକ୍ଷତାର ସହିତ ନିର୍ମାଣ କରାଯିବା ଉଚିତ ଯାହା ଦ୍ୱାରା କେନାଲ ରେ ଅଳ୍ପ ବହୁତ ସମାନ ପରିମାଣ ର ଜଳ ପ୍ରବାହ ବଜାୟ ରହିବ।
- ପ୍ରକଳ୍ପ ସମାପ୍ତ ହେବା ପରେ ଜଳସେଚନ ପ୍ରଣାଳୀର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ଜଳସେଚନ ଡିଭିଜନକୁ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସହିତ ନିୟମିତ ପାରସ୍ପରିକ କ୍ରିୟାଶୀଳ ରହିବା ଆବଶ୍ୟକ ।
- ରକ୍ଷଣାବେକ୍ଷଣ ପରବର୍ତ୍ତୀ କାର୍ଯ୍ୟ ନିମନ୍ତେ ଗ୍ରାମବାସୀ ଏବଂ ସ୍ଥାନୀୟ ଅଧିକାରୀମାନେ ହିତାଧିକାରୀଙ୍କ ସହିତ ସହଯୋଗ କରିପାରିବେ ଏବଂ ଜଳସେଚନ ଅଞ୍ଚଳ ନିମନ୍ତେ ସ୍ୱତନ୍ତ୍ର ଏବଂ ଋତୁକାଳୀନ ଫସଲ କାର୍ଯ୍ୟସୂଚୀ ପ୍ରସ୍ତୁତ କରିପାରିବେ ଯେଉଁଥିରେ ସମ୍ପୃକ୍ତ ବିଭାଗଗୁଡ଼ିକ ଫସଲ କାର୍ଯ୍ୟସୂଚୀ ପ୍ରସ୍ତୁତ କରିପାରିବେ। ସ୍ଥାନୀୟ ଚାଷୀମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ଅଧୀନରେ ଜଳସେଚନ, ବୁନ୍ଦା ଜଳସେଚନ, ସାର ବ୍ୟବହାର ଇତ୍ୟାଦି ପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ସହିତ ସମର୍ଥନ ଜାରି ରଖାଯାଇପାରେ । ଏହା ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବ।
- ପ୍ରକଳ୍ପ ପ୍ରଭାବିତ ପରିବାରଗୁଡ଼ିକୁ ଉନ୍ନତ କୃଷି ଅଭ୍ୟାସ ଉପରେ ତାଲିମ ପ୍ରଦାନ କରାଯାଇପାରେ ।
- ପ୍ରଭାବିତ ଚାଷୀମାନଙ୍କୁ ବିଭିନ୍ନ କୃଷି ଯୋଜନା ସହିତ ସଂଯୁକ୍ତ କରାଯାଇପାରିବ।
- ଦକ୍ଷତା ଉନ୍ନତିକରଣ ମାଧ୍ୟମରେ ବିଭିନ୍ନ ଆତ୍ମନିଯୁକ୍ତି ସୁଯୋଗ ବ୍ୟବସ୍ଥା କରାଯାଇପାରିବ।
- ସ୍ଥାନୀୟ ବିକାଶ ଯୋଜନା ପ୍ରସ୍ତୁତ କରନ୍ତୁ ଯେଉଁଥିରେ ନିଯୁକ୍ତି ଏବଂ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ହେବ ।
- ଯୁବକମାନଙ୍କୁ ଉପଯୁକ୍ତ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯାଇପାରେ ।
- ଜମି ଅଧିଗ୍ରହଣ ଆଇନ ୨୦୧୩ ଏବଂ ନିୟମାବଳୀର ବ୍ୟବସ୍ଥା ଅନୁଯାୟୀ କ୍ଷତିପୂରଣ ପ୍ରଦାନ ।
- ରାସ୍ତା ଏବଂ ଡ୍ରେନ୍ ଭଳି ସାର୍ବଜନୀନ ଏବଂ ଗୋଷ୍ଠୀ ସମ୍ପତ୍ତିର ପୁନଃନିର୍ମାଣ।
- ପ୍ରଭାବିତ ପରିବାରଗୁଡ଼ିକୁ MGNREGS ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ କରି ଆୟ କ୍ଷତି ପୁନରୁଦ୍ଧାର କରାଯାଇପାରିବ । ନିର୍ମାଣ କାର୍ଯ୍ୟ ସମୟରେ ଜମି ହରାଇଥିବା ପରିବାରଗୁଡ଼ିକୁ ପ୍ରାଥମିକତା ଦିଅନ୍ତୁ । ପ୍ରଭାବିତ ପରିବାରଗୁଡ଼ିକୁ ସେମାନଙ୍କର ସମ୍ଭାବନା ଏବଂ କଞ୍ଚାମାଲର ଉପଲବ୍ଧତାକୁ ଦେଖି ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପରେ ନିୟୋଜିତ କରନ୍ତୁ।
- ଜଳବନ୍ଦୀ ଅଞ୍ଚଳର ସଠିକ୍ ସୀମା ନିର୍ଦ୍ଧାରଣ ଏବଂ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ । ଜମି ହରାଇଥିବା ପରିବାରଗୁଡ଼ିକୁ ସଂରକ୍ଷିତ ଜଳରେ ମାଛ ଚାଷ କରିବାକୁ ଅନୁମତି ଦିଆଯାଇପାରେ ଏବଂ ଏଥିପାଇଁ ପର୍ଯ୍ୟାପ୍ତ ସହାୟତା ଯୋଗାଇ ଦିଆଯାଇପାରେ । ଜଳବନ୍ଦୀ ଯୋଗୁଁ ପ୍ରଦୂଷଣର ସମ୍ଭାବ୍ୟ ପ୍ରଭାବ ଉପରେ ସମସ୍ତ ଶ୍ରମିକ ଏବଂ ଗ୍ରାମବାସୀଙ୍କୁ ତାଲିମ ଦିଆଯିବା ଉଚିତ ।
- ରାସାୟନିକ ସାରକୁ FYM, ଜିଆ ଖତ କିମ୍ବା କୁକୁଡ଼ା ଖତ ଭଳି ଜୈବିକ ସଂଶୋଧନ ସହିତ ପ୍ରତିସ୍ଥାପିତ କରିବା ଦ୍ୱାରା ମାଟି ଗଠନ ଏବଂ ପୋଷକ ତତ୍ତ୍ୱ ଉପଲବ୍ଧତାରେ ଉନ୍ନତି ହୁଏ । ନାଇଟ୍ରୋଜେନକୁ ସ୍ଥିର ରଖିବା ନିମନ୍ତେ ଏବଂ ଫସଫରସକୁ ଦ୍ରବଣୀୟ କରିବା ପାଇଁ ରାଇଜୋବିୟମ୍, ଆଜୋଟୋବ୍ୟାକ୍ଟର ଏବଂ ଫସଫେଟ୍ ଦ୍ରବଣୀୟ ବ୍ୟାକ୍ଟେରିଆ (**PSB**) ଭଳି ଜୈବ ସାରର ବ୍ୟବହାର ।

- ଉପଯୁକ୍ତ ଏବଂ ଉପଯୁକ୍ତ ଜଳ ବଣ୍ଟନ ବ୍ୟବସ୍ଥା ବିକଶିତ କରାଯିବା ଉଚିତ । ପାଣି ପଞ୍ଚାୟତ ଗଠନ କରାଯାଇ ଜଳସେଚନ ଜଳର ଉପଯୁକ୍ତ ପରିଚାଳନା ପାଇଁ ସେମାନଙ୍କର କ୍ଷମତା ବୃଦ୍ଧି କରାଯିବା ଉଚିତ।
- ଅନେକ ପ୍ରଭାବିତ ଏବଂ ପରୋକ୍ଷ ଭାବରେ ପ୍ରଭାବିତ ପରିବାର ମତ ଦେଇଛନ୍ତି ଯେ କେନାଲର ଆର ପାର୍ଶ୍ୱରେ କୃଷି କ୍ଷେତ୍ରକୁ ପହଞ୍ଚିବାରେ ଅସୁବିଧା ହେବ। ତେଣୁ ସେମାନେ କେନାଲ ଉପରେ ଆବଶ୍ୟକ ସଂଖ୍ୟକ କଲଭର୍ଟ ନିର୍ମାଣ ପାଇଁ ପରାମର୍ଶ ଦେଇଛନ୍ତି।

## ୧.୮.ସାମାଜିକ ଖର୍ଚ୍ଚ ଏବଂ ଲାଭର ଆକଳନ

ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ହେଉଛି ଓଡ଼ିଶାର ଏକ ଜଳସେଚନ ଭିତ୍ତିଭୂମି ପ୍ରକଳ୍ପ, ଯାହା ଗୁରୁତ୍ୱାକର୍ଷଣ ଆଧାରିତ ଜଳସେଚନ ପାଇଁ ରାଜୁଆ ନଦୀରେ ଜଳସ୍ତର ବୃଦ୍ଧି କରି କୃଷି ଜମିକୁ ଜଳ ଯୋଗାଣ କରିବା ପାଇଁ ଡିଜାଇନ୍ କରାଯାଇଛି । ଏହି ପ୍ରକଳ୍ପରେ ବିଶେଷ ଭାବରେ ଏକ ଡାଇଭର୍ସନ ୱେୟାର ଏବଂ ଏହାର ସଂଲଗ୍ନ କେନାଲ ସିଷ୍ଟମ ନିର୍ମାଣ ଅନ୍ତର୍ଭୁକ୍ତ, ଯାହା ପ୍ରାୟତଃ ଖୋର୍ଦ୍ଧା ଜିଲ୍ଲାରେ ଜଳସେଚନ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ RIDF (ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି) ଅଧୀନରେ କାର୍ଯ୍ୟକାରୀ କରାଯାଇଛି । ନିର୍ମାଣରେ ଜଳସ୍ତର ବୃଦ୍ଧି କରିବା ପାଇଁ ମୁଖ୍ୟ ଡାଇଭର୍ସନ ୱେୟାର (ହେଡୱାର୍କସ୍) ଏବଂ ଜଳ ବଣ୍ଟନ ପାଇଁ କେନାଲର ଏକ ନେଟୱାର୍କ ଅନ୍ତର୍ଭୁକ୍ତ । କ୍ଷେତକୁ ଜଳର ନିୟନ୍ତ୍ରିତ, ନିରନ୍ତର ଯୋଗାଣ ସୁନିଶ୍ଚିତ କରି ଜଳସେଚନ ନିର୍ଭରଯୋଗ୍ୟତାକୁ ଉନ୍ନତ କରିବା ପ୍ରକଳ୍ପର ଲକ୍ଷ୍ୟ ।

ବର୍ତ୍ତମାନର ପରିସ୍ଥିତିରେ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁରୁମପଡ଼ା ଗ୍ରାମରେ ରାଜୁଆ ଡାଇଭର୍ସନ ୱେୟାର ଅଧୀନରେ ବ୍ରଜମୋହନପୁର ସବ୍ ମାଇନର୍ ୦୨ ନିର୍ମାଣ ପାଇଁ ଅତିରିକ୍ତ ୧.୦୨୬ ଏକର ଘରୋଇ ଜମି ଅଧିଗ୍ରହଣ କରିବାକୁ ଯୋଜନା କରାଯାଇଛି।

### ସାମାଜିକ ମୂଲ୍ୟ ଲାଭ

ଆର୍ଥିକ ମୂଲ୍ୟ ଆକଳନ କରିବା ସମୟରେ ପ୍ରକଳ୍ପର କିଛି ସାମାଜିକ ଲାଭ ଏବଂ ଖର୍ଚ୍ଚ ଏଠାରେ ବିଚାର ପାଇଁ ଉଲ୍ଲେଖ କରାଯାଇପାରିବ । ଦୃଷ୍ଟିଗୋଚର ହେଉଥିବା ଲାଭ ମଧ୍ୟରେ ଲୋକମାନଙ୍କର ଚଳଣିରେ ଉନ୍ନତି ସହିତ, ନିଯୁକ୍ତି ସୃଷ୍ଟି ଏହି ପ୍ରକଳ୍ପର ଅତିରିକ୍ତ ଲାଭ । ଲୋକମାନଙ୍କୁ ଅଧିକ ନିଯୁକ୍ତି ସୁଯୋଗ ସାମାଜିକ ସ୍ଥିତିକୁ ପ୍ରୋତ୍ସାହିତ କରିବ । ଅଧିକ ନିଯୁକ୍ତି ସୁଯୋଗ ଯୋଗୁଁ ଲୋକମାନଙ୍କର ସାମୟିକ ସମୟ ପାଇଁ ବା ସ୍ଥାୟୀ ଭାବରେ ବାହାରକୁ କାମ ଅନ୍ୱେଷଣରେ ସ୍ଥାନାନ୍ତରଣ ହ୍ରାସ ପାଇବ, ସୁଲଭ ମୂଲ୍ୟରେ ସବୁଜ ପନିପରିବା ଉପଲବ୍ଧତା ଯୋଗୁଁ ଗ୍ରାମବାସୀମାନଙ୍କ ସ୍ୱାସ୍ଥ୍ୟ, ଦୈନନ୍ଦିନ ବ୍ୟବହାର ପାଇଁ ଗ୍ରାମାଞ୍ଚଳରେ ଲୋକଙ୍କୁ ଜଳ ଯୋଗାଣ ଏବଂ ସାମାଜିକ ଆଚରଣରେ ପରିବର୍ତ୍ତନ ଗୁରୁତ୍ୱପୂର୍ଣ୍ଣ ଦୀର୍ଘକାଳୀନ ସାମାଜିକ ଲାଭ ।

### ଲାଭ ମୂଲ୍ୟ ଅନୁପାତ

ନିର୍ବାହୀ ଯନ୍ତ୍ରୀ ରାଜୁଆ ଜଳସେଚନ ବିଭାଗ ଦ୍ୱାରା ପ୍ରସ୍ତୁତ ବିସ୍ତୃତ ପ୍ରକଳ୍ପ ବିବରଣୀ ଅନୁଯାୟୀ । ପ୍ରକଳ୍ପର ଲାଭ ମୂଲ୍ୟ ଅନୁପାତ ଜଳସଂପଦ ବିଭାଗର ମାର୍ଗଦର୍ଶନ ଅନୁଯାୟୀ ଜଳସେଚନ ଚାହିଦାକୁ ବିଚାରକୁ ନେଇ ଗଣନା କରାଯାଇଛି ଏବଂ ପୁଞ୍ଜି ବ୍ୟୟ ଉପରେ ୧୦% ସୁଧରେ ୪.୨୩ ପର୍ଯ୍ୟନ୍ତ ଆକଳନ କରାଯାଇଛି । ୧୨% ରିହାତି କାରକ @ ଆଭ୍ୟନ୍ତରୀଣ ଫେରସ୍ତ ହାର ୪୨.୦୮% ପର୍ଯ୍ୟନ୍ତ ହୋଇପାରେ ।

## ୧.୯. ଉପସଂହାର ଓ ସୁପାରିଶ

ଜଳସେଚନ ପ୍ରକଳ୍ପର ଫଳାଫଳ ସମ୍ପର୍କରେ କିଛି ଚିନ୍ତାଧାରା ରହିଛି ଯାହାକୁ ଏହି ବିବରଣୀରେ ଉଲ୍ଲେଖ କରାଯାଇଥିବା ପ୍ରଶମନ ବ୍ୟବସ୍ଥା ମାଧମରେ ସତର୍କତାର ସହ ପରିଚାଳନା କରାଯିବା ଆବଶ୍ୟକ । ସାମଗ୍ରିକ ଭାବରେ, ଏହି ନିଷ୍କର୍ଷ ଦିଆଯାଇପାରେ ଯେ, ଏହି ପ୍ରକଳ୍ପ ସ୍ଥାନୀୟ ଲୋକଙ୍କ ଜୀବନଜୀବିକା ଉପରେ ଅଧିକ ସକାରାତ୍ମକ ପ୍ରଭାବ ପକାଇବ । ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରାଯାଉଛି । ଯଦିଓ ଜମିର ମାଲିକମାନେ ଭୌଗୋଳିକ ଭାବରେ ବିସ୍ଥାପିତ ହେଉନାହାନ୍ତି, ତଥାପି ସେମାନଙ୍କର କୃଷି ଜମି ଅଧିଗ୍ରହଣ କରାଯିବ । ଏପରି ପରିସ୍ଥିତିରେ, ଜମି ଅଧିଗ୍ରହଣ ହେତୁ  କୃଷିରୁ ସେମାନଙ୍କର ଆୟ କିଛି ପରିମାଣରେ ହ୍ରାସ ପାଇବ, କିନ୍ତୁ ଅଧ୍ୟୟନ ଫଳାଫଳ ସୂଚାଉଛି ଯେ, ଉନ୍ନତ ଜଳସେଚନ ସୁବିଧା ଯୋଗୁଁ ଅଧିଗ୍ରହଣ ହେଉନଥିବା କିମ୍ବା ଅବଶିଷ୍ଟ ଜମିରୁ ମିଳିବାକୁ ଥିବା ଅଧିକ ଉତ୍ପାଦନ ପାଇ ସେମାନେ କ୍ଷତି ସହିପାରିବେ । ଏଥିପାଇଁ, ପ୍ରକଳ୍ପ ଅଞ୍ଚଳ ନିମନ୍ତେ ଏକ ବ୍ୟାପକ କୃଷି ଉତ୍ପାଦନ ଯୋଜନା ପ୍ରସ୍ତୁତ କରାଯିବା ଉଚିତ ଯେଉଁଥିରେ ସମ୍ପୃକ୍ତ ବିଭାଗଗୁଡ଼ିକୁ ସାମିଲ ହେବାକୁ ପଡ଼ିବ । ଉପରୋକ୍ତ ବିଷୟ ଏବଂ ପ୍ରକଳ୍ପ ସପକ୍ଷରେ ପ୍ରଭାବିତ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରକାଶିତ ମତାମତକୁ ଦୃଷ୍ଟିରେ ରଖି, ଅଧ୍ୟୟନ ଅଞ୍ଚଳରେ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କରିବା ଯୁକ୍ତିଯୁକ୍ତ କାରଣ ଥିବା ମନେହୁଏ।

ଅଧ୍ୟୟନ ଫଳାଫଳକୁ ଦୃଷ୍ଟିରେ ରଖି, ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ପାଇଁ ନିମ୍ନଲିଖିତ ପଦକ୍ଷେପ ନିଆଯାଇପାରେ।

- ଏହି ପ୍ରକଳ୍ପ ମୁଖ୍ୟତଃ କୃଷି ଉତ୍ପାଦନ, ଫସଲ ଢାଞ୍ଚାରେ ପରିବର୍ତ୍ତନ ଏବଂ ପନିପରିବା ଏବଂ ଅନ୍ୟାନ୍ୟ ଅର୍ଥକରୀ ଫସଲ ଚାଷକୁ ବୃଦ୍ଧି କରିବ । ତେଣୁ ଜୈବିକ ସଂଶୋଧନ ସହିତ ରାସାୟନିକ ସାର ବ୍ୟବହାର, ପରିବେଶ ସୁରକ୍ଷା ପାଇଁ ଜୈବ ସାର ବ୍ୟବହାର ଉପରେ ଉପଯୁକ୍ତ ମାର୍ଗଦର୍ଶନ ପ୍ରଦାନ କରାଯିବା ଉଚିତ।
- ଜଳଭଣ୍ଡାରରେ ପର୍ଯ୍ୟାପ୍ତ ଏବଂ ସର୍ବାଧିକ ଜଳସ୍ତର ସଂରକ୍ଷଣ ନିଶ୍ଚିତ କରିବା ପାଇଁ ଜଳଭଣ୍ଡାରର ଉପରମୁଣ୍ଡରେ ଉପଚାର କରାଯିବା ଉଚିତ ଏବଂ ଏହାକୁ ସମ୍ପୂର୍ଣ୍ଣ ଭାବରେ ଅନୁସରଣ କରାଯିବା ଉଚିତ।
- ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମାପ୍ତ ହେବା ପରେ ପ୍ରକଳ୍ପର ସ୍ଥାୟୀତ୍ୱ ପାଇଁ ପରବର୍ତ୍ତୀ ରକ୍ଷଣାବେକ୍ଷଣ ପଦକ୍ଷେପ ସଠିକ୍ ଭାବରେ ଯୋଜନା କରାଯିବା ଉଚିତ । ସମସ୍ତ ଅଂଶୀଦାର ଯେପରିକି ହିତାଧିକାରୀ ଏବଂ ସ୍ଥାନୀୟ ସମଭାବାପନ୍ନ ବିଭାଗର ଅଧିକାରୀମାନେ ମିଳିତ ଭାବରେ ଢାଞ୍ଚାର ରକ୍ଷଣାବେକ୍ଷଣ ଉପରେ ନଜର ରଖିବା ଉଚିତ, ଯାହା ଦ୍ୱାରା ଜଳ ବଣ୍ଟନ ଏବଂ ଫସଲ ଅବଧି ସଠିକ୍ ଭାବରେ ନିର୍ଣ୍ଣୟ କରାଯାଇପାରିବ ।
- ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ଏବଂ RoR ପ୍ରମାଣୀକରଣ ପ୍ରକ୍ରିୟା ସମାପ୍ତ ହେବା ପରେ ଯଥାଶୀଘ୍ର ଦେୟ କରାଯିବା ଉଚିତ। କ୍ଷତିପୂରଣ ପ୍ରଦାନ ସୁଗମ ଏବଂ ଅସୁବିଧାମୁକ୍ତ କରାଯିବା ଉଚିତ ।
- ଜମି ଅଧିଗ୍ରହଣ ପରେ ବଳକା ଥିବା ଛୋଟ ଜମି ଯାହା ଚାଷ ପାଇଁ ଉପଯୁକ୍ତ ନୁହେଁ, ତାହା ଅନୁପାତିକ କ୍ଷତିପୂରଣ ବ୍ୟବସ୍ଥା ସହିତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅଧିଗ୍ରହଣ କରାଯିବା ଉଚିତ।

ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଯୋଗୁଁ ସାମଗ୍ରିକ ଲାଭ ଏବଂ କ୍ଷତି ସମ୍ପର୍କରେ ବ୍ୟକ୍ତିଗତ ମତାମତ ବ୍ୟତୀତ; ଗ୍ରାମବାସୀମାନେ FGD ସମୟରେ କିଛି ଅଭିଯୋଗ ରଖିଥିଲେ।

- ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ସମସ୍ତ ଜମିର ସତ୍ତ୍ୱାଧିକାର ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିର ନାମରେ ଅଛି । ଜଗନ୍ନାଥ ମନ୍ଦିର ପ୍ରଶାସକ ହେଉଛନ୍ତି ଜମିର ମାଲିକ । ଚାଷୀମାନେ ସେମାନଙ୍କ ପୂର୍ବପୁରୁଷଙ୍କ ଅମଳରୁ ଏହି ଜମି ଚାଷ କରୁଛନ୍ତି ।

- ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ସମସ୍ତ ଜମିର ସତ୍ତ୍ୱାଧିକାର ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିର ନାମରେ ଅଛି । ଜଗନ୍ନାଥ ମନ୍ଦିର ପ୍ରଶାସକ ହେଉଛନ୍ତି ଜମିର ମାଲିକ । ଚାଷୀମାନେ ଏହି ଜମି ସେମାନଙ୍କ ପୂର୍ବପୁରୁଷଙ୍କଠାରୁ ଉତ୍ତରାଧିକାରୀ ଭାବରେ ପାଇଛନ୍ତି ଏବଂ ଏହାକୁ ଚାଷ କରିଆସୁଛନ୍ତି। ଯଦି ଏହି ଜମି ପାଇଁ କ୍ଷତିପୂରଣ ଦିଆଯିବ, ତେବେ କ୍ଷତିପୂରଣ ରାଶି କାହାକୁ ଦିଆଯିବ ତାହା ଚୂଡ଼ାନ୍ତ ହେବା ଆବଶ୍ୟକ।

- ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ଶୀଘ୍ର ଚିହ୍ନଟ ହେବା ଉଚିତ ଯାହା ଦ୍ୱାରା ସେମାନେ ସେମାନଙ୍କର ରଣନୀତି ପ୍ରସ୍ତୁତ କରିପାରିବେ । ଆଂଶିକ ଜମି ଅଧିଗ୍ରହଣ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅବ୍ୟବହୃତ ଜମିକୁ ଦଖଲ କରିବା ପାଇଁ ପ୍ରୟାସ କରାଯିବା ଉଚିତ । ଏପର୍ଯ୍ୟନ୍ତ କେଉଁ ଜମି ଅଧିଗ୍ରହଣ କରାଯିବ ତାହା ଚିହ୍ନଟ କରାଯାଇ ନାହିଁ ତେଣୁ ଗ୍ରାମରେ ଏହି ପ୍ରକାରର ଘଟଣା ଘଟିବାର ଅନୁମାନ କରାଯାଉଛି ।

- କେନାଲ ବନ୍ଧ ଯୋଗୁଁ ଜଳବନ୍ଦୀ ହେବାର ସମ୍ଭାବନା ରହିଛି ତେଣୁ ଜଳବନ୍ଦୀକୁ ଏଡାଇବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବା ଉଚିତ।

- ଗ୍ରାମରେ ବହୁ ଦିନ ଧରି ମ୍ୟୁଟେସନ କରାଯାଇ ନାହିଁ ଯାହା କ୍ଷତିପୂରଣ ସମୟରେ ସମସ୍ୟା ସୃଷ୍ଟି କରିବ । ପ୍ରକଳ୍ପ ପ୍ରଭାବିତ ପରିବାରଗୁଡ଼ିକୁ ତୁରନ୍ତ ମ୍ୟୁଟେସନ ଏବଂ ବିଭାଜନ ପାଇଁ ଆବେଦନ କରିବାକୁ ପଡିବ ଯାହା ଦ୍ୱାରା କ୍ଷତିପୂରଣ ଦେୟ ସହଜ ହେବ । ତେଣୁ, ପ୍ରଭାବିତ ବ୍ୟକ୍ତିଙ୍କ ଠାରୁ ମ୍ୟୁଟେସନ୍ ଆବେଦନ ଗ୍ରହଣ କରିବା ସମୟରେ ସମ୍ପୃକ୍ତ କର୍ତ୍ତୃପକ୍ଷ ମାମଲାକୁ ପ୍ରାଥମିକତା ଭିତ୍ତିରେ ବିଚାର କରିବା ଉଚିତ ।

ତେଣୁ, ସମସ୍ତେ ଆଶା କରୁଛନ୍ତି ଯେ, ଅଞ୍ଚଳ ଏବଂ ଲୋକଙ୍କ ବିକାଶକୁ ବିଚାରକୁ ନେଇ ଆଇନଗତ ଏବଂ ସରକାରୀ ପଦ୍ଧତିକୁ ସଠିକ୍ ଭାବରେ ଅନୁସରଣ କରି ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବା ଉଚିତ । ଏହି ଜମି ହରାଇଥିବା ପରିବାରଗୁଡ଼ିକର ସମ୍ପୃକ୍ତି, ତ୍ୟାଗ ଏବଂ ଅବଦାନକୁ ଜିଲ୍ଲା ଏବଂ ରାଜ୍ୟ ଦ୍ୱାରା ସ୍ୱୀକୃତି ଦିଆଯିବା ଉଚିତ ।

# ଦ୍ୱିତୀୟ ଅଧ୍ୟାୟ :
# ପ୍ରକଳ୍ପ ସମ୍ବନ୍ଧରେ ବିସ୍ତୃତ ବର୍ଣ୍ଣନା

## ୨.୧ ପ୍ରକଳ୍ପର ପୃଷ୍ଠଭୂମି ଏବଂ ବିକାଶକାରୀଙ୍କ ପୃଷ୍ଠଭୂମି ଓ ନିୟନ୍ତ୍ରଣ

ଉପକୂଳ ଓଡ଼ିଶାରେ ଚାଷକାର୍ଯ୍ୟ ରେ ଜଳବନ୍ଦୀ ଏବଂ ଲୁଣାପାଣି ସମସ୍ୟା ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଅଟେ । ବିଶେଷ କରି ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା ଏବଂ ବାଲେଶ୍ୱର ଭଳି ଜିଲ୍ଲା ଏହା ଦ୍ୱାରା ପ୍ରଭାବିତ ହୋଇଥାଏ । ସମତଳ ଭୂମି, ଖରାପ ଜଳ ନିଷ୍କାସନ ପ୍ରକ୍ରିୟା, ଘୂର୍ଣ୍ଣିବାତ୍ୟା ଏବଂ ସମୁଦ୍ର ଜଳ ପ୍ରବେଶ ସମସ୍ୟାଗୁଡ଼ିକ ହେତୁ ଜଳବନ୍ଦୀ, ଦୁର୍ବଳପୁଷ୍ଟି ମୃତ୍ତିକା ଏବଂ କମ ଫସଲ ଉତ୍ପାଦନର କାରଣ ହୋଇଥାଏ । ଉପକୂଳବର୍ତ୍ତୀ ଅଞ୍ଚଳ, ବିଶେଷକରି ଚିଲିକା ଏବଂ ମହାନଦୀ ତ୍ରିକୋଣଭୂମି ନିକଟବର୍ତ୍ତୀ ଅଞ୍ଚଳ, କୃଷିରେ ଗୁରୁତର କ୍ଷତି ଏବଂ ମଧୁର ଜଳ ଉପଲବ୍ଧ ସମସ୍ୟାର ସମ୍ମୁଖୀନ ହେଉଛି। । ଓଡ଼ିଶାର ଉପକୂଳବର୍ତ୍ତୀ କ୍ଷେତ୍ର ଉତ୍ତରରେ ସୁବର୍ଣ୍ଣରେଖା ନଦୀ ମୁହାଣରୁ ଦକ୍ଷିଣରେ ଚିଲିକା ହ୍ରଦ ପର୍ଯ୍ୟନ୍ତ ୪୮୦ କିଲୋମିଟରରୁ ଅଧିକ ବ୍ୟାପିଛି । ଏହି ସମତଳ ଭୂମି ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା ଏବଂ ଋଷିକୂଲ୍ୟା ଭଳି ପ୍ରମୁଖ ନଦୀର ନିର୍ଗମନ ଅଞ୍ଚଳଗୁଡ଼ିକୁ କବଜା କରେ । ଏହା ଦେଶର ପୂର୍ବ ଭାଗର ସବୁଠାରୁ ଉର୍ବର ଭୂମି ମଧ୍ୟରୁ ଅନ୍ୟତମ ଏବଂ ରାଜ୍ୟର ପ୍ରମୁଖ ଖାଦ୍ୟଶସ୍ୟ ଉତ୍ପାଦନକୁ ସହଯୋଗ କରେ । କିନ୍ତୁ ସମୁଦ୍ର ନିକଟରେ ଅବସ୍ଥିତି ହେତୁ , ଘୂର୍ଣ୍ଣିବଳୟ ବିପଦ ଏବଂ ଜୁଆର ମାଧ୍ୟମରେ ଲୁଣାପାଣି ପ୍ରବେଶ, ଜଳସେଚନ ଏବଂ ପାନୀୟ ପାଇଁ ଜଳର ଗ୍ରହଣୀୟ ଗୁଣବତ୍ତାର ଜଳ ଉପଲବ୍ଧତାକୁ ସୀମିତ କରିଛି। ଏହି ପ୍ରଣାଳୀରେ ଲବଣାକ୍ତ ଜଳ ଏବଂ ମଧୁର ଜଳ ଉଭୟ ପରସ୍ପର ମଧ୍ୟରେ ସେମାନଙ୍କର ସ୍ଥିତି ପରିବର୍ତ୍ତନ କରିବା ପରେ ସହାବସ୍ଥାନ କରନ୍ତି । ଜଳବନ୍ଦୀ ଏବଂ ଲବଣାକ୍ତ ଜଳ ଉପକୂଳ ଜମିର ଉତ୍ପାଦନ କ୍ଷମତାକୁ ନଷ୍ଟ କରେ, ଯାହା ଖାଦ୍ୟ ସୁରକ୍ଷା ପାଇଁ ଏକ ପ୍ରମୁଖ ବିପଦ । ଏହି ସମସ୍ୟାର ସମାଧାନ ପାଇଁ ପ୍ରମୁଖ ବିକଳ୍ପଗୁଡ଼ିକ ମଧ୍ୟରେ (୧) ଭୂତଳ ଜଳ ପ୍ରବେଶକୁ ହ୍ରାସ କରିବା ପାଇଁ ଉନ୍ନତ ଜଳସେଚନ ପରିଚାଳନା (୨) ଲବଣ ସହନଶୀଳ ଫସଲର ବିବର୍ତ୍ତନ ଏବଂ ପ୍ରଚଳନ (୩) ବନୀକରଣ, ସଂରଚନାତ୍ମକ ପଦକ୍ଷେପ ଇତ୍ୟାଦି ମାଧ୍ୟମରେ ଲୁଣି ପ୍ରଭାବକୁ ହ୍ରାସ କରିବା ଆଦି ଅନ୍ତର୍ଭୁକ୍ତ । ଏହାକୁ ଧ୍ୟାନରେ ରଖି ଉପକୂଳ ଓଡ଼ିଶାରେ ଜଳସେଚନ ପରିଚାଳନାକୁ ଉନ୍ନତ କରିବା ପାଇଁ ରାଜୁଆ ନଦୀ ଉପରେ ଗୋଟିଏ ଡାଇଭର୍ସନ ୱେୟାର (ଗତି ପରିବର୍ତ୍ତନକାରୀ ବନ୍ଧ) ନିର୍ମାଣ କରିବାକୁ ଯୋଜନା କରାଯାଇଛି । ମହାନଦୀର ପ୍ରମୁଖ ଶାଖାନଦୀ ଏବଂ ଉପଶାଖାନଦୀଗୁଡ଼ିକ ହେଉଛି କାଠଯୋଡି, ବିରୂପା, କୁଆଖାଇ, ଦୟା, ଭାର୍ଗବୀ, କୁଶଭଦ୍ରା, ବିଲୁଆଖାଇ, ଦେବୀ, କନ୍ଦଳ, ଲୁଣା, ଚିତ୍ରୋତ୍ପଳା, କରାଣ୍ଡିଆ, ପାଇକା ଏବଂ ବଡଗେଙ୍ଗୁଟି । ଦୟା ଏବଂ ଭାର୍ଗବୀ ନଦୀ ବ୍ୟତୀତ ମହାନଦୀ ସମେତ ସମସ୍ତ ପ୍ରମୁଖ ଶାଖାନଦୀ ଏବଂ ଉପଶାଖାନଦୀଗୁଡ଼ିକ ବଙ୍ଗୋପସାଗରରେ ପଡ଼ିଥାଏ ଦୟା ଏବଂ ଭାର୍ଗବୀ ନଦୀ ଚିଲିକା ହ୍ରଦରେ ପଡ଼ିଥାଏ । ରାଜୁଆ ନଦୀ ମହାନଦୀର ତ୍ରିକୋଣଭୂମୀ ଅଞ୍ଚଳରେ ତିରୁମାଲାଠାରେ ଦୟା ନଦୀ (ମହାନଦୀର ଏକ ଶାଖା) ସହିତ ମିଶିଛି । ବନ୍ୟା ପାଣି ଯୋଗୁଁ ରାଜୁଆ ନଦୀର ଉଭୟ ପାର୍ଶ୍ୱର ଚାଷୀମାନେ ସାଧାରଣତଃ ଖରିଫ ଫସଲରୁ ବଞ୍ଚିତ ହୁଅନ୍ତି। ତେଣୁ ନିକଟସ୍ଥ ଗ୍ରାମର ଚାଷୀମାନେ ରବି ଫସଲ ପାଇଁ ରାଜୁଆ ନଦୀର ପାଣି ବ୍ୟବହାର କରିବା ପାଇଁ ଢୋଲାପାଟଣା ଏବଂ ସାରଦାପୁର (ଢୋଲାପାଟଣାର ୩ କିଲୋମିଟର ତଳମୁଣ୍ଡରେ) ରେ କ୍ରସ୍ ବନ୍ଧ ସ୍ଥାପନ କରନ୍ତି । ଏହି

ଅଞ୍ଚଳରେ ରବି ଚାଷ ପାଇଁ ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ଢୋଲାପାଟଣାରେ ଏକ ଡାଇଭର୍ସନ ୱେୟାର ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା; ଯାହା ଦ୍ୱାରା ୨୬୬୬ ହେକ୍ଟର ଅଞ୍ଚଳକୁ ଜଳସେଚନ ଯୋଗାଇହେବ ।

ରାଜୁଆ ଡାଇଭର୍ସନ ୱେୟାର ବା ଗତି ପରିବର୍ତ୍ତନକାରୀ ବନ୍ଧ ଓଡିଶାରେ ଏକ ଜଳସେଚନ ଭିତ୍ତିଭୂମି ପ୍ରକଳ୍ପ, ଯାହା ଗୁରୁତ୍ୱାକର୍ଷଣ ଆଧାରିତ ଜଳସେଚନ ପାଇଁ ରାଜୁଆ ନଦୀରେ ଜଳସ୍ତର ବୃଦ୍ଧି କରି କୃଷି ଜମିକୁ ପାଣି ଯୋଗାଇବା ପାଇଁ ନକ୍ସା ପ୍ରସ୍ତୁତ କରାଯାଇଛି । ଏହି ପ୍ରକଳ୍ପରେ ବିଶେଷ ଭାବରେ ଏକ ଗତି ପରିବର୍ତ୍ତନକାରୀ ବନ୍ଧ ଏବଂ ଜଳସେଚନ ନିମନ୍ତେ କେନାଲ ପ୍ରଣାଳୀ ନିର୍ମାଣ ଅନ୍ତର୍ଭୁକ୍ତ, ଯାହା ପ୍ରାୟତଃ ଖୋର୍ଦ୍ଧା ଜିଲ୍ଲାରେ ଜଳସେଚନକୁ ଉନ୍ନତ କରିବା ପାଇଁ RIDF (ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି) ଅଧୀନରେ କାର୍ଯ୍ୟକାରୀ କରାଯାଉଛି । ନିର୍ମାଣରେ ଜଳସ୍ତର ବୃଦ୍ଧି କରିବା ପାଇଁ ମୁଖ୍ୟ ଡାଇଭର୍ସନ ୱେୟାର (ହେଡୱାର୍କସ୍) ଏବଂ ଜଳ ବଣ୍ଟନ ପାଇଁ କେନାଲର ଏକ ନେଟୱାର୍କ ଅନ୍ତର୍ଭୁକ୍ତ । କ୍ଷେତକୁ ନିୟନ୍ତ୍ରିତ, ନିରନ୍ତର ଜଳ ଯୋଗାଣ ସୁନିଶ୍ଚିତ କରି ଜଳସେଚନ ନିର୍ଭରଯୋଗ୍ୟତାକୁ ଉନ୍ନତ କରିବା ଏହି ପ୍ରକଳ୍ପର ଲକ୍ଷ୍ୟ ।

ବର୍ତ୍ତମାନ କ୍ଷେତ୍ରରେ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁରୁମପଡ଼ା ଗ୍ରାମରେ ରାଜୁଆ ଡାଇଭର୍ସନ ୱେୟାର ଅଧୀନରେ ବ୍ରଜମୋହନପୁର ସବ୍ ମାଇନର୍ ୦୨ ନିର୍ମାଣ ପାଇଁ ୧.୦୨୬ ଏକର ଘରୋଇ ଜମି ଅଧିଗ୍ରହଣ କରିବାକୁ ଯୋଜନା କରାଯାଇଛି ।

## ୨.୨ ପରିଚାଳନାର ଢାଞ୍ଚା

ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପଟି ନାବାର୍ଡ ସହାୟତା ମାଧ୍ୟମରେ ଓଡ଼ିଶାରେ ଏକ ନୂତନ, କ୍ଷୁଦ୍ର-ସ୍ତରର, ନିର୍ମାଣାଧୀନ ଜଳସେଚନ ପ୍ରଣାଳୀ, ଯାହାର ଲକ୍ଷ୍ୟ ଜଳସେଚନ କ୍ଷମତା ବୃଦ୍ଧି କରିବା । ଏହି ପ୍ରକଳ୍ପଟି ଖୋର୍ଦ୍ଧା ଜଳସେଚନ ଡିଭିଜନର ଅଧିକାରକ୍ଷେତ୍ର ଅଧୀନରେ ରହିଛି । ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ଟି ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (RIDF) XIV ଏବଂ X ଅଧୀନରେ ନିର୍ମାଣ କରାଯାଇଛି । ନାବାର୍ଡ ଦ୍ୱାରା ପରିଚାଳିତ ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (RIDF), ରାସ୍ତା, ସେତୁ ଏବଂ ଜଳସେଚନ ଭଳି ଗ୍ରାମୀଣ ଭିତ୍ତିଭୂମି ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କୁ କମ ମୂଲ୍ୟର ପାଣ୍ଠି ପ୍ରଦାନ କରିବା ପାଇଁ ଏକ ପ୍ରମୁଖ ପଦକ୍ଷେପ । RIDF-X (୨୦୦୪-୦୫) ଏବଂ RIDF-XIV (୨୦୦୮-୦୯) ବିଭିନ୍ନ ପ୍ରକଳ୍ପକୁ ପାଣ୍ଠି ଯୋଗାଇ ଗ୍ରାମୀଣ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଚାଲିଥିବା ପ୍ରୟାସର ଏକ ଅଂଶ । ଏହି ପ୍ରକଳ୍ପ ନୂତନ ଜଳସେଚନ ସୁବିଧା ପ୍ରଦାନ କରିବା ସହିତ ନଦୀ ବନ୍ଧକୁ ସୁଦୃଢ଼ କରିବା, ଉଠାଇବା ଏବଂ ରକ୍ଷଣାବେକ୍ଷଣ କରିବା ପାଇଁ ଏକ ବ୍ୟାପକ ରଣନୀତିର ଅଂଶ । ଏହି ପ୍ରକଳ୍ପଗୁଡ଼ିକ ଜଳସେଚନ ବ୍ୟବସ୍ଥାକୁ ଆଧୁନିକୀକରଣ କରିବା ପାଇଁ ଓଡ଼ିଶା ସରକାରଙ୍କ ଏକ ବ୍ୟାପକ ପଦକ୍ଷେପରେ ଫିଟ୍ ହେଉଛି।

## ୨.୩ ପ୍ରକଳ୍ପର ଯୁକ୍ତିଯୁକ୍ତତା ସମେତ ଏହି ପ୍ରକଳ୍ପଟିର ସର୍ବସାଧାରଣ ଉଦ୍ଦେଶ୍ୟ


କୃଷି ବିକାଶ ମାଧ୍ୟମରେ ଦାରିଦ୍ର୍ୟ ହ୍ରାସ ଏବଂ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଜଳସେଚନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। କୃଷିପ୍ରଧାନ ଅର୍ଥନୀତିକୁ ସମର୍ଥନ କରିବା ପାଇଁ ଓଡ଼ିଶାରେ ଜଳସେଚନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯେଉଁଠାରେ - ୬୨% ଜନସଂଖ୍ୟା ଚାଷ ଉପରେ ନିର୍ଭର କରନ୍ତି, ତଥାପି ଅନିୟମିତ ବର୍ଷା, ମରୁଡ଼ି ଏବଂ କମ୍ ଫସଲ ତୀବ୍ରତା ବିଭନ୍ନ ସମସ୍ୟାର

ସମ୍ମୁଖୀନ ହୁଅନ୍ତି । ବର୍ଷା ଅଭାବ ସମୟରେ ଫସଲକୁ ବଞ୍ଚାଇ ରଖିବା, ଗୋଟିଏ ପ୍ରକାର ଫସଲ ଚାଷ ହେଉଥିବା ଜମିରେ ଏକାଧିକ ପ୍ରକାରର ଫସଲ ଚାଷ କରିବା ଏବଂ ଉନ୍ନତ ତଥା ଉଚ୍ଚ-ମୂଲ୍ୟର ଫସଲ ଚାଷ କରିବା ନିମନ୍ତେ ଉନ୍ନତ ଜଳ ପରିଚାଳନା ପଦ୍ଧତି ଅନୁସରଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଓଡିଶାରେ ଚାଷଯୋଗ୍ୟ ଜମିର ଏକ ବୃହତ୍ତ ଅଂଶ ଅଦ୍ୟାବଧି ଏକକ ଫସଲ ଅଧୀନରେ ଅଛି । ଏହି ଜମିଗୁଡିକରେ ରବି ଏବଂ ଗ୍ରୀଷ୍ମ ଫସଲ ଚାଷ କରିବାକୁ ସକ୍ଷମ କରିବା ପାଇଁ ଜଳସେଚନ ଆବଶ୍ୟକ କରିଥାଏ । ଓଡିଶାର ସମୁଦାୟ ଜନସଂଖ୍ୟାର ୬୨% ଲୋକଙ୍କ ପାଇଁ କୃଷି ହେଉଛି ପ୍ରାଥମିକ ଜୀବିକା, ଯାହା ଜଳ ସୁରକ୍ଷାକୁ ଦାରିଦ୍ର୍ୟତା ହ୍ରାସରେ ଏକ ସିଧାସଳଖ କାରଣ କରିଥାଏ । ତେଣୁ ରାଜ୍ୟ ସରକାର ଜଳସେଚନ ବିକାଶକୁ ଉଚ୍ଚ ପ୍ରାଥମିକତା ଦେଉଛନ୍ତି । ଏହି ଉଦ୍ଦେଶ୍ୟରେ ଓଡିଶା ସରକାର ଜଳସେଚନର ଉନ୍ନତି ନିମନ୍ତେ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁରୁମପଡ଼ା ଗ୍ରାମରେ ଜଳସେଚନ ର ଉନ୍ନତି ନିମନ୍ତେ ରାଜୁଆ ନଦୀ ଉପରେ ଗୋଟିଏ ଡାଇଭର୍ସନ ୱେୟାର ନିର୍ମାଣ କରୁଛନ୍ତି ଏହି ପ୍ରକଳ୍ପ ଅଧୀନରେ ବ୍ରଜମୋହନପୁର ସବ୍ ମାଇନର୍ ୦୨ କେନାଲ ନିର୍ମାଣ ନିମନ୍ତେ ୧.୦୨୬ ଏକର ଘରୋଇ ଜମି ଅଧିଗ୍ରହଣ କରିବାକୁ ଯୋଜନା କରାଯାଇଛି ।

ଯେହେତୁ ରାଜୁଆ ଡାଇଭର୍ସନ ୱେୟାର ଓ କେନାଲ ପ୍ରକଳ୍ପ କୃଷି ବିକାଶ ମାଧ୍ୟମରେ ଦାରିଦ୍ର୍ୟତା ହ୍ରାସ ଏବଂ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ନିର୍ମାଣ କରାଯାଉଛି ତେଣୁ ଏହି ପ୍ରକଳ୍ପ ସାଧାରଣ ଉଦ୍ଦେଶ୍ୟ ମାନଦଣ୍ଡ ପୂରଣ କରୁଛି ।

## ୨.୪ ପ୍ରକଳ୍ପର ଆକାର, ଅବସ୍ଥିତି, ସାମର୍ଥ୍ୟ, ଉତ୍ପାଦନ, ଉତ୍ପାଦନର ଲକ୍ଷ୍ୟ, ମୂଲ୍ୟ ଏବଂ ବିପଦ ସମ୍ପର୍କରେ ବିସ୍ତୃତ ବିବରଣୀ

**ମାନଚିତ୍ର ୨.୧ ପ୍ରକଳ୍ପର ଅବସ୍ଥିତି**



ରାଜୁଆ ଡାଇଭର୍ସନ ୱେୟାର ଅଧୀନରେ ବ୍ରଜମୋହନପୁର ସବ୍ ମାଇନର୍ ୦୨ ପ୍ରକଳ୍ପ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ନରଣଗଡ ଗ୍ରାମପଞ୍ଚାୟତର କୁରୁମପଡା ଗ୍ରାମରେ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି । ଏହି ପ୍ରକଳ୍ପ ହେତୁ କେବଳ ଗୋଟିଏ ଗ୍ରାମ ପ୍ରଭାବିତ ହେବ । ବ୍ଲକ/ତହସିଲ ଏବଂ ଜିଲ୍ଲା ମୁଖ୍ୟାଳୟ ଖୋର୍ଦ୍ଧା,  କୁରୁମପଡା ଗ୍ରାମର ଉତ୍ତର-ପୂର୍ବ ଦିଗରେ ୧୯ କିଲୋମିଟର ଦୂରରେ ଅବସ୍ଥିତ ଏବଂ ରାଜ୍ୟ ରାଜଧାନୀ ଭୁବନେଶ୍ୱର ଗ୍ରାମର ଉତ୍ତର-ପୂର୍ବ ଦିଗରେ ୪୪ କିଲୋମିଟର ଦୂରରେ ଅବସ୍ଥିତ । ଗ୍ରାମର ଭୌଗୋଳିକ ସମନ୍ୱୟ ୨୦ ଡିଗ୍ରୀ ୦୨'୦୩.୩୪" ଉତ୍ତର ଅକ୍ଷାଂଶ ଏବଂ ୮୫ ଡିଗ୍ରୀ ୩୫'୫୨.୭୮" ପୂର୍ବ ଦ୍ରାଘିମା ରେ ଅବସ୍ଥିତ।

## ୨.୫.ବିକଳ୍ପର ପରୀକ୍ଷଣ

ଯେହେତୁ ଏହି ପ୍ରକଳ୍ପଟି କୁରୁମପଡ଼ା ଗ୍ରାମରେ ଏକ ଡାଇଭର୍ସନ ୱେୟାର (ରାଜୁଆ ଡାଇଭର୍ସନ ୱେୟାର) ଉପରେ ଏକ କେନାଲ ସିଷ୍ଟମ (ବ୍ରଜମୋହନପୁର ସବ୍ ମାଇନର୍ ୦୨) ନିର୍ମାଣ ପାଇଁ ବିଚାର କରାଯାଉଛି, ଏଥିପାଇଁ ଅନ୍ୟ କୌଣସି ବିକଳ୍ପ ବିଚାର କରାଯାଇପାରିବ ନାହିଁ । ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଆଇନ ଏବଂ ନିୟମ ଅନୁଯାୟୀ ସମସ୍ତ ଆବଶ୍ୟକୀୟ ବୈଧାନିକ ମଞ୍ଜୁରୀ ଏବଂ ଅନୁମତି ଜଳ ସମ୍ପଦ ବିଭାଗ (DoWR) ଦ୍ୱାରା ପ୍ରାପ୍ତ ହୋଇଛି । ଡାଇଭର୍ସନ ୱେୟାରରେ ଏକ କେନାଲ ନିର୍ମାଣ ପାଇଁ ନଦୀରୁ ଏକ ନିୟନ୍ତ୍ରିତ ଏବଂ ନିୟମିତ ଜଳ ଯୋଗାଣ ଉପଲବ୍ଧ ହେବା ନିହାତି ଆବଶ୍ୟକ । ଡାଇଭର୍ସନ ୱେୟାର ନିର୍ମାଣ କରାଯାଉଥିବା ସ୍ଥାନରେ କେନାଲ ମାଧ୍ୟମରେ ଗୁରୁତ୍ୱାକର୍ଷଣ ପ୍ରବାହ ପଦ୍ଧତି ରେ ପ୍ରବାହିତ ହେବା ପାଇଁ ନଦୀର ଜଳସ୍ତର ଯଥେଷ୍ଟ ଉଚ୍ଚ ହେବା ଆବଶ୍ୟକ, ଯାହା ଜଳସେଚନ ଅଞ୍ଚଳକୁ ବ୍ୟାପ୍ତି କରିବ । ଏହି ସମସ୍ତ ମାନଦଣ୍ଡ ସ୍ଥିର ହୋଇଥିବା ସ୍ଥାନରେ ପୂରଣ ହେଉଛି । ଏହା ବ୍ୟତୀତ ଏହି ଜମି ଅଧିଗ୍ରହଣ ପାଇଁ ସମ୍ପତ୍ତି କିମ୍ବା ଭିତ୍ତିଭୂମିର କୌଣସି ବଡ଼ କ୍ଷତି ହେଉନାହିଁ କାରଣ ଅଧିଗ୍ରହଣ ହେଉଥିବା ସମସ୍ତ ପ୍ଲଟ ଅଣ-ଆବାସିକ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ । ସର୍ବନିମ୍ନ ପରିମାଣର ଜମି ଅଧିଗ୍ରହଣ ସମ୍ପର୍କରେ, ଏହା କୁହାଯାଇପାରେ ଯେ ଗୋଟିଏ ଗ୍ରାମରେ କେବଳ ୧.୦୨୬୦ ଏକର ଜମି ଅଧିଗ୍ରହଣ କରାଯିବ ଯାହାକୁ ସର୍ବନିମ୍ନ କୁହାଯାଇପାରେ, ଯାହା କେବଳ ଏକ ଡାଇଭର୍ସନ ୱେୟାରରେ ଏକ ସବ୍ ମାଇନର କେନାଲ ନିର୍ମାଣ ଆବଶ୍ୟକତା ପୂରଣ କରିବ । ଏହା ସହିତ, ଏଥିପାଇଁ ଲୋକଙ୍କ ବିସ୍ଥାପନ ଆବଶ୍ୟକ ନାହିଁ । ଏହି ଦୃଷ୍ଟିରୁ, ବିକଳ୍ପ ସ୍ଥାନ ସନ୍ଧାନ ପାଇଁ ବିଚାରକୁ ଅନାବଶ୍ୟକ ବୋଲି ବିବେଚନା କରାଯାଉଛି । କିନ୍ତୁ ଏହା କୁହାଯାଇପାରେ ଯେ, ଜମି ଅଧିଗ୍ରହଣ କେବଳ ସର୍ବନିମ୍ନ ଆବଶ୍ୟକତା ମଧ୍ୟରେ ସୀମିତ ।

## ୨.୬. ପ୍ରକଳ୍ପ ନିର୍ମାଣର ବିଭିନ୍ନ ପର୍ଯ୍ୟାୟ

ନିର୍ମାଣର ବିଭିନ୍ନ ପର୍ଯ୍ୟାୟ ଜଳସମ୍ପଦ ବିଭାଗ (DoWR) ର ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ କରାଯିବ । ଡିଜାଇନ୍, ଆକଳନ ପ୍ରସ୍ତୁତି ଏବଂ ପ୍ରଶାସନିକ ଅନୁମୋଦନ ଭଳି ପୂର୍ବ ନିର୍ମାଣ ପର୍ଯ୍ୟାୟ କାର୍ଯ୍ୟକଳାପ ଜଳସମ୍ପଦ ବିଭାଗ (DoWR) ର ଦ୍ୱାରା କରାଯାଇଛି । ପ୍ରକଳ୍ପର ଆବଶ୍ୟକତା ଅନୁଯାୟୀ ଅନ୍ୟାନ୍ୟ କାର୍ଯ୍ୟକଳାପ ଯଥା ସମୟରେ କରାଯିବ।

## ୨.୭. ମୂଳ ଡିଜାଇନ୍ ର ବୈଶିଷ୍ଟ୍ୟ ଆକାର ଏବଂ ବିଭିନ୍ନ ପ୍ରକାରର ସୁବିଧା

ଢୋଲପାଟଣା ଠାରେ ରାଜୁଆ ନଦୀ ଉପରେ ଏକ ଡାଇଭର୍ସନ ୱେୟାର ନିର୍ମାଣ କରି ନଦୀର ଉପର ମୁଣ୍ଡ ପଟକୁ ଡାଇଭର୍ସନ ୱେୟାର ର ଉଭୟ ପାର୍ଶ୍ୱରେ ପ୍ରବାହିତ ଜଳକୁ ଅଟକାଇବା ନିମନ୍ତେ ନଦୀର ଉଭୟ ପାର୍ଶ୍ୱରେ ଆଡିବନ୍ଧ ନିର୍ମାଣ କରାଯିବ । ରବି ଋତୁରେ ଡାଇଭର୍ସନ ୱେୟାରର ଉଭୟ ପାର୍ଶ୍ୱରେ ଜଳସେଚନ ଯୋଗାଇବା ପାଇଁ ଦୁଇଟି ମୁଖ୍ୟ କେନାଲ ଯଥା ୭.୮

କିଲୋମିଟର ଲମ୍ବ ବାମ ମୁଖ୍ୟ କେନାଲ ଏବଂ ୧୨.୦୫ କିଲୋମିଟର ଲମ୍ବ ଡାହାଣ ମୁଖ୍ୟ କେନାଲ ଏବଂ ଏହାର ବିତରଣ ପ୍ରଣାଳୀ ନିର୍ମାଣ କରିବାର ପ୍ରସ୍ତାବ ଅଛି ।

## ୨.୮. ଅତିରିକ୍ତ ଭିତ୍ତିଭୂମି ସୁବିଧା ର ଆବଶ୍ୟକତା

ନିର୍ମାଣ ନିମନ୍ତେ କୌଣସି ଆନୁଷଙ୍ଗିକ ଭିତ୍ତିଭୂମି ସୁବିଧାର ଆବଶ୍ୟକତା ପଡ଼ିବ ନାହିଁ ।

## ୨.୯. ଶ୍ରମବଳର ଆବଶ୍ୟକତା

### ୨.୯.୧. ଅସ୍ଥାୟୀ

ଖୋର୍ଦ୍ଧା ଜଳସେଚନ ଡିଭିଜନର ଆବଶ୍ୟକତା ଅନୁଯାୟୀ, ଗ୍ରାମବାସୀମାନଙ୍କୁ ସେମାନଙ୍କ ଠିକାଦାରମାନଙ୍କ ଦ୍ୱାରା ଅସ୍ଥାୟୀ ଭାବରେ ନିଯୁକ୍ତି ଦିଆଯାଇପାରିବ ଯାହା ଫଳରେ ଗ୍ରାମବାସୀ ଆୟ ଦୃଷ୍ଟିରୁ ବହୁଳ ଭାବରେ ଲାଭବାନ ହେବେ । ଜଳସେଚନ ଡିଭିଜନରେ ଅଧିକାଂଶ କାର୍ଯ୍ୟ ଅର୍ଦ୍ଧ-ଯାନ୍ତ୍ରିକ ଉପାୟରେ କରାଯାଏ । ତେଣୁ କେନାଲ ନିର୍ମାଣ ସମୟରେ ପ୍ରାୟ ୧୦୦ ଜଣ ଗ୍ରାମବାସୀ ନିୟୋଜିତ ହୋଇପାରିବେ ।

### ୨.୯.୨. ସ୍ଥାୟୀ

ଯେହେତୁ ଏହି କାର୍ଯ୍ୟ ଅଳ୍ପ ସମୟ ପାଇଁ କରାଯିବ ଏବଂ ଖୋର୍ଦ୍ଧା ଜଳସେଚନ ଡିଭିଜନ ଦ୍ୱାରା ପରିଚାଳିତ ହେବ। ତେଣୁ ସ୍ଥାୟୀ ନିଯୁକ୍ତିର ସମ୍ଭାବନା କମ୍।

## ୨.୧୦. ଯଦି ପୂର୍ବରୁ କୌଣସି ଏସ ଆଇ ଏ କିମ୍ବା ଇ ଆଇ ଏ ଏବଂ ବୈଷୟିକ ବିବରଣୀ ପ୍ରସ୍ତୁତ ହୋଇଥାଏ ତାହାର ବିସ୍ତୃତ ବିବରଣୀ

ଢୋଲପାଟଣା ଠାରେ ରାଜୁଆ ନଦୀ ଉପରେ ଏକ ଡାଇଭର୍ସନ ୱେୟାର ନିର୍ମାଣ କରି ନଦୀର ଉପର ମୁଣ୍ଡ ପଟକୁ ଡାଇଭର୍ସନ ୱେୟାର ର ଉଭୟ ପାର୍ଶ୍ୱରେ ପ୍ରବାହିତ ଜଳକୁ ଅଟକାଇବା ନିମନ୍ତେ ନଦୀର ଉଭୟ ପାର୍ଶ୍ୱରେ ଆଡିବନ୍ଧ ନିର୍ମାଣ କରାଯିବ । ରବି ଋତୁରେ ଡାଇଭର୍ସନ ୱେୟାରର ଉଭୟ ପାର୍ଶ୍ୱରେ ଥିବା ଜମିକୁ ଜଳସେଚନ ଯୋଗାଇବା ପାଇଁ ଦୁଇଟି ମୁଖ୍ୟ କେନାଲ ଯଥା: ୭.୮୮ କିଲୋମିଟର ଲମ୍ବ ବାମ ମୁଖ୍ୟ କେନାଲ ଏବଂ ୧୨.୦୫ କିଲୋମିଟର ଲମ୍ବ ଡାହାଣ ମୁଖ୍ୟ କେନାଲ ଏବଂ ଏହାର ବିତରଣ ବ୍ୟବସ୍ଥା ନିର୍ମାଣ କରାଯିବାର ପ୍ରସ୍ତାବ ଥିଲା । ପ୍ରକଳ୍ପ ନିର୍ମାଣ ନିମନ୍ତେ ୨୬୫.୨୩୩ ଏକର ବ୍ୟକ୍ତିଗତ ଜମି ଆବଶ୍ୟକ ଥିଲା । ଆବଶ୍ୟକ ମୋଟ ଜମି ମଧ୍ୟରୁ ୨୩୮.୭୦୮ ଏକର ପୂର୍ବରୁ ଅଧିଗ୍ରହଣ କରାଯାଇଛି ଏବଂ ଅବଶିଷ୍ଟ ୨୬.୫୩ ଏକର ଜମି ନୂତନ ଜମି ଅଧିଗ୍ରହଣ ଆଇନ ୨୦୧୩ ଅନୁଯାୟୀ ଅଧିଗ୍ରହଣ କରାଯିବ । ଭୂ-ଅର୍ଜନ ଅଧିକାରୀ ଖୋର୍ଦ୍ଧାଙ୍କୁ ଆବଶ୍ୟକ ୨୬.୫୩ ଏକର ଜମି ଅଧିଗ୍ରହଣ ପାଇଁ ନୂତନ ପ୍ରସ୍ତାବ ଦାଖଲ କରାଯାଇଛି ।

ପୂର୍ବରୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର, ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ଥଇଥାନରେ ସ୍ୱଚ୍ଛତା ଆଇନ ୨୦୧୩ ଅନୁଯାୟୀ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି । ଜମି ଅଧିଗ୍ରହଣହେତୁ ବହୁତ କମ୍ ଗଛ କାଟିବା ଆବଶ୍ୟକ ହୋଇପାରେ ଯାହା ନଗଣ୍ୟ ତେଣୁ ପରିବେଶ ସମ୍ବନ୍ଧିତ କୌଣସି ସମସ୍ୟା ରହିବ ନାହିଁ ଏବଂ ଏହି ପ୍ରକଳ୍ପ ପାଇଁ ଅନ୍ୟ କୌଣସି ଦିଗ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ଜଙ୍ଗଲ ଜମିର ସମ୍ପୃକ୍ତି ଥିବାରୁ ଜଙ୍ଗଲ ମଞ୍ଜୁରୀ ଆବଶ୍ୟକ ନାହିଁ ।

ପୂର୍ବରୁ ଜମି ଅଧିଗ୍ରହଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି ।

ପରିବେଶ ପ୍ରଭାବ ଆକଳନ (EIA) ଅଧ୍ୟୟନ କରାଯାଇଛି । କିନ୍ତୁ ବର୍ତ୍ତମାନର ପ୍ରସ୍ତାବିତ ପ୍ରକଳ୍ପ ପାଇଁ କରାଯାଉଥିବା ଅତିରିକ୍ତ ଜମି ଅଧିଗ୍ରହଣ ପାଇଁ ପୂର୍ବରୁ କୌଣସି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ (SIA) ଏବଂ ପରିବେଶ ପ୍ରଭାବ ଆକଳନ (EIA) ଅଧ୍ୟୟନ କାର୍ଯ୍ୟ କରାଯାଇ ନାହିଁ ।

## ୨.୧୧. ପ୍ରଯୁଜ୍ୟ ଆଇନ କାନୁନ

ଏହି ଅଧ୍ୟାୟରେ ଭୂମି ଅଧିଗ୍ରହଣ ସହିତ ଜଡିତ କିଛି ପ୍ରମୁଖ ନିୟମ ବିଷୟରେ ଆଲୋଚନା କରାଯାଇଛି । ଭୂମି ଅଧିଗ୍ରହଣ ଏକ ଅତ୍ୟନ୍ତ କଷ୍ଟକର ଏବଂ ସମ୍ବେଦନଶୀଳ ପ୍ରସଙ୍ଗ । ଯେକୌଣସି ଭୂମି କ୍ଷତିକୁ ଜଣେ ବ୍ୟକ୍ତି ସହଜରେ ଗ୍ରହଣ କରିପାରିବେ ନାହିଁ । ଭୂମି ଅଧିଗ୍ରହଣ ଉଦ୍ଦେଶ୍ୟରେ ବିଭିନ୍ନ ଆଇନ/ନୀତି ରହିଛି । ତେଣୁ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ଆଇନଗତ ପ୍ରକ୍ରିୟାଗୁଡ଼ିକୁ ବୁଝିବା ଏବଂ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିଙ୍କ ପୁନର୍ବାସ ଏବଂ ପୁନର୍ବାସ ନୀତି ପାଳନ କରିବା ପାଇଁ ଯେଉଁ ସ୍ଥାନଗୁଡ଼ିକୁ ଦୃଢ଼ କରିବାର ଆବଶ୍ୟକତା ଅଛି ତାହା ଚିହ୍ନଟ କରିବା ପାଇଁ ଆଇନଗୁଡ଼ିକର ବିଶ୍ଳେଷଣ କରିବା ଜରୁରୀ ହୋଇପଡ଼ିଲା । ନିମ୍ନଲିଖିତ ଉପ-ଧାରାଗୁଡ଼ିକ ସାମାଜିକ ସମସ୍ୟା ଏବଂ ପ୍ରଭାବିତ ଜନସଂଖ୍ୟାର ପୁନର୍ବାସ ଏବଂ ଥଇଥାନ ଉପରେ RTFCTLARR ଆଇନ ୨୦୧୩ ସମ୍ପର୍କରେ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରାଯିବ ବୋଲି ଆଇନଗତ ଢାଞ୍ଚାକୁ ସଂକ୍ଷେପ କରିଛି । ସମ୍ପୃକ୍ତ ବିଭାଗ ନିଶ୍ଚିତ କରିବ ଯେ, ପ୍ରକଳ୍ପ କାର୍ଯ୍ୟକାରୀ କରିବା ସମୟରେ, ଏହା ଭୂମିର ପ୍ରଚଳିତ ଆଇନ ଏବଂ ନୀତି ସହିତ ବିରୁଦ୍ଧାଚରଣ ନ କରିବା ଉଚିତ । କିଛି ପ୍ରମୁଖ ଆଇନ ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଇଛି ।

### ୨.୧୧.୧. ଜମି ଅଧିଗ୍ରହଣ ଅଧିନିୟମ ୧୮୯୪

ପୁନର୍ବାସ ଏବଂ ଥଇଥାନ ପ୍ରକ୍ରିୟାକୁ ସହଜ କରିବା ପାଇଁ ଭାରତରେ ସବୁଠାରୁ ପ୍ରାସଙ୍ଗିକ ଆଇନ ହେଉଛି ଭୂମି ଅଧିଗ୍ରହଣ ଅଧିନିୟମ, ୧୮୯୪, ଯାହା ୧୯୮୪ ମସିହାରେ ସଂଶୋଧିତ ହୋଇଥିଲା । ଏହି ଆଇନ ସରକାରୀ ଉଦ୍ଦେଶ୍ୟ ପାଇଁ ସରକାରଙ୍କ ଦ୍ୱାରା ବ୍ୟକ୍ତିଗତ ଜମି ଅଧିଗ୍ରହଣ ଏବଂ କ୍ଷତିପୂରଣ ନିର୍ଣ୍ଣୟ ପାଇଁ ପ୍ରାସଙ୍ଗିକ । ଏହି ଆଇନ ନିଶ୍ଚିତ କରେ ଯେ କୌଣସି ବ୍ୟକ୍ତି ଜମିରୁ ବଞ୍ଚିତ ନହୁଏ । ଏହା ପ୍ରକୃତ ଅଧିଗ୍ରହଣ ପୂର୍ବରୁ ପ୍ରକଳ୍ପ ପ୍ରଭାବିତ ପରିବାରଗୁଡ଼ିକୁ ଶୁଣାଣି ପାଇଁ ସୁଯୋଗ ଦିଏ।

ଏହି ଆଇନ ଆମ ଦେଶରେ ଦୀର୍ଘ ସମୟ ଧରି କାର୍ଯ୍ୟକାରୀ ହୋଇଥିଲା । ଉକ୍ତ ଆଇନରେ ଥିବା ତ୍ରୁଟିକୁ ଦେଖି, ଭାରତ ସରକାର ଏକ ଅତ୍ୟନ୍ତ ପ୍ରଗତିଶୀଳ ଆଇନ ଆଣିଥିଲେ ଯାହାକୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅଧିଗ୍ରହଣ,ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ଅଧିନିୟମ ୨୦୧୩, (RTFCTLARR ଆଇନ) କୁହାଯାଏ । ଯାହା ପୁରୁଣା ଜମି ଅଧିଗ୍ରହଣ ଅଧିନିୟମ ୧୮୯୪କୁ ବଦଳାଇ ଦେଇଥିଲା । କିନ୍ତୁ ଭୂମି ଅଧିଗ୍ରହଣ ଏବଂ କ୍ଷତିପୂରଣ ପାଇଁ ସାମଗ୍ରିକ ପ୍ରକ୍ରିୟା ମୂଳ ଭୂମି ଅଧିଗ୍ରହଣ ଆଇନ, ୧୮୯୪ ରୁ ହିଁ ନିଆଯାଇଛି।

## ୨.୧୧.୨ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅଧିଗ୍ରହଣ,ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ଅଧିନିୟମ ୨୦୧୩

ଜମି ଅଧିଗ୍ରହଣ ଅଧିନିୟମ ୧୮୯୪ ଟି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମିଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ଅଧିନିୟମ ୨୦୧୩ ଅଧିନିୟମ ଦ୍ୱାରା ପରିବର୍ତ୍ତନ କରାଯାଇ ଲାଗୁ କରାଯାଇଥିଲା । ଏହି ଅଧିନିୟମଟି ୨୦୧୪ ମସିହା ଜାନୁଆରୀ ୧ ତାରିଖରେ କାର୍ଯ୍ୟକାରୀ କରାଗଲା ଏବଂ ଜାମ୍ମୁ କାଶ୍ମୀର ରାଜ୍ୟ ବ୍ୟତିତ ଅନ୍ୟ ସମସ୍ତ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଶିଳ୍ପାୟନ ଭିତ୍ତିଭୂମିର ବିକାଶ ଏବଂ ସହରୀକରଣ ନିମନ୍ତେ ଜମି ଅଧିଗ୍ରହଣକୁ ନିୟନ୍ତ୍ରଣ କରିବାପାଇଁ ନିଜନିଜ ରାଜ୍ୟ ପାଇଁ ଭୂମିଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ନ୍ୟାୟୋଚିତ କ୍ଷତିପୂରଣ ପ୍ରଦାନ ଏବଂ ସ୍ୱଚ୍ଛତା ଅଧିକାର ଆଇନ ୨୦୧୩ ଅନୁଯାୟୀ ନିୟମ ପ୍ରଣୟନ କରିବାର ଅଧିକାର ପାଇଲେ। ୧୯୯୬ ମସିହାରେ ପ୍ରଣିତ ଅନୁସୂଚୀତ ଅଞ୍ଚଳର ପଞ୍ଚାୟତ ସମ୍ପ୍ରସାରଣ ଆଇନର ସାରମର୍ମକୁ ଏହି ଆଇନରେ ପରିସରଭୁକ୍ତ କରାଗଲା। ଏହି ଆଇନରେ ସମ୍ବିଧାନ ଦ୍ୱାରା ପ୍ରତିଷ୍ଠିତ ଗ୍ରାମସଭା ଓ ସ୍ଥାନୀୟ ସ୍ୱାୟତ ଶାସନ ବ୍ୟବସ୍ଥାର ବିଭିନ୍ନ ଅନୁଷ୍ଠାନ ସହ ପରାମର୍ଶ କରିବାର ବ୍ୟବସ୍ଥାକୁ ସୁନିଶ୍ଚିତ କରାଗଲା। ଏହି ଆଇନଟି “ଶିଳ୍ପବିକାଶ, ଅତ୍ୟାବଶ୍ୟକ ଭିତ୍ତିଭୂମିର ବିକାଶ ଏବଂ ସହରୀକରଣ ଇତ୍ୟାଦି ନିମନ୍ତେ ଜମି ଅଧିଗ୍ରହଣ କରିବାକୁ, ଜମି ମାଲିକ ଏବଂ ଅନ୍ୟ ପ୍ରଭାବିତ ପରିବାରମାନେ ଯେପରି ସର୍ବନିମ୍ନ ଅସୁବିଧାର ସମ୍ମୁଖୀନ ହୁଅନ୍ତି ତାହା ସୁନିଶ୍ଚିତ କରି ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ସହ ଏକ ମାନବୀୟ, ସହଭାଗି, ସୂଚିତ ଏବଂ ସ୍ୱଚ୍ଛ ପ୍ରକ୍ରିୟା ସୁନିଶ୍ଚିତ କରିଥାଏ”। ଏଥିରେ ପ୍ରଭାବିତ ବ୍ୟକ୍ତିମାନଙ୍କର ପୁନର୍ବାସ ଓ ଥଇଥାନ ନିମନ୍ତେ ପର୍ଯ୍ୟାପ୍ତ ବନ୍ଦୋବସ୍ତ କରାଯାଇଛି ଓ ପ୍ରଭାବିତ ବ୍ୟକ୍ତିମାନେ ଅଧିଗ୍ରହଣ ପରବର୍ତ୍ତି ସାମାଜିକ ଓ ଆର୍ଥିକ ସ୍ଥିତିର ବିକାଶ ପ୍ରକ୍ରିୟାରେ ଅଂଶୀଦାର ହୋଇପାରିବେ ତାହା ସୁନିଶ୍ଚିତ କରାଯାଇଛି। ସରକାରଙ୍କ ଦ୍ୱାରା କୌଣସି ବିଶେଷ କାର୍ଯ୍ୟ ଉଦ୍ଦେଶ୍ୟ ସାଧନ ଏବଂ ଭିତ୍ତିଭୂମିର ବିକାଶ ନିମନ୍ତେ ଜମି ଅଧିଗ୍ରହଣ ସମୟରେ ଏହି ଆଇନରେ ଥିବା ବ୍ୟବସ୍ଥାକୁ ପ୍ରୟୋଗ କରାଯିବ।

ନିମ୍ନଲିଖିତ ପ୍ରମୁଖ ବ୍ୟବସ୍ଥାଗୁଡିକ ଆଇନରେ ଅନ୍ତର୍ଭୁକ୍ତ ହୋଇଛି।

- କ) ପ୍ରଭାବିତ ଲୋକମାନେ ସେମାନଙ୍କ ଜମି ଅଧଗ୍ରହଣ ଘଟଣାରେ ଉପଯୁକ୍ତ କ୍ଷତିପୂରଣ ପାଇବେ
- ଖ) ଜମି ଅଧିଗ୍ରହଣ ପ୍ରକ୍ରିୟାରେ ସ୍ୱଚ୍ଛତା ଅଣାଯିବ,
- ଗ) ପ୍ରଭାବିତ ପରିବାରଗୁଡିକର ସର୍ବନିମ୍ନ ସାମାଜିକ ଓ ଆର୍ଥିକ ବିଘ୍ନ ଘଟିବା,
- ଘ) ଜମି ଅଧଗ୍ରହଣ ପ୍ରକ୍ରିୟାରେ ଗ୍ରାମସଭା ସମେତ ସ୍ଥାନିୟ ସ୍ୱାୟତ୍ତ ଶାସନ ସଂସ୍ଥା ସହ ପରାମର୍ଶ କରାଯିବ,
- ଙ) ପ୍ରତିକୂଳ ପ୍ରଭାବକୁ ପ୍ରଶମନ କରିବା ନିମନ୍ତେ ଏକ କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତି, ଏବଂ

ଏହି ଆଇନକୁ ପ୍ରତିପାଦିତ କରିବା ନିମନ୍ତେ ଆଇନର ଦ୍ୱିତୀୟ ଅନୁଚ୍ଛେଦରେ ପ୍ରଭାବିତ ପରିବାର, ଜମିର ବିସ୍ତାର, ଘର, ବସତି ଏବଂ ପ୍ରକଳ୍ପ ହେତୁ ପ୍ରଭାବିତ ହେବାର ସମ୍ଭାବନା ଥିବା ବ୍ୟକ୍ତିଗତ ମାଲିକାନା କିମ୍ବା ସାର୍ବଜନିନ ମାଲିକାନାରେ ଥିବା ଅନ୍ୟାନ୍ୟ ସାଧାରଣ ସମ୍ପତ୍ତି ଗୁଡିକୁ ବିସ୍ତୃତ ଭାବରେ ଯାଞ୍ଚ କରି 'ସାମାଜିକ ପ୍ରଭାବ' ଏବଂ 'ସର୍ବସାଧାରଣ ଉଦ୍ଦେଶ୍ୟ' ନିର୍ଦ୍ଧାରଣ କରିବେ ଏବଂ 'ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରସ୍ତୁତ' କରିବେ। ଆଇନର ଚତୁର୍ଥ ଅନୁଚ୍ଛେଦରେ 'ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ' କୁ ବାଧ୍ୟତାମୂଳକ କରାଯାଇଛି ଏବଂ ୪(୧)ରେ କୁହାଯାଇଛି “ଯେତେବେଳେ ଗୋଟିଏ ଉପଯୁକ୍ତ ସରକାର ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରିବାକୁ ଆଗ୍ରହ କରନ୍ତି, ତେବେ ସମ୍ପୃକ୍ତ ପଞ୍ଚାୟତ, ମୁନ୍ସିପାଲିଟି,

କିମ୍ବା ମୁନ୍ସିପାଲ କର୍ପୋରେସନ ଯେଉଁଠାରେ ଯେପରି ପ୍ରଜୁଯ୍ୟ ତାଙ୍କ ସହ ପରାମର୍ଶ କରିବେ ଏବଂ ପ୍ରଭାବିତ ଅଞ୍ଚଳରେ ୱାର୍ଡ ସ୍ତରରେ ବା ଗ୍ରାମ ସ୍ତରରେ ଲୋକମାନଙ୍କ ସହ ବିଚାର ବିମର୍ଶ କରି ଏକ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବେ, ଏବଂ ସେହି ମର୍ମରେ ସେହି ତାରିଖରେ ସରକାରଙ୍କ ଦ୍ୱାରା ଏକ ଅଧିସୂଚନା ଜାରି କରାଯିବ। ଏଥିସହିତ ଗ୍ରହଣ କରାଯିବାକୁ ଥିବା ଆବଶ୍ୟକ ପ୍ରଶମନ ଉପାୟ ଗୁଡିକର ତାଲିକା ପ୍ରସ୍ତୁତ କରି 'ସାମାଜିକ ପ୍ରଭାବ ପରିଚାଳନା ଯୋଜନା' ପ୍ରସ୍ତୁତ କରିବା ନିମନ୍ତେ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ଚତୁର୍ଥ ଅଧ୍ୟାୟ ର ସେକ୍ସନ- ୨୦୯ ରେ ଉଲ୍ଲେଖ କରାଯାଇଛି ଯେ, ଅଧିଗ୍ରହଣ ହେଉଥିବା ଜମିରେ ଥିବା ଅନ୍ୟାନ୍ୟ ବସ୍ତୁମାନ ଏବଂ ବାସଗୃହ ଆଦିର ମୂଲ୍ୟକୁ ଅଭିଜ୍ଞ ବ୍ୟକ୍ତିମାନଙ୍କ ଦ୍ୱାରା ମୂଲ୍ୟାୟନ କରାଯିବ। ଏଥିରେ ମଧ ବ୍ୟବସ୍ଥା ଅଛି ଯେ, ଏକକାଳୀନ ସାନ୍ତ୍ୱନା ମୂଳକ ରାଶୀ ର ମୂଲ୍ୟ ଏପରି ହେବା ଆବଶ୍ୟକ ଯାହାକି କ୍ଷତିପୁରଣ ରାଶୀର ୧୦୦% ହୋଇଥିବ । ଏ ସବୁ ବ୍ୟବସ୍ଥାମାନ ଗ୍ରହଣ କରିବାର ଉଦ୍ଦେଶ୍ୟ ହେଉଛି, ପ୍ରଭାବିତ ପରିବାରଗୁଡିକ ତାଙ୍କର ଜମି ଅଧିଗ୍ରହଣ ପରେ ଯେପରି ଏକ ଉନ୍ନତତର ସାମାଜିକ ଓ ଆର୍ଥିକ ଜୀବନଯାପନ କରିପାରିବେ ତାହା ସୁନିଶ୍ଚିତ କରିବା।

**ସାରଣୀ- ୨.୧ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର, ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ଥଇଥାନରେ ସ୍ବଚ୍ଛତା ଆଇନ ୨୦୧୩ ର ସାରାଂଶ**

| କ୍ର ନଂ | ଅନୁଚ୍ଛେଦ | ଅନୁଚ୍ଛେଦର ବର୍ଣ୍ଣନା |
|---|---|---|
| ୧ | ଅନୁଚ୍ଛେଦ ୪(୧) ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିଜ୍ଞପ୍ତି | ▪ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ<br>▪ ସମୁଦାୟ ସମୟ ୬ ମାସ |
| ୨ | ଅନୁଚ୍ଛେଦ ୫ | ▪ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ନିମନ୍ତେ ଜନଶୁଣାଣୀ |
| ୩ | ଅନୁଚ୍ଛେଦ ୬(୧) | ▪ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ସହିତ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରକାଶନ |
| ୪ | ଅନୁଚ୍ଛେଦ ୭(୧) ବିଶେଷଜ୍ଞ ଦଳ ଦ୍ୱାରା ମୂଲ୍ୟାୟନ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ବିବରଣୀ | ▪ ବିଶେଷଜ୍ଞ ଦଳ ଦ୍ୱାରା ସାମାଜିକ ପ୍ରଭାବ ଆକଳନ<br>▪ ୨ ଜଣ ବେସରକାରୀ ସାମାଜିକ ବୈଜ୍ଞାନିକ, ୨ ଜଣ ପଞ୍ଚାୟତ/ ଗ୍ରାମସଭା ପ୍ରତିନିଧି, ୨ ଜଣ ଥଇଥାନ ବିଶେଷଜ୍ଞ ଏବଂ ଜଣେ ବିଷୟ କ୍ଷେତ୍ରରେ କୁଶଳି ବିଶେଷଜ୍ଞ<br>▪ ସୁପାରିଶ ଗୁଡିକର ପ୍ରକାଶନ<br>▪ ସମୁଦାୟ ସମୟ ୨ ମାସ |
| ୫ | ଅନୁଚ୍ଛେଦ ୮ | ▪ ଜମି ଅଧିଗ୍ରହଣ ପ୍ରସ୍ତାବର ପରିକ୍ଷଣ ଏବଂ ଉପଯୁକ୍ତ ସରକାରଙ୍କ ଦ୍ୱାରା ସାମାଜିକ ପ୍ରଭାବ ଆକଳନ ବିବରଣୀ |
| ୬ | ଅନୁଚ୍ଛେଦ ୧୧(୧) – ଭୂମି ଅଧିଗ୍ରହଣ ନିମନ୍ତେ ବିଜ୍ଞପ୍ତି ପ୍ରକାଶନ | ▪ ଭୂମି ଅଧିଗ୍ରହଣ ନିମନ୍ତେ ପ୍ରାରମ୍ଭିକ ବିଜ୍ଞପ୍ତି ପ୍ରକାଶନ |
| ୭ | ଅନୁଚ୍ଛେଦ ୧୧(୫) – ଜମିଜମା ସଂକ୍ରାନ୍ତୀୟ ଦଲିଲ ନବୀକରଣ | ▪ ଜମିଜମା ସଂକ୍ରାନ୍ତୀୟ ଦଲିଲ ଗୁଡିକୁ ନବୀକରଣ ସମୟ ଅବଧି ୨ ମାସ |
| ୮ | ଅନୁଚ୍ଛେଦ ୧୪ – ସାମାଜିକ ପ୍ରଭାବ ଆକଳନ ବିଳମ୍ବ ଅବଧି ନିମନ୍ତେ | ▪ ଅନୁଚ୍ଛେଦ ୭ ଅନୁସାରେ ସାମାଜିକ ପ୍ରଭାବ ଆକଳନ ବିବରଣୀ ଦାଖଲ ହେବାର ଅନୁଚ୍ଛେଦ ୧୧(୧) ଅନୁଯାୟୀ |

| କ୍ର ନଂ | ଅନୁଚ୍ଛେଦ | ଅନୁଚ୍ଛେଦର ବର୍ଣ୍ଣନା |
|---|---|---|
| | ପଦକ୍ଷେପ | ଯଦି ୧ ୨ ମାସ ମଧ୍ୟରେ ପ୍ରକାଶିତ ନହେଲା (୪(୧) ବିଜ୍ଞପ୍ତି ପ୍ରକାଶନ ତାରିଖ ଠାରୁ ୧୮ମାସ ମଧ୍ୟରେ ) ତାହାହେଲେ ଏହି ବିବରଣୀ ଆଉ କାର୍ଯ୍ୟ କରିବ ନାହିଁ । ଅନୁଚ୍ଛେଦ ୧ ୧ ଅନୁଯାୟୀ ନୂତନ ଭାବରେ ପୁଣି ସାମାଜିକ ପ୍ରଭାବ ଆକଳନ ବିବରଣୀ ପ୍ରସ୍ତୁତ କରିବାକୁ ପଡିବ ।<br>▪ ଉପଯୁକ୍ତ ସରକାର ଏହି ଅବଧିକୁ ୧ ୨ ମାସ ବୃଦ୍ଧି କରିବା ପାଇଁ କ୍ଷମତାପ୍ରାପ୍ତ ଅଟନ୍ତି । |
| ୯ | ଅନୁଚ୍ଛେଦ ୧ ୫ (୧) – ଅଭିଯୋଗର ଶୁଣାଣୀ | ▪ ଅନୁଚ୍ଛେଦ ୧ ୧(୧) ବିଜ୍ଞପ୍ତି ପ୍ରକାଶନ ତାରିଖ ଠାରୁ ୬୦ ଦିନ ମଧ୍ୟରେ |
| ୧ ୦ | ଅନୁଚ୍ଛେଦ ୧ ୬ (୧) – ପ୍ରଶାସକଙ୍କ ଦ୍ୱାରା (ଓଡିଶା ସରକାରଙ୍କ ଦ୍ୱାରା) ପୁନର୍ବାସ ଓ ଥଇଥାନ ଯୋଜନା ପ୍ରସ୍ତୁତି ବିଜ୍ଞପ୍ତି ଉପ ଜିଲ୍ଲାପାଳ ବା ତଦୁର୍ଦ୍ଧ ପାହ୍ୟାର ଜଣେ ରାଜସ୍ୱ ବିଭାଗ ଅଧିକାରୀ ପୁନର୍ବାସ ଓ ଥଇଥାନର ପ୍ରଶାସକ) | ▪ ଜିଲ୍ଲାପାଳଙ୍କ ଦ୍ୱାରା ଅନୁଚ୍ଛେଦ ୧ ୧(୧) ଅନୁଯାୟୀ ବିଜ୍ଞପ୍ତି ପ୍ରକାଶନ ପରେ, ପ୍ରଶାସକ, ପୁନର୍ବାସ ଓ ଥଇଥାନ ପ୍ରଭାବିତ ପରିବାରର ଜନସଂଖ୍ୟା ସର୍ବେକ୍ଷଣ କରିବେ |
| ୧ ୧ | ଅନୁଚ୍ଛେଦ ୧ ୬ (୫) – ସାମାଜିକ ପ୍ରଭାବ ଆକଳନ ନିମନ୍ତେ ବିଜ୍ଞପ୍ତି ପ୍ରକାଶନ | ▪ ପୁନର୍ବାସ ଓ ଥଇଥାନ ଯୋଜନା ଚିଠା ବିବରଣୀ ଜିଲ୍ଲାପାଳଙ୍କ ନିକଟରେ ଦାଖଲ |
| ୧ ୨ | ଅନୁଚ୍ଛେଦ ୧ ୬ (୬) | ▪ ପୁନର୍ବାସ ଓ ଥଇଥାନ ଯୋଜନା |
| ୧ ୩ | ଅନୁଚ୍ଛେଦ ୧ ୭ (୧) | ▪ ଜିଲ୍ଲାପାଳ ଓ ପୁନର୍ବାସ ଓ ଥଇଥାନ କମିଟି ଦ୍ୱାରା ପୁନର୍ବାସ ଓ ଥଇଥାନ ଯୋଜନାର ସମୀକ୍ଷା |
| ୧ ୪ | ଅନୁଚ୍ଛେଦ ୧ ୮ – ପୁନର୍ବାସ ଓ ଥଇଥାନ ଯୋଜନା କମିଶନରଙ୍କ ଦ୍ୱାରା ଅନୁମୋଦନ | ▪ ସଚିବ କିମ୍ବା କମିଶନର ପାହ୍ୟାର ଓଡିଶା ସରକାରଙ୍କ ଜଣେ ସରକାରୀ ଅଧିକାରୀ |
| ୧ ୫ | ଅନୁଚ୍ଛେଦ ୧ ୯ (୧) – ପୁନର୍ବାସ ଓ ଥଇଥାନ ଯୋଜନାର ଘୋଷଣା ଓ ସାରାଂଶ ପ୍ରକାଶନ | ▪ କୋର୍ଟର ଆଦେଶ କିମ୍ବା ରହିତାଦେଶ ବ୍ୟତିରେକ ଅନ୍ୟ ସମସ୍ତ କ୍ଷେତ୍ରରେ  ଅନୁଚ୍ଛେଦ ୧ ୧(୧) ଅନୁଯାୟୀ ବିଜ୍ଞପ୍ତି ପ୍ରକାଶନ ତାରିଖ ଠାରୁ ୧ ୨ ମାସ ମଧ୍ୟରେ |
| ୧ ୬ | ଅନୁଚ୍ଛେଦ ୧ ୯ (୭) - ଅନୁଚ୍ଛେଦ ୧ ୧(୧) ଅନୁଯାୟୀ ପ୍ରକାଶିତ ବିଜ୍ଞପ୍ତି | ▪ କୋର୍ଟର ଆଦେଶ କିମ୍ବା ରହିତାଦେଶ ବ୍ୟତିରେକ ଅନ୍ୟ ସମସ୍ତ କ୍ଷେତ୍ରରେ  ଅନୁଚ୍ଛେଦ ୧ ୧(୧) ଅନୁଯାୟୀ ବିଜ୍ଞପ୍ତି ପ୍ରକାଶନର ୧ ୨ ମାସ ମଧ୍ୟରେ ଯଦି କୌଣସି ଘୋଷଣା କରା ନଗଲା |
| ୧ ୭ | ଅନୁଚ୍ଛେଦ ୨ ୧(୧) | ▪ ଦଖଲ ନେବାକୁ ଇଚ୍ଛୁକ ବ୍ୟକ୍ତିଙ୍କୁ ସୁଚନା ପ୍ରଦାନ |

| କ୍ର ନଂ | ଅନୁଚ୍ଛେଦ | ଅନୁଚ୍ଛେଦର ବର୍ଣ୍ଣନା |
|---|---|---|
| ୧୮ | ଅନୁଚ୍ଛେଦ ୨୩ | ▪ ଜିଲ୍ଲାପାଳଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ପୁରସ୍କାର ପ୍ରଦାନ |
| ୧୯ | ଅନୁଚ୍ଛେଦ ୨୫ – ଅଧିଗ୍ରହଣ ନିମନ୍ତେ ସମସ୍ତ କାର୍ଯ୍ୟ ସମାପ୍ତ | ▪ ଅନୁଚ୍ଛେଦ ୧୯ ଅନୁଯାୟୀ ତାରିଖ ଘୋଷଣାର ୧୨ ମାସ ମଧ୍ୟରେ ପୁରସ୍କାର ପ୍ରଦାନ ହେବା ଆବଶ୍ୟକ । ଓଡିଶା ସରକାରଙ୍କ ହାତରେ କ୍ଷମତା ଅଛି ସେ ଆବଶ୍ୟକତା ଦେଖାଇ ସମୟକୁ ଅଧିକ ବଢାଇ ପାରନ୍ତି । |
| ୨୦ | ଅନୁଚ୍ଛେଦ ୨୬ | ▪ ଜିଲ୍ଲାପାଳଙ୍କ ଦ୍ୱାରା ଜମିର ବଜାର ମୂଲ୍ୟ ନିରୁପଣ |
| ୨୧ | ଅନୁଚ୍ଛେଦ ୨୭ | ▪ ଜିଲ୍ଲାପାଳଙ୍କ ଦ୍ୱାରା କ୍ଷତିପୂରଣ କାମ ସ୍ଥିର କରାଯିବ |
| ୨୨ | ଅନୁଚ୍ଛେଦ ୨୯ | ▪ ଜମି କିମ୍ବା ଘର ସହିତ ସଂଲଗ୍ନ ଜିନିଷ ପତ୍ରର ମୂଲ୍ୟ ନିରୁପଣ |
| ୨୩ | ଅନୁଚ୍ଛେଦ ୩୧(୧) | ▪ ଜିଲ୍ଲାପାଳଙ୍କ ଦ୍ୱାରା ପୁନର୍ବାସ ଓ ଥଇଥାନ ପୁରସ୍କାର ପ୍ରଦାନ<br>▪ ଶତ ପ୍ରତିଶତ କ୍ଷତିପୂରଣ ଏବଂ ପୁନର୍ବାସ ଓ ଥଇଥାନ ଦାବି ପ୍ରଦାନ ପରେ ଜିଲ୍ଲାପାଳ ଜମି ଦଖଲକୁ ନେବେ, କିମ୍ବା<br>▪ କ୍ଷତିପୂରଣ ପ୍ରଦାନ ଲାଗି ୩ ମାସ ଏବଂ ପୁନର୍ବାସ ଓ ଥଇଥାନ ଦାବି ପ୍ରଦାନ ଲାଗି ୬ ମାସ |
| ୨୪ | ଅନୁଚ୍ଛେଦ ୩୮(୧) | ▪ ଜିଲ୍ଲାପାଳଙ୍କ ଦ୍ୱାରା ଅଧିଗ୍ରହଣ କରାଯାଉଥିବା ଜମି ଦଖଲକୁ ନେବା ପାଇଁ କ୍ଷମତା ପ୍ରଦାନ |
| ୨୫ | ଅନୁଚ୍ଛେଦ ୩୮(୨) | ▪ ପ୍ରକଳ୍ପ ପ୍ରଭାବିତ ପରିବାରଗୁଡିକୁ ବିସ୍ଥାପନ କରିବା ପୂର୍ବରୁ ସବୁଦୃଷ୍ଟିରୁ ପୁନର୍ବାସ ଓ ଥଇଥାନ ପ୍ରକ୍ରିୟାକୁ ସମାପ୍ତ କରାଯିବ |
| ୨୬ | ଅନୁଚ୍ଛେଦ ୪୩(୩) | ▪ ଓଡିଶା ସରକାର ଓ କମିଶନର, ପୁନର୍ବାସ ଓ ଥଇଥାନ ଙ୍କ ନିର୍ଦ୍ଦେଶ ତଥା ନିୟନ୍ତ୍ରଣରେ ପୁନର୍ବାସ ଓ ଥଇଥାନ ଯୋଜନାର ପ୍ରସ୍ତୁତି ,କାର୍ଯ୍ୟ ସମ୍ପାଦନ ଏବଂ ତଦାରଖ ଦାୟୀତ୍ୱପ୍ରଶାସକଙ୍କ ଉପରେ ନିହିତରହିବ |
| ୨୭ | ଅନୁଚ୍ଛେଦ ୪୪(୧) | ▪ କମିଶନର, ପୁନର୍ବାସ ଓ ଥଇଥାନ ଙ୍କ ନିଯୁକ୍ତି |
| ୨୮ | ଅନୁଚ୍ଛେଦ ୪୪(୨) | ▪ ପୁନର୍ବାସ ଓ ଥଇଥାନ କାର୍ଯ୍ୟ ଯୋଜନା ପ୍ରସ୍ତୁତିକୁ ପର୍ଯ୍ୟବେକ୍ଷଣ ତଥା ସଠିକ ଭାବରେ ଏହି ଯୋଜନା କାର୍ଯ୍ୟ ସମ୍ପାଦନ ନିମନ୍ତେ କମିଶନର, ପୁନର୍ବାସ ଓ ଥଇଥାନ ଦାୟୀରହିବେ |
| ୨୯ | ଅନୁଚ୍ଛେଦ ୪୪(୩) | ▪ କାର୍ଯ୍ୟ ସମ୍ପାଦନ ପରବର୍ତ୍ତି ପର୍ଯ୍ୟାୟରେ ଗ୍ରାମାଞ୍ଚଳରେ ଗ୍ରାମସଭା ସହ ବିଚାର ବିମର୍ଷରେ ସାମାଜିକ ଅଡିଟ୍ ସମ୍ପାଦନ ଦାୟୀତ୍ୱ କମିଶନରଙ୍କ ଉପରେ ନ୍ୟସ୍ତରହିବ । |
| ୩୦ | ଅନୁଚ୍ଛେଦ ୪୫(୧) ପୁନର୍ବାସ ଓ ଥଇଥାନ କମିଟି ଗଠନ ଶୈଳୀ ବା ସଂରଚନା (ସମାନ ୧୦୦ ଏକର କିମ୍ବା ତଦୁର୍ଦ୍ଧ ଜମି ଅଧିଗ୍ରହଣ | ▪ ସଭାପତି (ଜିଲ୍ଲାପାଳ)<br>▪ ପ୍ରଭାବିତ ଅଞ୍ଚଳରେ ବାସ କରୁଥିବା ମହିଳା ପ୍ରତିନିଧି<br>▪ ପ୍ରଭାବିତ ଅଞ୍ଚଳରେ ବାସ କରୁଥିବା ଅନୁସୂଚିତ ଜାତି ଜନଜାତି ଙ୍କ ପ୍ରତିନିଧି |

| କ୍ର ନଂ | ଅନୁଚ୍ଛେଦ | ଅନୁଚ୍ଛେଦର ବର୍ଣ୍ଣନା |
|---|---|---|
| | କ୍ଷେତ୍ରରେ) | ▪ ପ୍ରଭାବିତ ଅଞ୍ଚଳରେ କାମ କରୁଥିବା ବେସରକାରୀ ଅନୁଷ୍ଠାନର ପ୍ରତିନିଧି<br>▪ ଜାତୀୟକରଣ ବ୍ୟାଙ୍କର ପ୍ରତିନିଧି<br>▪ ପ୍ରକଳ୍ପର ଜମି ଅଧିଗ୍ରହଣ ଅଧିକାରୀ<br>▪ ପ୍ରଭାବିତ ଅଞ୍ଚଳରେ ଅବସ୍ଥିତ ଥିବା ପଞ୍ଚାୟତ କିମ୍ବା ନଗରପାଳିକାର ଅଧ୍ୟକ୍ଷ କିମ୍ବା ତାଙ୍କ ପ୍ରତିନିଧି<br>▪ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ କିମ୍ବା ତାଙ୍କ ପ୍ରତିନିଧି<br>▪ ସମ୍ବନ୍ଧିତ କ୍ଷେତ୍ରରେ ବିଧାନସଭା ଏବଂ ଲୋକସଭା ସଦସ୍ୟ କିମ୍ବା ତାଙ୍କ ପ୍ରତିନିଧି<br>▪ ଜମି ଆବଶ୍ୟକ କରୁଥିବା ସଂସ୍ଥାର ପ୍ରତିନିଧି<br>▪ ପ୍ରଶାସକ, ପୁନର୍ବାସ ଓ ଥଇଥାନ ଆବାହକ ସଭ୍ୟ |

### ୨.୧୧.୩ ଓଡିଶା ସରକାରଙ୍କ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ନିୟମ (ଓ ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆଣ୍ଡ୍ ଆର୍) ୨୦୧୬

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମିଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ନିୟମ (ଆର୍ ଏଫ ସି ଟି ଏଲ୍ ଏ ଆର୍ ଆଣ୍ଡ୍ ଆର୍) ଅଧିନିୟମର ଧାରା ୧୦୯ର ଉପଧାରା (୧) ରେ ପ୍ରଦାନ କରାଯାଇଥିବା ଅଧିକାର ଅନୁଯାୟୀ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମିଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ନିୟମ ୨୦୧୬ ଆଇନ ପ୍ରସ୍ତୁତ କରାଯାଇ ଓଡିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ର ବିଜ୍ଞପ୍ତି ୧୯ ଅକ୍ଟୋବର ୨୦୧୬ ତାରିଖରେ ଓଡିଶା ଗେଜେଟ ସଂଖ୍ୟା ୧୪୮୦ ପ୍ରକାଶିତ ହୋଇଥିଲା । ଉପରୋକ୍ତ ୨୦୧୬ ନିୟମ ଅନୁସାରେ, ଜମି ଆବଶ୍ୟକ କରୁଥିବା ସଂସ୍ଥା ଦ୍ୱାରା ଜମି ଅଧିଗ୍ରହଣ ପ୍ରକ୍ରିୟାର ସମ୍ପୂର୍ଣ୍ଣ ବିବରଣୀ, ଜିଲ୍ଲାପାଳଙ୍କ ଦ୍ୱାରା ଜମି ଦରଖାସ୍ତ ଯାଞ୍ଚ ଓ ସଂପୃକ୍ତ ତହସିଲଦାରଙ୍କ ଦ୍ୱାରା ଜମିର ରେକର୍ଡ ପତ୍ରକୁ ଅଧୁନାତନ କରିବା ପ୍ରକ୍ରିୟା ଆଦି ଜମିଜମା ସମ୍ବନ୍ଧୀୟ କାଗଜପତ୍ର ଜିଲ୍ଲାପାଳଙ୍କ ଠାରୁ ପାଇବାର ତିନିମାସ ମଧ୍ୟରେ ଶେଷ କରାଯିବାର ବ୍ୟବସ୍ଥା ଅଛି। ଏହି ନିୟମ ୮ ଫେବୃଆରୀ, ୨୦୧୬ ମସିହା ଠାରୁ ସମଗ୍ର ଓଡିଶା ରାଜ୍ୟରେ ପ୍ରଚାଳନ କରାଗଲା । ଏହି ନିୟମରେ ଆର୍ ଏଫ ସି ଟି ଏଲ୍ ଏ ଆର୍ ଆଣ୍ଡ୍ ଆର୍ ଅଧିନୟମ ୨୦୧୩ ର ନିୟମାବଳୀ ଅନୁଯାୟୀ ଜମି ଅଧିଗ୍ରହଣ ପ୍ରକ୍ରିୟା ବିଷୟରେ ବିସ୍ତୃତ ଭାବରେ ଉଲ୍ଲେଖ କରାଯାଇଛି, ସାମାଜିକ ପ୍ରଭାବ ଆକଳନ ପ୍ରକ୍ରିୟା, ଜନ ଶୁଣାଣି, ସମ୍ମତି ହାସଲ, ଜମି ଅଧିଗ୍ରହଣ, ପୁନର୍ବାସ, ଥଇଥାନ ନିଷ୍ପତ୍ତି ଗ୍ରହଣ, ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଜଡିତ ପ୍ରତ୍ୟେକ ଅଧିକାରୀ ଏବଂ ଏଜେନ୍ସି ଏବଂ ଏହି ନିୟମରେ ନିର୍ଦ୍ଦିଷ୍ଟ କରାଯାଇଥିବା ଅନ୍ୟାନ୍ୟ ହିତାଧିକାରୀମାନଙ୍କର ଭୂମିକା ଏବଂ ଦାୟୀତ୍ୱଏହି ନିୟମରେ ନିର୍ଦ୍ଦିଷ୍ଟ କରାଯାଇଛି |

ଆଲୋଚିତ ନିୟମ ୨୦୧୬ରେ ଉଲ୍ଲେଖ କରାଯାଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସମ୍ବନ୍ଧୀୟ ବିସ୍ତୃତ ବର୍ଣ୍ଣନା ଅନୁଯାୟୀ ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁରୁମପଡା ଗ୍ରାମରେ ରାଜୁଆ ଡାଇଭର୍ସନ ୱେୟାର ପାଇଁ ଗ୍ରାମରେ ବେସରକାରୀ ଜମି ଅଧିଗ୍ରହଣ ପ୍ରକ୍ରିୟାର ଗୁରୁତ୍ୱପୂର୍ଣ୍ଣ ଉପାଦାନ ମାନ ନିମ୍ନମତେ ଅଟେ ।

ରାଜ୍ୟ ସରକାର  ରାଜ୍ୟ ଏସ୍ ଆଇ ଏ ୟୁନିଟ୍ ଭାବରେ 'ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର' ନାମକ ଏକ ସ୍ୱାଧିନ ସଂସ୍ଥା ପ୍ରତିଷ୍ଠା କରିଛନ୍ତି ଯେକି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଅଧିନୀୟମର ପ୍ରାବଧାନ ଅନୁସାରେ ଠିକ ଭାବରେ କରାଯାଇଛି ବୋଲି ସୁନିଶ୍ଚିତ କରିବ। ରାଜ୍ୟ ଏସ୍ ଆଇ ଏ ୟୁନିଟ୍ ଗୋଟିଏ ଏଜେନ୍ସୀ କିମ୍ବା କୌଣସି ବ୍ୟକ୍ତିଙ୍କୁ ଅଧ୍ୟୟନ କରିବାକୁ ନିୟୋଜିତ କରିବ । ଏହି କ୍ଷେତ୍ରରେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ***ସୋସାଇଟ ଫର ଟ୍ରେନିଂ ଆକ୍ସନ, ରିସର୍ଚ୍ଚ ଆଣ୍ଡ ରିହାବିଲିଟେସନ (ଷ୍ଟାର), ଭୁବନେଶ୍ବର*** କୁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବାକୁ ଏବଂ ଗ୍ରାମସଭା ସହ ବିଚାରବିମର୍ଷ କରି ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ  ଦାୟୀତ୍ୱ ପ୍ରଦାନ କରିଛନ୍ତି ।

**ଅଧିନିୟମର ଧାରା *୬*** ଅନୁଯାୟୀ, ଓଡିଶା ସରକାର ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର (ଏନ୍ ସି ଡି ଏସ୍) କୁ ଏକ ସ୍ୱାଧିନ ଅନୁଷ୍ଠାନ ରାଜ୍ୟ ଏସ୍ ଆଇ ଏ ୟୁନିଟ ହିସାବରେ ଓଡିଶାରେ ସାମାଜିକ ଆକଳନ ଅଧ୍ୟୟନ କରିବା ନିମନ୍ତେ ମନୋନୋତ କରଛନ୍ତି ଏବଂ ଏସ୍ ଆଇ ଏ ୟୁନିଟକୁ ସହଯୋଗ କରିବା ନିମନ୍ତେ ସମ୍ପାଦକ, ଆର ଏଣ୍ଡ ଆର୍ ରାଜ୍ୟ ସ୍ତରରେ ମୂଖ୍ୟ ଅଧିକାରୀ ହିସାବରେ କାର୍ଯ୍ୟ କରିବେ । ରାଜ୍ୟ ଏସ୍ ଆଇ ଏ ୟୁନିଟ, ସାମାଜିକ ଆକଳନ ଅଧ୍ୟୟନ ନିମନ୍ତେ କ୍ଷମତାସମ୍ପନ୍ନ ଭାଗୀଦାର ଚୟନ, ପ୍ରକଳ୍ପ ନିର୍ଦ୍ଦିଷ୍ଟ ସର୍ତ୍ତ ସମ୍ବନ୍ଧିତ କାଗଜପତ୍ର ପ୍ରସ୍ତୁତି, ସାମାଜିକ ଆକଳନ ଅଧ୍ୟୟନ ଦଳର ତାଲିମ ଏବଂ କ୍ଷମତାରେ ଅଭିବୃଦ୍ଧି ସମ୍ବନ୍ଧିତ କାର୍ଯ୍ୟକ୍ରମ, ସାମାଜିକ ଆକଳନ ଅଧ୍ୟୟନର ଗୁଣବତ୍ତାର ମୂଲ୍ୟାୟନ ଓ ସଶକ୍ତିକରଣ ଇତ୍ୟାଦି କାର୍ଯ୍ୟ ହାତକୁ ନେବ ।

**ଅଧିନିୟମର ଧାରା** ୮ ଅନୁଯାୟୀ, ଓଡିଶା ସରକାର ସାମାଜିକ ଆକଳନ ଅଧ୍ୟୟନର ୩୦ ଦିନ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ କରିବେ । ଏହି ସନ୍ଦର୍ଭରେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ଅଧୀନରେ ବ୍ରଜମୋହନପୁର ସବ ମାଇନର -୨ ପ୍ରକଳ୍ପ ନିର୍ମାଣ ନିମନ୍ତେ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁରୁମପଡା ଗ୍ରାମରେ ବେସରକାରୀ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ବୈଧ ବିଜ୍ଞପ୍ତି ସଂଖ୍ୟା ***ଆର୍ ଡି ଏମ୍ – ଏଲ୍ ଏ ଏ – ଖୋର୍ଦ୍ଧା – ୦୦୦୩ -୨୦୨୬- ୪୭୯୧ ଆର୍ ଏବଂ ଡି ଏମ୍ ତା -୦୨.୦୨.୨୦୨୬*** (ଅନୁସୂଚୀ-୧ ରେ ସଂଲଗ୍ନ)ରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ।

**ଅଧିନିୟମର ଧାରା ୯ରେ** କୁହାଯାଇଛି ସାମାଜିକ ଆକଳନ ଅଧ୍ୟୟନ ପଞ୍ଚାୟତ/ମୁନିସିପାଲିଟି ସହ ବିଚାର ବିମର୍ଷ ପରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପ୍ରସ୍ତୁତ କରାଯିବ ଏବଂ ଅଧ୍ୟୟନର ବିବରଣୀ ନିର୍ଦ୍ଦିଷ୍ଟ ଫର୍ମାଟରେ ସାମାଜିକ ପ୍ରଭାବ ପ୍ରଶମନ ଯୋଜନା ସହ ଦାଖଲ କରାଯିବ । ଏହି ମର୍ମରେ ***ସୋସାଇଟ ଫର ଟ୍ରେନିଂ ଆକ୍ସନ, ରିସର୍ଚ୍ଚ ଆଣ୍ଡ ରିହାବିଲିଟେସନ (ଷ୍ଟାର), ଭୁବନେଶ୍ବର*** ର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ଅଧ୍ୟୟନ ପୂର୍ବରୁ ସର୍ବେକ୍ଷଣ ଗ୍ରାମଗୁଡିକୁ ବୁଲିଛନ୍ତି ଏବଂ ମୂଖ୍ୟ ଲୋକମାନଙ୍କୁ ଭେଟିଛନ୍ତି । ଆହୁରି ମଧ, ସାମାଜିକ ଅଧ୍ୟୟନ ବିବରଣୀ ଫର୍ମ – ଘ ଏବଂ ସାମାଜିକ ପ୍ରଭାବ ପ୍ରଶମନ ଯୋଜନା ଫର୍ମ – ଙ ରେ ପ୍ରସ୍ତୁତ କରାଯାଇଛି ।

**ଅଧିନିୟମର ଧାରା ୧୧ ରେ** ଅଧ୍ୟୟନ ପ୍ରକ୍ରିୟା ସମ୍ବନ୍ଧରେ ପ୍ରତିଫଳିତ କରୁଛି, ଯାହାକୁ କି  ଅଧ୍ୟୟନ କରିବା ସମୟରେ ***ସୋସାଇଟ ଫର ଟ୍ରେନିଂ ଆକ୍ସନ, ରିସର୍ଚ୍ଚ ଆଣ୍ଡ ରିହାବିଲିଟେସନ (ଷ୍ଟାର), ଭୁବନେଶ୍ବର*** ର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ଅନୁସରଣ କରିଥିଲେ ।

**ଅଧିନିୟମର ଧାରା ୧୨** ଅନୁଯାୟୀ, ସାମାଜିକ ପ୍ରଭାବ ପ୍ରଶମନ ଯୋଜନା, ଗଣନା କରାଯାଇଥିବା ଏବଂ ବିସ୍ଥାପିତ ହେଉଥିବା ପ୍ରତ୍ୟେକ ପରିବାରର ପୁନର୍ବାସ ଓ ଥଇଥାନ ପ୍ରାପ୍ୟ ସମ୍ବନ୍ଧିୟ ସୂଚୀ ପ୍ରସ୍ତୁତ କରି ସଂଲଗ୍ନ କରିବେ ।

**ଅଧିନିୟମର ଧାରା ୧୪** ସୂଚିତ କରୁଛି ଯେ, ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ପ୍ରାପ୍ତ ହୋଇଥିବା ତଥ୍ୟ ସମ୍ବନ୍ଧରେ ପ୍ରତିକ୍ରିୟା ଜାଣିବା ନିମନ୍ତେ ପ୍ରଭାବିତ ଅଞ୍ଚଳରେ ଜନଶୁଣାଣିର ଆୟୋଜନ କରାଯିବ ଏବଂ ଚୁଡାନ୍ତ ବିବରଣୀରେ ଯୋଗ କରିବା ନିମନ୍ତେ ସେଠାରେ ଅତିରିକ୍ତ/ଛାଡି ଦିଆଯାଇଥିବା ସୂଚନାଗୁଡିକ ମଧ୍ୟ ସଂଗ୍ରହ କରାଯିବ । ନିୟମ ଅନୁଯାୟୀ ଚିଠା ବିବରଣୀ ଦାଖଲ କରିବା ପରେ ଜନଶୁଣାଣିର ଆୟୋଜନ କରାଯିବ ।

**ଆର୍ ଟି ଏଫ୍ ସି ଟି ଏଲ୍ ଏ ଆର୍ ଆର୍ ଅଧିନିୟମର ମୂଖ୍ୟ ବିଶେଷତା**

**୧. ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଭୂମି ଅଧିଗ୍ରହଣ:** ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଭୂମି ଅଧିଗ୍ରହଣ କରାଯାଇପାରେ ଅର୍ଥାତ ; ପ୍ରତିରକ୍ଷା ଓ ଜାତୀୟ ସୁରକ୍ଷା, ରେଳବାଇ, ସରକାର ଏବଂ ଘରୋଇ ଉଦ୍ୟମରେ ପ୍ରତିଷ୍ଠିତ ବନ୍ଦର; ଗ୍ରାମ କିମ୍ବା ସହରାଞ୍ଚଳରେ ଗରିବ କିମ୍ବା ଭୂମିହୀନମାନଙ୍କ ଉଦ୍ଦେଶ୍ୟରେ ଯୋଜନାବଦ୍ଧ ଭାବରେ ବାସଗୃହ ନିର୍ମାଣ କିମ୍ବା ଉନ୍ନୟନ, ସରକାରଙ୍କ ଦ୍ୱାରା ପରିଚାଳିତ କୌଣସି ଯୋଜନା କିମ୍ବା ସଂସ୍ଥା ଇତ୍ୟାଦି । କେତେକ ଘଟଣାରେ ଯଥା ବେସରକାରୀ ପ୍ରକଳ୍ପ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରାଯାଉଥିଲେ ସମସ୍ତ ପ୍ରଭାବିତ ଲୋକ ମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଲୋକ ପ୍ରକଳ୍ପ ନିମନ୍ତେ ତାଙ୍କ ଜମି ପ୍ରଦାନ କରିବାକୁ ସମ୍ମତି ପ୍ରଦାନ କରିବା ଆବଶ୍ୟକ ।

**୨.ଭୂମି ଅଧିଗ୍ରହଣ ପ୍ରକ୍ରିୟା :**ଅଧିନିୟମ ଅନୁଯାୟୀ ଗ୍ରାମାଞ୍ଚଳରେ ଗ୍ରାମସଭା କିମ୍ବା ସହରାଞ୍ଚଳରେ ସମକକ୍ଷ କୌଣସି ସଂସ୍ଥା ସହ ବିଚାରବିମର୍ଶ ମାଧ୍ୟମରେ ସରକାର ଗୋଟିଏ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବେ । ଭୂମି ଅଧିଗ୍ରହଣ ନିମନ୍ତେ ସାମାଜିକ ଆକଳନ ଅଧ୍ୟୟନର ୧୨ ମାସ ପୂର୍ବରୁ ଭୂମି ଅଧିଗ୍ରହଣ ସମ୍ବନ୍ଧରେ ସୂଚନା ପ୍ରଦାନକରି ଗୋଟିଏ ପ୍ରାରମ୍ଭିକ ବିଜ୍ଞପ୍ତି ଜାରି କରିବାକୁ ପଡିବ । ଏହାପରେ. ସରକାର ଅଧିଗ୍ରହଣ କରାଯାଉଥିବା ଜମିର ପରିମାଣ ନିର୍ଦ୍ଧାରଣ କରିବା ନିମନ୍ତେ ଗୋଟିଏ ସର୍ବେକ୍ଷଣର ଆୟୋଜନ କରିବେ । ଯଦି ସରକାର ସନ୍ତୁଷ୍ଟ ହେଲେ ଯେ, ସାର୍ବଜନୀନ ଉଦ୍ଦେଶ୍ୟରେ ଗୋଟିଏ ବିଶେଷ ଜମିର ଅଧିଗ୍ରହଣ କରାଯିବାର ଆବଶ୍ୟକତା ଅଛି, ତେବେ ଭୂମି ହାସଲ କରିବା ନିମନ୍ତେ ଘୋଷଣା କରିବେ । ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁରୁମପଡା ଗ୍ରାମରେ ରାଜୁଆ ଡାଇଭର୍ସନ ୱେୟାର ନିର୍ମାଣ ନିମନ୍ତେ ବେସରକାରୀ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ବୈଧ ବିଜ୍ଞପ୍ତି ସଂଖ୍ୟା- ***ଆର୍ ଡି ଏମ୍ – ଏଲ୍ ଏ ଏ – ଖୋର୍ଦ୍ଧା – ୦୦୦୩ -୨୦୨୬- ୪୭୯୧ ଆର୍ ଏବଂ ଡି ଏମ୍ ତା -୦୨.୦୨.୨୦୨୬*** (ଅନୁସୂଚୀ – ୧ ରେ ସଂଲଗ୍ନ) ରେ ପ୍ରକାଶ କରିଥିଲେ ।

**୩. କ୍ଷତିପୂରଣ:** ଭୂମି ଅଧିଗ୍ରହଣ ନିମନ୍ତେ କ୍ଷତିପୂରଣ ଜିଲ୍ଲାପାଳଙ୍କ ଦ୍ୱାରା ନିର୍ଦ୍ଧାରିତ କରାଯାଏ ଏବଂ ଅଧିଗ୍ରହଣର ଘୋଷଣା ପ୍ରକାଶନ ତାରିଖର ଦୁଇ ବର୍ଷ ମଧ୍ୟରେ ତାଙ୍କ ଦ୍ୱାରା ଜମି ମାଲିକଙ୍କୁ ପ୍ରଦାନ କରାଯାଏ । କ୍ଷତିପୂରଣ ନିର୍ଦ୍ଧାରଣ ପ୍ରକ୍ରିୟା ଅଧିଗ୍ରହଣ କରଯାଉଥିବା ଜମିର ବଜାରମୂଲ୍ୟ ଆଧାରରେ କରାଯାଏ ଯଥା, (୧) ଯେଉଁଠାରେ ଜମି ଅବସ୍ଥିତ ସେଠାରେ ବିକ୍ରି କବଲା କିମ୍ବା ବିକ୍ରୀ ଉଦ୍ଦେଶ୍ୟରେ କରାଯାଇଥିବା ବୁଝାମଣା ପତ୍ର ଆଦି ଯେ, କୌଣସି ଉଦ୍ଦେଶ୍ୟରେ

ପଞ୍ଜିକରଣ ନିମନ୍ତେ ୧୮୯୯ (୧୮୯୯ର ୨) ମୁତାବକ ଷ୍ଟାମ୍ପ ଆକ୍ଟରେ ଯଦି କୌଣସି ମୂଲ୍ୟ ଲିପିବଦ୍ଧ କରାଯାଇଥିବ; କିମ୍ବା (୨) ନିକଟବର୍ତ୍ତୀ ଗ୍ରାମ କିମ୍ବା ନିକଟବର୍ତ୍ତୀ ଅଞ୍ଚଳରେ ଥିବା ସମାନ ପ୍ରକାର ଜମିର ହାରାହାରି ବିକ୍ରୟ ମୂଲ୍ୟ ; କିମ୍ବା (୩) ଘରୋଇ କମ୍ପାନୀର ଭୂମି ଅଧିଗ୍ରହଣ ମାମଲାରେ କିମ୍ବା ସାର୍ବଜନୀନ ଓ ସରକାରଙ୍କ ଅଂଶିଦାର ପ୍ରକଳ୍ପର ଭୂମି ଅଧିଗ୍ରହଣ ଉଦ୍ଦେଶ୍ୟରେ ଭାଗ ୨ର ଅନୁଭାଗ ୨ ଅନୁଯାୟୀ ଯେଉଁ କ୍ଷେତ୍ରରେ ଅଧିକ ମୂଲ୍ୟ ନିର୍ଦ୍ଧାରିତ ହୋଇଥିବ ସେହି ଅନୁସାରେ ସ୍ୱିକୃତ ପରିମାଣର କ୍ଷତିପୂରଣ ପ୍ରଦାନ କରାଯିବ । ଧାରା ୧୧ ଅନ୍ତର୍ଗତ ବିଜ୍ଞପ୍ତି ଅନୁଯାୟୀ ବିଜ୍ଞାପନ ଜାରି କରାଯାଇଥିବା ତାରିଖକୁ ଜମିର ବଜାର ମୂଲ୍ୟର ତାରିଖ ବୋଲି ଧରାଯିବ ।

ଧାରା (୨) ଅନୁଯାୟୀ ହାରାହାରି ବିକ୍ରୟ ମୂଲ୍ୟ କହିଲେ, ଯେଉଁଠାରେ ଜମି ଅଧିଗ୍ରହଣ କରାଯାଉଛି ସେହି ଗ୍ରାମରେ କିମ୍ବା ଆଖପାଖରେ ଥିବା କୌଣସି ଗ୍ରାମରେ ସେହି ସମାନ ପ୍ରକାରର ଜମିର ବିକ୍ରୟ କବଲାରେ କିମ୍ବା ବିକ୍ରୟ ନିମନ୍ତେ କରାଯାଇଥିବା କୌଣସି ବୁଝାମଣା ପତ୍ରରେ ଉଲ୍ଲେଖ କରା ଯାଇଥିବା ମୂଲ୍ୟ ଅନୁଯାୟୀ ହାରାହାରି ବିକ୍ରୟ ମୂଲ୍ୟ ସ୍ଥିର କରାଯିବ ।

## ଜମି ମାଲିକମାନଙ୍କ ନିମନ୍ତେ କ୍ଷତିପୂରଣ

ପ୍ରଥମ କାର୍ଯ୍ୟସୂଚୀ ଅନୁଯାୟୀ [ବିଭାଗ ୩୦ (୨) ଦ୍ରଷ୍ଟବ୍ୟ] ନିମ୍ନଲିଖିତ ଉପାଦାନଗୁଡ଼ିକ ସର୍ବନିମ୍ନ କ୍ଷତିପୂରଣ ପ୍ୟାକେଜ୍ ଗଠନ କରିବେ ଯେଉଁମାନଙ୍କର ଜମି ଅଧିଗ୍ରହଣ ହେବ ଏବଂ ବୈଧ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଅନୁପାତରେ ଧାରା ୩ ର ଧାରା (ଗ) ରେ ଦର୍ଶାଯାଇଥିବା ପରି ଜମିମାଲିକମାନଙ୍କୁ ଦିଆଯିବ ।

**ସାରଣୀ – ୨.୨ ଜମି ମାଲିକମାନଙ୍କ ନିମନ୍ତେ କ୍ଷତିପୂରଣ**

| କ୍ର. ସଂ | ଅଧିଗ୍ରହଣ ହୋଇଥିବା ଜମି ଉପରେ ଅଧିନିୟମ ଅନୁଯାୟୀ କ୍ଷତିପୂରଣ ପ୍ୟାକେଜ୍ ର ଉପାଦାନ | ମୂଲ୍ୟ ନିର୍ଣ୍ଣୟ କରିବାର ଶୈଳୀ |
|---|---|---|
| ୧. | ଜମିର ବଜାର ମୂଲ୍ୟ | ଧାରା ୨୯ ଅନୁଯାୟୀ ପ୍ରଦାନ କରାଯାଇଥିବା ପରି ନିର୍ଣ୍ଣୟ କରାଯିବା \| |
| ୨. | ଗ୍ରାମାଞ୍ଚଳଗୁଡିକରେ ବଜାର ମୂଲ୍ୟକୁ ବହୁଗୁଣିତ କରାଯିବା କାରକ | ସହରାଞ୍ଚଳରୁ ପ୍ରକଳ୍ପର ଦୂରତା ଉପରେ ଆଧାର କରି (୧.୦୦ ରୁ ୨.୦୦ ) ଯେପରି ସରକାର ସୁଚିତ କରିପାରନ୍ତି। |
| ୩. | ସହରାଞ୍ଚଳଗୁଡିକରେ ବଜାର ମୂଲ୍ୟକୁ ବହୁଗୁଣିତ କରାଯିବା କାରକ | ୧ (ଏକ) |
| ୪. | ଜମି କିମ୍ବା ଘର ସହିତ ସଂଲଗ୍ନ ସମ୍ପତ୍ତିର ମୂଲ୍ୟ | ଧାରା ୨୯ ଅନୁଯାୟୀ ପ୍ରଦାନ କରାଯାଇଥିବା ପରି ନିର୍ଣ୍ଣୟ କରାଯିବା \| |
| ୫. | ଅନୁକମ୍ପା ରାଶି | ଶତ ପ୍ରତିଶତ । କ୍ରମିକ ସଂଖ୍ୟା ୧ ଅନୁଯାୟୀ ଆକଳନ କରାଯାଇଥିବା ଜମିର ବଜାର ମୂଲ୍ୟ ସହିତ ଗ୍ରାମାଞ୍ଚଳ ପାଇଁ କ୍ରମିକ ସଂଖ୍ୟା ୨ କିମ୍ବା ସହରାଞ୍ଚଳ ପାଇଁ କ୍ରମିକ ସଂଖ୍ୟା ୩ ରେ ଉଲ୍ଲେଖ କରାଯାଇଥିବା ନିର୍ଦ୍ଦିଷ୍ଟ କାରକ ଦ୍ୱାରା ଗୁଣନ କରାଯିବା ପରେ କ୍ରମିକ ସଂଖ୍ୟା ୪ ରେ ଉଲ୍ଲେଖ କରଯାଇଥିବା ଅନୁଯାୟୀ ଜମି ସହିତ ସଂଲଗ୍ନ ସମ୍ପତ୍ତିର ମୂଲ୍ୟ ଏଥି ସହ ମିଶାଯିବ । ଏ ସମସ୍ତ ମୂଲ୍ୟ ର ଶତ ପ୍ରତିଶତ ଅନୁକମ୍ପା ରାଶି ଆକାରରେ |

| | | |
|---|---|---|
| | | ପ୍ରଦାନ କରାଯିବ । |
| ୬. | ଗ୍ରାମାଞ୍ଚଳ ନିମନ୍ତେ ପ୍ରଦାନ କରାଯାଉଥିବା ସମୁଦାୟ ରାଶି | କ୍ରମିକ ସଂଖ୍ୟା ୧ ରେ ଆକଳନ ମତେ ଉଲ୍ଲେଖ କରାଯାଇଥିବା ଜମିର ବଜାର ମୂଲ୍ୟ ଗ୍ରାମାଞ୍ଚଳ ପାଇଁ କ୍ରମିକ ସଂଖ୍ୟା ୨ କିମ୍ବା ସହରାଞ୍ଚଳ ପାଇଁ କ୍ରମିକ ସଂଖ୍ୟା ୩ ସହିତ ନିର୍ଦ୍ଦିଷ୍ଟ କାରକ ଦ୍ୱାରା ଗୁଣିତ ହେବାପରେ ଏବଂ ଜମି ସହିତ ସଂଲଗ୍ନ ସମ୍ପତ୍ତି ଯେପରିକି ଜମି ଓ କୋଠାର ମୂଲ୍ୟ ମିଶ୍ରଣ କରିବାପରେ ଅନୁକମ୍ପା ରାଶି ଏହାର ଶତପ୍ରତିଶତ ସହିତ ସମାନ ହେବ । |
| ୭. | ସହରାଞ୍ଚଳ ନିମନ୍ତେ ପ୍ରଦାନ କରାଯାଉଥିବା ସମୁଦାୟ ରାଶି | କ୍ରମିକ ସଂଖ୍ୟା ୧ ରେ ଉଲ୍ଲେଖ କରାଯାଇଥିବା ମତେ ଆକଳନ କରାଯାଇଥିବା ଜମିର ବଜାର ମୂଲ୍ୟ କ୍ରମିକ ସଂଖ୍ୟା ୩ ସହିତ ନିର୍ଦ୍ଦିଷ୍ଟ କାରକ ଦ୍ୱାରା ଗୁଣିତ ହୋଇଛି କିମ୍ବା ସ୍ତମ୍ଭ ୨ ଅନ୍ତର୍ଗତ କ୍ରମିକ ସଂଖ୍ୟା ୪ ରେ ଉଲ୍ଲେଖ କରାଯାଇଥିବା ଜମି ସହିତ ସଂଲଗ୍ନ ସମ୍ପତ୍ତି ଏବଂ ଘରବାଡି ମୂଲ୍ୟ ସମ୍ପତ୍ତିର ମୂଲ୍ୟ ସହିତ ଗୁଣିତ ହୋଇଛି । କ୍ରମିକ ସଂଖ୍ୟା ୫ ରେ ଉଲ୍ଲେଖ କରାଯାଇଥିବା ଅନୁକମ୍ପା ରାଶି ଏଥିରେ ମିଶାଯିବା ପରେ ପ୍ରଦାନ ହେବାକୁ ଥିବା ସମୁଦାୟ ରାଶି ନିର୍ଦ୍ଧାରଣ କରାଯିବ । |
| ୮. | ଅନ୍ୟାନ୍ୟ ଉପାଦାନ ଯଦି କିଛି ଥାଏ ଏଥିସହିତ ସାମିଲ କରାଯିବ | |

### ୨.୧୧.୪. ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ଅଧିନିୟମ ୨୦୦୬ର ସ୍ୱୀକୃତି)

ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ବନ ଅଧିକାରର ସ୍ୱୀକୃତି) ଆଇନ, ୨୦୦୬, ଆମ ଦେଶରେ ଡିସେମ୍ବର ୨୦୦୬ରେ ଗୃହୀତ ଜଙ୍ଗଲ ଆଇନର ଏକ ପ୍ରମୁଖ ଅଂଶ । ଏହି ଆଇନ ୩୧ ଡିସେମ୍ବର ୨୦୦୫ ପର୍ଯ୍ୟନ୍ତ ଆଦିବାସୀଙ୍କ ଦ୍ୱାରା ବ୍ୟବହୃତ ଜମିର ମାଲିକାନା ପ୍ରଦାନ କରେ । କିନ୍ତୁ ଅନ୍ୟ ପାରମ୍ପରିକ ବନବାସୀମାନଙ୍କ କ୍ଷେତ୍ରରେ ଏହା ତିନି ପିଢ଼ି ପାଇଁ ପ୍ରଯୁଜ୍ୟ । ଜମିର ମାଲିକାନା କେବଳ ସେହି ଜଙ୍ଗଲ ଜମିର ଖଣ୍ଡ ପାଇଁ ଯାହା ସେହି ତାରିଖ ପର୍ଯ୍ୟନ୍ତ ସମ୍ପୃକ୍ତ ପରିବାର ଦ୍ୱାରା ପ୍ରକୃତରେ ଚାଷ କିମ୍ବା ବ୍ୟବହୃତ ହେଉଛି । ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁରୁମପଡା ଗ୍ରାମରେ ରାଜୁଆ ଡାଇଭର୍ସନ ୱେୟାର ନିର୍ମାଣ ନିମନ୍ତେ ଅତିରିକ୍ତ ଜମି ଅଧିଗ୍ରହଣ କ୍ଷେତ୍ରରେ ଉକ୍ତ ଗ୍ରାମଗୁଡ଼ିକରେ ଆମର କ୍ଷେତ୍ର ଅଧ୍ୟୟନ ସମୟରେ ଏପରି କୌଣସି ସମସ୍ୟା ଦେଖାଯାଇ ନାହିଁ । କିନ୍ତୁ ଯଦି ପ୍ରକୃତ ଜମି ସୀମା ନିର୍ଦ୍ଧାରଣ ସମୟର ପରବର୍ତ୍ତୀ ପର୍ଯ୍ୟାୟରେ ଏପରି କୌଣସି ମାମଲା ଦେଖାଯାଏ, ତେବେ ନିୟମ ଅନୁଯାୟୀ ଏପରି ପରିବାର ସେମାନଙ୍କର କ୍ଷତିପୂରଣ ପାଇବାକୁ ଯୋଗ୍ୟ ବିବେଚିତ ହେବେ।

# ତୃତୀୟ ଅଧ୍ୟାୟ
# ଦଳ ଗଠନ, କାର୍ଯ୍ୟପ୍ରଣାଳୀ, ପଦ୍ଧତି ଏବଂ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ସମୟ ସାରଣୀ

## ୩.୧. ଅଧ୍ୟୟନ ଦଳର ତାଲିକା ସମେତ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା

ସମ୍ପୂର୍ଣ୍ଣ ଅଧ୍ୟୟନକୁ ପରିଚାଳନା କରିବା ପାଇଁ, ନିର୍ଦ୍ଦେଶକଙ୍କ ଦ୍ୱାରା ନିଯୁକ୍ତ ନିର୍ଦ୍ଦିଷ୍ଟ ଦାୟିତ୍ୱ ସହିତ ଏକ ପାଞ୍ଚ ଜଣିଆ ସମର୍ପିତ ଦଳ ଗଠନ କରାଯାଇଥିଲା । ଅଧ୍ୟୟନ ଦଳ ସଂରଚିତ ସାକ୍ଷାତକାର ସାରଣୀସୂଚୀ ପ୍ରସ୍ତୁତ କରିବା, ହିତାଧିକାରୀଙ୍କ ପରାମର୍ଶ, ଜନଗଣନା ଶୈଳୀ ରେ ପ୍ରଭାବିତ ପରିବାରର ସର୍ଭେ, ଦଳଗତ ଆଲୋଚନା (FGD)ର ସୁବିଧା, ସାମାଜିକ ଏବଂ ସମ୍ବଳ ମାନଚିତ୍ର ପ୍ରସ୍ତୁତ କରିବା, ସମ୍ପୃକ୍ତ ବିଭାଗଗୁଡ଼ିକରୁ ପରୋକ୍ଷ ସୂଚନା ସଂଗ୍ରହ, ପରିବାର ସର୍ବେକ୍ଷଣ ପ୍ରଶ୍ନ ସୂଚୀ ଯାଞ୍ଚ, ସଂଗୃହିତ ତଥ୍ୟର ସାରଣୀ ପ୍ରସ୍ତୁତ ଏବଂ ବିଶ୍ଳେଷଣ ଭଳି କାର୍ଯ୍ୟଗୁଡ଼ିକ ସଂଚାଳନ କରିଥିଲେ । କ୍ଷେତ୍ର ଅଧ୍ୟୟନ ଏବଂ ସାରଣୀ ପ୍ରସ୍ତୁତ ଚୂଡ଼ାନ୍ତ ହେବା ପରେ, କ୍ଷେତ୍ର ପର୍ଯ୍ୟବେକ୍ଷଣ ଏବଂ ଅଧ୍ୟୟନ ଦଳର ସଦସ୍ୟମାନଙ୍କଠାରୁ ପ୍ରାପ୍ତ ସୂଚନାକୁ ବିଚାରକୁ ନେଇ ଦଳ ଦ୍ୱାରା ସାମାଜିକ ପ୍ରଭାବ ଆକଳନ ବିବରଣୀ ଲେଖା କାର୍ଯ୍ୟ କରାଯାଇଥିଲା ।

**ସାରଣୀ : ୩.୧ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳର ପାର୍ଶ୍ବଚିତ୍ର**

| କ୍ର ସଂ | ନାମ | ଶିକ୍ଷାଗତ ଯୋଗ୍ୟତା | ଫୋନ ନମ୍ବର | କାର୍ଯ୍ୟକ୍ଷେତ୍ରରେ ଅଭିଜ୍ଞତା | ଦାୟିତ୍ୱ |
|---|---|---|---|---|---|
| ୧ | ପଦ୍ମ ଚରଣ ଦାଶ | ଏମ .ଏ ଏବଂ ଗ୍ରାମୀଣ ପରିଚାଳନାରେ ଡିପ୍ଲୋମା | ୯୦୪୦୦୮୫୭୮୪ ୯୦୪୦୦୮୫୭୮୪ | ଅନୁଷ୍ଠାନ ପରିଚାଳନା, ବିକାଶ କାର୍ଯ୍ୟ, ଅନୁସନ୍ଧାନ ଏବଂ ଆଦିବାସୀ ଅଧିକାର ଏବଂ ସେମାନଙ୍କର ଅଧିକାର କ୍ଷେତ୍ରରେ ୩୩ ବର୍ଷର ଅଭିଜ୍ଞତା । ବିଶ୍ୱବିଦ୍ୟାଳୟ ସ୍ତରରେ ଗ୍ରାମୀଣ ବିକାଶ ଛାତ୍ରମାନଙ୍କୁ ଶିକ୍ଷାଦାନ । ଅନୁଷ୍ଠାନ ଉନ୍ନୟନ, ଲିଙ୍ଗଭେଦ, ପଞ୍ଚାୟତି ରାଜ ଏବଂ ଜୀବିକା କ୍ଷେତ୍ର ନିମନ୍ତେ ମାନ୍ୟତା ପ୍ରାପ୍ତ ଜାତୀୟ ସ୍ତରର ତାଲିମ ଦାତା | ଦଳମୁଖ୍ୟ |
| ୨ | ମାନସୀ ଦାଶ | ଏମ୍ ଏ ଏବଂ ଏମ ଏସ ଡବ୍ଲ୍ୟୁ (ପି ଜି ଡି ସି ଏ ) | ୯୪୩୯୫୩୯୮୧୯ | ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ, ସାମାଜିକ-ଅର୍ଥନୈତିକ ସର୍ଭେ , ପି ଆର ଏ ଏବଂ ବେସ୍ ଲାଇନ ସର୍ଭେ ଏବଂ ପଞ୍ଚାୟତି ରାଜ ସଂସ୍ଥା ଏବଂ ଆଶା ଏବଂ ଜୀବିକା କ୍ଷେତ୍ର ପାଇଁ ମୁଖ୍ୟ ତାଲିମଦାତା ଭାବରେ ୧୪ ବର୍ଷର ଅଭିଜ୍ଞତା | ଦଳ ପରିଚଳିକା |
| ୩ | ବିଦ୍ୟାଧର ସାହୁ | ସ୍ନାତକ (ପି ଜି ଡି ସି ଏ ) | ୯୭୭୭୬୭୩୬୮୮ | ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ, ସାମାଜିକ-ଅର୍ଥନୈତିକ, ପି ଆର ଏ ଏବଂ ବେସ୍ ଲାଇନ ସର୍ଭେରେ ୯ ବର୍ଷର ଅଭିଜ୍ଞତା | ସର୍ବେକ୍ଷଣକାରୀ |
| ୪ | ଜନ୍ମଞ୍ଜୟ ସାଠୁଆ | ସ୍ନାତକ (ପି ଜି ଡି ସି ଏ ) | ୯୩୨୯୧୬୦୯୧୨ | ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ, ସାମାଜିକ-ଅର୍ଥନୈତିକ, ପି ଆର ଏ ଏବଂ ବେସ୍ ଲାଇନ ସର୍ଭେରେ ୯ ବର୍ଷର ଅଭିଜ୍ଞତା | ସର୍ବେକ୍ଷଣକାରୀ |

| କ୍ର ସଂ | ନାମ | ଶିକ୍ଷାଗତ ଯୋଗ୍ୟତା | ଫୋନ ନମ୍ବର | କାର୍ଯ୍ୟକ୍ଷେତ୍ରରେ ଅଭିଜ୍ଞତା | ଦାୟିତ୍ୱ |
|---|---|---|---|---|---|
| ୫ | ଦୀପକ ରଞ୍ଜନ ମହାକୁଲ | ସ୍ନାତକ ଏବଂ କମ୍ପ୍ୟୁଟର ପ୍ରୟୋଗରେ ଡିପ୍ଲୋମା | ୯୪୩୮୦୪୦୮୧୩ | ଡାଟା ଏଣ୍ଟ୍ରି, ଡାଟା ଟ୍ୟାବୁଲେସନ୍, ଡାଟା କ୍ଲିନିଂ, ଡାଟା ଆନାଲିସିସ୍ ରେ ୨୩ ବର୍ଷର ଅଭିଜ୍ଞତା ଏବଂ SPSS ପ୍ୟାକେଜରେ ବିଶେଷଜ୍ଞ | କମ୍ପ୍ୟୁଟର ଅପରେଟର |

## ୩.୨. ଆକଳନ ର ପରିସର

୧. ସାମାଜିକ ପ୍ରଭାବ ଆକଳନ ବିବରଣୀ ପ୍ରସ୍ତୁତ କରିବାକୁ ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟ ସଂଗ୍ରହ, ଯାଞ୍ଚ, ବିଶ୍ଲେଷଣ, ବିସ୍ତୃତ ଭାବରେ ଅଞ୍ଚଳ ପରିଦର୍ଶନ କାର୍ଯ୍ୟ ଆରମ୍ଭ ତଥା ସାମାଜିକ ମାନଚିତ୍ର, କେନ୍ଦ୍ରୀଭୂତ ଦଳଗତ ଆଲୋଚନା(FGDs), ସହଭାଗୀ ଗ୍ରାମ୍ୟ ଅବଧାରଣା ପଦ୍ଧତି ଏବଂ ପରିବାର ସ୍ତରରେ ପ୍ରସ୍ତୁତ ସାକ୍ଷାତକାର ଅନୁସୂଚୀ ମାଧ୍ୟମରେ ସୂଚନାଦାତାମାନଙ୍କସହ ସାକ୍ଷାତକାର କରାଯାଇଛି ।

୨. ସମସ୍ତ ପ୍ରଭାବିତ ଗ୍ରାମ ପଞ୍ଚାୟତ ଓ ନଗରପାଳିକାର ଅଧିକୃତ ପଦାଧିକାରୀମାନଙ୍କୁ କାର୍ଯ୍ୟରେ ସଂଶ୍ଳିଷ୍ଟକରି ତଥା ସେମାନଙ୍କ ପରାମର୍ଶ ଗ୍ରହଣକରି ସାମାଜିକ ପ୍ରଭାବ ଆକଳନ ବିବରଣୀ ପ୍ରସ୍ତୁତ କରାଯାଇଛି ।

୩. ସମସ୍ତ ପ୍ରାସଙ୍ଗିକ ଜମି ଦସ୍ତାବିଜ୍ ଓ ଅଞ୍ଚଳର ତଥ୍ୟ ସଂଗ୍ରହ କରି ଏହାର ବିସ୍ତୃତ ବିଶ୍ଲେଷଣ ଜରିଆରେ ସମ୍ପୂର୍ଣ୍ଣ ଏକ ଆକଳନ ପ୍ରସ୍ତୁତ କରିବା, ପ୍ରକଳ୍ପ ଅଞ୍ଚଳର ଯାଞ୍ଚ, ସମୀକ୍ଷା ଓ ଏହି ପ୍ରକାରର ଅନ୍ୟାନ୍ୟ ପ୍ରକଳ୍ପ ସହ ତୁଳନା ଆଦି କାର୍ଯ୍ୟ ସାମାଜିକ ପ୍ରଭାବ ଆକଳନ ସଂସ୍ଥା ଦ୍ୱାରା କରାଯାଇଛି । ନିମ୍ନଲିଖିତ କାର୍ଯ୍ୟଗୁଡିକ ଆକଳନର ପରିସରଭୁକ୍ତ ହୋଇଅଛି ।

- ପ୍ରସ୍ତାବିତ ପ୍ରକଳ୍ପରେ ପ୍ରଭାବିତ ଅଞ୍ଚଳ ଚିହ୍ନଟ, ଅଧିଗ୍ରହଣ କରାଯିବାକୁ ଥିବା ଜମି ଏବଂ ପ୍ରକଳ୍ପର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ପରିବେଷୀୟ ତଥା ଅନ୍ୟାନ୍ୟ ପ୍ରଭାବ ।
- ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ କରାଯାଉଥିବା ଜମିର ପରିମାଣ ଓ ଅବସ୍ଥିତି ଏବଂ ଏହା ପ୍ରକଳ୍ପ ପାଇଁ ସର୍ବନିମ୍ନ ନିହାତି ଆବଶ୍ୟକ କି ନୁହେଁ ତଥା ପ୍ରକଳ୍ପଲାଗି ଅନ୍ୟ କୌଣସି ବିକଳ୍ପ ସ୍ଥାନ ଅଛିକି ନାହିଁ ତାର ସାମ୍ଭାବ୍ୟତା ପରିକ୍ଷା କରିବା,
- ଅଧିଗ୍ରହଣ କରାଯାଉଥିବା ଜମି ଅନୁସୂଚିତ ଅଞ୍ଚଳରେ ଅବସ୍ଥିତ କି ନୁହେଁ ଏବଂ ଏହା ସ୍ୱଷ୍ଟ ଭାବରେ ଶେଷ ଉପାୟ କି ନୁହେଁ,
- କିଛି ଜମି ଯଦି ପୂର୍ବରୁ କ୍ରୟ, ହସ୍ତାନ୍ତର, ପଟ୍ଟା କିମ୍ବା ଅଧିଗ୍ରହଣ କରାଯାଇଥାଏ ଏବଂ ପ୍ରକଳ୍ପ ନିମନ୍ତେ ଆବଶ୍ୟକ ଥିବା ପ୍ରତ୍ୟେକ ପ୍ଲଟର ଉପଯୋଗର ଉଦ୍ଦେଶ୍ୟ,
- କୌଣସି ସାର୍ବଜନିକ, ଅବ୍ୟବହୃତ ଜମି ବ୍ୟବହାରର ସୁଯୋଗ କିମ୍ବା ଏପରି କୌଣସି ଜମି କାହା ଦଖଲରେ ଅଛି କି,

- ଜମିର ପ୍ରକାର ବର୍ତ୍ତମାନର ବ୍ୟବହାର, ଜମିର ବର୍ଗୀକରଣ ଏବଂ ଯଦି ଜମି ଚାଷ ଜମି ହୋଇଥାଏ, ତେବେ ଏହାର ଜଳସେଚନ ବ୍ୟାପ୍ତି ଏବଂ ଏହାର ଫସଲ ଧାରଣ ପ୍ରଣାଳୀ,
- ପ୍ରଭାବିତ ପରିବାରର ଖାଦ୍ୟ ନିରାପତ୍ତା ଉପରେ ଜମିର ପ୍ରଭାବ,
- ଜମିଜୋତର ଆକାର, ଜମି ମାଲିକାନାର ଢାଞ୍ଚା, ଜମି ବଣ୍ଟନ, ବାସଗୃହର ସଂଖ୍ୟା ଏବଂ ସାର୍ବଜନୀନ ଏବଂ ବେସରକାରୀ ସୁବିଧା ସୁଯୋଗ ଓ ସମ୍ପତ୍ତି; ଏବଂ
- ଜମିର ମୂଲ୍ୟ ଏବଂ ନିକଟରେ ହୋଇଥିବା ଜମିମାଲିକାନାରେ କୌଣସି ପରିବର୍ତ୍ତନ, ବିଗତ ତିନି ବର୍ଷ ମଧ୍ୟରେ ଜମି ହସ୍ତାନ୍ତର ଏବଂ ଜମିର ବ୍ୟବହାର,

୪. ଜମି ଆକଳନ, ଜମି ଦସ୍ତାବିଜ୍ ଆଧାରରେ ପ୍ରଭାବିତ ଏବଂ ବିସ୍ଥାପିତ ପରିବାରର ସଠିକ ଗଣନା କରିବା ଏବଂ ସମସ୍ତ ପ୍ରଭାବିତ ପରିବାରଗୁଡିକର ଜନଗଣନା ବିଧି ଅନୁଯାୟୀ ଅଞ୍ଚଳ ଅନୁଧ୍ୟାନ ,

୫. ପ୍ରଭାବିତ ଅଞ୍ଚଳର ସାମାଜିକ- ଅର୍ଥନୈତିକ ଏବଂ ସାଂସ୍କୃତିକ ପାର୍ଶ୍ୱଚିତ୍ର ପ୍ରସ୍ତୁତି,

୬. ପ୍ରଭାବିତ ଅଞ୍ଚଳରୁ ସଂଗୃହିତ ତଥ୍ୟ ଏବଂ ହିତାଧିକାରୀମାନଙ୍କ ସହ ବିଚାରବିମର୍ଷ ଆଧାରରେ, ସାମାଜିକ ପ୍ରଭାବ ଆକଳନ ଦଳ/ଅନୁଷ୍ଠାନ ଖର୍ଚ୍ଚ ଲାଭ ବିଶ୍ଳେଷଣ ପଦ୍ଧତି ଅବଲମ୍ବନକରି ପ୍ରକଳ୍ପର ସକାରାତ୍ମକ ଓ ନକରାତ୍ମକ ପ୍ରଭାବର ସ୍ୱରୁପ, ବିସ୍ତାର ଏବଂ ପ୍ରଗାଢତା ଚିହ୍ନଟ ଓ ଆକଳନ କରିବେ ।

୭. ସାମାଜିକ ପ୍ରଭାବ ଆକଳନ ସମୟରେ ଚିହ୍ନଟ କରାଯାଇଥିବା ବିଭିନ୍ନ ନକରାତ୍ମକ ପ୍ରଭାବକୁ ସମ୍ବୋଧିତ କରି ସୁଧାରାତ୍ମକ ବିଭିନ୍ନ ଉପାୟ ସମ୍ମିଳିତ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ପ୍ରସ୍ତୁତ କରିବା ।

୮. ସାମାଜିକ ପ୍ରଭାବ ଆକଳନ (SIA), ପ୍ରକଳ୍ପରେ ହେବାକୁଥିବା ସାମାଜିକ ମୂଲ୍ୟ ବଦଳରେ ମିଳିବାକୁ ଥିବା ଲାଭ ବାବଦରେ ବିଶ୍ଳେଷଣ ଏବଂ ଜମି ହରାଇଥିବାରୁ ଏବଂ ବିସ୍ଥାପିତ ହୋଇଥିବାରୁ ପରିବାରର ଦାରିଦ୍ର୍ୟତାର ବିପଦର ସମ୍ଭାବନା ଏବଂ ବିସ୍ଥାପିତ ଓ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା ପରିବାରର ପୁନର୍ବାସ ଓ ଥଇଥାନ ନିମନ୍ତେ ପ୍ରଶମନ ଯୋଜନା ଆଦି ପ୍ରଦାନ କରିବ ।

୯. ସାମାଜିକ ପ୍ରଭାବ ଆକଳନ (SIA) ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନାର (SIMP) ଚିଠା ବିବରଣୀ ସ୍ଥାନୀୟ ଭାଷା (ଓଡିଆ) ରେ ପ୍ରସ୍ତୁତକରି ସମସ୍ତ ପ୍ରଭାବିତ ଗ୍ରାମ ଓ ଗ୍ରାମ ପଞ୍ଚାୟତ ଅଫିସରେ ଅନ୍ତତଃ ପକ୍ଷେ ଜନଶୁଣାଣୀର ୨ ସପ୍ତାହ ପୂର୍ବରୁ ଦେବାକୁ ପଡିବ ।

୧୦. ସାମାଜିକ ପ୍ରଭାବ ଆକଳନ (SIA)ରୁ ମିଳିଥିବା ନିଷ୍କର୍ଷକୁ ପ୍ରଭାବିତ ଅଞ୍ଚଳରେ ସ୍ଥାନୀୟ ଭାଷାରେ ପ୍ରସାରିତ କରି ନିଷ୍କର୍ଷ ଉପରେ ପ୍ରତିକ୍ରିୟା, ଅତିରିକ୍ତ ତଥ୍ୟ ଏବଂ ମତାମତ ସଂଗ୍ରହକରି ଏହାକୁ ଅନ୍ତିମ ବିବରଣୀରେ ସଂଲଗ୍ନ କରିବାକୁ ସ୍ଥାନିୟ ପ୍ରଶାସନ ଏବଂ ଜମି ଆବଶ୍ୟକ କରୁଥିବା ସଂସ୍ଥା ଜରିଆରେ ଜନଶୁଣାଣୀର ଆୟୋଜନ କରାଯିବ ।

୧୧. ଜନଶୁଣାଣୀର ଭିଡିଓ ରେକର୍ଡିଙ୍ଗ ଏବଂ ଲିପିବଦ୍ଧ କରାଯିବ । ତଦନୁଯାୟୀ ସେମାନଙ୍କର ସଂଶୋଧିତ ବିଶ୍ଳେଷଣ ସାମାଜିକ ପ୍ରଭାବ ଆକଳନ (SIA) ବିବରଣୀ ସହ ଏହାକୁ ଦାଖଲ କରାଯିବ ।

### ୩.୩. ଆକଳନ ଅଧ୍ୟୟନର ଉଦ୍ଦେଶ୍ୟ

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୁଖ୍ୟ ଉଦ୍ଦେଶ୍ୟ ଗୁଡିକ ହେଲା ;

୧. ପ୍ରଭାବିତ ଗ୍ରାମଗୁଡିକରେ ପ୍ରସ୍ତାବିତ ଜମି ଅଧିଗ୍ରହଣ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକରିବ କି ନାହି ତାହା ଆକଳନ କରିବା ।

୨. ପ୍ରଭାବିତ ପରିବାର ସଂଖ୍ୟା, ପରିବାରର ପ୍ରକୃତ ଜମିଧାରଣ ପରିମାଣ ଆଧାରରେ କ୍ଷତିର ଭୟାବହତା ଏବଂ ଜମି ଅଧିଗ୍ରହଣ ହେତୁ କେତେ ପରିବାର ଶାରୀରିକ ବା ବୃତ୍ତିଗତ ଭାବେ ବାସଚ୍ୟୁତ ହେବେ ତାହାର ଆକଳନ କରିବ ।

୩. ଜମି ଅଧିଗ୍ରହଣ ହେତୁ କ୍ଷତି ହେବାକୁ ଯାଉଥିବା ବ୍ୟକ୍ତିଗତ ବା ସାର୍ବଜନିକ ଜମି, ଘରବାଡି ବା ବସ୍ତି ଏବଂ ଅନ୍ୟାନ୍ୟ ସର୍ବସାଧାରଣ ସମ୍ପତ୍ତିର ପରିମାଣ ନିର୍ଦ୍ଧାରଣ ।

୪. ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ପାଇଁ ଅଧିଗ୍ରହଣ କରାଯାଉଥିବା ଜମି ପ୍ରକଳ୍ପ ସ୍ଥାପନ ପାଇଁ ନିହାତି ଆବଶ୍ୟକ କି ନୁହେଁ ତାହା ପରୀକ୍ଷା କରିବା ।

୫. ପ୍ରକଳ୍ପ ନିମନ୍ତେ ଅନ୍ୟ ଏକ ବିକଳ୍ପ ସ୍ଥାନ ଯେଉଁଠାରେ ବହୁତ କମ୍ ପରିମାଣର ବିସ୍ଥାପନ ହେବ ତାହା ବିଚାରକୁ ନିଆ ଯାଇଥିଲା କିନ୍ତୁ ଯେହେତୁ ସେହି ସ୍ଥାନ ପ୍ରକଳ୍ପ ସ୍ଥାପନ ନିମନ୍ତେ ଉପଯୁକ୍ତ ହେବ ନାହିଁ ତେଣୁ ତାହାକୁ ଗ୍ରହଣ କରାଗଲା ନାହିଁ ତାହାର ଯାଞ୍ଚ କରିବା ।

୬. ପ୍ରତ୍ୟକ୍ଷ ଭାବରେ ଜମି ହରାଇଥିବା ପରିବାର ସହିତ ସର୍ବସାଧାରଣ ଜମି, ସାମାଜିକ-ଅର୍ଥନୈତିକ ଢାଞ୍ଚା ଇତ୍ୟାଦି ଅଧିଗ୍ରହଣ ହେତୁ ପରୋକ୍ଷ ଭାବରେ ପ୍ରଭାବିତ ପରିବାରଗୁଡିକ ଉପରେ ପ୍ରକଳ୍ପ ହେତୁ ପଡୁଥିବା ସାମାଜିକ ପ୍ରଭାବ ଆକଳନ କରିବା ଏବଂ ଏ ସମସ୍ତ ଖର୍ଚ୍ଚ ସହିତ ପ୍ରକଳ୍ପର ସମୁଦାୟ ଖର୍ଚ୍ଚ ତୁଳନାରେ ପ୍ରକଳ୍ପର ଲାଭ ସମ୍ବନ୍ଧରେ ଅଧ୍ୟୟନ କରିବା ।

୭. ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ବା ପ୍ରଶମନ ଯୋଜନା ପ୍ରସ୍ତୁତ କରି ତାହା ମାଧ୍ୟମରେ ଉପଯୁକ୍ତ ନୀତି ଓ ଯୋଜନା ପ୍ରଣୟନକରି ବିଭିନ୍ନ ଉପଚାରାତ୍ମକ ହସ୍ତକ୍ଷେପ ଉପାୟ ସମ୍ବନ୍ଧରେ ପରାମର୍ଶ ଦେବା ।

### ୩.୪. ପ୍ରକଳ୍ପ ପାଇଁ ସୂଚନା ସଂଗ୍ରହ ପାଇଁ ବ୍ୟବହୃତ ପଦ୍ଧତି ଏବଂ କୌଶଳଗୁଡ଼ିକ ପାଇଁ ବର୍ଣ୍ଣନା ଏବଂ ଯୁକ୍ତିଯୁକ୍ତତା

### ୩.୪.୧. ବର୍ଣ୍ଣନା ଏବଂ ବ୍ୟବହୃତ କାର୍ଯ୍ୟପ୍ରଣାଳୀର ପ୍ରଯୁଜ୍ୟତା

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ବିଭିନ୍ନ ପ୍ରକାରର ଗବେଷଣା ପଦ୍ଧତି ଏବଂ କୌଶଳ ବ୍ୟବହାର କରାଯାଇଛି । ଏହି ଅଧ୍ୟୟନରେ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ପରିବାରଗୁଡ଼ିକୁ ବିଚାରକୁ ନେଇ ଏକ 'ଜନଗଣନା ସର୍ଭେ ପଦ୍ଧତି' ଏବଂ ସରଳ ଅନିୟମିତ ମନମୁତାବକ ନମୁନାକରଣ ପଦ୍ଧତି ଅନୁସରଣ କରି ପରୋକ୍ଷ ଭାବରେ ପ୍ରଭାବିତ ପରିବାରଗୁଡ଼ିକ ନିକଟକୁ ଯାଇ ଏକ 'ନମୁନା ସର୍ଭେ ପଦ୍ଧତି' ଅନୁସରଣ କରାଯାଇଛି । ଏହି ଅଧ୍ୟୟନରେ PRA କୌଶଳ ଏବଂ ସାମାଜିକ ମାନଚିତ୍ର ପ୍ରସ୍ତୁତି, ସମ୍ବଳ ମାନଚିତ୍ର ପ୍ରସ୍ତୁତି ଏବଂ ପ୍ରଭାବିତ କ୍ଷେତ୍ର ଅଞ୍ଚଳର ଲୋକଙ୍କ ସହିତ ଦଳଗତ ଆଲୋଚନା ଭଳି ପ୍ରକ୍ରିୟା ଅନ୍ତର୍ଭୁକ୍ତ ।

ଜନଗଣନା ସର୍ଭେର ଉଦ୍ଦେଶ୍ୟ ଥିଲା ସମସ୍ତ ପ୍ରଭାବିତ ବ୍ୟକ୍ତିଙ୍କ ତାଲିକା ଏବଂ ସେମାନଙ୍କ ସମ୍ପତ୍ତି ଏବଂ ଆୟର ଉତ୍ସ ଉପରେ ପ୍ରଭାବ ପ୍ରସ୍ତୁତ କରିବା। ଅଧ୍ୟୟନର ବିସ୍ତୃତ ପଦ୍ଧତିଗୁଡ଼ିକ ନିମ୍ନଲିଖିତ ଭାବରେ ଅଟେ;

### ୩.୪.୨. ପରୋକ୍ଷ ଭାବରେ ସଂଗୃହୀତ ତଥ୍ୟଗୁଡିକର ସମୀକ୍ଷା

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ପୃଷ୍ଠଭୂମି ବୁଝିବା ପାଇଁ କାର୍ଯ୍ୟାଳୟ ଠାରେ ବ୍ୟାପକ ଗବେଷଣା କରାଯାଇଥିଲା। ତେଣୁ ସାମାଜିକ ପ୍ରଭାବ ଆକଳନ, ପରିଚାଳନା ଯୋଜନା, ଜନଶୁଣାଣି ଇତ୍ୟାଦି ପ୍ରକ୍ରିୟାକୁ ବୁଝିବା ପାଇଁ ବିଭିନ୍ନ ପ୍ରକାରର ପରୋକ୍ଷ ତଥ୍ୟ, ଅଧ୍ୟୟନ ରିପୋର୍ଟ, ପ୍ରାସଙ୍ଗିକ ସରକାରୀ ଆଇନ/ନୀତି, ଗବେଷଣା ପ୍ରକାଶନ ସମୀକ୍ଷା କରାଯାଇଥିଲା । ଏହା ସହିତ, ଯେଉଁଠାରେ ପ୍ରାସଙ୍ଗିକ, ସମଗ୍ର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ପ୍ରକ୍ରିୟାରେ ଅନ୍ୟାନ୍ୟ ଅନେକ ସୂଚନା ଏବଂ ତଥ୍ୟ ଉତ୍ସକୁ ଉଲ୍ଲେଖ କରାଯାଇଥିଲା। ବିଶେଷକରି, ବର୍ତ୍ତମାନର ଅଧ୍ୟୟନ କରିବା ପୂର୍ବରୁ ଏହି ପ୍ରକାର ଅନ୍ୟାନ୍ୟ ପ୍ରକଳ୍ପ ପାଇଁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏବଂ ଅନ୍ୟାନ୍ୟ ରେଖୀୟ ପ୍ରକଳ୍ପ ବିବରଣୀ ସମୀକ୍ଷା କରାଯାଇଥିଲା।

### ୩.୪.୩. ପ୍ରକଳ୍ପ ସ୍ଥାନ ପରିଦର୍ଶନ, ପରାମର୍ଶ ଓ ସୂଚନା ପ୍ରସାରଣ

ଅଞ୍ଚଳରେ ସର୍ଭେ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଗବେଷଣା ଦଳର ସଦସ୍ୟମାନେ ସ୍ଥାନୀୟ ଅଞ୍ଚଳର ବର୍ତ୍ତମାନର ପରିସ୍ଥିତି ବୁଝିବା ପାଇଁ ଅଧ୍ୟୟନ ଅଞ୍ଚଳ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଦଳ ସ୍ଥାନୀୟ ପ୍ରତିନିଧି, ଗ୍ରାମବାସୀ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଅଂଶୀଦାରମାନଙ୍କ ସହିତ ଆଲୋଚନା କରିଥିଲେ । ସର୍ଭେ ଦଳ ଅଧ୍ୟୟନ ଗ୍ରାମଗୁଡ଼ିକରେ ଗୋଷ୍ଠୀ ସ୍ତରୀୟ ବୈଠକ କରି ପ୍ରକଳ୍ପ ବିଷୟରେ ସୂଚନା ସଂଗ୍ରହ କରିଥିଲେ । ସହଜରେ ସର୍ଭେ କାର୍ଯ୍ୟ ସମାପନ କରିବା ପାଇଁ ଗ୍ରାମରେ ସର୍ଭେ ତାରିଖ ଏବଂ ସମୟ ବିଷୟରେ ଗ୍ରାମବାସୀମାନଙ୍କୁ ପୂର୍ବରୁ ସୂଚନା ଦିଆଯାଇଥିଲା।

### ୩.୪.୪. ଜନଗଣନା ସର୍ଭେ ଏବଂ ପରିବାର ସ୍ତରୀୟ ତଥ୍ୟ ସଂଗ୍ରହ

ପରିବାର ସ୍ତରୀୟ ସାମାଜିକ-ଅର୍ଥନୈତିକ ସର୍ଭେ ପୂର୍ବରୁ, ପ୍ରଭାବିତ ଗ୍ରାମର ପଟ୍ଟାଧାରକମାନଙ୍କ (ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ) ସମ୍ପୂର୍ଣ୍ଣ ତାଲିକା NCDS ରୁ ସଂଗ୍ରହ କରାଯାଇଥିଲା । ତାହାପରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ଜନଗଣନା ସର୍ଭେ ପାଇଁ ଗ୍ରାମ ପରିଦର୍ଶନ କରିଥିଲେ । ସର୍ଭେ ସମୟରେ, ଏହା ଜଣାପଡିଥିଲା ଯେ ତାଲିକାଭୁକ୍ତ ପଟ୍ଟାଧାରକମାନଙ୍କ ନାମ ଦୁଇ/ତିନି ପିଢ଼ି ପୂର୍ବର ଯାହା ପାଇଁ ପ୍ରକୃତ ପଟ୍ଟାଧାରକମାନଙ୍କ ବର୍ତ୍ତମାନର ଉତ୍ତରାଧିକାରୀଙ୍କୁ ଚିହ୍ନଟ କରିବା ଗବେଷଣା ଦଳ ପାଇଁ କଷ୍ଟକର ହୋଇପଡୁଥିଲା । ଯେହେତୁ RoR ବହୁତ ପୁରୁଣା ଏବଂ ନବୀକରଣ କରାଯାଇ ନଥିଲା, ତେଣୁ ଆଇନଗତ ଅଂଶୀଦାର ଏବଂ ପ୍ରଭାବିତ ପରିବାରଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା । ତଥାପି ସର୍ଭେ ଦଳ ଜମି ହରାଇଥିବା ଲୋକଙ୍କ ଉତ୍ତରାଧିକାରୀଙ୍କଠାରୁ ସାମାଜିକ-ଅର୍ଥନୈତିକ ତଥ୍ୟ ସଂଗ୍ରହ କରିଥିଲା । ସର୍ଭେ ପୂର୍ବ-ପରୀକ୍ଷିତ "ପରିବାର ସାକ୍ଷାତକାର ସୂଚୀ" ସାହାଯ୍ୟରେ କରାଯାଇଥିଲା । ସୂଚୀରେ ଆବୃତ ଦିଗଗୁଡ଼ିକ ମଧ୍ୟରେ ପ୍ରକଳ୍ପ ପ୍ରଭାବିତ ପରିବାରମାନଙ୍କର ଚିହ୍ନଟ ବିବରଣୀ, ସାମାଜିକ ପାର୍ଶ୍ୱଚିତ୍ର, ପରିବାର ବିବରଣୀ, ବୃତ୍ତି, ଆୟର ଉତ୍ସ, ପରିବାର ଖର୍ଚ୍ଚ, ପରିବାର ସମ୍ପତ୍ତି, ପ୍ରଭାବିତ ପରିବାରର ଗଠନ ସମ୍ପର୍କରେ ସୂଚନା, ବାଣିଜ୍ୟିକ/ସ୍ୱ-ନିଯୁକ୍ତି କାର୍ଯ୍ୟକଳାପ, ନିଯୁକ୍ତି ଢାଞ୍ଚା, ଏବଂ ପ୍ରକଳ୍ପ ଏବଂ ପୁନର୍ବାସ ଏବଂ ଥଇଥାନ ଆବଶ୍ୟକତା ଉପରେ ପ୍ରକଳ୍ପ ପ୍ରଭାବିତ ପରିବାରମାନଙ୍କର ମତାମତ ଅନ୍ତର୍ଭୁକ୍ତ ଥିଲା।

## ୩.୪.୫. କେନ୍ଦ୍ରୀଭୂତ ଦଳଗତ ଆଲୋଚନା ସହଭାଗୀ ଗ୍ରାମ ଅବଧାରଣା

ପ୍ରାଥମିକ ଉତ୍ସରୁ ପରିମାଣାତ୍ମକ ଏବଂ ଗୁଣାତ୍ମକ ସୂଚନା ସଂଗ୍ରହ କରିବା ପାଇଁ କେନ୍ଦ୍ରୀଭୂତ ଦଳଗତ ଆଲୋଚନା ଏବଂ ଗୋଷ୍ଠୀ ସଦସ୍ୟମାନଙ୍କ ସହିତ ଆଲୋଚନା କରାଯାଇଥିଲା । ପ୍ରକଳ୍ପ ପ୍ରଭାବିତ ଲୋକ, ପଞ୍ଚାୟତିରାଜ ଅନୁଷ୍ଠାନ ସଦସ୍ୟ ଏବଂ ଗ୍ରାମଗୋଷ୍ଠୀ ସଦସ୍ୟଙ୍କ ଅଂଶଗ୍ରହଣରେ ଗ୍ରାମରେ ଦଳଗତ ଆଲୋଚନା କରାଯାଇଥିଲା ଯାହା ଦ୍ୱାରା ପ୍ରକଳ୍ପ ବିଷୟରେ ସେମାନଙ୍କର ଦୃଷ୍ଟିକୋଣ ଏବଂ ସେମାନଙ୍କ ଜୀବନ ଉପରେ ଏହାର ପ୍ରଭାବ ବୁଝିବା ସମ୍ଭବ ହୋଇଥିଲା । ପ୍ରସ୍ତାବିତ ରେଳ ପ୍ରକଳ୍ପ ବିଷୟରେ ଜ୍ଞାନ ଏବଂ ପ୍ରଭାବିତ ଲୋକଙ୍କ ମତାମତ ସଂଗ୍ରହ କରିବା ପାଇଁ ପ୍ରଭାବିତ ଗ୍ରାମରେ ସାମାଜିକ ମାନଚିତ୍ର ଏବଂ ସମ୍ପଦ ମାନଚିତ୍ର ଭଳି ସହଭାଗୀ ଗ୍ରାମ୍ୟ ଅବଧାରଣା (PRA) କୌଶଳ ପ୍ରୟୋଗ କରାଯାଇଥିଲା। ପ୍ରଭାବିତ ଗ୍ରାମରେ ଉପଲବ୍ଧ ସାମାଜିକ ଗଠନ, ପ୍ରତିଷ୍ଠାନ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧାଗୁଡ଼ିକୁ ଚିହ୍ନଟ କରିବା ସହିତ ପରିବାର ମଧ୍ୟରେ ସାମାଜିକ ଏବଂ ଆର୍ଥିକ ପାର୍ଥକ୍ୟ ବିଷୟରେ ଜାଣିବା ପାଇଁ ସାମାଜିକ ମାନଚିତ୍ର ପ୍ରସ୍ତୁତ କରାଯାଇଥିଲା । ସେହିପରି, ପ୍ରଭାବିତ ଲୋକଙ୍କର ସେମାନଙ୍କ ଗାଁରେ ଏବଂ ଏହାର ଆଖପାଖରେ କେଉଁ ପ୍ରାକୃତିକ ସମ୍ପଦ ମିଳେ, ସେଗୁଡ଼ିକର ବ୍ୟବହାର ଏବଂ ବର୍ତ୍ତମାନ ର ପ୍ରକଳ୍ପ କାର୍ଯ୍ୟ ହେତୁ ଏହାର ପ୍ରଭାବ ବିଷୟରେ ଧାରଣା ଜାଣିବା ପାଇଁ ସମ୍ପଦ ମାନଚିତ୍ର ପ୍ରସ୍ତୁତ କରାଯାଇଥିଲା। ଏହା ବ୍ୟତୀତ ବିଭିନ୍ନ କାର୍ଯ୍ୟାଳୟରୁ ପରୋକ୍ଷ ତଥ୍ୟ ବିବରଣୀ ଲେଖିବା ଉଦ୍ଦେଶ୍ୟରେ ସଂଗ୍ରହ କରାଯାଇଥିଲା ।

**କୁରୁମପଡା ଗ୍ରାମରେ ଅନୁଷ୍ଠିତ କେନ୍ଦ୍ରୀଭୂତ ଦଳଗତ ଆଲୋଚାନାରେ ପ୍ରକାଶିତ ମତାମତ**

ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ନିମନ୍ତେ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁରୁମପଡା ଗ୍ରାମରୁ ୧.୦୨୬୦ ଏକର ବେସରକାରୀ ଜମି ଅଧିଗ୍ରହଣ କରାଯାଉଛି । କୁରୁମପଡା ଗ୍ରାମରେ ପ୍ରାୟ ୧୪୦ଟି ପରିବାର ବସବାସ କରନ୍ତି । ସମସ୍ତ ପରିବାର ଅନ୍ୟାନ୍ୟ ପଛୁଆ ବର୍ଗର ପରିବାର ଅଟନ୍ତି । ଗ୍ରାମର ମୋଟ ଜନସଂଖ୍ୟା ପ୍ରାୟ ୫୦୦ । କୃଷି ଗ୍ରାମବାସୀମାନଙ୍କର ମୁଖ୍ୟ ଜୀବିକା ଅଟେ, କୃଷି ବ୍ୟତୀତ ପ୍ରାୟ ୨୦ ରୁ ୩୦ ଜଣ ଲୋକ ସରକାରୀ ଏବଂ ବେସରକାରୀ ଚାକିରି, ପ୍ରାୟ ୧୦ ଜଣ ବିଭିନ୍ନ ବ୍ୟବସାୟ କରି, କୃଷିକାର୍ଯ୍ୟ ଏବଂ ଦୈନିକ ମଜୁରୀ ଶ୍ରମିକ ଭାବରେ କାମ କରି ଜୀବିକା ନିର୍ବାହ କରନ୍ତି । ଏହି ଗ୍ରାମର ଅନେକ ଲୋକ ପଥରମୂର୍ତ୍ତି ନିର୍ମାଣ କରି ମଧ ସେମାନଙ୍କ ଜୀବିକା ନିର୍ବାହ କରନ୍ତି । ଗ୍ରାମରେ ଗୋଟିଏ ଅଙ୍ଗନୱାଡି କେନ୍ଦ୍ର, ଗୋଟିଏ ପ୍ରାଥମିକ ବିଦ୍ୟାଳୟ, ଗୋଟିଏ ମାଧ୍ୟମିକ ବିଦ୍ୟାଳୟ ଅଛି । ହାଇସ୍କୁଲ ନରଣଗଡ ଗ୍ରାମ ଠାରେ ଏବଂ ମହାବିଦ୍ୟାଳୟ ମାଳିପଡା, ନିରାକାରପୁର ଏବଂ ଖୋର୍ଦ୍ଧା ଠାରେ ଅବସ୍ଥିତ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହାଡପଦା ଠାରେ ଏବଂ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ୧୮ କିଲୋମିଟର ଦୂର ଖୋର୍ଦ୍ଧା ଠାରେ ଅବସ୍ଥିତ । ଗ୍ରାମରେ ଯୋଗାଯୋଗ ବ୍ୟବସ୍ଥା ଅତି ଉତ୍ତମ ଗ୍ରାମ ଠାରୁ ୭ କିଲୋମିଟର ଦୂରରେ ଜାତୀୟ ରାଜପଥ ଅତିକ୍ରମ କରିଛି । ଜାତୀୟ ରାଜପଥଠାରୁ ଗ୍ରାମକୁ ସବୁଦିନିଆ ପିଚୁ ସଡକ ସଂଯୋଗ ଅଛି । ଗ୍ରାମ ୬୦% ରୁ ଅଧିକ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ (BPL) ଅଛନ୍ତି ଯେଉଁମାନେ କେବଳ କୃଷି ଏବଂ ଦୈନିକ ମଜୁରିଆ ଶ୍ରମିକ ଉପରେ ନିର୍ଭର କରନ୍ତି । ଶିକ୍ଷା ସ୍ଥିତି ବିଷୟରେ କହିବାକୁ ଗଲେ ଏହି ଗ୍ରାମର ଗ୍ରାମବାସୀମାନେ ପ୍ରାୟତଃ ସାକ୍ଷର ।

ଏହି ଅଞ୍ଚଳ ମହାନଦୀର ତ୍ରିକୋଣଭୂମି ଅଞ୍ଚଳରେ ଅବସ୍ଥିତ ଥିବାରୁ ଦୟା ନଦୀ ଓ ଏହାର ଶାଖାନଦୀ ରାଜୁଆ ନଦୀ ଦ୍ୱାରା ବନ୍ୟାରେ ପ୍ରଭାବିତ ହୋଇଥାଏ । ତ୍ରିକୋଣ ଭୂମି ଅଞ୍ଚଳ ହୋଇଥିବାରୁ ଏହି ଅଞ୍ଚଳର ଚାଷୀମାନେ

ବିଶେଷତଃ ରାଜୁଆ ନଦୀର ଉଭୟ ପାର୍ଶ୍ଵରେ ରହୁଥିବା ଚାଷୀମାନେ ବନ୍ୟାଜଳ ପ୍ଲାବନ ହେତୁ ଖରିଫ ଧାନ ଚାଷ କରିପାରନ୍ତି ନାହିଁ । ବର୍ଷାଋତୁରେ ବନ୍ୟାଜଳ ନିଷ୍କାସନ ହୋଇ ପାରୁନଥିବାରୁ ଚାଷ ଜମିରେ କୌଣସି ଚାଷ କାର୍ଯ୍ୟ କରାଯାଇ ପାରେ ନାହିଁ ତେଣୁ ଲୋକମାନେ ରବିଋତୁରେ ଧାନ, ବିଭିନ୍ନ ପ୍ରକାର ପନିପରିବା, ଚିନାବାଦାମ ଆଦି ଚାଷ କରି ଜୀବିକା ନିର୍ବାହ କରନ୍ତି । ପନିପରିବା ଚାଷ କରିବା ନିମନ୍ତେ ଆବଶ୍ୟକ ଜଳ ନିମନ୍ତେ ସେମାନେ ନଦୀ ଉପରେ ନିର୍ଭର କରନ୍ତି । ରାଜୁଆ ଡାଇଭର୍ସନ ୱେୟାର ଅଧୀନରେ ବ୍ରଜମୋହନ ସବମାଇନର - ୦୨ କେନାଲ ନିର୍ମାଣ କରି ଏହି ଫସଲକୁ ଜଳସେଚନ ଯୋଗାଇ ଦେବା ନିମନ୍ତେ ସରକାର ଯୋଜନା କରିଛନ୍ତି । ସେହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ କୁରୁମପଡା ଗ୍ରାମରୁ ୧.୦୨୬୦ ଏକର ଜମି ଅଧିଗ୍ରହଣ କରାଯିବ ।

କୁରୁମପଡା ଗ୍ରାମରୁ ଅଧିଗ୍ରହଣ ହେଉଥିବା ୧.୦୨୬୦ ଜମିର ୧୪ ଜଣ ଜମି ମାଲିକ ନିକଟବର୍ତ୍ତୀ ନରଣଗଡ ଗ୍ରାମରେ ବସବାସ କରନ୍ତି । ତେଣୁ ପ୍ରକଳ୍ପ ସମ୍ବନ୍ଧରେ ପ୍ରଭାବିତ ପରିବାରର ମତାମତ ଜାଣିବା ନିମନ୍ତେ ତା ୧୩.୦୨.୨୬ ରିଖ ମଧ୍ୟାହ୍ନ ୧.୦୦ ଘଟିକା ସମୟରେ ନରଣଗଡ ଗ୍ରାମଠାରେ ଶ୍ରୀ ଶ୍ରୀ ଜଳେଶ୍ଵର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଏକତ୍ରିତ ହୋଇ ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ସମ୍ପର୍କରେ ଗୋଷ୍ଠୀଗତ ଭାବେ ଆଲୋଚନାରେ ଭାଗ ନେବା ସହିତ ନକାରାତ୍ମକ ଓ ସକାରାତ୍ମକ ବିଷୟ ଉପରେ ଗୁରୁତ୍ଵ ଦେଇଥିଲେ ।

ନରଣଗଡ ଗ୍ରାମର ଶ୍ରୀଯୁକ୍ତ ଲଳିତେନ୍ଦୁ ଚମ୍ପତି ମତାମତ ଦେଇଥିଲେ ଯେ, ୨୦ ବର୍ଷ ପୂର୍ବରୁ ରାଜୁଆ ଡାଇଭର୍ସନ ୱେୟାର ନିର୍ମାଣ ହେବା ସମୟରେ ନରଣଗଡ ଗ୍ରାମରୁ ଜମି ଅଧିଗ୍ରହଣ କରାଯାଇଥିଲେ ମଧ୍ୟ ସରକାରଙ୍କ ତରଫରୁ କୌଣସି କ୍ଷତିପୂରଣ ପ୍ରଦାନ କରାଯାଇ ନଥିଲା । ଫଳରେ ଜମି ହରାଇଥିବା ଚାଷୀମାନେ ଅତ୍ୟନ୍ତ ଦୁଃଖ ଓ ନୈରାଶ୍ୟ ଭାବରେ ଦିନ ବିତାଉଛନ୍ତି, ଜମି ଅଧିଗ୍ରହଣ କରିବା ସମୟରେ, ଅଧିଗ୍ରହଣ କରୁଥିବା ସରକାରୀ କର୍ମଚାରୀମାନେ ଅତି ସୁନ୍ଦର କଥା କହି ସବୁ ମିଳିବ ବୋଲି ଦୃଢ ପ୍ରତିଶ୍ରୁତି ପ୍ରଦାନ କରି ଉଭାନ ହୋଇଗଲେ । ଗ୍ରାମବାସୀମାନେ ସରକାରଙ୍କ ଏହିପରି ନକାରାତ୍ମକ ଚିନ୍ତାଧାରାକୁ ଦୃଢ ନିନ୍ଦା କରିଥିଲେ ।

ଶ୍ରୀଯୁକ୍ତ ଯତୀନ କୁମାର ରାଉତରାୟ ଏବଂ ଶ୍ରୀଯୁକ୍ତ ମନୋରଞ୍ଜନ ନନ୍ଦ କହିଥିଲେ ଯେ, ଏହି ଅଞ୍ଚଳର ଚାଷଜମି ଏବଂ ଘରବାଡି ସମ୍ପତ୍ତିର ମାଲିକାନା ସ୍ଵତ୍ଵ ଜଗନ୍ନାଥଙ୍କ ନାମରେ ଥିବାରୁ ଜମି କ୍ରୟ ବିକ୍ରୟ କରିବା କିମ୍ବା କୌଣସି ବିପଦ ସମୟରେ ସରକାରୀ ବ୍ୟାଙ୍କରୁ ଋଣ ଆଣିବା କଷ୍ଟକର ହେଉଛି । ଏ ସମ୍ପର୍କରେ ଏହି ଅଞ୍ଚଳର ଜନସାଧାରଣ ବାରମ୍ବାର ଜିଲ୍ଲାପାଳଙ୍କ ମାଧ୍ୟମରେ ସରକାରଙ୍କୁ ଅବଗତ କରାଇ ଆସୁଥିଲେ ସୁଦ୍ଧା ସରକାର ଅଦ୍ୟାବଧି କର୍ଣ୍ଣପାତ କରିନାହାନ୍ତି । ତଥାପ ଜନସାଧାରଣ ବର୍ତ୍ତମାନର ପରିବର୍ତ୍ତିତ ସରକାରଙ୍କ ଉପରେ ଏହାର ସମାଧାନ ନିମନ୍ତେ ଦୃଢ ଆଶା ଓ ଭରଷା ରଖିଛନ୍ତି । ଏ ସମ୍ବନ୍ଧରେ ଉପସ୍ଥିତ ଭଦ୍ର ବ୍ୟକ୍ତିମାନେ କ୍ଷୋଭ ପ୍ରକାଶ କରିଥିଲେ ।

ଗ୍ରାମବାସୀମାନେ ଶହଶହ ବର୍ଷ ଧରି ତାଙ୍କ ମାଲିକାନାରେ ଥିବା ଚାଷଜମି ହରାଉଥିବାରୁ ଏବଂ ଏହି ଚାଷ ଜମିରୁ ସେମାନଙ୍କ ଜୀବନ ଜୀବିକା ପରିଚାଳନା କରି ଆସୁଥିବାରୁ ଉପଯୁକ୍ତ ମୂଲ୍ୟ ପ୍ରଦାନ କରିବା ନିମନ୍ତେ ଦାବି କରିଥିଲେ । ଅନ୍ୟ କେତେକ ଚାଷୀ ଜମି ବଦଳରେ ଚାଷ ଜମି ପ୍ରଦାନ କରିବାକୁ ସରକାରଙ୍କ ନିକଟରେ ଦାବି କରିଥିଲେ ।

ଶ୍ରୀଯୁକ୍ତ ଆଶୁତୋଷ ମଙ୍ଗରାଜ, ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ରାଉତରାୟ, ଶ୍ରୀଯୁକ୍ତ ଭାରତିଭୂଷଣ ନନ୍ଦ ଆଦି ଚାଷୀମାନେ ସରକାରଙ୍କ କାର୍ଯ୍ୟକଳାପ ଉପରେ ସନ୍ଦେହ ପ୍ରକାଶ କରିଥିଲେ । ଯଦି ସରକାର ସାମୁହିକ ମଙ୍ଗଳ

ନିମନ୍ତେ ଜମି ଅଧିଗ୍ରହଣ କରୁଛନ୍ତି ତେବେ ଗ୍ରାମବାସୀମାନେ ସମସ୍ତେ ସହଯୋଗ କରିବୁ । ମାତ୍ର ଆମ୍ଭମାନଙ୍କୁ ଉପଯୁକ୍ତ ବେସରକାରୀ ମୂଲ୍ୟ ପ୍ରଦାନ ନକଲେ ଆମେ ଜମି ଅଧିଗ୍ରହଣ କୁ ଦୃଢ ଭାବରେ ବିରୋଧ କରିବୁ ।

ଉପରୋକ୍ତ ସମସ୍ତ ଆଲୋଚନା ସମାପ୍ତ ହେବାପରେ ରାଜୁଆ ଡାଇଭର୍ସନ ୱେୟାର ଅଧୀନରେ ବ୍ରଜମୋହନ ସବମାଇନର - ୦୨ କେନାଲ ନିର୍ମାଣ ନିମନ୍ତେ ଉପସ୍ଥିତ ଗ୍ରାମବାସୀମାନେ ସର୍ବ ସମ୍ମୁଖରେ ସହମତି ପ୍ରକାଶ କରିବା ସହିତ ପୂର୍ଣ୍ଣ ସହଯୋଗ କରିବାକୁ ଶପଥ ଗ୍ରହଣ କରିଥିଲେ ।

ଶେଷରେ ଅଧ୍ୟୟନ କାର୍ଯ୍ୟ ସମ୍ପାଦନ କରିଥିବା ଷ୍ଟାର ଅନୁଷ୍ଠାନ ସୁପରଭାଇଜର ଶ୍ରୀଯୁକ୍ତ ଜନ୍ମଞ୍ଜୟ ସାଠୁଆ ଗ୍ରାମବାସୀମାନେ ସର୍ବେକ୍ଷଣ କାର୍ଯ୍ୟରେ ଏବଂ ଦଳଗତ ଆଲୋଚନା ରେ ସଂପୂର୍ଣ୍ଣ ସହଯୋଗ କରିଥିବାରୁ ସମସ୍ତ ଗ୍ରାମବାସୀଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

### ୩.୪.୬. ତଥ୍ୟ ବିଶ୍ଳେଷଣ ଓ ବିବରଣୀ ପ୍ରସ୍ତୁତ

ସାମାଜିକ ପ୍ରଭାବ ଆକଳନ ବିବରଣୀ ପ୍ରସ୍ତୁତ କରିବା ପାଇଁ ବିଭିନ୍ନ ପ୍ରାଥମିକ ଏବଂ ପରୋକ୍ଷ ତଥ୍ୟ ଉତ୍ସ ବ୍ୟବହାର କରାଯାଇଥିଲା । ସାମାଜିକ ପ୍ରଭାବ ଆକଳନ ର ବିଭିନ୍ନ ଉତ୍ସରୁ ସଂଗୃହୀତ ଗୁଣାତ୍ମକ ଏବଂ ପରିମାଣାତ୍ମକ ସୂଚନା ଉପରେ ନିର୍ଭର କରିଥିଲା । ପ୍ରଥମ ପର୍ଯ୍ୟାୟରେ ସୂଚନାର ପରୋକ୍ଷ ଉତ୍ସଗୁଡ଼ିକୁ ବିଶ୍ଳେଷଣ କରାଯାଇଥିଲା ଏବଂ ସାମାଜିକ ପ୍ରଭାବ ଆକଳନ ପ୍ରକ୍ରିୟା ରେ ଅତ୍ୟାବଶ୍ୟକ ସନ୍ଦର୍ଭ ଭାବରେ ବ୍ୟବହାର କରାଯାଇଥିଲା । ପରବର୍ତ୍ତୀ ପ୍ରକ୍ରିୟାଗୁଡ଼ିକ ଯାଞ୍ଚ, କୋଡିଂ, ଡାଟା ଏଣ୍ଟ୍ରି , ଡଟ କ୍ଲିନିଙ୍ଗ ଏବଂ ପରିମାଣାତ୍ମକ ତଥ୍ୟର ପ୍ରକ୍ରିୟାକରଣ ଏକ ତାଲିମପ୍ରାପ୍ତ ତଥ୍ୟ ପରିଚାଳନା ଦଳ ଦ୍ୱାରା କରାଯାଇଥିଲା । ସାରଣୀ ଏବଂ ଗ୍ରାଫ୍ ବ୍ୟବହାର କରି ଉପସ୍ଥାପିତ ପ୍ରାଥମିକ ତଥ୍ୟ ବିଶ୍ଳେଷଣ କରିବା ପାଇଁ ବର୍ଣ୍ଣନାତ୍ମକ ପରିସଂଖ୍ୟାନ ପଦ୍ଧତି ବ୍ୟବହାର କରାଯାଇଥିଲା ।

### ୩.୪.୭. ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ପ୍ରସ୍ତୁତି:

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର, ଜମି ଅଧିଗ୍ରହଣ ପୁନର୍ବାସ ଓ ଥଇଥାନ ରେ ସ୍ୱଚ୍ଛତା ଆଇନ (RTFCTLARR) ୨୦୧୩ ର ଧାରା ୪ (୬) ରେ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ କରିବା ପାଇଁ ଉଲ୍ଲେଖ କରାଯାଇଛି । ତେଣୁ ସାମାଜିକ ପ୍ରଭାବ ପରିଚାଳନା ପ୍ରକ୍ରିୟାରେ ଏକ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ପ୍ରସ୍ତୁତ କରିବା ଅନ୍ତର୍ଭୁକ୍ତ, ଯାହା ଆକଳନ ସମୟରେ ଚିହ୍ନଟ ହୋଇଥିବା ସାମାଜିକ ପ୍ରଭାବକୁ ସମାଧାନ କରିବା ପାଇଁ ଉନ୍ନତିମୂଳକ ପଦକ୍ଷେପ ଉପସ୍ଥାପନ କରିବ । ଏହିପରି, ସାମାଜିକ ପ୍ରଭାବ ପରିଚାଳନା ଦଳର ସଦସ୍ୟ ଅଧ୍ୟୟନରେ ଚିହ୍ନଟ ହୋଇଥିବା ପ୍ରଭାବ ଉପରେ ଆଧାରିତ ଏକ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ପ୍ରସ୍ତୁତ କରିଥିଲେ ଯେଉଁଥିରେ ଖର୍ଚ୍ଚ, ସମୟସୀମା ଏବଂ କ୍ଷମତାର ସ୍ୱଷ୍ଟ ସୂଚନା ସହିତ ପ୍ରଭାବ ହ୍ରାସ ଏବଂ ପରିଚାଳନା ରଣନୀତିର କାର୍ଯ୍ୟକ୍ଷମତା ଅନ୍ତର୍ଭୁକ୍ତ । ପ୍ରଭାବିତ ଅଞ୍ଚଳର ଗ୍ରାମ ପଞ୍ଚାୟତରେ ପ୍ରସାରିତ ହେବା ପାଇଁ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ମଧ୍ୟ ଓଡ଼ିଆ ଭାଷାରେ ପ୍ରସ୍ତୁତ କରାଯାଇଛି।

## ୩.୪.୮. ଜନ ଶୁଣାଣି

ଜନ ଶୁଣାଣି ହେଉଛି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର, ଜମି ଅଧିଗ୍ରହଣ ପୁନର୍ବାସ ଓ ଥଇଥାନ ରେ ସ୍ୱଚ୍ଛତା ଆଇନ (RTFCTLARR) ୨୦୧୩ ର ଧାରା-୫ ଅନୁଯାୟୀ, କ୍ଷତିଗ୍ରସ୍ତ ଅଞ୍ଚଳରେ ସାର୍ବଜନୀନ ଶୁଣାଣିର ତାରିଖ, ସମୟ ଏବଂ ସ୍ଥାନ ବିଷୟରେ ପର୍ଯ୍ୟାପ୍ତ ପ୍ରଚାର ପରେ ଜମି ଅଧିଗ୍ରହଣ ସମ୍ପର୍କିତ ପ୍ରଭାବିତ ପରିବାରର ମତାମତ ନିର୍ଣ୍ଣୟ କରିବା ପାଇଁ ସାର୍ବଜନୀନ ଶୁଣାଣି ଆୟୋଜନ କରିବାକୁ କୁହାଯାଇଛି, ଯାହା ଲିପିବଦ୍ଧ କରାଯିବ ଏବଂ ଚୂଡ଼ାନ୍ତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀରେ ଅନ୍ତର୍ଭୁକ୍ତ କରାଯିବ । ସମ୍ପୃକ୍ତ ସରକାରୀ ଅଧିକାରୀ ଏବଂ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳର ସଦସ୍ୟମାନଙ୍କୁ ବୈଠକକୁ ସହଜ କରିବାକୁ ପଡିବ ଏବଂ ଜମି ହରାଇଥିବା ପରିବାର ସମେତ ଅଂଶୀଦାରଙ୍କ ଉପସ୍ଥିତିରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଚିଠା ବିବରଣୀ ଉପସ୍ଥାପନ କରାଯିବ । ଜନଶୁଣାଣି ପରେ, ବୈଠକରୁ ପ୍ରାପ୍ତ ମତାମତକୁ ଉପଯୁକ୍ତ ସ୍ତରରେ ଦାଖଲ ପାଇଁ ଚୂଡ଼ାନ୍ତ ବିବରଣୀରେ ସାମିଲ କରାଯିବ ।

ତଦନୁଯାୟୀ ରାଜୁଆ ଡାଇଭର୍ସନ ୱେୟାର ଅଧୀନରେ ବ୍ରଜମୋହନପୁର ସବ୍ ମାଇନର୍ ୦୨ କେନାଲ ନିର୍ମାଣ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋକମାନଙ୍କ ମତାମତ ଓ ଅଭିଯୋଗ ଆଦି ସମ୍ବନ୍ଧରେ ଅବଗତ ହେବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଙ୍କ ବିଜ୍ଞପ୍ତି (ବୈଧ ଚିଠି ସଂଖ୍ୟା ୪୮୬ ତା ୧୩.୦୩.୨୬ (ବିଜ୍ଞପ୍ତିର ନକଲ ଅନୁସୂଚୀ-୨ରେ ସଂଲଗ୍ନ କରାଯାଇଛି) ମାଧ୍ୟମରେ ତା ୨୪.୦୩.୨୦୨୬ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ନରଣଗଡ ଗ୍ରାମପଞ୍ଚାୟତ ଅନ୍ତର୍ଗତ ହାଡପଦା ଗ୍ରାମର ଦକ୍ଷିଣଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଗୋଟିଏ ଜନଶୁଣାଣି ସଭାର ଆୟୋଜନ କରାଯାଇଥିଲା । ରାଜୁଆ ଡାଇଭର୍ସନ ୱେୟାର ଅଧୀନରେ ବ୍ରଜମୋହନପୁର ସବ୍ ମାଇନର୍ ୦୨ କେନାଲ ନିର୍ମାଣ ନିମନ୍ତେ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁରୁମପଡା ଗ୍ରାମରୁ ୧.୦୨୬୦ ଏକର ବେସରକାରୀ ଜମି ଅଧିଗ୍ରହଣ ସମ୍ବନ୍ଧୀୟ ତଥ୍ୟ ପ୍ରଭାବିତ ଲୋକଙ୍କୁ ପ୍ରଦାନ କରାଯାଇ ସେମାନଙ୍କର ମତାମତ ନିଆଯାଇଥିଲା ଏବଂ ଏ ସମ୍ପର୍କରେ ସେମାନଙ୍କର ମତାମତ କୁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଚୁଡାନ୍ତ ବିବରଣୀରେ ଅନ୍ତର୍ଭୁକ୍ତ କରାଯାଇଛି ।

**<u>ଏହି ବୈଠକରେ ନିମ୍ନଲିଖିତ ବ୍ୟକ୍ତିବିଶେଷ ଅଂଶ ଗ୍ରହଣ କରିଥିଲେ ।</u>**

- ସୁଶ୍ରୀ ଅନନ୍ୟାସୃଷ୍ଟି ଶତପଥି, ଉପ-ଜିଲ୍ଲାପାଳ ତଥା ଭୂ ଅର୍ଜନ ଅଧିକାରୀ, ଖୋର୍ଦ୍ଧା ;
- ଶ୍ରୀଯୁକ୍ତ ସୌମେନ୍ଦ୍ର ପ୍ରସାଦ ବାରିକ, ଏସ୍ ଡି ଓ, ରାଜୁଆ ଜଳସେଚନ ଉପ ବିଭାଜନ
- ଶ୍ରୀଯୁକ୍ତ ଦେବିପ୍ରସାଦ ସାହୁ ,ରାଜସ୍ୱ ନିରିକ୍ଷକ, ଭୂ ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା;
- ଶ୍ରୀଯୁକ୍ତ ମନ୍ମଥକୁମାର ନନ୍ଦ, ଏ ଏସ ଓ, ଭୂ ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା;
- ଶ୍ରୀଯୁକ୍ତ ପାପୁନ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ, ରାଜୁଆ ଜଳସେଚନ ଉପ ବିଭାଜନ
- ଶ୍ରୀଯୁକ୍ତ ପଦ୍ମଚରଣ ଦାଶ, ନିର୍ଦ୍ଦେଶକ, ଷ୍ଟାର, ଭୁବନେଶ୍ୱର ;
- ଶ୍ରୀମତୀ ମାନସୀ ଦାଶ, ସଂଯୋଜିକା, ଷ୍ଟାର, ଭୁବନେଶ୍ୱର ;
- ଶ୍ରୀଯୁକ୍ତ ଜନ୍ମେଞ୍ଜୟ ସାଠୁଆ, ସର୍ବେକ୍ଷଣକାରୀ, ଷ୍ଟାର, ଭୁବନେଶ୍ୱର ;

- ନରଣଗଡ ଗ୍ରାମପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ; (ଜନଶୁଣାଣି ବୈଠକରେ ଯୋଗ ଦେଇଥିବା ଅଂଶଗ୍ରହଣକାରୀଙ୍କ ତାଲିକା ସଂଲଗ୍ନ କରାଯାଇଛି) |

ସୁଶ୍ରୀ ଅନନ୍ୟାସୃଷ୍ଟି ଶତପଥି, ଉପ-ଜିଲ୍ଲାପାଳ ତଥା ଭୂ ଅର୍ଜନ ଅଧିକାରୀ, ଖୋର୍ଦ୍ଧାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଗଲା । ବୈଠକର ପ୍ରାରମ୍ଭରେ ଶ୍ରୀଯୁକ୍ତ ପଦ୍ମଚରଣ ଦାଶ, ନିର୍ଦ୍ଦେଶକ, ଷ୍ଟାର, ଭୁବନେଶ୍ୱର ସମସ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ଜନ ଶୁଣାଣି ସଭାକୁ ସ୍ୱାଗତ କରିଥିଲେ । ଶ୍ରୀଯୁକ୍ତ ଦାଶ ବିସ୍ତାରିତ ଭାବରେ ଗତ ମାସରେ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିମାନଙ୍କ ସର୍ଭେ, ଦଳଗତ ଆଲୋଚନାର ନିଷ୍କର୍ଷ ଏବଂ ଚିଠା ବିବରଣୀ ପ୍ରସ୍ତୁତ ପ୍ରକ୍ରିୟା ସମ୍ବନ୍ଧରେ ଧାରଣା ଦେଇଥିଲେ । ଜମି ଅଧିଗ୍ରହଣ ଏବଂ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟାରେ ସ୍ୱଚ୍ଛତା ବଜାୟ ରଖିବା ନିମନ୍ତେ ୨୦୧୩ ମସିହାରୁ ପ୍ରଚଳିତ **ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଓ ଜମି ଅଧିଗ୍ରହଣ ,ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ଅଧିନିୟମ ୨୦୧୩ (ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆଣ୍ଡ ଆର୍ ଅଧିନିୟମ ୨୦୧୩)** ପ୍ରଚଳନ କରାଯାଇଛି । ଏହି ଆଇନ ଅନୁଯାୟୀ ଲୋକମାନଙ୍କ ସହ ବିଚାର ବିମର୍ଶ କରିବା ନିମନ୍ତେ ତଥା ଲୋକମାନଙ୍କ ମତାମତ ଜାଣିବା ନିମନ୍ତେ ଏହି ଜନଶୁଣାଣିର ଆୟୋଜନ କରାଯାଇଛି । ଏହି ଆଇନ ଜମି ହରାଉଥିବା ପରିବାରମାନଙ୍କୁ ନ୍ୟାୟୋଚିତ କ୍ଷତିପୂରଣ ପ୍ରଦାନ କରିବାରେ ସହାୟତା କରିବ । ସର୍ବେକ୍ଷଣ ସମୟରେ କେନ୍ଦ୍ରୀଭୂତ ଦଳଗତ ଆଲୋଚନାରେ ଆଲୋଚ୍ୟ ବିଷୟ ଏବଂ ହିତାଧିକାରୀମାନଙ୍କ ଅଭିଯୋଗଗୁଡିକୁ ଜନଶୁଣାଣି ରେ ଉପସ୍ଥାପନ କରିଥିଲେ । ଏହାପରେ ଉପସ୍ଥିତ ଜନସାଧାରଣଙ୍କୁ ନିଜ ନିଜର ଅଭିଯୋଗ ଏବଂ ଅସୁବିଧାଗୁଡିକୁ ଉପସ୍ଥାପନ କରିବାକୁ ଅନୁରୋଧ କରିଥିଲେ । ଆଜି ଏହି କାର୍ଯ୍ୟକ୍ରମରେ ଆପଣମାନେ ଯେଉଁ ମତାମତ ଉପସ୍ଥାପନ କରିବେ ତାହା ଚିଠା ବିବରଣୀରେ ସାମିଲ କରାଯାଇ ଚୁଡାନ୍ତ ବିବରଣୀ ପ୍ରସ୍ତୁତ କରାଯିବ ଏବଂ ଜିଲ୍ଲା ପ୍ରଶାସନ ନିକଟରେ ଦାଖଲ କରାଯିବ । ଚୁଡାନ୍ତ ବିବରଣୀକୁ ଏକ ବିଶେଷଜ୍ଞ କମିଟି ଦ୍ୱାରା ତର୍ଜମା କରାଯାଇ ମତାମତ ବା ସୁପାରିଶକୁ କାର୍ଯ୍ୟକାରୀ କରାଯିବ ବୋଲି ସମସ୍ତଙ୍କ ଗୋଚରାର୍ଥେ ଜଣାଇଥିଲେ । ଏହାପରେ ଶ୍ରୀଯୁକ୍ତ ଦାଶ ଲୋକମାନଙ୍କୁ ସେମାନଙ୍କର ଯଦି କିଛି ମତାମତ ଥାଏ ତାହା ଉପସ୍ଥାପନ କରିବାକୁ ଅନୁରୋଧ କରିଥିଲେ ।

- କୁରୁମପଡା ଗ୍ରାମର ଶ୍ରୀଯୁକ୍ତ ଧନେଶ୍ୱର ଜେନା ପ୍ରସ୍ତାବିତ କେନାଲ ର ମାର୍ଗରେଖା ଅର୍ଥାତ କେଉଁ ସ୍ଥାନରୁ ବାହାରି କେଉଁ ସ୍ଥାନ ଦେଇ କେଉଁ ସ୍ଥାନ ପର୍ଯ୍ୟନ୍ତ ଯିବ ତାହା ଜାଣିବାକୁ ଚାହିଁଥିଲେ ।
- ଏହାର ଉତ୍ତରରେ ଉପ-ଜିଲ୍ଲାପାଳ ତଥା ଭୂ ଅର୍ଜନ ଅଧିକାରୀ, ଖୋର୍ଦ୍ଧା କହିଥିଲେ ଯେ, ଏହା ଏକ ପ୍ରାରମ୍ଭିକ ସର୍ଭେ କିନ୍ତୁ ଧାରା ୧୨ ଅନୁସାରେ ଯେତେବେଳେ ଜମିର ଚିହ୍ନଟ କରାଯିବ ସେତେବେଳେ ଜଣାପଡିବ କେନାଲ କେଉଁ ରାସ୍ତାରେ ଯିବ ଏବଂ କାହା କାହା ଜମି କେଉଁ କେଉଁ ସ୍ଥାନରେ ଅଧିଗ୍ରହଣ କରାଯିବ । ଏ ସମ୍ପର୍କରେ ଅଧିକ ସ୍ପଷ୍ଟୀକରଣ ଦେବାକୁ ଯାଇ ଶ୍ରୀଯୁକ୍ତ ଦେବିପ୍ରସାଦ ସାହୁ, ରାଜସ୍ୱ ନିରିକ୍ଷକ ଏବଂ ଶ୍ରୀଯୁକ୍ତ ମନ୍ମଥକୁମାର ନନ୍ଦ, ଏ ଏସ ଓ କହିଥିଲେ ଯେ, ଏହି କେନାଲ ବ୍ରଜମୋହନପୁର ଠାରୁ ଆରମ୍ଭ ହୋଇ ପ୍ଲଟ ନମ୍ବର ୪୯୮ (ଶ୍ରୀଯୁକ୍ତ କୁଳମଣି ନାଏକ ଙ୍କ ଜମି ) ପର୍ଯ୍ୟନ୍ତ ଯିବ ।

- ଶ୍ରୀଯୁକ୍ତ ଧନେଶ୍ୱର ଜେନା ପୁନଶ୍ଚ ଜାଣିବାକୁ ଚାହିଁଥିଲେ ଯେ, ଆମ ସମସ୍ତ ଜମି ସ୍ଥିତିବାନ ଜମି କିନ୍ତୁ ସରକାର ଏହି ଜମିକୁ ଜଗନ୍ନାଥଙ୍କ ଜମି କହି ଆମକୁ ଅସୁବିଧାରେ ପକାଉଛନ୍ତି । ଥରେ ଓଡିଶା ସରକାରଙ୍କ ବିଭିନ୍ନ ଅଧିକାରୀମାନେ ତଦନ୍ତ କରିବାକୁ ଆସିଥିଲେ କିନ୍ତୁ କିଛି ସମାଧାନ ହୋଇପାରିଲା ନାହିଁ ।
- ନରଣଗଡ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଶ୍ରୀଯୁକ୍ତ ବିଜୟ କୁମାର ବେହେରା କହିଥିଲେ ଯେ, ଆମେମାନେ ଜମିର ପ୍ରକୃତ ମାଲିକ । କାରଣ ବର୍ଷ ବର୍ଷ ଧରି ଆମେମାନେ ଜମି ଚାଷ କରି ଆସୁଛୁ ଏବଂ ଜମିର ମାଲିକାନା ସ୍ୱତ୍ୱ ଆମ ନାମରେ ଅଛି ତେଣୁ କ୍ଷତିପୂରଣ ରାଶି ହିତାଧିକାରୀମାନେ ଯେପରି ସଠିକ ଭାବରେ ପାଇପାରିବେ ସେଥିପ୍ରତି ସରକାର ଦୃଷ୍ଟି ଦେବା ଆବଶ୍ୟକ ।
- ନରଣଗଡ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ରୀଯୁକ୍ତ ଅବକାଶ ମହାନ୍ତି କହିଥିଲେ ଯେ, ଉପସ୍ଥିତ ଥିବା ସରକାରୀ ଅଧିକାରୀମାନେ ସ୍ପଷ୍ଟ କରି କୁହନ୍ତୁ ଯେ, ଯେଉଁ ଜମି ମାଲିକମାନଙ୍କର ଜମି ଅଧିଗ୍ରହଣ କରାଯିବ ସେମାନେ ବଂଶାନୁକ୍ରମିକ ଭାବରେ ସେମାନଙ୍କ ଜମି ଚାଷ କରି ଆସୁଛନ୍ତି । ସେମାନେ ସିଧାସଳଖ କିପରି କ୍ଷତିପୂରଣ ପାଇପାରିବେ ତାହା ଆପଣମାନେ କୁହନ୍ତୁ । ସେ କହିଥିଲେ ଯେ, ଯେଉଁ ଜମିର ଏକ ବୃହତ ଅଂଶ ଅଧିଗ୍ରହଣ କରାଯାଉଛି ଏବଂ ଅଳ୍ପ ଅଂଶ ବଳକା ରହୁଛି ସେ କ୍ଷେତ୍ରରେ ସରକାର ସଂପୂର୍ଣ୍ଣ ଜମିକୁ ଅଧିଗ୍ରହଣ କରି ଉଚିତ କ୍ଷତିପୂରଣ ପ୍ରଦାନ କରନ୍ତୁ । ସେ ଆହୁରି ମଧ୍ୟ କହିଥିଲେ ଯେ, ଆମେ ଗ୍ରାମବାସୀମାନେ ଚାହୁଁଛୁ ଯେ, କେନାଲ ଖନନ ହେଉ ଏବଂ କେନାଲରେ ପାଣି ରହୁ ଯାହାଦ୍ୱାରା ଏହି ଅଞ୍ଚଳର ଚାଷୀମାନେ ନିଶ୍ଚିତ ଭାବରେ ଉପକୃତ ହେବେ । ତେଣୁ ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ନିମନ୍ତେ ଆମେ ସରକାରଙ୍କୁ ଭରପୁର ସମର୍ଥନ ଓ ସହଯୋଗ କରିବୁ ।
- ଏହାର ଉତ୍ତରରେ ଉପ-ଜିଲ୍ଲାପାଳ ତଥା ଭୂ ଅର୍ଜନ ଅଧିକାରୀ, ଖୋର୍ଦ୍ଧା କହିଥିଲେ ଯେ, ବହୁତ ଚାଷୀଙ୍କର ସମୁଦାୟ ଜମିର ଖୁବ କମ ଅଂଶ ଜମି ଅଧିଗ୍ରହଣ କରାଯିବ । ତେଣୁ ବିଶେଷ କିଛି ଅସୁବିଧା ହେବନାହିଁ ବରଂ ଚାଷୀମାନେ କେନାଲ ଦ୍ୱାରା ପାଣି ପାଇ ତାଙ୍କ ଜମିରେ ବହୁବିଧ ଫସଲ ଚାଷ କରି ଅଧିକ ଲାଭ ପାଇପାରିବେ ।
- କୁରୁମପଡା ଗ୍ରାମର ଶ୍ରୀଯୁକ୍ତ ରଘୁନାଥ ନନ୍ଦ କହିଥିଲେ ଯେ, ପୂର୍ବରୁ ଯେଉଁ ଜମି କେନାଲ ଉଦ୍ଦେଶ୍ୟରେ ଅଧିଗ୍ରହଣ କରାଯାଇଛି ସେଗୁଡିକ ମଧ୍ୟ ଆମ ଜମି ଥିଲା ତାହାର ଖଜଣା ଆମେ ଲଗାତାର ଦେଇ ଆସୁଥିଲେ ମଧ୍ୟ ଦେବୋତ୍ତର ଜମି କହି ଆମକୁ ଅଦ୍ୟାବଧି କୌଣସି କ୍ଷତିପୂରଣ ପ୍ରଦାନ କରାଯାଇନାହିଁ । ବର୍ତ୍ତମାନ ଯଦି ଆମର ଜମି ଅଧିଗ୍ରହଣ କରାଯିବ ଆମର ଆଶଙ୍କା ହେଉଛି ଯେ, ଏହାର କ୍ଷତିପୂରଣ ମଧ୍ୟ ବୋଧହୁଏ ଆମେ ପାଇବୁ ନାହିଁ । ତେଣୁ ସରକାର ଯାହା କରିବେ । ଜନକଲ୍ୟାଣ ଉଦ୍ଦେଶ୍ୟରେ ଯଦି ଜମି ଅଧିଗ୍ରହଣ କରାଯାଉଛି ତା ହେଲେ ଆମର କୌଣସି ଆପତ୍ତି ନାହିଁ ।
- ଏହାର ଉତ୍ତରରେ ଉପ-ଜିଲ୍ଲାପାଳ ତଥା ଭୂ ଅର୍ଜନ ଅଧିକାରୀ, ଖୋର୍ଦ୍ଧା କହିଥିଲେ ଯେ, ଜମିର କ୍ଷତିପୂରଣ ଅର୍ଥ ଦେବୋତ୍ତର କମିଶନଙ୍କ ନିକଟରେ ଜମା କରାଯାଇଥିବ । ତେଣୁ ଆପଣ ଏ ସମ୍ପର୍କରେ ଦେବୋତ୍ତର କମିଶନଙ୍କ ନିକଟରେ ଅଭିଯୋଗ କରନ୍ତୁ ।

- ନରଣଗଡ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଶ୍ରୀଯୁକ୍ତ ବିଜୟ କୁମାର ବେହେରା କହିଥିଲେ ଯେ, ଯେହେତୁ ପ୍ରଜାମାନେ ଦୀର୍ଘ ବର୍ଷ ଧରି ଏହି ଜମିରେ ଚାଷ କରି ଆସୁଛନ୍ତି ଏବଂ ଖଜଣା ଦେଇ ଆସୁଛନ୍ତି ତେଣୁ ଚାଷୀମାନଙ୍କୁ କ୍ଷତିପୂରଣ ଅର୍ଥ ପ୍ରଦାନ କରିବାକୁ ସରକାର ଦେବୋତ୍ତର କମିଶନଙ୍କୁ ଆଦେଶ ପ୍ରଦାନ କରନ୍ତୁ ।
- ସେ ଆହୁରି ମଧ କହିଥିଲେ ଯେ, ଏହି ଅଞ୍ଚଳରେ ଏହିପରି ସମସ୍ୟା ଥିବା ୧୫୬ ଖଣ୍ଡ ଗ୍ରାମ ମଧ୍ୟରୁ ୧୨୦ ଖଣ୍ଡ ଗ୍ରାମର ସମସ୍ୟା ସମାଧାନ ହୋଇଛି ଅବଶିଷ୍ଟ ୩୬ ଖଣ୍ଡ ଗ୍ରାମ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ । ଯେହେତୁ ଏହି ୩୬ ଖଣ୍ଡ ଗ୍ରାମ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ ତେଣୁ ଚାଷୀମାନେ ଏ ସମସ୍ତ ଜମିର ମାଲିକ ଏବଂ ଜମି ଅଧିଗ୍ରହଣ ହେତୁ ସମସ୍ତ କ୍ଷତିପୂରଣ ଅର୍ଥ ସିଧାସଳଖ ଚାଷିମାନଙ୍କୁ ପ୍ରଦାନ କରାଯାଉ । ଚାଷୀମାନେ କିପରି ସହଜରେ କ୍ଷତିପୂରଣ ପାଇପାରିବେ ସେ ବିଷୟରେ ଚାଷୀଙ୍କ ପକ୍ଷରୁ ଆପଣ ସରକାରଙ୍କୁ ସୁପାରିଶ କରନ୍ତୁ ।
- ଏହାର ଉତ୍ତରରେ ଉପ-ଜିଲ୍ଲାପାଳ ତଥା ଭୂ ଅର୍ଜନ ଅଧିକାରୀ, ଖୋର୍ଦ୍ଧା କହିଥିଲେ ଯେ, ଯେଉଁମାନଙ୍କ ଜମି ସ୍ଥିତିବାନ ହୋଇଯାଇଛି ସେମାନଙ୍କର କ୍ଷତିପୂରଣ ଅର୍ଥ ପାଇବାରେ କୌଣସି ସମସ୍ୟା ହେବନାହିଁ କିନ୍ତୁ ଯେଉଁମାନେ ମାର୍ଫତଦାର ଅଛନ୍ତି ସେମାନଙ୍କ ନିମନ୍ତେ କ୍ଷତିପୂରଣ ଅର୍ଥ ପାଇବାରେ ଅସୁବିଧା ହେବ । ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଆପଣ ଦେବୋତ୍ତର କମିଶନରଙ୍କ ନିକଟରେ ଅଭିଯୋଗ କରିବା ଉଚିତ ।
- ନରଣଗଡ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ରୀଯୁକ୍ତ ଅବକାଶ ମହାନ୍ତି କହିଥିଲେ ଯେ, ମନ୍ଦିରର ଏହି ସେବା ପ୍ରଦାନକାରୀମାନେ ମନ୍ଦିରର ସେବା କରୁଛନ୍ତି ଏବଂ ଜମିର ଫଳଭୋଗ ଅଧିକାର ଉପଭୋଗ କରୁଛନ୍ତି। ଯଦି ସେମାନଙ୍କଠାରୁ ଜମି ଅଧିଗ୍ରହଣ କରାଯାଏ ଏବଂ କ୍ଷତିପୂରଣ ଦିଆ ନ ଯାଏ, ତେବେ ଏହି ସେବା ପ୍ରଦାନକାରୀମାନେ ମନ୍ଦିର ପାଇଁ ସେବା କରିବେ ନାହିଁ ଫଳସ୍ୱରୂପ ଠାକୁର ଉପବାସ ରହିବେ । । ତେଣୁ, ଏ ସମ୍ପର୍କରେ ଶୀଘ୍ର ନିଷ୍ପତ୍ତି ନିଆଯିବା ଉଚିତ।
- ଏହାର ଉତ୍ତରରେ ଉପ-ଜିଲ୍ଲାପାଳ ତଥା ଭୂ ଅର୍ଜନ ଅଧିକାରୀ, ଖୋର୍ଦ୍ଧା କହିଥିଲେ ଯେ, ଆମେମାନେ ସାମୁହିକ ସମସ୍ୟା ଶୁଣିଲୁ । ଚୁଡାନ୍ତ ବିବରଣୀ ରେ ଏ ସମ୍ପର୍କରେ ଆମେ ସୁପାରିଶ କରିବୁ । ଯଦି କାହାର ବ୍ୟକ୍ତିଗତ ସମସ୍ୟା ଅଛି ତେବେ ଜିଲ୍ଲାପାଳ କିମ୍ବା ଭୂ ଅର୍ଜନ ଅଧିକାରୀଙ୍କ ନିକଟରେ ଜଣାନ୍ତୁ । ଆମେ ଏହାର ବିଧିବଦ୍ଧ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ।
- କୁରୁମପଡା ଗ୍ରାମର ଶ୍ରୀଯୁକ୍ତ ପ୍ରଫୁଲ୍ଲ ପାତ୍ର କହିଥିଲେ ଯେ, ପ୍ରଥମ କେନାଲ ନିର୍ମାଣ ହେବା ସମୟରେ ଯେଉଁ ଜମି ଅଧିଗ୍ରହଣ ହୋଇଥିଲା ତାହାର କ୍ଷତିପୂରଣ ଅର୍ଥ ଆମେ ପାଇନାହୁଁ । ବର୍ତ୍ତମାନ ପୁଣି ଆଉଥରେ ଜମି ଅଧିଗ୍ରହଣ ହେଉଛି ତେଣୁ କ୍ଷତିପୂରଣ ଅର୍ଥ ପ୍ରଜା କିପରି ଠିକ ଭାବରେ ପାଇ ପାରିବେ ସେଥିପାଇଁ ଉଚିତ ବ୍ୟବସ୍ଥା କରନ୍ତୁ ।
- ଶେଷରେ ନରଣଗଡ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଶ୍ରୀଯୁକ୍ତ ବିଜୟ କୁମାର ବେହେରା, ଭୂ- ଅର୍ଜନ ଅଧିକାରୀଙ୍କୁ ଅନୁରୋଧ କରି କହିଥିଲେ ଯେ, ସରକାର ବିନା ବାଧାବିଘ୍ନରେ ନିର୍ଦ୍ଦିଷ୍ଟ ହିତାଧିକାରୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରନ୍ତୁ । ହିତାଧିକାରୀଙ୍କ ସମେତ ସମସ୍ତ ଗ୍ରାମବାସୀ ପ୍ରକଳ୍ପ କାର୍ଯ୍ୟରେ ନିଶ୍ଚିତ ସହଯୋଗ କରିବେ ।

ଜନଶୁଣାଣି ସଭା ସମାପନ କରି ଉପ-ଜିଲ୍ଲାପାଳ ତଥା ଭୂ ଅର୍ଜନ ଅଧିକାରୀ, ଖୋର୍ଦ୍ଧା କହିଥିଲେ ଯେ, କ୍ଷତିଗ୍ରସ୍ତ ଚାଷୀ ଓ ଗ୍ରାମବାସୀଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ଅଭିଯୋଗଗୁଡିକ ସମ୍ପର୍କରେ ଆମେ ଅବଗତ ହେଲୁ । ଆପଣମାନଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ସମସ୍ୟାଗୁଡିକ ମଧ୍ୟରେ ଥିବା କେତେକ ଆଇନଗତ ସମସ୍ୟାଗୁଡିକୁ ଜିଲ୍ଲା କମିଟି ଏବଂ ବିଶେଷଜ୍ଞକମିଟି ଦ୍ୱାରା ସମାଧାନ କରାଯିବ । ଏ ସମ୍ବନ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆମେ ସୁପାରିଶଗୁଡିକୁ ଜିଲ୍ଲା କମିଟି ଏବଂ ବିଶେଷଜ୍ଞକମିଟି ନିକଟରେ ଉପସ୍ଥାପନ କରିବୁ । ମୁଁ ଆପଣମାନଙ୍କୁ ପ୍ରତିଶ୍ରୁତି ଦେଉଛି କି, ସମସ୍ତ ଅଭିଯୋଗ ସମ୍ପର୍କରେ ନିଶ୍ଚିତ ଭାବରେ ଆଲୋଚନା କରାଯିବ ଏବଂ ଏକ ଉପଯୁକ୍ତ ସମାଧାନର ଉପାୟ ବାହାରିବ ।

ଶ୍ରୀଯୁକ୍ତ ପଦ୍ମଚରଣ ଦାଶ, ନିର୍ଦ୍ଦେଶକ, ଷ୍ଟାର, ଗ୍ରାମବାସୀମାନେ ବୈଠକରେ ଉପସ୍ଥିତ ରହି ସେମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସମସ୍ତ ଗ୍ରାମବାସୀଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ଏବଂ ଏହି ମତାମତଗୁଡିକୁ ଚୁଡାନ୍ତ ବିବରଣୀରେ ଲିପିବଦ୍ଧ କରାଯାଇ ପ୍ରଶାସନ ନିକଟରେ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତ ଦେଇଥିଲେ । ଏହାପରେ ଶ୍ରୀଯୁକ୍ତ ଦାଶ ମଞ୍ଚାସୀନ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ପ୍ରଦାନ କରି ସଭାପତିଙ୍କ ଅନୁମତି କ୍ରମେ ସଭା ସାଙ୍ଗ କରିଥିଲେ ।

## ୩.୫. ଅଧ୍ୟୟନ ବିବରଣୀ ପ୍ରସ୍ତୁତି

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଚିଠା ବିବରଣୀ ଆଠଟି ଅଧ୍ୟାୟକୁ ନେଇ ଗଠିତ । ପ୍ରଥମ ଅଧ୍ୟାୟ ଟି କାର୍ଯ୍ୟନିର୍ବାହୀ ସାରାଂଶ ଏହା ସମସ୍ତ ବିବରଣୀର ସାରାଂଶ ଅଟେ ଏହି ଅଧ୍ୟାୟରେ ପ୍ରକଳ୍ପର ନାମ, ସାର୍ବଜନୀନ ଉଦ୍ଦେଶ୍ୟ, ସ୍ଥାନ ଇତ୍ୟାଦି ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇଛି । ଦ୍ୱିତୀୟ ଅଧ୍ୟାୟରେ ପ୍ରକଳ୍ପର ପୃଷ୍ଠଭୂମି ଅନ୍ତର୍ଭୁକ୍ତ, ଯେଉଁଥିରେ ପ୍ରକଳ୍ପ ବିକାଶକାରୀର ପୃଷ୍ଠଭୂମି ଏବଂ ପରିଚାଳନା, ପ୍ରକଳ୍ପର ଯୁକ୍ତି ଯୁକ୍ତତା ଏବଂ ସାର୍ବଜନୀନ ଉଦ୍ଦେଶ୍ୟ, ମାନଦଣ୍ଡ, ପ୍ରକଳ୍ପ ଆକାର, ସ୍ଥାନ, କ୍ଷମତା, ଉତ୍ପାଦନ, ଉତ୍ପାଦନ ଲକ୍ଷ୍ୟ, ମୂଲ୍ୟ, ବିପଦ, ବିକଳ୍ପଗୁଡ଼ିକର ପରୀକ୍ଷା, ପ୍ରଯୁଜ୍ୟ ଆଇନ ଏବଂ ନୀତିଗୁଡ଼ିକ ସମ୍ପଦରେ ତଥ୍ୟ ପ୍ରଦାନ କରାଯାଇଛି । ତୃତୀୟ ଅଧ୍ୟାୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ସମ୍ପର୍କିତ ତଥ୍ୟ, ଆଭିମୁଖ୍ୟ, ତଥ୍ୟ ସଂଗ୍ରହ କୌଶଳ, ପଦ୍ଧତି, ପ୍ରକ୍ରିୟା, ଅଧ୍ୟୟନର ସୀମା ଆଦି ଅନ୍ତର୍ଭୁକ୍ତ କରାଯାଇଛି । ଚତୁର୍ଥ ଅଧ୍ୟାୟରେ ପ୍ରଭାବିତ ଅଞ୍ଚଳ ର ମାନଚିତ୍ର, ଅଧିଗ୍ରହଣ କରିବାକୁ ଥିବା ଜମିର ପରିସର, ଭୂମିର ବର୍ତ୍ତମାନ ବ୍ୟବହାରର ପ୍ରକୃତି, ଭୂମି ମୂଲ୍ୟ ନିର୍ଣ୍ଣୟର ଆଧାର ଦର୍ଶାଯାଇଛି । ପଞ୍ଚମ ଅଧ୍ୟାୟରେ ପ୍ରଭାବିତ ପରିବାର ଆକଳନ ଏବଂ ଗଣନା କରାଯାଇଛି। ଷଷ୍ଠ ଅଧ୍ୟାୟରେ ପ୍ରଭାବିତ ଅଞ୍ଚଳ ର ସାମାଜିକ ଆର୍ଥିକ ଏବଂ ସାଂସ୍କୃତିକ ପାର୍ଶ୍ୱଚିତ୍ର ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇଛି । ସପ୍ତମ ଅଧ୍ୟାୟରେ ସାମାଜିକ ପ୍ରଭାବ, ଢାଞ୍ଚା କାର୍ଯ୍ୟ ଏବଂ ପ୍ରଭାବ ଚିହ୍ନଟ ପ୍ରକ୍ରିୟା ସମ୍ବନ୍ଧରେ ଆଲୋଚନା କରାଯାଇଛି । ଅଷ୍ଟମ ଅଧ୍ୟାୟରେ ପ୍ରକଳ୍ପ ର ଖର୍ଚ୍ଚ ଏବଂ ଲାଭ ସମ୍ବନ୍ଧରେ ବିଶ୍ଳେଷଣ କରାଯାଇଛି ଏବଂ ଅଧିଗ୍ରହଣ ଉପରେ ସୁପାରିଶ ସ୍ପଷ୍ଟ ଭାବରେ ଆଲୋଚନା କରାଯାଇଛି ।

# ଚତୁର୍ଥ ଅଧ୍ୟାୟ
# ଜମିର ଆକଳନ

## ୪.୧ ପ୍ରକଳ୍ପ ଅଧୀନରେ ପ୍ରଭାବିତ ଅଞ୍ଚଳ, ଉଭୟ ଅଧିଗ୍ରହଣ ହେବାକୁ ଥିବା ଜମି ଏବଂ ପ୍ରକଳ୍ପର ପରିବେଶ, ସାମାଜିକ କିମ୍ବା ଅନ୍ୟାନ୍ୟ ପ୍ରଭାବ ଦ୍ୱାରା ପ୍ରଭାବିତ ଅଞ୍ଚଳ ସହିତ ପ୍ରସ୍ତାବିତ ପ୍ରକଳ୍ପ ଅଧୀନରେ ପ୍ରଭାବିତ କ୍ଷେତ୍ର

ଭୂମି ହେଉଛି ଏକ ମୌଳିକ, ସୀମିତ ଏବଂ ଅମୂଲ୍ୟ ସମ୍ପଦ ଯାହା ଆଶ୍ରୟସ୍ଥଳ, ଖାଦ୍ୟ ଉତ୍ପାଦନ (କୃଷି) ଏବଂ ଆର୍ଥିକ କାର୍ଯ୍ୟକଳାପ ପାଇଁ ଅତ୍ୟାବଶ୍ୟକ ଭିତ୍ତିଭୂମି ପ୍ରଦାନ କରି ସମସ୍ତ ମାନବ ଅସ୍ତିତ୍ୱକୁ ସମର୍ଥନ କରେ। ସମ୍ପତ୍ତି ଏବଂ ବାସସ୍ଥାନର ପ୍ରାଥମିକ ଉତ୍ସ ଭାବରେ, ଏହା ଜୀବନକୁ ବଜାୟ ରଖେ, ଭିତ୍ତିଭୂମି ବିକାଶକୁ ସକ୍ଷମ କରେ ଏବଂ ପରିସଂସ୍ଥାକୁ ନିୟନ୍ତ୍ରଣ କରେ। ଭୂମି ମଣିଷ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି। ଭୂମି ମାଲିକାନା ହେଉଛି ଗ୍ରାମୀଣ ସମ୍ପ୍ରଦାୟରେ ଜଣଙ୍କର ସାମାଜିକ-ଆର୍ଥିକ ସ୍ଥିତିର ନିର୍ଣ୍ଣାୟକ କାରକ। ବର୍ତ୍ତମାନର ଅଧ୍ୟାୟ ହେଉଛି ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲର କୁରୁମପଡ଼ା ଗ୍ରାମରେ ରାଜୁଆ ଡାଇଭର୍ସନ ୱେୟାର ଅଧୀନରେ ବ୍ରଜମୋହନପୁର ସବ୍ ମାଇନର୍ ୦୨ ର ପ୍ରସ୍ତାବିତ ନିର୍ମାଣ ଦ୍ୱାରା ଜମି ଏବଂ ଅନ୍ୟାନ୍ୟ ସମ୍ପତ୍ତି କ୍ଷତିର ପରିମାଣ ଆକଳନ କରିବାର ଏକ ପ୍ରୟାସ। ଏହି ମୂଲ୍ୟାଙ୍କନରେ ଅଧିଗ୍ରହଣ କରିବାକୁ ଥିବା ଜମିର ପରିମାଣ, ଜମି ଉପରେ ଥିବା ସମ୍ପତ୍ତି, ଜୀବିକା ଉପରେ ପ୍ରଭାବର ପ୍ରକାର, ଦାରିଦ୍ର୍ୟର ବିପଦ ଇତ୍ୟାଦି ସୂଚକଗୁଡ଼ିକୁ ବିଚାରକୁ ନିଆଯାଇଛି । କର୍ତ୍ତୃପକ୍ଷମାନେ ୧.୦୨୬୦ ଏକର ଜମି ଅଧିଗ୍ରହଣ ପାଇଁ ବର୍ତ୍ତମାନର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିଥିଲେ । ସର୍ଭେରୁ ଏହା ନିଶ୍ଚିତ ହୋଇଥିଲା ଯେ ଅଧିଗ୍ରହଣ କରିବାକୁ ଥିବା ପ୍ରସ୍ତାବିତ ଜମି ଅନୁସୂଚିତ ଅଞ୍ଚଳର ନୁହେଁ । ଅନୁସୂଚିତ ଅଞ୍ଚଳ ବାହାରେ ଜମି ଅଧିଗ୍ରହଣ (ଅଣ-ଅନୁସୂଚିତ ଅଞ୍ଚଳ) ସାଧାରଣ ଭୂମି ଆଇନ ଅନୁଯାୟୀ କାର୍ଯ୍ୟ କରେ, ଯେପରିକି RFCTLARR ଆଇନ, ୨୦୧୩, ନିର୍ଦ୍ଦିଷ୍ଟ ଗ୍ରାମସଭା ସମ୍ମତି କିମ୍ବା ପଞ୍ଚମ ଅନୁସୂଚିତ ସୁରକ୍ଷା ପାଇଁ ବାଧ୍ୟତାମୂଳକ ଆବଶ୍ୟକତାକୁ ହଟାଇ ଦିଏ । ଆଦିବାସୀ ଜମି ହସ୍ତାନ୍ତର ପାଇଁ ସ୍ୱତନ୍ତ୍ର ସୁରକ୍ଷା ଏପର୍ଯ୍ୟନ୍ତ ପ୍ରଯୁଜ୍ୟ ହେଲେ ମଧ୍ୟ, ଏହି ସ୍ଥିତି ଆଦିବାସୀ ଭୂମି ସୁରକ୍ଷା ଥିବା ଅଞ୍ଚଳ ତୁଳନାରେ ଅଧିଗ୍ରହଣ ପାଇଁ କଠୋର ଆଇନଗତ ପ୍ରକ୍ରିୟାକୁ ସରଳ କରିଥାଏ । ଅଧିଗ୍ରହଣ ହେବାକୁ ଥିବା ପ୍ରସ୍ତାବିତ ଜମି ଅନୁସୂଚିତ ଅଞ୍ଚଳର ନାହିଁ ତେଣୁ ଅନୁସୂଚିତ ଅଞ୍ଚଳରେ ଆବଶ୍ୟକତା ଅନୁଯାୟୀ ଗ୍ରାମସଭାରୁ ବାଧ୍ୟତାମୂଳକ ପୂର୍ବ ସମ୍ମତି ଆବଶ୍ୟକ ନାହିଁ । RFCTLARR ଆଇନ, ୨୦୧୩ ଅନୁଯାୟୀ ସାର୍ବଜନୀନ ଉଦ୍ଦେଶ୍ୟ, କ୍ଷତିପୂରଣ, ପୁନର୍ବାସ ଏବଂ ପୁନଃସ୍ଥାପନ ପାଇଁ ମାନକ ଭୂମି ଅଧିଗ୍ରହଣ ପ୍ରକ୍ରିୟା ଅନୁସରଣ କରାଯିବ।

## ୪.୨ ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ର ପରିମାଣ ଏବଂ ଅବସ୍ଥିତି


ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ଅଧୀନରେ ବ୍ରଜମୋହନପୁର ସବ୍ ମାଇନର୍ ୦୨ ନିର୍ମାଣ ପାଇଁ ମୋଟ ୧.୦୨୬୦ ଏକର ଘରୋଇ ଜମି ଅଧିଗ୍ରହଣ କରାଯିବ। ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ଅନ୍ତର୍ଗତ ବ୍ରଜମୋହନପୁର ସବ୍ ମାଇନର୍ ୦୨ ନିର୍ମାଣ ର ପ୍ରଭାବ କେବଳ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁରୁମପଡ଼ା ଗ୍ରାମର ୭ଟି ପ୍ଲଟର ୧.୦୨୬୦ ଏକର ଜମି ଉପରେ ପଡ଼ିବ।

## ୪.୩ ଏହି ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ ହେଉଥିବା ଜମି ସର୍ବନିମ୍ନ ଆବଶ୍ୟକତା ଅଟେ କି ?

ଯେହେତୁ ଏହି ପ୍ରକଳ୍ପରେ ରାଜୁଆ ଡାଇଭର୍ସନ ୱେୟାରରୁ ଜଳସେଚନ ପାଣି ଛାଡ଼ିବା ପାଇଁ କୁରୁମପଡ଼ା ଗ୍ରାମରେ ଏକ ସବ୍ ମାଇନର କେନାଲ ନିର୍ମାଣ କରୁଛି, ଏଥିପାଇଁ ଅନ୍ୟ କୌଣସି ବିକଳ୍ପ ବିଚାର କରାଯାଇପାରିବ ନାହିଁ । ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଆଇନ ଏବଂ ନିୟମ ଅନୁଯାୟୀ ସମସ୍ତ ଆବଶ୍ୟକୀୟ ବୈଧାନିକ ମଞ୍ଜୁରୀ ଏବଂ ଅନୁମତି ଜଳସେଚନ ବିଭାଗ ଦ୍ୱାରା ପ୍ରାପ୍ତ ହୋଇଛି । ଏହି ଜମି ଅଧିଗ୍ରହଣରେ ସମ୍ପତ୍ତି କିମ୍ବା ଭିତ୍ତିଭୂମିର ସେତେ ବଡ଼ କ୍ଷତି ହୋଇନାହିଁ କାରଣ ପ୍ଲଟଗୁଡ଼ିକ ଅଧିକାଂଶ ଚାଷ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଥାଏ ।

## ୪.୪ ପ୍ରକଳ୍ପ ଅଧୀନରେ ପ୍ରଭାବିତ ଅଞ୍ଚଳକୁ ଦର୍ଶାଉଥିବା ମାନଚିତ୍ର

**ମାନଚିତ୍ର ୪.୧ - ଜମି ଅଧିଗ୍ରହଣ ଅଞ୍ଚଳ ପ୍ରଦର୍ଶିତ କରି କୁରୁମପଡା ଗ୍ରାମର ମାନଚିତ୍ର**



## ୪.୫. ପ୍ରକଳ୍ପ ପାଇଁ ବିକଳ୍ପ ସ୍ଥାନର ସମ୍ଭାବନା ଏବଂ ଏହାର ସମ୍ଭାବ୍ୟତା

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ଦ୍ୱାରା ବ୍ୟକ୍ତିଗତ ଜମି ଅଧିଗ୍ରହଣକୁ କମ କରିବା ପାଇଁ ସ୍ଥାନ ପରିବର୍ତ୍ତନ କରିବା ପାଇଁ ଅନ୍ୟାନ୍ୟ ସାମ୍ଭାବ୍ୟ ବିକଳ୍ପଗୁଡ଼ିକର ପରୀକ୍ଷା କରିବା ପାଇଁ ମଧ୍ୟ ଏକ ପ୍ରୟାସ କରାଯାଇଥିଲା । କିନ୍ତୁ ଏହା ଆବଶ୍ୟକ ହୋଇନଥିଲା କାରଣ କ୍ଷୁଦ୍ର ଏବଂ ଉପ-ମାଇନର କେନାଲ ନିର୍ମାଣ ସମୟରେ ଏକ ସହଜ ଏବଂ ସୁଗମ ଗୁରୁତ୍ୱାକର୍ଷଣ ପ୍ରବାହ ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ ସମପତନ ରେଖାରେ ସଂରଚନା କରାଯାଇଛି । ଏହା ସହିତ, ଏଥିପାଇଁ ଲୋକଙ୍କ ବିସ୍ଥାପନ ଆବଶ୍ୟକ ନାହିଁ । ଏହି ଦୃଷ୍ଟିରୁ, ବିକଳ୍ପ ସ୍ଥାନ ସନ୍ଧାନ ପାଇଁ ବିଚାର ଅନାବଶ୍ୟକ ବୋଲି ବିବେଚନା କରାଯାଉଛି।

## ୪.୬ ଅନୁସୂଚିତ ଅଞ୍ଚଳରେ ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ସର୍ବଶେଷ ଉପାୟ କି ?

ପ୍ରକଳ୍ପ ପାଇଁ ଅଧିଗ୍ରହଣ ହେବାକୁ ଥିବା ଜମି ଅନୁସୂଚିତ ଅଞ୍ଚଳ ଅଧୀନରେ ଆସୁନାହିଁ । ରାଜୁଆ ଡାଇଭର୍ସନ ୱେୟାର ଅଧୀନରେ ବ୍ରଜମୋହନପୁର ସବ୍ ମାଇନର୍ ୦୨ ନିର୍ମାଣ ପାଇଁ କେବଳ ଏକ ରେଖା ଆକାରରେ ଜମି ଅଧିଗ୍ରହଣ କରାଯିବ।

## ୪.୭ ଯଦି ପୂର୍ବରୁ କୌଣସି ଜମି, କ୍ରୟ, କିସମ ପରିବର୍ତ୍ତନ, ଲିଜ୍ କିମ୍ବା ଅଧିଗ୍ରହଣ ହୋଇଥାଏ ଏବଂ ପ୍ରକଳ୍ପ ପାଇଁ ଆବଶ୍ୟକ ପ୍ରତ୍ୟେକ ଜମି ପାଇଁ ଉଦ୍ଦିଷ୍ଟ ବ୍ୟବହାର

ରାଜୁଆ ନଦୀରେ ଏକ ଡାଇଭର୍ସନ ୱେୟାର ନିର୍ମାଣ ପାଇଁ ଯୋଜନା କରାଯାଇଛି । ରାଜୁଆ ନଦୀ ପାର ହୋଇ ଢୋଲପାଟଣା ଠାରେ ଏକ ଡାଇଭର୍ସନ ୱେୟାର ନିର୍ମାଣ କରି ଏବଂ ଡାଇଭର୍ସନ ୱେୟାରର ଉପରମୁଣ୍ଡରେ ଆଫ୍ଲକ୍ସ ବନ୍ଧ ନିର୍ମାଣ କରି ଏହି ପ୍ରକଳ୍ପ ସମାପ୍ତ କରିବାକୁ ଯୋଜନା କରାଯାଇଛି । ରବି ଋତୁରେ ଡାଇଭର୍ସନ ୱେୟାରର ଉଭୟ ପାର୍ଶ୍ୱରେ ଜଳସେଚନ ଯୋଗାଇବା ପାଇଁ ଦୁଇଟି ମୁଖ୍ୟ କେନାଲ ଯଥା ୭.୮୮ କିଲୋମିଟର ଲମ୍ବ ବାମ ମୁଖ୍ୟ କେନାଲ ଏବଂ ୧୨.୦୫ କିଲୋମିଟର ଲମ୍ବ ଡାହାଣ ମୁଖ୍ୟ କେନାଲ ଏବଂ ଏହାର ବିତରଣ ବ୍ୟବସ୍ଥା ନିର୍ମାଣ କରିବ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା । ପ୍ରକଳ୍ପ ନିର୍ମାଣରେ ୨୬୫.୨୩୩ ଏକର ଘରୋଇ ଜମି ଅଧିଗ୍ରହଣ ଅନ୍ତର୍ଭୁକ୍ତ । ଆବଶ୍ୟକ ମୋଟ ଜମି ମଧ୍ୟରୁ ୨୩୮.୭୦୮ ଏକର ପୂର୍ବରୁ ଅଧିଗ୍ରହଣ କରାଯାଇଛି ଏବଂ ଅବଶିଷ୍ଟ ୨୬.୫୩ ଏକର ଜମି ନୂତନ ଭୂ-ଅର୍ଜନ ଆଇନ ୨୦୧୩ ଅନୁଯାୟୀ ଅଧିଗ୍ରହଣ କରାଯିବ । ୨୬.୫୩ ଏକର ଜମି ନୂତନ ଭୂ-ଅର୍ଜନ ଆଇନ ୨୦୧୩ ଅନୁଯାୟୀ ଅଧିଗ୍ରହଣ ନିମନ୍ତେ ଭୂ ଅର୍ଜନ ଅଧିକାରୀ ଖୋର୍ଦ୍ଧାଙ୍କ ନିକଟରେ ନୂତନ ପ୍ରସ୍ତାବ ଦାଖଲ କରାଯାଇଛି । ତଦନୁଯାୟୀ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ବିଭିନ୍ନ ସମୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି । ବର୍ତ୍ତମାନର ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ୨୬.୫୩ ଏକର ଜମି ମଧ୍ୟରୁ ୧.୦୨୬୦ ଏକର ଜମି ଅଧିଗ୍ରହଣ ପାଇଁ ଉଦ୍ଦିଷ୍ଟ। ଯାହାକୁ ରାଜୁଆ ନଦୀ ପ୍ରକଳ୍ପରେ ଏକ ଡାଇଭର୍ସନ ୱେୟାର ଅଧୀନରେ ବ୍ରଜମୋହନପୁର ସବ୍ ମାଇନର୍ ୦୨ ନିର୍ମାଣ ପାଇଁ ବ୍ୟବହାର କରାଯିବ। ବାକି ଜମି ପାଇଁ RFCTLARR ଆଇନ ୨୦୧୩ ଅନୁଯାୟୀ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି ।

## ୪.୮ ପ୍ରକଳ୍ପ ପାଇଁ ଆବଶ୍ୟକ ପ୍ରତ୍ୟେକ ଜମି ପାଇଁ ଉଦ୍ଦିଷ୍ଟ ବ୍ୟବହାର ଏହି ପ୍ରକଳ୍ପ ପାଇଁ ଯେ କୌଣସି ସାର୍ବଜନୀନ ଅବ୍ୟବହୃତ ଜମି ବ୍ୟବହାର ହେବାର ସମ୍ଭାବନା ଏବଂ ଏହିପରି କୌଣସି ଜମି କାହା ଦଖଲରେ ଅଛି କି ? ।

ଏଠାରେ ଏପରି ଅନ୍ୟାନ୍ୟ ସରକାରୀ ଜମି ଅଛି ଯେଉଁଠାରେ ମୌସୁମୀ ସମୟରେ ପ୍ରବଳ ବର୍ଷା, ସମତଳ ଭୂମି, ଖରାପ ଜଳ ନିଷ୍କାସନ ପଦ୍ଧତି ଏବଂ ବଙ୍ଗୋପସାଗରରୁ ଜୁଆର ଜଳପ୍ଲାବନ ହେତୁ ଦୀର୍ଘକାଳୀନ ଜଳବନ୍ଦୀର ସମ୍ମୁଖୀନ ହୁଏ, ଯାହା କୃଷି

ଉତ୍ପାଦନକୁ ପ୍ରଭାବିତ କରେ । ସେହି ଜମିଗୁଡ଼ିକୁ ରାଜୁଆ ଡାଇଭର୍ସନ ୱେୟାର ଏବଂ କେନାଲ ସିଷ୍ଟମ ନିର୍ମାଣ ପାଇଁ ବ୍ୟବହାର କରାଯିବ ।

## ୪.୯ ଜମିର ପ୍ରକାର, ବର୍ତ୍ତମାନର ବ୍ୟବହାର ଏବଂ ଜମିର ବର୍ଗୀକରଣ ଏବଂ ଯଦି ଏହା ଏକ କୃଷି ଜମି, ଉକ୍ତ ଜମି ପାଇଁ ଜଳସେଚନର ବ୍ୟାପ୍ତି ଏବଂ ଫସଲ ଢାଞ୍ଚା |

କୁରୁମପଡ଼ା ଗ୍ରାମରେ ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ସମୁଦାୟ ୧.୦୨୬୦ ଏକର ଜମି ହେଉଛି କୃଷି ଜମି । ପ୍ରବଳ ମୌସୁମୀ ବର୍ଷା ଯୋଗୁଁ ଏହି ଜମିଗୁଡ଼ିକ ଦୀର୍ଘସମୟ ନିମନ୍ତେ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହୁଏ । ପାଣି ଜମି ରହିବା ଯୋଗୁଁ ଗ୍ରାମବାସୀ ଖରିଫ ଫସଲ ଚାଷ କରିପାରନ୍ତି ନାହିଁ । ମୌସୁମୀ ପରେ ସେମାନେ ରବି ଋତୁରେ ଧାନ ଚାଷ କରନ୍ତି । ସେମାନେ ଚାଷ ଜମିରେ ବାଇଗଣ, ଟମାଟୋ, କଖାରୁ, କଲରା ଇତ୍ୟାଦି ପନିପରିବା ମଧ୍ୟ ଚାଷ କରନ୍ତି ।

## ୪.୧୦ ପ୍ରସ୍ତାବିତ ଜମି ଅଧିଗ୍ରହଣରେ ଖାଦ୍ୟ ନିରାପତ୍ତାକୁ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ପାଳନ କରାଯାଇଛି କି ନାହିଁ

ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ୧.୦୨୬୦ ଏକର ଜମି ଚାଷ ଜମି । ଏହା ଜଳସେଚିତ ଜମି ନୁହେଁ । ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ୧.୦୨୬୦ ଏକର ଜମି ଜଳସେଚିତ ଜମି ଅଟେ । ତେଣୁ, ଧାରା ୧୦ (୧), RFCTLAR & R ଆକ୍ଟ ୨୦୧୩ ର ଅଧ୍ୟାୟ ୩ ଅଧୀନରେ ଜଳସେଚିତ ଏକାଧିକ ଫସଲ ଚାଷ ନିମନ୍ତେ ଜମି ଅଧିଗ୍ରହଣ ପାଇଁ ଉପଲବ୍ଧ ଖାଦ୍ୟ ନିରାପତ୍ତା ସମ୍ବନ୍ଧରେ ବିଶେଷ ବ୍ୟବସ୍ଥା ଏହି ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ । ଆହୁରି ମଧ୍ୟ, ପ୍ରସ୍ତାବିତ ପ୍ରକଳ୍ପଟି ଏକ ରେଖା ଆକାରରେ (ରେଳବାଇ, ରାଜପଥ, ମୁଖ୍ୟ ଜିଲ୍ଲା ସଡକ, ଜଳସେଚନ କେନାଲ, ବିଦ୍ୟୁତ୍ ଲାଇନ ଏବଂ ଅନ୍ୟାନ୍ୟ ପରି ରେଖାକାର ପ୍ରକଳ୍ପ କ୍ଷେତ୍ରରେ) ଗତିକରୁଥିବା ପ୍ରକଳ୍ପ । ଏହି ପ୍ରକଳ୍ପ ନିମନ୍ତେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ, ବିଜ୍ଞପ୍ତି ସଂଖ୍ୟା LA(A) -୨୩/୨୦୧୪/୯୦୬୮ ତାରିଖ ୧୯.୦୩.୨୦୧୬ ଅନୁଯାୟୀ ଖାଦ୍ୟ ନିରାପତ୍ତାକୁ ନେଇ ବିଶେଷ ବ୍ୟବସ୍ଥା ଆକର୍ଷିତ କରେ ନାହିଁ ।

## ୪.୧୧ ଜମି ଧାରଣର ଆକାର, ମାଲିକାନା ଢାଞ୍ଚା, ଜମି ଆବଣ୍ଟନ, ଆବାସିକ ଘର ସଂଖ୍ୟା ଏବଂ ସରକାରୀ ଓ ବେସରକାରୀ ଭିତ୍ତିଭୂମି ଏବଂ ସମ୍ପତ୍ତି;

ସର୍ଭେ ସମୟରେ ଜଣାପଡିଥିଲା ଯେ ପ୍ରଭାବିତ ପରିବାରଗୁଡ଼ିକର ଜମି ମାଲିକାନା ସମ୍ବନ୍ଧରେ କୌଣସି ଆଇନଗତ ଭୂମି ଅଧିକାର ରେକର୍ଡ ନାହିଁ । ଅଧିଗ୍ରହଣ କରିବାକୁ ପ୍ରସ୍ତାବିତ ସମସ୍ତ ଜମି ଦେବୋତ୍ତର ଜମି । ଖାତା ସଂଖ୍ୟା ୫୧୪ ର ପ୍ଲଟ ନମ୍ବର ୪୯୪ ବ୍ୟତୀତ ସମସ୍ତ ପ୍ଲଟ ପୁରୀର ଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଏବଂ ଖାତା ସଂଖ୍ୟା ୫୧୪ ର ପ୍ଲଟ ନମ୍ବର ୪୯୪ ଜମିଟି ନରଣଗଡ ଗ୍ରାମର ଶ୍ରୀ ଭଗବତୀ ଠାକୁରାଣୀଙ୍କ ନାମରେ ଅଛି । ଭୂମି ଅଧିକାର ରେକର୍ଡ (ROR) ଅନୁଯାୟୀ, ନିମ୍ନରେ ଥିବା ସାରଣୀ ସଂଖ୍ୟା ୪.୧ ରେ ପ୍ରଦାନ କରାଯାଇଥିବା ତାଲିକା ଅନୁଯାୟୀ ଏହି ସମସ୍ତ ଜମି ନରଣଗଡ ଗ୍ରାମବାସୀଙ୍କ ଦଖଲରେ ଅଛି।

## ସାରଣୀ ୪.୧ : ପ୍ରସ୍ତାବିତ ପ୍ରକଳ୍ପ ପାଇଁ ପ୍ରଭାବିତ ଏବଂ ଅଧିଗ୍ରହଣ ହେବାକୁ ଥିବା ଜମିର ପ୍ରକାର

**(ଜମିର ପରିମାଣ ଏକରରେ)**

| କ୍ର ସଂ | ରେକର୍ଡଧାରୀଙ୍କ ନାମ | ପିତା/ ଅଭିଭାବକଙ୍କ ନାମ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ମାଲିକାନାରେ ଥିବା ସମୁଦାୟ ଜମିର ପରିମାଣ | ଅଧିଗ୍ରହଣ ହେବାକୁ ଥିବା ଜମିର ପରିମାଣ |
|---|---|---|---|---|---|---|---|
| ୧ | କପିଳେଶ୍ୱର ଚମ୍ପତି | ହଟକେଶ୍ୱର ଚମ୍ପତି | ୬୦ | ୪୭୭ | ଶାରଦ – ୨ | ୩.୨୨୦ | ୦.୩୪୦ |
| ୨ | ମିନକେତନ ଚମ୍ପତି | | | | | | |
| ୩ | ରବୀନ୍ଦ୍ରନାଥ ବିଧର | ବାଉରୀବନ୍ଧୁ ବିଧାର | | | | | |
| ୪ | ସନାତନ ରାଉତ | ଗୋଲଖବିହାରୀ ରାଉତ | | | | | |
| ୫ | ଯୁଧିଷ୍ଠିର ରାଉତ | | | | | | |
| ୬ | କୁଳମଣି ନାୟକ | କାହ୍ନୁ ନାୟକ | ୭୯ | ୪୯୮ | ଶାରଦ – ୨ | ୦.୪୩୫ | ୦.୦୧୫ |
| ୭ | ତାରା ଦେଇ | ସ୍ୱାମୀ - ଜଳଧର ସାହୁ | ୧୬୧ | ୪୮୦ | ଶାରଦ – ୨ | ୦.୫୨୫ | ୦.୦୧୮ |
| ୮ | ବିଶ୍ୱନାଥ ପଧାନ | ଦନେଇ ପଧାନ | ୨୮୨ | ୪୯୩ | ଶାରଦ – ୨ | ୦.୨୨୫ | ୦.୧୪୫ |
| ୯ | ଭ୍ରମର ନନ୍ଦ | କେଳା ନନ୍ଦ | ୪୯୯ | ୪୭୮ | ଶାରଦ – ୨ | ୧.୦୫୫ | ୦.୦୧୮ |
| ୧୦ | କୁମର ନନ୍ଦ | | | ୪୭୯ | ଶାରଦ – ୨ | ୦.୬୧୫ | ୦.୩୪୫ |
| ୧୧ | ବିର ନନ୍ଦ | ନୀଳ ନନ୍ଦ | ୫୧୪ | ୪୯୪ | ଶାରଦ – ୨ | ୧.୩୪୫ | ୦.୧୪୫ |
| ୧୨ | ଲାବଣ୍ୟବତୀ ଦେଇ | ସ୍ୱାମୀ -ସୋମନାଥ ମହାପାତ୍ର | | | | | |
| ୧୩ | ସୋମନାଥ ମହାପାତ୍ର | ଅନନ୍ତ ମହାପାତ୍ର | | | | | |
| | | | | | | **୭.୪୨୦** | **୧.୦୨୬** |

*ଉତ୍ସ – ଆର ଓ ଆର ଦଲିଲ ଏବଂ କ୍ଷେତ୍ର ସର୍ବେକ୍ଷଣ*

ଜମି ଅଧିକାର ରେକର୍ଡ (RoR) ଅନୁଯାୟୀ ଅନୁଯାୟୀ, କୁରୁମପଡା ଗ୍ରାମରୁ ମୋଟ ୧.୦୨୬୦ ଏକର ବ୍ୟକ୍ତିଗତ ଜମି ଅଧିଗ୍ରହଣ କରାଯିବାର ପ୍ରସ୍ତାବ ଅଛି। ଜମି ରେକର୍ଡ ଯାଞ୍ଚ ସମୟରେ ଅବଗତ ହେଲା ଯେ, ୬ ଟି ଖାତା ଅନ୍ତର୍ଗତ ୭ ଟି ପ୍ଲଟରେ ୧୩ ଜଣ ଜମି ମାଲିକ ଅଧିଗ୍ରହଣ ଦ୍ୱାରା ପ୍ରଭାବିତ ହେବେ । କ୍ଷେତ୍ର ସର୍ଭେ ସମୟରେ ଏହା ଅବଗତ ହୋଇଥିଲା ଯେ, ରେକର୍ଡ ହୋଇଥିବା ଜମି ମାଲିକଙ୍କ ମଧ୍ୟରୁ ୩ ଜଣ ସର୍ଭେ ସମୟରେ ଗ୍ରାମରେ ଉପଲବ୍ଧ ନଥିଲେ ଏବଂ ଅବଶିଷ୍ଟ ୧୦ ଜଣ ପୁରାତନ ଜମି ମାଲିକଙ୍କ ମୃତ୍ୟୁ ଘଟିଛି । ମୃତ ଜମିମାଲିକଙ୍କ ପରିବର୍ଦ୍ଧିତ ପରିବାର ବିଚାରକୁ ନେଲେ, ମୋଟ ୧୪ ଟି ପ୍ରଭାବିତ ପରିବାରର ଆକଳନ କରାଯାଇଛି। ପାର୍ଶ୍ୱଚିତ୍ର ବର୍ତ୍ତମାନର ସାମାଜିକ ପ୍ରଭାବ ଆକଳନ (SIA) ଅଧ୍ୟୟନର ଅଂଶ ଭାବରେ ଦଲିଲଭୁକ୍ତ କରାଯାଇଛି । ସର୍ଭେରୁ ଜଣାପଡିଛି ଯେ ପ୍ରଭାବିତ ହେବାକୁ ଥିବା ମୋଟ ୧.୦୨୬୦ ଏକର ଜମି ହେଉଛି କେବଳ ବ୍ୟକ୍ତିଗତ ଜମି । ତେଣୁ, ଏହା ଅନୁମାନ କରାଯାଉଛି ଯେ ଜମିର କ୍ଷତି ପରିବାରର ମାଲିକାନାରେ ଥିବା ଅଂଶ ଉପରେ ବିଶେଷ ପ୍ରଭାବ ପକାଇବ ନାହିଁ । ଜମି ଅଧିଗ୍ରହଣ ପ୍ରକ୍ରିୟାରେ, ଗ୍ରାମରେ ସରକାରୀ ଜମି ପ୍ରଭାବିତ ହେବ ନାହିଁ । ଅଧିଗ୍ରହଣ ହେବାକୁ ଥିବା ପ୍ରସ୍ତାବିତ ଜମି ଅନୁସୂଚିତ ଅଞ୍ଚଳର ନାହିଁ ।

ଆହୁରି ମଧ୍ୟ ସର୍ଭେରୁ ଜଣାପଡ଼ିଛି ଯେ ପ୍ରଭାବିତ ହେବାକୁ ଥିବା ମୋଟ ଜମି ର ପରିମାଣ ୧.୦୨୬୦ ଏକର ଯାହା କେବଳ ଶାରଦ କିସମ ଜମି ଯାହା ବ୍ୟକ୍ତିଗତ କୃଷି ଜମି ଅନ୍ତର୍ଭୁକ୍ତ। ତେଣୁ, ଏହା ଅନୁମାନ କରାଯାଉଛି ଯେ ଜମିର କ୍ଷତି ପରିବାରର ମାଲିକାନାରେ ଥିବା ଅଂଶ ଉପରେ ବିଶେଷ ପ୍ରଭାବ ପକାଇବ ନାହିଁ। ଜମି ଅଧିଗ୍ରହଣ ପ୍ରକ୍ରିୟାରେ, ଗାଁରେ ସରକାରୀ ଜମି ପ୍ରଭାବିତ ହେବ ନାହିଁ । ଅଧିଗ୍ରହଣ ହେବାକୁ ଥିବା ପ୍ରସ୍ତାବିତ ଜମି ଅନୁସୂଚିତ ଅଞ୍ଚଳର ନୁହେଁ।

### ୪.୧୧.୧ ଆବାସିକ ଘର ଏବଂ ସର୍ବସାଧାରଣ ଓ ବେସରକାରୀ ଭିତ୍ତିଭୂମି ଏବଂ ସମ୍ପତ୍ତିର ପରିମାଣ

ଏହି ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା କୌଣସି ଆବାସିକ ଘର ଏବଂ ସରକାରୀ ଏବଂ ବେସରକାରୀ ଭିତ୍ତିଭୂମି ଏବଂ ସମ୍ପତ୍ତି ପ୍ରଭାବିତ ହେବ ନାହିଁ ।

### ୪.୧୨ ଜମି ମୂଲ୍ୟ ଏବଂ ମାଲିକାନାରେ ପରିବର୍ତ୍ତନ ଗତ ତିନିବର୍ଷ ମଧ୍ୟରେ ଜମିର ମାଲିକାନା, ସ୍ଥାନାନ୍ତର ଏବଂ ବ୍ୟବହାରରେ ପରିବର୍ତ୍ତନ

କୁରୁମପଡା ଗ୍ରାମରେ କରାଯାଇଥିବା ଦଳଗତ ଆଲୋଚନାରୁ ଉପଲବ୍ଧ ତଥ୍ୟ ଅନୁଯାୟୀ, ଗତ ତିନିବର୍ଷ ମଧ୍ୟରେ ଗ୍ରାମରେ କୌଣସି ଜମି କ୍ରୟ ବିକ୍ରୟ ହୋଇ ନାହିଁ । RFCTLARR ଆଇନ ୨୦୧୩ ର ନିର୍ଦ୍ଦେଶାବଳୀ ଆଧାରରେ ନଗଦ କ୍ଷତିପୂରଣ ଚୂଡ଼ାନ୍ତ କରାଯିବ। ଜମି ମୂଲ୍ୟ ଚୂଡ଼ାନ୍ତ କରିବା ପ୍ରକ୍ରିୟାରେ ଜମିର ବେଞ୍ଚମାର୍କ ମୂଲ୍ୟକୁ ବିଚାରକୁ ନିଆଯିବ। ସେହି ଅନୁଯାୟୀ, ୧୦୦% (ଅନୁକମ୍ପା ରାଶି) ପରି ଅନ୍ୟ ମାନଦଣ୍ଡ, ଜମିର ମୂଳ ମୂଲ୍ୟ ସହିତ ବାର୍ଷିକ ୧୨% ସୁଧ କ୍ଷତିପୂରଣ ସହିତ ଯୋଗ କରାଯିବ ।

### ୪.୧୨.୧ ଜମି ଅଧିଗ୍ରହଣ ହେତୁ କ୍ଷତି ହେବାକୁ ଥିବା ଜମିର ମୂଲ୍ୟ ନିର୍ଣ୍ଣୟ କରିବାର ଆଧାର

ଜମି ଅଧିଗ୍ରହଣ ହେତୁ କ୍ଷତି ହେଉଥିବା ଜମିର ମୂଲ୍ୟ ନିମ୍ନଲିଖିତ ନିୟମ ଆଧାରରେ ଆକଳନ କରାଯିବ

(କ) ଯେଉଁଠାରେ ପ୍ରଭାବିତ ଜମି ଅବସ୍ଥିତ ସେଠାରେ (ଭାରତୀୟ ଷ୍ଟାମ୍ପ ଆଇନ-୧୮୯୯ ଅନୁଯାୟୀ) ବିକ୍ରି କବଲାରେ ଉଲ୍ଲେଖ କରାଯାଇଥିବା ମୂଲ୍ୟ ସମ୍ପର୍କିତ କାର୍ଯ୍ୟାଳୟ ର ମୋହରରେ ମୁଦ୍ରିତ ମୂଲ୍ୟ।

(ଖ) ବଜାର ମୂଲ୍ୟ ଉଲ୍ଲେଖ କରାଯାଇଥିବା ଅନୁମୋଦିତ ବେଞ୍ଚମାର୍କ ମୂଲ୍ୟ

(ଗ) ବିଗତ ତିନିବର୍ଷ ମଧ୍ୟରେ ପ୍ରକଳ୍ପ ପ୍ରଭାବିତ ଗ୍ରାମର ଆଖପାଖ ଅଞ୍ଚଳରେ ବିକ୍ରୟ କରାଯାଇଥିବା ଜମି ମଧ୍ୟରୁ ସର୍ବାଧିକ ମୂଲ୍ୟରେ ବିକ୍ରି କରାଯାଇଥିବା ଜମି କବଲା ମଧ୍ୟରୁ ୫୦ ପ୍ରତିଶତ ଜମିର ହାରାହାରୀ ମୂଲ୍ୟ ।

ପ୍ରଭାବିତ ଜମିର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ କ, ଖ, ଗ ମଧ୍ୟରୁ ଯେଉଁଟି ସର୍ବାଧିକ ତାହା ବିଚାରକୁ ନିଆଯିବ। ବଜାର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ଆର୍.ଟି.ଏଫ୍.ସି.ଟି.ଏଲ୍.ଏ.ଆର୍.ଆର୍ ୨୦୧୩ ର ୧୧(୧) ଧାରା ଅନୁଯାୟୀ ପ୍ରକାଶିତ ପ୍ରାଥମିକ ବିଜ୍ଞପ୍ତି ର ତାରିଖ କୁ ବିଚାରକୁ ନିଆଯିବ।

### ୪.୧୨.୨ ବିଭିନ୍ନ ଗୁଣକ ଏବଂ ସ୍ଲାଇଡିଙ୍ଗ ସ୍କେଲ

ଜମିର ମୂଲ୍ୟ ନିର୍ଦ୍ଧାରଣ ପାଇଁ ଗୁଣନ କାରକ ଓଡ଼ିଶା ସରକାରଙ୍କ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗରେ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ସ୍ଥିର କରାଯାଏ, ଯାହା ୧୯.୦୩.୨୦୧୬ ତାରିଖ ସଂଖ୍ୟା LA(A)-୨୩/୨୦୧୪/୯୦୬୮ ଅନୁଯାୟୀ ପ୍ରକାଶିତ ହୋଇଛି । ନିମ୍ନରେ ଥିବା ସାରଣୀରେ ଏହା ପୁନରୁଦ୍ଧାର କରାଯାଇଛି । ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁରୁମପଡା ଗ୍ରାମରେ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପରିପ୍ରେକ୍ଷୀରେ, ନିକଟତମ ସହରରୁ ଜମି ଅଧିଗ୍ରହଣ ହେଉଥିବା ସ୍ଥାନର ଦୂରତା ଅନୁସାରେ ପ୍ରାସଙ୍ଗିକ ଗୁଣନ କାରକ ନିର୍ଣ୍ଣୟ କରାଯିବା

**ସାରଣୀ ୪.୨ ଦୂରତ୍ୱର ପରିଧି, ବିଭିନ୍ନ ଗୁଣକ ଏବଂ ସ୍ଲାଇଡିଙ୍ଗ ସ୍କେଲ**

| କ୍ର ସଂ | ସ୍ତର | ନିକଟସ୍ଥ ସହର ଠାରୁ ଦୂରତ୍ୱର ପରିଧି | ଗୁଣକ |
|---|---|---|---|
| ୧ | ୧ | ୦-୧୦ | ୧.୦୦ |
| ୨ | ୨ | >୧୧-୨୦ | ୧.୨୦ |
| ୩ | ୩ | >୨୧-୩୦ | ୧.୪୦ |
| ୪ | ୪ | >୩୧-୪୦ | ୧.୮୦ |
| ୫ | ୫ | ୪୦ କିଲୋମିଟର ରୁ ଅଧିକ | ୨.୦୦ |

*ଉତ୍ସ- ଓଡିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଜ୍ଞପ୍ତି ସଂଖ୍ୟା No. LA(A)-୨୩/୨୦୧୪/୯୦୬୮ dated ୧୯.୦୩.୨୦୧୬*

### ୪.୧୨.୩ ସମ୍ପତ୍ତିର ମୂଲ୍ୟ, ଜମି ଉପରେ ଅବସ୍ଥିତ ଥିବା ଗଛର ମୂଲ୍ୟ

ଆର୍.ଟି.ଏଫ୍.ସି.ଟି.ଏଲ୍.ଏ.ଆର୍. ଆର୍ ଅଧିନିୟମ ୨୦୧୩ ର ୨୯(୧) ଅନୁଯାୟୀ (କ) ଅଧିଗ୍ରହଣ ହେବାକୁ ଥିବା ଜମି ସହିତ ସଂଲଗ୍ନ କୋଠା, ଘର ଏବଂ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତି କିମ୍ବା ସମ୍ପତ୍ତିର ମୂଲ୍ୟ ବିଚାର କରିବାକୁ ବ୍ୟବସ୍ଥା ଅଛି; ଏବଂ (ଖ) ଜମିର ମୂଲ୍ୟ ନିର୍ଣ୍ଣୟ କରିବା ପାଇଁ ଏପରି ଜମିରେ ଥିବା ଗଛଲତା ଏବଂ ଗଛ ର ମୂଲ୍ୟ ଜମିର ମୂଲ୍ୟ ଆକଳନ ନିମନ୍ତେ ବିଚାରକୁ ନିଆଯିବ। ଜିଲ୍ଲାର ଜିଲ୍ଲାପାଳ, ଯେ କି ଜମିର ମୂଲ୍ୟ ସ୍ଥିର କରନ୍ତି, ସେ ଆବଶ୍ୟକ ଅନୁଭବ କଲେ ଜଣେ ଇଞ୍ଜିନିୟର କିମ୍ବା ପ୍ରାସଙ୍ଗିକ ବିଷୟରେ ଯେପରି କି, କୃଷି, ଜଙ୍ଗଲ ବିଭାଗ, ଉଦ୍ୟାନ ବିଭାଗ, ରେଶମ ପୋକ ଚାଷ, ମତ୍ସ୍ୟ ଚାଷ ଇତ୍ୟାଦିରେ ବିଶେଷଜ୍ଞ ଥିବା କୌଣସି ବିଶେଷଜ୍ଞଙ୍କ ପରାମର୍ଶ ଗ୍ରହଣ କରିପାରିବେ । ଏହା ଉଲ୍ଲେଖନୀୟ ଯେ ଯେଉଁ ପ୍ରଭାବିତ ପ୍ଲଟରୁ ସରକାରଙ୍କ ଦ୍ୱାରା ଜମି ଅଧିଗ୍ରହଣ ପ୍ରସ୍ତାବ ଦିଆଯାଇଛି ସେଠାରେ କୌଣସି ଗଛ ନାହିଁ।

### ୪.୧୨.୪ ଅନୁକମ୍ପା ରାଶି @ ୧୦୦%

ଉପର ବର୍ଣ୍ଣିତ ନିୟମ, ୨୦୧୩ର ଧାରା ୩୦ ଅନୁଯାୟୀ, ଜମି ମୂଲ୍ୟର ଶତ ପ୍ରତିଶତ ଅର୍ଥ ଅନୁକମ୍ପା ମୂଳକ ରାଶି ଆକାରରେ ପ୍ରଦାନ କରାଯିବ। ଜମିର ମୂଲ୍ୟ ସହ ଗୁଣକର ମୂଲ୍ୟକୁ ଗୁଣନ କରାଯିବା ପରେ ଉପଲବ୍ଧ ପରିମାଣ ସହ ସଂଲଗ୍ନ ସମ୍ପତ୍ତି ଓ ବୃକ୍ଷଆଦିର ମୂଲ୍ୟକୁ ମିଶାଇ ଜମିର ମୂଲ୍ୟ ନିର୍ଦ୍ଧାରଣ କରାଯିବ।

### ୪.୧୨.୫ ଅତିରିକ୍ତ ପାଉଣା

୨୦୧୩ ଆଇନର ଧାରା ୩୦(୩) ଅନୁଯାୟୀ, ଭୂମି ଅଧିଗ୍ରହଣ ନିମନ୍ତେ ୧୧(୧) ଧାରା ଅନୁଯାୟୀ ପ୍ରକାଶିତ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶନ ତାରିଖ ଠାରୁ ପ୍ରତିବର୍ଷ ଅତିରିକ୍ତ ୧୨ ପ୍ରତିଶତ ସୁଧ, ପୁନର୍ବାସ ଓ ଥଇଥାନର ଘୋଷଣା ପ୍ରକାଶନ ତାରିଖ

ପର୍ଯ୍ୟନ୍ତ ଏହି ନିୟମର ଧାରା ୧୯(୧) ଅନୁଯାୟୀ ପ୍ରଭାବିତ ପରିବାରକୁ ଅତିରିକ୍ତ ପାଉଣା ଆକାରରେ ପ୍ରଦାନ କରାଯାଉଥିବା ତାରିଖ ପର୍ଯ୍ୟନ୍ତ କିମ୍ବା ଜିଲ୍ଲାପାଳଙ୍କ ଦ୍ୱାରା ଭୂମି ଅଧିଗ୍ରହଣ କରିବା ପର୍ଯ୍ୟନ୍ତ ଯାହା ପ୍ରଥମରେ ଆସିବ (ସାଧାରଣ ଭାବରେ ପ୍ରତ୍ୟେକ ନିମନ୍ତେ ଏକ ବର୍ଷ ହିସାବରେ ୨ ବର୍ଷ ପର୍ଯ୍ୟନ୍ତ) ଜମି ମୂଲ୍ୟ ଉପରେ ଅତିରିକ୍ତ ପାଉଣା ପ୍ରଦାନ କରାଯିବ । ଉପର ଦିଆଯାଇଥିବା ତଥ୍ୟ ଭିତ୍ତିରେ ଏହା ନିର୍ଦ୍ଧାରଣ କରାଯିବ । ଧାରା ୧୧ (୧), ୩୦(୩) ଏବଂ ୧୯(୧)ରେ ଉଲ୍ଲେଖ କରାଯାଇଥିବା ପ୍ରବନ୍ଧନ ଅନୁଯାୟୀ ଭୂମି ଅଧିଗ୍ରହଣରେ ଭୂମିର ମୂଲ୍ୟାୟନ ସମ୍ବନ୍ଧରେ ଧାରଣାନିମନ୍ତେ କାଳ୍ପନିକ ଭାବରେ ଗୋଟିଏ ଜମିର ମୂଲ୍ୟ ଟଙ୍କା୧୦୦,୦୦୦/-ଉପରେ ଏକ ନମୁନା ନିମ୍ନ ସାରଣୀ ରେ ପ୍ରଦାନ କରାଯାଇଛି।

**ସାରଣୀ – ୪.୩ ହିସାବ ପ୍ରଣାଳୀର ନମୁନା**

| **କ୍ର.ସଂ** | **ବିଷୟ** | **ମୂଲ୍ୟ (ଟଙ୍କାରେ)** |
|---|---|---|
| ୧ | ବଜାର ମୂଲ୍ୟ | ୧,୦୦,୦୦୦.୦୦ |
| ୨ | ଗୁଣକ (ଜମିର ଦୁରତ୍ୱ ହିସାବରେ) | ୧ |
| ୩ | ମୋଟ (୧+୨) | ୧,୦୦,୦୦୦.୦୦ |
| ୪ | ସେହି ଜମି ଉପରେ ଥିବା ସମ୍ପତ୍ତି ଓ ବୃକ୍ଷର ମୂଲ୍ୟ | ୨୦,୦୦୦ |
| ୫ | ମୋଟ (୩+୪) | ୧,୨୦,୦୦୦ |
| ୬ | ୧୦୦% ଅନୁକମ୍ପା ରାଶୀ | ୧,୨୦,୦୦୦ |
| ୭ | | ହିସାବ କରାଯିବ |
| **ସର୍ବମୋଟ (୫ + ୬ + ୭)** | | ୨,୪୦,୦୦୦+ସୁଧ |

*Source:NotificationNo.RDM-LAA-CLRFIC-୨୦୦୦୧-୨୦୧୫(Part)/୨୨୪୮୫/R&DM,dated ୨୨.୦୬.୨୦୧୮.*

*ଦ୍ରଷ୍ଟବ୍ୟ – ୧ରୁ ୪ ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିବା ସଂଖ୍ୟା ଅନୁମାନିକ*

# ପଞ୍ଚମ ଅଧ୍ୟାୟ

# ପ୍ରଭାବିତ ପରିବାର ଏବଂ ସମ୍ପତ୍ତିର ଆକଳନ ଓ ଗଣନା

ରାଜୁଆ ଡାଇଭର୍ସନ ୱେୟାର ଅଧୀନରେ ବ୍ରଜମୋହନପୁର ସବ୍ ମାଇନର୍ ୦୨ ନିର୍ମାଣ ପାଇଁ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁରୁମପଡ଼ା ଗ୍ରାମରୁ ୧.୦୨୬୦ ଏକର ଘରୋଇ ଜମି ଅଧିଗ୍ରହଣ କରାଯିବ। ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଏକ ଅଂଶ ଭାବରେ, ସଂରଚିତ ପ୍ରଶ୍ନାବଳୀ ବ୍ୟବହାର କରି ଏକ ସମ୍ପୂର୍ଣ୍ଣ ସର୍ଭେ କରାଯାଇଥିଲା । ସେହି ସର୍ଭେରୁ ପ୍ରାପ୍ତ ପରିମାଣାତ୍ମକ ସୂଚନା ଆଧାରରେ, ଏହି ଅଧ୍ୟାୟରେ ପ୍ରକଳ୍ପ ପ୍ରଭାବିତ ପରିବାରଗୁଡ଼ିକର ଏକ ବିସ୍ତୃତ ସାମାଜିକ ଅର୍ଥନୈତିକ ଆଧାର ବିଶ୍ଳେଷଣ କରାଯାଇଛି । ବର୍ତ୍ତମାନର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରଭାବିତ ଗୋଷ୍ଠୀ, ମୁଖ୍ୟତଃ ପ୍ରକଳ୍ପ ଅଞ୍ଚଳରେ ରହୁଥିବା ଜମି ହରାଉଥିବା ଲୋକଙ୍କ ସାମାଜିକ-ଆର୍ଥିକ ସ୍ଥିତି ଉପରେ ପ୍ରସ୍ତାବିତ ଜମି ଅଧିଗ୍ରହଣର ପ୍ରଭାବ ଆକଳନ କରିବା । ପ୍ରଭାବ ଉପରେ ଏକ ବାସ୍ତବବାଦୀ ଏବଂ ଉପଯୁକ୍ତ ନିଷ୍କର୍ଷ ଆଙ୍କିବା ପାଇଁ, ବର୍ତ୍ତମାନର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ପ୍ରଭାବିତ ଗୋଷ୍ଠୀ ଏବଂ ପ୍ରକଳ୍ପ ଅଞ୍ଚଳର ସାମାଜିକ-ଆର୍ଥିକ ପାର୍ଶ୍ୱ ଚିତ୍ର ସମ୍ବନ୍ଧରେ ସୂଚନା ରହିବା ଅତ୍ୟନ୍ତ ଜରୁରୀ ।

ସାମଗ୍ରିକ ଭାବରେ ପ୍ରକଳ୍ପ ଅଞ୍ଚଳର ପାର୍ଶ୍ୱଚିତ୍ରରେ ଜନସଂଖ୍ୟା, ସାକ୍ଷରତା ହାର, ଆର୍ଥିକ କାର୍ଯ୍ୟକଳାପ, ଶିକ୍ଷା, ଯୋଗାଯୋଗ, ସ୍ୱାସ୍ଥ୍ୟ ଏବଂ ପରିମଳ ଏବଂ ଅନ୍ୟାନ୍ୟ ସେବା ସୁବିଧା, କୃଷି, ପଶୁପାଳନ ଇତ୍ୟାଦିର ବିଶ୍ଳେଷଣ ଅନ୍ତର୍ଭୁକ୍ତ । ଏହିପରି ବିଶ୍ଳେଷଣ ସ୍ଥିତି ଏବଂ ଗୁଣବତ୍ତା ବିଷୟରେ ପ୍ରତ୍ୟକ୍ଷ ସୂଚନା ପ୍ରଦାନ କରେ । ଜନସଂଖ୍ୟା ଦ୍ୱାରା ଅନୁସୃତ ଜୀବନ ଏବଂ ପରିଶେଷରେ ଏହି ଅଧ୍ୟୟନରେ ଏକ ଉପଯୁକ୍ତ ନିଷ୍କର୍ଷ ଆଙ୍କିବାରେ ସାହାଯ୍ୟ କରେ । ଏକ ବିକାଶମୂଳକ ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣ ସେହି ଅଞ୍ଚଳର ବାସିନ୍ଦାଙ୍କ ସାମାଜିକ ଏବଂ ଅର୍ଥନୈତିକ ଜୀବନ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ । ତେଣୁ, ଏପରି ପ୍ରକଳ୍ପ କରିବା ପୂର୍ବରୁ ବସବାସ କରୁଥିବା ଲୋକମାନଙ୍କ ସାମାଜିକ-ଆର୍ଥିକ ସ୍ଥିତି ବିଶ୍ଳେଷଣ କରିବା ଆବଶ୍ୟକ ଯାହା ପ୍ରକଳ୍ପ କର୍ତ୍ତୃପକ୍ଷଙ୍କୁ ପ୍ରକଳ୍ପ ପ୍ରଭାବିତ ପରିବାର ଉପରେ ଭୂମି ଅଧିଗ୍ରହଣର ପ୍ରତିକୂଳ ପ୍ରଭାବକୁ ହ୍ରାସ କରିବା ପାଇଁ କ୍ଷତିପୂରଣ ଢାଞ୍ଚା ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିବ । ନ୍ୟାୟପୂର୍ଣ୍ଣ କ୍ଷତିପୂରଣକୁ ସୁନିଶ୍ଚିତ କରିବା, ଦାରିଦ୍ର୍ୟ ରୋକିବା ଏବଂ ପ୍ରଭାବଶାଳୀ ପୁନର୍ବାସ ଏବଂ ଥଇଥାନ (R&R) ଯୋଜନା ଡିଜାଇନ୍ କରିବା ପାଇଁ ଭୂମି ହରାଉଥିବା ପରିବାରଗୁଡ଼ିକର ସାମାଜିକ-ଆର୍ଥିକ ସ୍ଥିତିର ଆକଳନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ଦୁର୍ବଳ ଗୋଷ୍ଠୀଗୁଡ଼ିକୁ ଚିହ୍ନଟ କରେ, ହରାଇଥିବା ସମ୍ପତ୍ତିର ଗଣନା କରେ ଏବଂ ଜୀବନଧାରଣ ମାନର ପୁନରୁଦ୍ଧାର ସୁନିଶ୍ଚିତ କରିବା ପାଇଁ ଜୀବିକା, ଆୟ ଏବଂ ଜୀବନର ଗୁଣବତ୍ତାରେ ପରିବର୍ତ୍ତନ ଆକଳନ କରେ ।

ସତ୍ତ୍ୱାଧିକାର ଦଲିଲ (RoR) ଅନୁଯାୟୀ, କୁରୁମପଡ଼ା ଗ୍ରାମରୁ ମୋଟ ୧.୦୨୬୦ ଏକର ବ୍ୟକ୍ତିଗତ ଜମି ଅଧିଗ୍ରହଣ କରାଯିବାର ପ୍ରସ୍ତାବ ଅଛି । ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଜମି ଦଲିଲ ସୁଚିତା କରୁଛି ଯେ, ୬ ଟି ଖାତା ଅଧୀନରେ ଥିବା ୭ ଟି ପ୍ଲଟରେ ୧୩ ଜଣ ସତ୍ତ୍ୱାଧିକାରୀଙ୍କ ଜମି ଅଧିଗ୍ରହଣ ଦ୍ୱାରା ପ୍ରଭାବିତ ହେବ । ଅଞ୍ଚଳରେ ସର୍ଭେ ସମୟରେ ଏହା ଅବଗତ ହୋଇଥିଲା ଯେ, ୩ ଜଣ ସତ୍ତ୍ୱାଧିକାରୀ ଉପଲବ୍ଧ ନଥିଲେ ଏବଂ ଅବଶିଷ୍ଟ ୧୦ ଜଣ ସତ୍ତ୍ୱାଧିକାରୀଙ୍କ ମୃତ୍ୟୁ ହୋଇଯାଇଛି । ମୃତ ସତ୍ତ୍ୱାଧିକାରୀଙ୍କ ପରିବର୍ଦ୍ଧିତ ପରିବାର ବିଚାରକୁ ନେଇ, ପ୍ରଭାବିତ ହେଉଥିବା ମୋଟ ପରିବାରର ସଂଖ୍ୟା ୧୪ ବୋଲି ଆକଳନ କରାଯାଇଛି । ଏହି ୧୪ ପରିବାରର ସାମାଜିକ-ଅର୍ଥନୈତିକ ପାର୍ଶ୍ୱଚିତ୍ର

ବର୍ତ୍ତମାନର ସାମାଜିକ ପ୍ରଭାବ ଆକଳନ ମୂଲ୍ୟାଙ୍କନ (SIA) ଅଧ୍ୟୟନର ଅଂଶ ଭାବରେ ଦଲିଲଭୁକ୍ତ କରାଯାଇଛି। ଜମି ହରାଇଥିବା ପରିବାରଗୁଡ଼ିକର ତାଲିକା ***ଅନୁସୂଚି ୫*** ରେ ଉପସ୍ଥାପିତ ହୋଇଛି।

## ୫.୧. ଜମି ଏବଂ ଅନ୍ୟାନ୍ୟ ଅଚଳନ୍ତି ସମ୍ପତ୍ତି ହରାଉଥିବା ପରିବାରର ଗଣନା

### ୫.୧.୧. ଜନସଂଖ୍ୟା ସମ୍ବନ୍ଧୀୟ ପାର୍ଶ୍ୱଚିତ୍ର


ପ୍ରକଳ୍ପ କ୍ଷେତ୍ର ଅନ୍ତର୍ଗତ କୁରୁମପଡା ଗ୍ରାମର ପ୍ରଭାବିତ ପରିବାରଗୁଡ଼ିକର ଜନସଂଖ୍ୟାଗତ ଏବଂ ସାମାଜିକ-ଅର୍ଥନୈତିକ ବିଶେଷତା ଏହି ବିଭାଗରେ ଉପସ୍ଥାପିତ ହୋଇଛି । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଅଧୀନରେ ସର୍ଭେ କରାଯାଇଥିବା ୧୪ ଟି ପ୍ରଭାବିତ ପରିବାର ମଧ୍ୟରୁ ସମସ୍ତ ପରିବାର ହିନ୍ଦୁ ଅଟନ୍ତି । ସର୍ବେକ୍ଷଣ କରାଯାଇଥିବା ପରିବାର ମଧ୍ୟରୁ ଅଧିକାଂଶ ଅର୍ଥାତ୍ ୧୩ (୯୨.୮୬%) ଟି ପରିବାର ଅନ୍ୟାନ୍ୟ ପଛୁଆ ବର୍ଗ (OBC) ପରିବାର ଏବଂ ଅବଶିଷ୍ଟ ୧ (୭.୧୪%) ଟି ଅନୁସୂଚିତ ଜାତି ପରିବାର ଅଟେ । ପ୍ରକଳ୍ପ ଦ୍ୱାରା ଗୋଟିଏ ବି ଅନୁସୂଚିତ ଜନଜାତି (ST) କିମ୍ବା ସାଧାରଣ ଜାତି ପରିବାର ପ୍ରଭାବିତ ହେବେ ନାହିଁ ।

**ସାରଣୀ ୫.୧ ଧର୍ମ ଓ ସାମାଜିକ ଗୋଷ୍ଠୀ ଆଧାରରେ ପ୍ରଭାବିତ ପରିବାର ଗୁଡ଼ିକର ସଂରଚନା**

| କ୍ର.ନଂ | ୱାର୍ଡ/ଗ୍ରାମ | | ଅନୁସୂଚୀତ ଜାତି | ଅନୁସୂଚୀତ ଜନଜାତି | ଅନ୍ୟାନ୍ୟ ପଛୁଆ ବର୍ଗ | ସାଧାରଣ ବର୍ଗ | ମୋଟ |
|---|---|---|---|---|---|---|---|
| ୧ | କୁରୁମପଡା | ସଂ | ୧ | ୦ | ୧୩ | ୦ | ୧୪ |
| | | % | ୭.୧୪ | ୦.୦୦ | ୯୨.୮୬ | ୦.୦୦ | ୧୦୦.୦୦ |

*ଉତ୍ସ- ମୌଳିକ ପରିବାର ସର୍ବେକ୍ଷଣ*

**ଚିତ୍ର -୫.୧ ଜାତି ଅନୁଯାୟୀ ପ୍ରଭାବିତ ପରିବାର ବିତରଣ**




### ୫.୧.୨. ଲିଙ୍ଗଗତ ପାର୍ଶ୍ୱଚିତ୍ର

ସମାଜରେ ଲିଙ୍ଗଗତ ବିତରଣ ବିକାଶ ପ୍ରକ୍ରିୟାରେ ବିଭିନ୍ନ ପଦ୍ଧତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ନିମ୍ନରେ ଦିଆଯାଇଥିବା ସାରଣୀରେ ପ୍ରଭାବିତ ପରିବାରଗୁଡ଼ିକର ଉତ୍ତରଦାତାଙ୍କ ବିତରଣରୁ ଏହା ଦେଖାଯାଏ ଯେ ୧୪ ଜଣ ଉତ୍ତରଦାତାଙ୍କ ମଧ୍ୟରୁ ସମସ୍ତ ଉତ୍ତରଦାତା ପୁରୁଷ, ଯାହା ସୂଚିତ କରେ ଯେ ସର୍ଭେ ହୋଇଥିବା ପରିବାରର ପୁରୁଷ ସଦସ୍ୟମାନେ ନିଷ୍ପତ୍ତି ଗ୍ରହଣ କରନ୍ତି ।


ପରିବାରର ମୁଖ୍ୟଙ୍କ ଲିଙ୍ଗ ବିଶ୍ଳେଷଣ ସମୟରେ ଏହା ଅବଗତ ହୋଇଥିଲା ଯେ, ମୋଟ ୧୪ ପରିବାର ମଧ୍ୟରୁ ୧୨ (୮୫.୭୧%) ଟି ପରିବାରର ମୁଖ୍ୟ ପୁରୁଷ ଏବଂ ୨ (୧୪.୨୯%) ଟି ପରିବାରର ମୁଖ୍ୟ ମହିଳା ।

**ସାରଣୀ -୫.୨ ପ୍ରଭାବିତ ପରିବାର ମୁଖ୍ୟମାନଙ୍କର ଲିଙ୍ଗଗତ ସଂରଚନା**

| କ୍ର. ନଂ. | ୱାର୍ଡ/ଗ୍ରାମ | | ଉତ୍ତରଦାତାମାନଙ୍କର ଲିଙ୍ଗଗତ ସୂଚନା | | ପରିବାରମୁଖ୍ୟଙ୍କର ଲିଙ୍ଗଗତ ସୂଚନା | | ମୋଟ |
|---|---|---|---|---|---|---|---|
| | | | ପୁରଷ | ମହିଳା | ପୁରଷ | ମହିଳା | |
| ୧ | କୁରୁମପଡା | ସଂ | ୧୪ | ୦ | ୧୨ | ୨ | ୧୪ |
| | | % | ୧୦୦% | ୦% | ୮୫.୭୧ | ୧୪.୨୯ | ୧୦୦.୦୦ |

*ଉତ୍ସ- କ୍ଷେତ୍ର ସର୍ବେକ୍ଷଣ*

**ଚିତ୍ର -୫.୨ ପ୍ରଭାବିତ ପରିବାର ମୁଖ୍ୟମାନଙ୍କର ଲିଙ୍ଗଗତ ବିଭାଜନ**




ଏହା ସହିତ, ପ୍ରଭାବିତ ପରିବାର ସଦସ୍ୟଙ୍କ ଲିଙ୍ଗ ଅନୁପାତର ବିତରଣ ଦର୍ଶାଉଛି ଯେ ପ୍ରଭାବିତ ହେଉଥିବା ୧୪ ଟି ପ୍ରଭାବିତ ପରିବାରରେ ମୋଟ ୮୭ ଜଣ ସଦସ୍ୟ ଅଛନ୍ତି । ସେମାନଙ୍କ ମଧ୍ୟରୁ ୪୦ (୪୫.୯୮%) ଜଣ ପୁରୁଷ ଏବଂ ୪୭ (୫୪.୦୨%) ଜଣ ମହିଳା । ତଥାପି, ଖୋର୍ଦ୍ଧା ବ୍ଲକର ୨୦୧୧ ଜନଗଣନା ତଥ୍ୟ ଦର୍ଶାଉଛି ଯେ ପୁରୁଷ ପ୍ରତିଶତ ୫୧.୮୩% ଏବଂ ମହିଳାଙ୍କ ସଂଖ୍ୟା ୪୮.୧୭% । ପ୍ରଭାବିତ ଜନସଂଖ୍ୟା ମଧ୍ୟରେ ଲିଙ୍ଗ ଅନୁପାତ ପ୍ରତି ୧୦୦୦ ପୁରୁଷରେ ୧୧୭୫ ମହିଳା । ତଥ୍ୟ ସାରଣୀ ସଂଖ୍ୟା ୫.୩ ରେ ଉପସ୍ଥାପିତ ହୋଇଛି ।

**ସାରଣୀ – ୫.୩ ପ୍ରଭାବିତ ପରିବାରଗୁଡ଼ିକର ଜନସଂଖ୍ୟା ର ଲିଙ୍ଗଗତ ବିତରଣ**

| କ୍ର ସଂ | ୱାର୍ଡ/ଗ୍ରାମ | | ଜନସଂଖ୍ୟା | | | ହାରାହାରି ଭାବେ ପରିବାର ସଭ୍ୟଙ୍କ ସଂଖ୍ୟା | ଲିଙ୍ଗ ଅନୁପାତ |
|---|---|---|---|---|---|---|---|
| | | | ପୁରଷ | ମହିଳା | ମୋଟ | | |
| ୧ | କୁରୁମପଡା | ସଂଖ୍ୟା | ୪୦ | ୪୭ | ୮୭ | ୬.୨୧ | ୧୧୭୫ |
| | | % | ୪୫.୯୮ | ୫୪.୦୨ | ୧୦୦.୦୦ | | |

*ଉତ୍ସ - କ୍ଷେତ୍ର ସର୍ବେକ୍ଷଣ*

### ୫.୧.୩. ପରିବାର ପ୍ରକାର

ଏକ ମିଳିତ ପରିବାର ହେଉଛି ଏକ ପାରମ୍ପରିକ, ବଡ଼, ବହୁ-ପିଢ଼ି ବିଶିଷ୍ଟ ପରିବାର ଯେଉଁଠାରେ ଜେଜେବାପା, ପିତାମାତା, ପିଲାମାନେ ଏବଂ ପ୍ରାୟତଃ କାକା, ଖୁଡୀ ଏବଂ ସମ୍ପର୍କୀୟ ଭାଇମାନେ ଏକାଠି ରୁହନ୍ତି । ସଦସ୍ୟମାନେ ଏକ ସାଧାରଣ ରୋଷେଇ ଘର, ସମ୍ପତ୍ତି ଏବଂ ପ୍ରାୟତଃ ଆୟ ବାଣ୍ଟନ୍ତି, ଯେଉଁଥିରେ ସବୁଠାରୁ ବୟସ୍କ ପୁରୁଷ ସଦସ୍ୟ (କର୍ତ୍ତା) ପରିବାରର ମୁଖ୍ୟ ଭାବରେ କାର୍ଯ୍ୟ କରନ୍ତି ।

**ସାରଣୀ – ୫.୪ ପ୍ରଭାବିତ ପରିବାରର ପ୍ରକାର**

| | | ଯୌଥ ପରିବାର | ଅଣୁ ପରିବାର | ମୋଟ |
|---|---|---|---|---|
| କୁରୁମପଡା | ସଂଖ୍ୟା | ୬ | ୮ | ୧୪ |
| | % | ୪୨.୮୬ | ୫୭.୧୪ | ୧୦୦.୦୦ |

ମିଳିତ ପରିବାର ବ୍ୟବସ୍ଥା ଦିନକୁ ଦିନ ଭାଙ୍ଗି ପଡୁଛି ଏବଂ ଅଣୁ ପରିବାରର ଧାରା ସଂଖ୍ୟାରେ ବୃଦ୍ଧି ପାଉଛି। ଅଣୁ ପରିବାର ହେଉଛି ଏକ ଛୋଟ, ସ୍ୱାୟତ୍ତ ଏକକ ଯେଉଁଥିରେ ପିତାମାତା ଦୁଇଜଣ ଏବଂ ସେମାନଙ୍କ ପିଲାମାନେ ଏକାଠି ରୁହନ୍ତି । ସାରଣୀ ସଂଖ୍ୟା ୫.୪ ରେ ପରିବାରର ପ୍ରକାର ବିଶ୍ଳେଷଣରୁ ଏହା ପ୍ରମାଣିତ ହୁଏ ଯେ, ସର୍ବେକ୍ଷଣ କରାଯାଇଥିବା ମୋଟ ୧୪ ଟି ପରିବାର ମଧ୍ୟରୁ ୬ ଟି (୪୨.୮୬%) ଯୌଥ ପରିବାର ଏବଂ ଅବଶିଷ୍ଟ ୮ ଟି (୫୭.୧୪%) ଅଣୁ ପରିବାର ।


### ୫.୧.୪. ବୟସ ସଂରଚନା

ଜନସଂଖ୍ୟାର ବୟସ ବିତରଣ ଜନସଂଖ୍ୟାଗତ ପାର୍ଶ୍ୱଚିତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ କାରଣ ଏହା ପ୍ରକାଶ କରେ ଯେ ଉତ୍ପାଦନଶୀଳ ଜନସଂଖ୍ୟାର ଅନୁପାତ ଏବଂ ନିର୍ଭରଶୀଳତା ବୋଝ। ପ୍ରଭାବିତ ହେଉଥିବା ସମୁଦାୟ ୮୭ ଜଣ ପ୍ରଭାବିତ ଜନସଂଖ୍ୟା ମଧ୍ୟରେ ବୟସ ଅନୁଯାୟୀ ବିତରଣ ବିବରଣୀ ନିମ୍ନଲିଖିତ ସାରଣୀ ଏବଂ ଗ୍ରାଫରେ ଦିଆଯାଇଛି । ସାରଣୀରୁ ଜଣାପଡ଼ିଛି ଯେ କୁରୁମପଡ଼ା ଗ୍ରାମରେ ରୋଜଗାରକ୍ଷମ ବୟସ ଗୋଷ୍ଠୀ (୧୮+ ରୁ ୪୦) ବର୍ଷ ବୟସ ମଧ୍ୟରେ ୩୧ (୩୫.୬୩%) ଜଣ ବୟସ ଗୋଷ୍ଠୀ (୪୦+ ରୁ ୬୦) ବର୍ଷ ବୟସ ମଧ୍ୟରେ ୨୬ (୨୯.୮୯%) ଜଣ । (୬+ ରୁ ୧୪) ବର୍ଷ ବୟସ ଗୋଷ୍ଠୀ ମଧ୍ୟରେ ଥିବା ଲୋକମାନଙ୍କ ସଂଖ୍ୟା ୭ (୮.୦୫%), (୧୪+ ରୁ ୧୮) ବର୍ଷ ବୟସ ଗୋଷ୍ଠୀରେ ୩ (୩.୪୫%) ଏବଂ ୬୦ ବର୍ଷରୁ ଅଧିକ ବୟସ ଗୋଷ୍ଠୀରେ ୧୩ (୧୪.୯୪%) ଜଣ ବ୍ୟକ୍ତି ଅଛନ୍ତି । ପ୍ରଭାବିତ ଜନସଂଖ୍ୟା ମଧ୍ୟରେ ୭ (୮.୦୫%) ଜଣ ଛୋଟ ପିଲା (୦-୬ ବର୍ଷ ବୟସ ମଧ୍ୟରେ) ଅଛନ୍ତି। କାର୍ଯ୍ୟକ୍ଷମ ବୟସର ଜନସଂଖ୍ୟା ୧୮+ ରୁ ୬୦ ବର୍ଷ ବୟସ ଅଟେ, ଯେଉଁଥିରେ ମୋଟ ଜନସଂଖ୍ୟାର ୬୫.୫୨% ଅଟେ । ଏହା ମୋଟ ୩୪.୪୮% ନିର୍ଭରଶୀଳତାକୁ ସୂଚିତ କରେ ଯାହା ଏକ ଅନୁକୂଳ ପରିସ୍ଥିତି। କାର୍ଯ୍ୟକ୍ଷମ ବୟସ ଗୋଷ୍ଠୀର ଜନସଂଖ୍ୟା ଉପରେ କମ ନିର୍ଭରଶୀଳତା ବୋଝ ଥିବାରୁ, ଜମି ଅଧିଗ୍ରହଣ ପ୍ରଭାବିତ ପରିବାର ଉପରେ ଅଧିକ ପ୍ରଭାବ ପକାଇବ ନାହିଁ।

**ସାରଣୀ – ୫.୫ ପ୍ରଭାବିତ ପରିବାର ମଧ୍ୟରେ ବୟସ ଅନୁଯାୟୀ ବର୍ଗୀକରଣ**

| | | ୦ ରୁ ୬ | ୬+ ରୁ ୧୪ | ୧୪+ ରୁ ୧୮ | ୧୮+ ରୁ ୪୦ | ୪୦+ ରୁ ୬୦ | ୬୦ଓ ଅଧିକ | ସର୍ବମୋଟ |
|---|---|---|---|---|---|---|---|---|
| କୁରୁମପଡା | ସଂଖ୍ୟା | ୭ | ୭ | ୩ | ୩୧ | ୨୬ | ୧୩ | ୮୭ |
| | % | ୮.୦୫ | ୮.୦୫ | ୩.୪୫ | ୩୫.୬୩ | ୨୯.୮୯ | ୧୪.୯୪ | ୧୦୦.୦୦ |

**ଚିତ୍ର – ୫.୩ ବିଭିନ୍ନ ବୟସ ଅନୁଯାୟୀ ଲୋକସଂଖ୍ୟା ର ବିତରଣ**



## ୫.୧.୫. ବୈବାହିକ ସ୍ଥିତି

ସାମାଜିକ-ଆର୍ଥିକ ମୂଲ୍ୟାଙ୍କନ ସର୍ଭେରେ ବୈବାହିକ ସ୍ଥିତି ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନଶୀଳ କାରଣ ଏହା ପରିବାର ଗଠନ, ଆର୍ଥିକ ସ୍ଥିରତା ଏବଂ ସାମାଜିକ ମଙ୍ଗଳର ଏକ ମୌଳିକ ନିର୍ଣ୍ଣାୟକ ଭାବରେ କାର୍ଯ୍ୟ କରେ। ଏହା ପାରିବାରିକ ଜୀବନ କିପରି ଆର୍ଥିକ ସୁଯୋଗ, ଶ୍ରମ ବଜାର ଅଂଶଗ୍ରହଣ ଏବଂ ଦାରିଦ୍ର୍ୟ ପ୍ରତି ଦୁର୍ବଳତାକୁ ପ୍ରଭାବିତ କରେ ତାହା ବିଶ୍ଳେଷଣ କରିବା ପାଇଁ ବ୍ୟବହାର କରାଯାଏ । ୮୭ ଜଣ ପ୍ରଭାବିତ ଜନସଂଖ୍ୟା ମଧ୍ୟରେ ବୈବାହିକ ସ୍ଥିତିର ବିବରଣୀ ସାରଣୀ ୫.୬ ରେ ଦିଆଯାଇଛି ।

**ସାରଣୀ – ୫.୬ ବୈବାହିକ ସ୍ଥିତି ଆଧାରରେ ବିତରଣ**

| ବୈବାହିକ ସ୍ଥିତି | ସଂଖ୍ୟା | % |
|---|---|---|
| ବିବାହିତ | ୫୪ | ୬୨.୦୭ |
| ଅବିବାହିତ | ୩୦ | ୩୪.୪୮ |
| ବିଧବା | ୨ | ୨.୩୦ |
| ବିପତ୍ନୀକ | ୧ | ୧.୧୫ |
| **ମୋଟ** | **୮୭** | **୧୦୦.୦୦** |

*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ*

ସାରଣୀକୁ ଅନୁଧ୍ୟାନ କଲେ ଅବଗତ ହେଉଛି ଯେ, କୁରୁମପଡା ଗ୍ରାମରେ ପ୍ରଭାବିତ ପରିବାର ବର୍ଗରେ ୫୪ (୬୨.୦୭%) ଜଣ ବିବାହିତ ଏବଂ ୩୦(୩୪.୪୮%) ଜଣ ଅବିବାହିତ ବ୍ୟକ୍ତି ଅଛନ୍ତି । ଅବିବାହିତଙ୍କ ମଧ୍ୟରେ ବିବାହଯୋଗ୍ୟ ବୟସରୁ କମ୍ ବୟସର ବ୍ୟକ୍ତି ମଧ୍ୟ ଅନ୍ତର୍ଭୁକ୍ତ ଅଛନ୍ତି । ଆନୁଷ୍ଠାନିକ ଛାଡପତ୍ର ଏବଂ ଛାଡପତ୍ର ମାମଲା ବିନା ସେମାନଙ୍କ ପତି/ପତ୍ନୀଙ୍କଠାରୁ ପୃଥକ ରହୁଥିବା ଲୋକ ଗାଁରେ ମିଳିନଥିଲା ବେଳେ ପ୍ରଭାବିତ ଜନସଂଖ୍ୟା ମଧ୍ୟରେ ୨ ଜଣ ବିଧବା ଏବଂ ୧ ଜଣ ବିପତ୍ନୀକ ଥିବା ଦେଖିବାକୁ ମିଳିଥିଲା।

## ୫.୧.୬. ସାକ୍ଷରତା ଏବଂ ଶିକ୍ଷାଗତ ଯୋଗ୍ୟତା ସ୍ଥିତି

ସାମାଜିକ-ଅର୍ଥନୈତିକ ଆକଳନ ସର୍ଭେରେ ଶିକ୍ଷା ସ୍ଥିତି ସମ୍ପର୍କିତ ତଥ୍ୟ ମାନବ ପୁଞ୍ଜି ମାପ କରିବା, ବିକାଶର ବ୍ୟବଧାନ ଚିହ୍ନଟ କରିବା ଏବଂ ଦାରିଦ୍ର୍ୟ ହ୍ରାସ ଉପରେ ନୀତି ସୂଚାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ । ଦରିଦ୍ର ଗୋଷ୍ଠୀକୁ ଟାର୍ଗେଟ କରିବା ଏବଂ ଲିଙ୍ଗଗତ ବୈଷମ୍ୟ ଆକଳନ କରିବା ପାଇଁ ଏହା ସାମାଜିକ ଗତିଶୀଳତା, ନିଯୁକ୍ତି ସମ୍ଭାବନା ଏବଂ ସଶକ୍ତିକରଣ ସ୍ତର ନିର୍ଣ୍ଣୟ କରିବା ପାଇଁ ଏକ ପ୍ରମୁଖ ସୂଚକ ଭାବରେ କାର୍ଯ୍ୟ କରେ । ପ୍ରଭାବିତ ପରିବାରର ଜନସଂଖ୍ୟାର ଶିକ୍ଷା ସ୍ଥିତିର ବିବରଣୀ ସାରଣୀ ୫.୭ ରେ ଦର୍ଶାଯାଇଛି ।

**ସାରଣୀ ୫.୭: ଶିକ୍ଷାର ବିଭିନ୍ନ ସ୍ତରକୁ ବିଚାରକୁ ନେଇ ସଦସ୍ୟଙ୍କ ର ବିତରଣ**

| | N | % |
|---|---|---|
| ଛୋଟ ପିଲା (ସ୍କୁଲ ଯିବା ନିମନ୍ତେ ବୟସ ହୋଇନହିଁ) | ୭ | ୮.୦୫ |
| ନିରକ୍ଷର | ୪ | ୪.୬୦ |
| ସାମାନ୍ୟ ସାକ୍ଷର | ୧୩ | ୧୪.୯୪ |
| ପ୍ରାଥମିକ (୧-୩) | ୧୯ | ୨୧.୮୪ |
| ହାଇସ୍କୁଲ ସ୍ତର (୯-୧୦) | ୭ | ୮.୦୫ |
| ଯୁକ୍ତ ଦୁଇ | ୩୦ | ୩୪.୪୮ |
| ସ୍ନାତକ ସ୍ତର | ୧ | ୧.୧୫ |
| ସ୍ନାତକୋତ୍ତର | ୧ | ୧.୧୫ |
| ବୈଷୟିକ ସ୍ନାତକ | ୫ | ୫.୭୫ |
| ମୋଟ | ୮୭ | ୧୦୦.୦୦ |


*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ*

ସାରଣୀରୁ ଦେଖାଯାଇଛି ଯେ ମୋଟ ପ୍ରଭାବିତ ଜନସଂଖ୍ୟା ୮୭ ଜଣଙ୍କ ମଧ୍ୟରେ; ସ୍କୁଲ ନ ଯାଉଥିବା ବୟସର ପିଲାଙ୍କ ସଂଖ୍ୟା (୦-୬ ବର୍ଷ ବୟସ ମଧ୍ୟରେ)୭(୮.୦୫%) ଜଣ ଅଛନ୍ତି । ୮୭ ଜଣଙ୍କ ମଧ୍ୟରୁ ମାତ୍ର ୪(୪.୬୦%)ଜଣ ନିରକ୍ଷର । ସର୍ବାଧିକ ସଂଖ୍ୟକ ବ୍ୟକ୍ତି ୩୪.୪୮% ଅର୍ଥାତ୍ ୮୭ ଜଣଙ୍କ ମଧ୍ୟରୁ ୩୦ ଜଣ (୩୪.୪୮%)

ଯୁକ୍ତ ଦୁଇ ପାସ୍ କରିଛନ୍ତି, ଏହା ପରେ ୧୯ ଜଣ (୨୧.୮୪%) ପ୍ରାଥମିକ ସ୍ତର (ଶ୍ରେଣୀ ୧ ରୁ ଶ୍ରେଣୀ ୩) ପାସ୍ କରିଛନ୍ତି, ୧୩ ଜଣ (୧୪.୯୪%) ସାମାନ୍ୟ ସାକ୍ଷର, ୭ ଜଣ (୮.୦୫%) ଉଚ୍ଚ ବିଦ୍ୟାଳୟ ସ୍ତର (ଶ୍ରେଣୀ ୯ମ - ଶ୍ରେଣୀ ୧୦ମ) ପର୍ଯ୍ୟନ୍ତ ଯୋଗ୍ୟତା ଅର୍ଜନ କରିଛନ୍ତି, ୫ ଜଣ (୫.୭୫%) ବ୍ୟକ୍ତି ସେମାନଙ୍କର ବୈଷୟିକ ଡିଗ୍ରୀ ସମାପ୍ତ କରିଛନ୍ତି। କେବଳ ୧ ଜଣ (୧.୧୫%) ବ୍ୟକ୍ତି ସ୍ନାତକ ଏବଂ ସେହି ସମାନ ସଂଖ୍ୟକ ବ୍ୟକ୍ତି ସ୍ନାତକୋତ୍ତର ସ୍ତରରେ ଅଛନ୍ତି।

ପ୍ରଭାବିତ ପରିବାରର ଜନସଂଖ୍ୟାର ଶିକ୍ଷା ସ୍ଥିତିର ବିବରଣୀ ଗ୍ରାଫ ୫.୪ ରେ ଦର୍ଶାଯାଇଛି ।

**ଚିତ୍ର – ୫.୪ ଲୋକସଂଖ୍ୟାର ଶିକ୍ଷାଗତ ଯୋଗ୍ୟତାର**




## ୫.୧.୭. ବୃତ୍ତି ଅନୁଯାୟୀ ଲୋକସଂଖ୍ୟାର ବିତରଣ

ପରିବାରର ଆର୍ଥିକ ଅବସ୍ଥା ଏହାର ସଦସ୍ୟଙ୍କ ବୃତ୍ତିଗତ ଢାଞ୍ଚା, ନିଯୁକ୍ତି ଏବଂ ପରିବାରରେ ରୋଜଗାରକ୍ଷମ ଲୋକଙ୍କ ସଂଖ୍ୟା ଉପରେ ନିର୍ଭର କରେ । ସର୍ଭେ ତଥ୍ୟର ବିଶ୍ଳେଷଣରୁ ଜଣାପଡିଛି ଯେ, ପ୍ରଭାବିତ ପରିବାରର ମୋଟ ଶ୍ରମିକଙ୍କ ମଧ୍ୟରୁ ଅଧିକାଂଶ କୃଷି କାର୍ଯ୍ୟ ଉପରେ ନିର୍ଭର କରନ୍ତି। ଉପରୋକ୍ତ ତଥ୍ୟଗୁଡ଼ିକୁ ବିଚାର କରି, ପ୍ରଭାବିତ ପରିବାରମାନଙ୍କର ମୁଖ୍ୟ ବୃତ୍ତି ସଂଗ୍ରହ କରାଯାଇଛି ଏବଂ ଏହା ଜଣାପଡିଛି ଯେ, ମହିଳାମାନେ ପରିବାର ଆୟରେ ସିଧାସଳଖ ଯୋଗଦାନ ଦେଉନାହାଁନ୍ତି।

**ସାରଣୀ ୫.୮ ନିୟମିତ କାର୍ଯ୍ୟକ୍ରମ ଅନୁଯାୟୀ ଲୋକମାନଙ୍କର ବିତରଣ**

| ନିୟମିତ କାର୍ଯ୍ୟକ୍ରମ | ସଂଖ୍ୟା | % |
|---|---|---|
| ନିଯୁକ୍ତି ପ୍ରାପ୍ତ | ୩୩ | ୩୭.୯୩ |
| ବେକାର | ୨ | ୨.୩୦ |
| ଗୃହକର୍ମ | ୩୫ | ୪୦.୨୩ |
| ଛାତ୍ର | ୧୦ | ୧୧.୪୯ |
| ଛୋଟ ପିଲା | ୭ | ୮.୦୫ |
| ବୟସ୍କ/ ଅବସର ପ୍ରାପ୍ତ | ୦ | ୦.୦୦ |
| ମୋଟ | ୮୭ | ୧୦୦ |

ସର୍ଭେ କରାଯାଇଥିବା ଜନସଂଖ୍ୟାର ବୃତ୍ତି ସମ୍ପର୍କରେ ଏହା ଜଣାପଡିଛି ଯେ କେବଳ ୩୭.୯୩% (୮୭ ଜଣଙ୍କ ମଧ୍ୟରୁ ୩୩ ଜଣ) କିଛି ନିଯୁକ୍ତି କାର୍ଯ୍ୟକଳାପରେ ନିୟୋଜିତ ଅଛନ୍ତି। ସମ୍ପୂର୍ଣ୍ଣ ବେକାରଙ୍କ ସଂଖ୍ୟା ୨.୩୦% (୮୭ ଜଣଙ୍କ ମଧ୍ୟରୁ ୨)। ଅଧିକାଂଶ ବ୍ୟକ୍ତି ୪୦.୨୩% (୮୭ ଜଣଙ୍କ ମଧ୍ୟରୁ ୩୫) ଗୃହ କାର୍ଯ୍ୟରେ ଜଡିତ ଅଛନ୍ତି ଏବଂ ଛାତ୍ରନଅକା ସଂଖ୍ୟା ୧୧.୪୯% (୮୭ ଜଣଙ୍କ ମଧ୍ୟରୁ ୧୦)। ପ୍ରଭାବିତ ଜନସଂଖ୍ୟା ମଧ୍ୟରେ ୭ ଜଣ (୮.୦୫%) ପିଲା ଅଛନ୍ତି ଯେଉଁମାନେ ସ୍କୁଲ ଯାଉନାହାଁନ୍ତି।

ପ୍ରଭାବିତ ଜନସଂଖ୍ୟାରେ ବୃଦ୍ଧ/ଅବସରପ୍ରାପ୍ତ ବର୍ଗରେ କୌଣସି ବ୍ୟକ୍ତି ମିଳି ନାହାଁନ୍ତି। ନିଯୁକ୍ତିପ୍ରାପ୍ତ ବ୍ୟକ୍ତିଙ୍କ ମଧ୍ୟରୁ ଅଧିକାଂଶ ଲୋକ ଖୋର୍ଦ୍ଧା ଏବଂ ଭୁବନେଶ୍ୱରରେ ଦରମାପ୍ରାପ୍ତ ନିଯୁକ୍ତି ପାଇଛନ୍ତି। ଏହି ସଂଖ୍ୟା ୨୦ (୬୦.୬୧%)। ବେତନଭୋଗୀ ନିଯୁକ୍ତି ବ୍ୟତୀତ ୬ (୧୮.୧୮%) ବ୍ୟକ୍ତି ଗ୍ରାମରେ ବ୍ୟବସାୟ କରନ୍ତି, ୪ (୧୨.୧୨%) ମଜୁରିଆ ଏବଂ ୩ (୯.୦୯%) ବ୍ୟକ୍ତି ଚାଷ କାର୍ଯ୍ୟରେ ନିୟୋଜିତ।


**ସାରଣୀ ୫.୯ ଜୀବିକା ର କାର୍ଯ୍ୟକ୍ରମ ଅନୁଯାୟୀ ଜନସଂଖ୍ୟାର ବିଭାଜନ**

| କ୍ର ସଂ | ଜୀବିକାର ପ୍ରକାର | ସଂଖ୍ୟା | % |
|---|---|---|---|
| ୧ | ଚାଷ | ୩ | ୯.୦୯ |
| ୨ | ଦିନ ମଜୁରିଆ | ୪ | ୧୨.୧୨ |
| ୩ | ଚାକିରି | ୨୦ | ୬୦.୬୧ |
| ୪ | ବ୍ୟବସାୟୀ | ୬ | ୧୮.୧୮ |
| ୫ | ପେନସନ | ୦ | ୦.୦୦ |
| | | ୩୩ | ୧୦୦.୦୦ |


*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ*

ଏହା ଉପରେ ଆଲୋଚନା କରାଯାଇଥିବା ଜନସଂଖ୍ୟାରେ ଅଧିକ ନିର୍ଭରଶୀଳତା ବୋଝକୁ ସୂଚିତ କରେ ଏବଂ ଏହି ପ୍ରଭାବ ଜମି ଅଧିଗ୍ରହଣ ଯୋଗୁଁ ବହୁତ ନକାରାତ୍ମକ ପ୍ରଭାବ ସୃଷ୍ଟି କରିବ । କିନ୍ତୁ ଅଧିକାଂଶ ଲୋକ ବେତନଭୋଗୀ ନିଯୁକ୍ତିରୁ ସେମାନଙ୍କର ଜୀବିକା ନିର୍ବାହ କରନ୍ତି, ତେଣୁ ଜମି ଅଧିଗ୍ରହଣର ପ୍ରଭାବ କମ୍ ହୋଇପାରେ । କାର୍ଯ୍ୟକଳାପ ସ୍ଥିତି ଅର୍ଥାତ୍ ଜନସଂଖ୍ୟାର ଲୋକମାନେ କ'ଣ କରୁଛନ୍ତି, ତାହା ସେମାନଙ୍କ ସ୍ଥିତିର ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ।

**ଚିତ୍ର - ୫.୫: ନିୟମିତ କାର୍ଯ୍ୟକ୍ରମ ଅନୁଯାୟୀ ଲୋକମାନଙ୍କର ବିତରଣ**




**ଚିତ୍ର - ୫.୬: ଜୀବିକା ର କାର୍ଯ୍ୟକ୍ରମ ଅନୁଯାୟୀ ଜନସଂଖ୍ୟାର ବିଭାଜନ**




## ୫.୧.୮. ଆୟ ଏବଂ ଖର୍ଚ୍ଚ

ପରିବାରର ଆର୍ଥିକ ଅବସ୍ଥା ଏହାର ସଦସ୍ୟଙ୍କ ବୃତ୍ତିଗତ ଢାଞ୍ଚା, ନିଯୁକ୍ତି ଏବଂ ପରିବାରରେ ରୋଜଗାର କରୁଥିବା ଲୋକଙ୍କ ସଂଖ୍ୟା ଉପରେ ନିର୍ଭର କରେ । ପରିବାରର ଆୟ, ଦାରିଦ୍ର୍ୟ ଏବଂ ଋଣ ସ୍ଥିତି ପରିବାରର ଆର୍ଥିକ ଅବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ। ପ୍ରଭାବିତ ପରିବାର ପାଇଁ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ପ୍ରସ୍ତୁତ କରିବାରେ ବୃତ୍ତି, ଆୟ, ଦାରିଦ୍ର୍ୟ ଏବଂ ଋଣଭାର ବିଷୟରେ ସୂଚନା ସହାୟକ ହୁଏ। ନିମ୍ନ ସାରଣୀ କୁରୁମପଡ଼ା ଗ୍ରାମର ୧୪ଟି ପ୍ରଭାବିତ ପରିବାରର ବାର୍ଷିକ ଆୟ ଦର୍ଶାଉଛି। ଏହା ଅବଗତ ହେଉଛି ଯେ, ସର୍ବାଧିକ ୬ଟି (୪୨.୮୬%) ପରିବାରର ବାର୍ଷିକ ଆୟ ୪,୦୦,୦୦୧ ରୁ ୧୦,୦୦,୦୦୦ ଟଙ୍କା, ଏହା ପରେ ୩ଟି (୨୧.୪୩%) ପରିବାରର ଆୟ ୧,୦୦,୦୦୧ ରୁ

୨,୦୦,୦୦୦ ଟଙ୍କା ମଧ୍ୟରେ, ୨ (୧୪.୨୯%) ପରିବାରର ଆୟ ୨,୦୦,୦୦୧ ରୁ ୪,୦୦,୦୦୦ ଟଙ୍କା ଏବଂ ସେହି ୨ (୧୪.୨୯%) ପରିବାରର ଆୟ ୧,୦୦,୦୦୧ ରୁ ଅଧିକ ଟଙ୍କା।

୧୦,୦୦,୦୦୦। ଗୋଟିଏ ପରିବାରର ଆୟ ୬୦,୦୦୦ ଟଙ୍କା ମଧ୍ୟରେ । ପ୍ରଭାବିତ ପରିବାର ମଧ୍ୟରେ ଆୟର ପରିସର ବିଷୟରେ ବିବରଣୀ ସାରଣୀ ସଂଖ୍ୟା ୫.୧୦ ଏବଂ ଚିତ୍ର ୫.୭ ରେ ଦିଆଯାଇଛି। ଏହି ସୂଚନା SIMP ପ୍ରସ୍ତୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ହେବ।


**ସାରଣୀ ୫.୧୦: ଆୟ ଶ୍ରେଣୀ ଅନୁସାରେ ପରିବାର ଗୁଡ଼ିକର ବିଭକ୍ତିକରଣ**

| କ୍ର ସଂ | ଆୟ ବର୍ଗ | ସଂଖ୍ୟା | ଶତକଡା |
|---|---|---|---|
| ୧ | ଟଙ୍କା୬୦୦୦୦/- କମ | ୧ | ୭.୧୪ |
| ୨ | ଟଙ୍କା ୬୦୦୦୧ - ୧୦୦୦୦୦ | ୦ | ୦.୦୦ |
| ୩ | ଟଙ୍କା୧୦୦୦୦୧ - ୨୦୦୦୦୦ | ୩ | ୨୧.୪୩ |
| ୪ | ଟଙ୍କା୨୦୦୦୦୧ - ୪୦୦୦୦୦ | ୨ | ୧୪.୨୯ |
| ୫ | ଟଙ୍କା ୪,୦୦,୦୦୧ – ୧୦,୦୦,୦୦୦ | ୬ | ୪୨.୮୬ |
| ୬ | ଟଙ୍କା ୧୦,୦୦,୦୦୦ ଅଧିକ | ୨ | ୧୪.୨୯ |
| | Total | ୧୪ | ୧୦୦.୦୦ |

*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ*

୨୦୧୪ ରେ ରଙ୍ଗରାଜନ୍ କମିଟି ଦ୍ୱାରା ସର୍ବଶେଷ ଦାରିଦ୍ର୍ୟ ଆକଳନ କରାଯାଇଥିଲା। ରଙ୍ଗରାଜନ୍ କମିଟି ଅନୁଯାୟୀ ୨୦୧୪ ମସିହାରେ ପରିବାର ଗ୍ରାମାଞ୍ଚଳରେ ଦିନକୁ ଟଙ୍କା ୩୨ / - ରୁ କମ୍ ଏବଂ ସହରାଞ୍ଚଳରେ ମୁଣ୍ଡପିଛା ଦିନକୁ ୪୭ / - ରୁ କମ୍ ଖର୍ଚ୍ଚ କରିଥିଲେ । ୨୦୧୪ ରେ ବି ପି ଏଲ ବର୍ଗର ଘର ଭାବରେ ଚିହ୍ନଟ ହୋଇଥିଲା | ଏହାର ଅର୍ଥ ହେଉଛି ଗ୍ରାମାଞ୍ଚଳରେ ଓଡିଶାର ହାରାହାରି ପରିବାର ୫ ଜଣଙ୍କୁ ନେଇ ଏବଂ ଦିନକୁ ୧୬୦ ଟଙ୍କାରୁ କମ୍ ଖର୍ଚ୍ଚ କରନ୍ତି କିମ୍ବା ମାସକୁ ୪୮୦୦/- ଟଙ୍କାରୁ କମ୍ ଖର୍ଚ୍ଚ କରନ୍ତି ସେମାନେ ବିପିଏଲ୍ ବର୍ଗର ଘର ଭାବରେ ତାଲିକାଭୁକ୍ତ ହୋଇଥିଲେ | ଅବଶ୍ୟ, ଜମି ହରାଉଥିବା ଏବଂ ଜମି ହରାଉନଥିବା ବର୍ଗଙ୍କ ମଧ୍ୟରେ ଦାରିଦ୍ର୍ୟର ମାତ୍ରା ବହୁତ କମ୍ ମନେହୁଏ | ସି ରଙ୍ଗରାଜନ୍ କମିଟି ରିପୋର୍ଟ ଅନୁଯାୟୀ, ଗୋଟିଏ ପରିବାରର ବାର୍ଷିକ ଖର୍ଚ୍ଚ ୫୮,୩୨୦ ଟଙ୍କା ସୀମାଠାରୁ କମ୍ ତେବେ ବି ପି ଏଲ ଭାବରେ ବିବେଚନା କରାଯାଇପାରେ | ହାରାହାରି ବାର୍ଷିକ ଘରୋଇ ଖର୍ଚ୍ଚ .୫୮,୩୨୦ ଟଙ୍କା ଏବଂ ଆୟ ସ୍ତର ସହିତ ସମାନତାକୁ ବିଚାରକୁ ନେଇ, ଏକ ପରିବାରର ହାରାହାରି ବାର୍ଷିକ ଆୟ ସୀମା ସୀମା ସୀମା (୫୮,୩୨୦ ଟଙ୍କା), ପରିବାରଗୁଡ଼ିକୁ ବି ପି ଏଲ ରେ ଶ୍ରେଣୀଭୁକ୍ତ କରିବାକୁ ଚେଷ୍ଟା କରାଯାଏ ।ଉପରୋକ୍ତ ବିଶ୍ଳେଷଣରୁ ଜଣାପଡ଼ିଛି ଯେ କେବଳ ୧ ପରିବାର ଗରିବ (ବିପିଏଲ୍ ବର୍ଗ) ଏବଂ ସେମାନଙ୍କର ବାର୍ଷିକ ଆୟ ୬୦୦୦୦ ଟଙ୍କାରୁ କମ୍।

**ଚିତ୍ର - ୫.୭: ଆୟ ଶ୍ରେଣୀ ଅନୁସାରେ ପରିବାର ଗୁଡ଼ିକର ବିତରଣ**



**ଖର୍ଚ୍ଚ:**

ପରିବାରର ବିଭିନ୍ନ ଜିନିଷ ଉପରେ ଖର୍ଚ୍ଚ ଏହାର ଆୟ ଦ୍ୱାରା ସୀମିତ ହୋଇଥାଏ ଏବଂ ପରିବାରର ଜୀବନଧାରଣ ମାନର ମୂଲ୍ୟାଙ୍କନ ପାଇଁ ଆୟ ପରି ଖର୍ଚ୍ଚ ତଥ୍ୟ ସଂଗ୍ରହ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ । ଉତ୍ତରଦାତାମାନେ ଆଶଙ୍କା କରିଥିଲେ ଯେ, ଏହା ସେମାନଙ୍କ ବିପିଏଲ୍ ସ୍ଥିତିକୁ ପ୍ରଭାବିତ କରିପାରେ, ତେଣୁ ଆୟ ତଥ୍ୟକୁ ଲୁଚାଇଛନ୍ତି ବୋଲି ମାନେ କରାଯାଉଥିଲା । ତେଣୁ, ଆୟ ଏବଂ ଖର୍ଚ୍ଚ ମଧ୍ୟରେ ସହ-ସମ୍ପର୍କ ସ୍ଥାପନ କରିବା ପାଇଁ ପୂର୍ବ ବର୍ଷର ଖାଦ୍ୟ ଏବଂ ଅଣ-ଖାଦ୍ୟ ସାମଗ୍ରୀ ଉପରେ ହାରାହାରି ମାସିକ ଖର୍ଚ୍ଚ ଢାଞ୍ଚା ବିଶ୍ଳେଷଣ କରାଯାଇଥିଲା । ସାରଣୀ-୫.୧୧ ପ୍ରଭାବିତ ପରିବାରର ଖାଦ୍ୟ ଏବଂ ଅଣ-ଖାଦ୍ୟ ସାମଗ୍ରୀ ଉପରେ ମାସିକ ଖର୍ଚ୍ଚକୁ ଦର୍ଶାଉଛି ।

**ସାରଣୀ ୫.୧୧: ଖାଦ୍ୟ ଏବଂ ଅଣଖାଦ୍ୟ ସାମଗ୍ରୀ ଉପରେ ମାସିକ ଖର୍ଚ୍ଚ (ଟଙ୍କାରେ)**

| କୁରୁମପଡା | ଖାଦ୍ୟ ସାମଗ୍ରୀ | | ଅଣଖାଦ୍ୟ ସାମଗ୍ରୀ | |
|---|---|---|---|---|
| | ସଂଖ୍ୟା | % | ସଂଖ୍ୟା | % |
| ଟଙ୍କା୨୦୦୧ - ୩୦୦୦ | ୧ | ୭.୧୪ | ୦ | ୦.୦୦ |
| ଟଙ୍କା. ୩୦୦୧ - ୪୦୦୦ | ୧ | ୭.୧୪ | ୧ | ୭.୧୪ |
| ଟଙ୍କା. ୪୦୦୧ - ୫୦୦୦ | ୦ | ୦.୦୦ | ୦ | ୦.୦୦ |
| ଟଙ୍କା. ୫୦୦୦ ରୁ ଅଧିକ | ୧୨ | ୮୫.୭୧ | ୧୩ | ୯୨.୮୬ |
| **ମୋଟ** | **୧୪** | **୧୦୦.୦୦** | **୧୪** | **୧୦୦.୦୦** |

*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ*

ଖାଦ୍ୟ ସାମଗ୍ରୀରେ ମାସିକ ହାରାହାରି ଖର୍ଚ୍ଚ ଦର୍ଶାଉଛି ଯେ ଅଧିକାଂଶ ୧୨ (୮୫.୭୧%) ପରିବାର ପ୍ରତି ମାସରେ ଟଙ୍କା୫୦୦୦/-ରୁ ଅଧିକ ଖର୍ଚ୍ଚ କରିଛନ୍ତି ଏବଂ ପରବର୍ତ୍ତୀ ପରିସରର ଖାଦ୍ୟ ସାମଗ୍ରୀ ଉପରେ ଖର୍ଚ୍ଚ ଅର୍ଥାତ୍ ଟଙ୍କା୩୦୦୧/-ରୁ ଟଙ୍କା୪୦୦୦/- ପ୍ରତି ମାସରେ ୧(୭.୧୪%) ଟି ପରିବାର ଖର୍ଚ୍ଚ କରନ୍ତି। ସମାନ ସଂଖ୍ୟକ ପରିବାର ପ୍ରତି ମାସରେ ଟଙ୍କା୨୦୦୧/- ରୁ ଟଙ୍କା୩୦୦୦/- ପର୍ଯ୍ୟନ୍ତ ଖାଦ୍ୟ ସାମଗ୍ରୀରେ ଖର୍ଚ୍ଚ କରନ୍ତି । ଦୁର୍ବଳ ଆର୍ଥିକ ଅବସ୍ଥା ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ସବସିଡିଯୁକ୍ତ ଚାଉଳ ଯୋଗାଣ ହେତୁ ଗ୍ରାମବାସୀ ଖାଦ୍ୟ ସାମଗ୍ରୀ ଉପରେ ବହୁତ କମ୍ ଖର୍ଚ୍ଚ କରୁଛନ୍ତି ।

ଅଣ-ଖାଦ୍ୟ ସାମଗ୍ରୀ ଉପରେ ମାସିକ ଖର୍ଚ୍ଚ ବିଷୟରେ ଜଣାପଡିଲା ଯେ ଅଧିକାଂଶ ୯୨.୮୬% (୧୪ ରୁ ୧୩) ଟି ପରିବାର ପ୍ରତି ମାସରେ ୫୦୦୦ ଟଙ୍କାରୁ ଅଧିକ ଅଣ-ଖାଦ୍ୟ ସାମଗ୍ରୀରେ ଖର୍ଚ୍ଚ କରିଛନ୍ତି ଏବଂ ଅବଶିଷ୍ଟ ଗୋଟିଏ ପରିବାର ଟଙ୍କା୩୦୦୧- ଟଙ୍କା୪୦୦୦ ପ୍ରତି ମାସରେ ଅଣ-ଖାଦ୍ୟ ସାମଗ୍ରୀରେ ଖର୍ଚ୍ଚ କରିଛନ୍ତି । ଖାଦ୍ୟ ବ୍ୟତୀତ ଯାନରେ ଇନ୍ଧନ, ମୋବାଇଲ୍ ରିଚାର୍ଜ ଏବଂ ଶିକ୍ଷା ପାଇଁ ଖର୍ଚ୍ଚ ଭଳି ସାମଗ୍ରୀଗୁଡ଼ିକ ପ୍ରମୁଖ ଅଙଖାଦ୍ୟ ସାମଗ୍ରୀ ଖର୍ଚ୍ଚ ଅଟେ ।

## ୫.୧.୯. ଦାରିଦ୍ର୍ୟତା ଓ ଋଣଗ୍ରସ୍ତତା

ପ୍ରଭାବିତ ପରିବାରର ଋଣଭାର ସୂଚନା ବିଶ୍ଳେଷଣରୁ ଜଣାପଡିଛି ଯେ ସର୍ଭେ କରାଯାଇଥିବା ୧୪ଟି ପରିବାର ମଧ୍ୟରୁ ୮ଟି (୫୭.୧୪%) ପରିବାର ଋଣ ନେଇଛନ୍ତି । ଅବଶିଷ୍ଟ ୬ଟି (୪୨.୮୬%) ପରିବାର କୌଣସି ଋଣ ନେଇ ନାହାଁନ୍ତି କାରଣ ସେମାନେ ସେମାନଙ୍କର କମ ଆୟ ହେତୁ ଋଣଭାର ବିଷୟରେ ଚିନ୍ତିତ । ଯଦିଓ ସେମାନେ ବହୁତ ଭଲ ଆର୍ଥିକ ଅବସ୍ଥାରେ ରହୁନାହାଁନ୍ତି କିନ୍ତୁ ଋଣ ପ୍ରତି ସେମାନଙ୍କର ଉଦାସୀନତା ରହିଛି କାରଣ ସେମାନେ ଭାବନ୍ତି ଯେ ଋଣ ପରିଶୋଧ ସର୍ବଦା

ସେମାନଙ୍କ ପାଇଁ ଏକ ବୋଝ । ଋଣର ଉଦ୍ଦେଶ୍ୟ ବିଷୟରେ ଏହା ଅବଗତ ହୋଇଥିଲା ଯେ ଅଧିକାଂଶ କ୍ଷେତ୍ରରେ ଋଣର ଉଦ୍ଦେଶ୍ୟ ହେଉଛି ଉତ୍ପାଦନ ସମ୍ପର୍କିତ କାର୍ଯ୍ୟରେ ବିନିଯୋଗ । ଋଣର ଉଦ୍ଦେଶ୍ୟର ବିବରଣୀ ସାରଣୀ ନମ୍ବର -୫.୧୨ ରେ ଦିଆଯାଇଛି।

**ସାରଣୀ ୫.୧୨: ଋଣର ଉଦ୍ଦେଶ୍ୟ**

| | | କୃଷି | ପିଲାଙ୍କ ଶିକ୍ଷା | ଗୃହ ନିର୍ମାଣ | ଅନ୍ୟାନ୍ୟ ସ୍ଥାୟୀ ସାମଗ୍ରୀ କ୍ରୟ | ଅନ୍ୟାନ୍ୟ ଋଣ ପରିଶୋଧ | ମୋଟ |
|---|---|---|---|---|---|---|---|
| କୁରୁମପଡା | ସଂଖ୍ୟା | ୩ | ୨ | ୧ | ୧ | ୧ | ୮ |
| | % | ୩୭.୫୦ | ୨୫.୦୦ | ୧୨.୫୦ | ୧୨.୫୦ | ୧୨.୫୦ | ୧୦୦.୦୦ |

*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ*

### ୫.୧.୧୦. ଦୁସ୍ଥତାର ସ୍ଥିତି

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସମୟରେ ପରିବାରର ଦୁର୍ବଳତା ସ୍ଥିତି ମଧ୍ୟ ସାମାଜିକ ସ୍ତର ଆଧାରରେ ସଂଗ୍ରହ କରାଯାଇଥିଲା ଯେପରିକି SC ଅନୁସୂଚିତ ଜାତି ପରିବାର, ଅନୁସୂଚିତ ଜନଜାତି ପରିବାର, ମହିଳା ମୁଖ୍ୟ ପରିବାର, ଶାରୀରିକ/ମାନସିକ ଭାବରେ ଅକ୍ଷମ ବ୍ୟକ୍ତି ଉପରେ ନିର୍ଭରଶୀଳ ପରିବାର । ଏହା ଜଣାପଡ଼ିଥିଲା ଯେ କେବଳ ୧(୭.୧୪%) ଟି ପରିବାର ଅନୁସୂଚିତ ଜାତି, ୨(୧୪.୨୯%)ଟି ପରିବାର ମହିଳାମୁଖ୍ୟଙ୍କ ଦ୍ୱାରା ପରିଚାଳିତ ପରିବାର, ୧(୭.୧୪%) ପରିବାର ଭିନ୍ନକ୍ଷମ ବ୍ୟକ୍ତି ଦ୍ୱାରା ପରିଚାଳିତ ଏବଂ ୫ (୩୫.୭୧%) ଟି ପରିବାର BPL କାର୍ଡ ଧାରକ। ତଥାପି, RFCTLARR-୨୦୧୩ ଅନୁଯାୟୀ ପ୍ରଭାବିତ ଗ୍ରାମଗୁଡ଼ିକର ଏହି ପରିବାରଗୁଡ଼ିକୁ ବିଶେଷ ସହାୟତା ଆବଶ୍ୟକ।

**ସାରଣୀ ୫.୧୩: ପ୍ରଭାବିତ ପରିବାରର ଦୁସ୍ଥତାର ସ୍ଥିତି**

| | ସଂଖ୍ୟା | % |
|---|---|---|
| ମୋଟ ପରିବାର | ୧୪ | ୧୦୦.୦୦ |
| ଅନୁସୂଚିତ ଜାତି ପରିବାର | ୧ | ୭.୧୪ |
| ଅନୁସୂଚିତ ଜନଜାତି ପରିବାର | ୦ | ୦.୦୦ |
| ଏହା ମହିଳାମୁଖ୍ୟ ପରିବାର କି ? | ୨ | ୧୪.୨୯ |
| ଏହା କ'ଣ ଶାରୀରିକ/ମାନସିକ ଭାବରେ ଅକ୍ଷମ ବ୍ୟକ୍ତି ଦ୍ୱାରା ପରିଚାଳିତ? | ୧ | ୭.୧୪ |
| ବି ପି ଏଲ କାର୍ଡ ହୋଲ୍ଡର | ୫ | ୩୫.୭୧ |

*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ*

## ୫.୨. ବାସସ୍ଥାନ ଅବସ୍ଥା, ମୌଳିକ ସୁବିଧାର ଉପଲବ୍ଧତା ଏବଂ ସମ୍ପତ୍ତି ସ୍ଥିତି

ଜମି ଅଧିଗ୍ରହଣ ପାଇଁ ସାମାଜିକ-ଅର୍ଥନୈତିକ ଅଧ୍ୟୟନରେ ବାସଗୃହର ଗଠନ ଏବଂ ମୌଳିକ ସୁବିଧାର ମୂଲ୍ୟାଙ୍କନ ଗୁରୁତ୍ୱପୂର୍ଣ୍ଣ । ତେଣୁ, ପ୍ରଭାବିତ ପରିବାରର ବାସଗୃହ ଗଠନ, ଏହାର ବ୍ୟବହାର, ଗୃହ ଅବସ୍ଥାର ଦିଗ ଏବଂ ମୌଳିକ ସୁବିଧାର ଉପଲବ୍ଧତା ଇତ୍ୟାଦି ବ୍ୟକ୍ତିଗତ ଭାବରେ ସର୍ଭେ ସମୟରେ ପର୍ଯ୍ୟବେକ୍ଷଣ ଏବଂ ଯାଞ୍ଚ କରାଯାଇଛି ଏବଂ ଏହାକୁ ଏହି ବିଭାଗରେ ବିଶ୍ଳେଷଣ କରାଯାଇଛି । ଜୀବନଯାପନ ପରିବେଶ, ଜଣେ ବ୍ୟକ୍ତି କିମ୍ବା ଗୋଷ୍ଠୀ ଦ୍ୱାରା ଅନୁଭୂତ ସ୍ୱାସ୍ଥ୍ୟ, ସୁବିଧାରେ ରହିବା ଏବଂ ଖୁସିର ମାନଦଣ୍ଡର ଏକ ସୂଚକ । ଏଥିରେ ବାସସ୍ଥାନର ସ୍ଥିତି, ଆରାମଦାୟକ ଜୀବନଯାପନ ପାଇଁ ଘରୋଇ ଉପକରଣର ଅଧିକାର, ସ୍ୱାସ୍ଥ୍ୟ, ପରିମଳ, ଶିକ୍ଷା, ଶକ୍ତି ଏବଂ ଅନ୍ୟାନ୍ୟ ନାଗରିକ ସୁବିଧା, ସାମାଜିକ ସୁରକ୍ଷା, ଧାର୍ମିକ

ବିଶ୍ୱାସ ଏବଂ ପରିବେଶ ଭଳି ସୂଚକ ଅନ୍ତର୍ଭୁକ୍ତ । ଉପରେ ଉଲ୍ଲିଖିତ ସୂଚକଗୁଡ଼ିକ ଉପରେ ଆଧାରିତ ପ୍ରଭାବିତ ପରିବାର ଦ୍ୱାରା ଅନୁସରଣ କରାଯାଉଥିବା ଜୀବନର ଗୁଣବତ୍ତାର ଏକ ବିସ୍ତୃତ ଆଲୋଚନା ନିମ୍ନ ଅନୁଚ୍ଛେଦରେ ଉପସ୍ଥାପିତ ହୋଇଛି ।

### ୫.୨.୧ ବାସଗୃହର ସ୍ଥିତି ଓ ଅନ୍ୟାନ୍ୟ ସୁବିଧା ମାନ

ଅଧ୍ୟୟନରୁ ଜଣାପଡିଛି ଯେ ସମସ୍ତ ପ୍ରକଳ୍ପ ପ୍ରଭାବିତ ପରିବାରର ନିଜସ୍ୱ ଘର ଅଛି ଯାହା ବିଭିନ୍ନ ପ୍ରକାରର ଏବଂ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ । ୧୨ (୮୫.୭୧%) ଟି ଘରର ଛାତ କଂକ୍ରିଟରେ ଏବଂ ୨ (୧୪.୨୯%) ଟି ଘରର ଛାତ ଆଜବେଷ୍ଟସରେ ତିଆରି । ୧୩ (୯୨.୮୬%) ଟି ଘରର କାନ୍ଥ ଇଟା ସିମେଣ୍ଟରେ ଏବଂ ୧ (୭.୧୪%) ଟି ଘରର କାନ୍ଥ ଇଟା କୁ ମାଟି ସହିତ ଯୋଡେଇ କରି ତିଆରି କରାଯାଇଛି । ସମସ୍ତ ଘରର ଚଟାଣ ସିମେଣ୍ଟ କଂକ୍ରିଟ୍ ରେ ତିଆରି । ଗୃହ ଗଠନର ବିବରଣୀ ନିମ୍ନରେ ପ୍ରଦାନ କରାଯାଇଛି।

**ସାରଣୀ ୫.୧୪: ଘରର ଢାଞ୍ଚା**

| ଘରର ର ମାଲିକାନା | ଛାତ | | | ଚଟାଣ | | | କାନ୍ଥ | | |
|---|---|---|---|---|---|---|---|---|---|
| ନିଜଘର | କଂକ୍ରିଟ | ଆଜବେଷ୍ଟସ | ଟିଣ | ସିମେଣ୍ଟ | ଟାଇଲ | ମାଟି | ଇଟା ସିମେଣ୍ଟ | ଇଟା କାଦୁଅ | ମାଟି |
| ୧୪ | ୧୨ | ୨ | ୦ | ୧୪ | ୦ | ୦ | ୧୩ | ୧ | ୦ |
| ୧୦୦ | ୮୫.୭୧ | ୧୪.୨୯ | ୦.୦୦ | ୧୦୦.୦୦ | ୦.୦୦ | ୦.୦୦ | ୯୨.୮୬ | ୭.୧୪ | ୦.୦୦ |

*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ*

ଗ୍ରାମରେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ଥିବାରୁ ସମସ୍ତ ପରିବାର ଏହି ଜଳଯୋଗାଣ ପ୍ରଣାଳୀରୁ ପାନୀୟ ଜଳ ସଂଗ୍ରହ କରନ୍ତି । ଯୋଗାଣର ଅଭାବ ସମୟରେ ଗ୍ରାମବାସୀମାନେ ନଳକୂଅରୁ ପାନୀୟ ଜଳ ସଂଗ୍ରହ କରନ୍ତି ।

ସମସ୍ତ ଘର ଶୌଚାଳୟ, ସ୍ନାନାଗାର, ଧୋଇବା ସ୍ଥାନ ଇତ୍ୟାଦି ମୌଳିକ ସୁବିଧା ସହିତ ସଜ୍ଜିତ । ଏହି ସମସ୍ତ ସୁବିଧା ଘରର ପରିସର ମଧ୍ୟରେ ଉପଲବ୍ଧ । ଏହି ଅଞ୍ଚଳରେ ଖୋଲା ମଳତ୍ୟାଗ ମଧ୍ୟ ପ୍ରଚଳିତ । ପରିବାରର ପୁରୁଷ ସଦସ୍ୟମାନେ ପ୍ରାୟତଃ ବାହାରକୁ ଯାଆନ୍ତି । ଗ୍ରାମରେ ସଂପୂର୍ଣ୍ଣ ବିଦ୍ୟୁତକରଣ ହୋଇଛି ଏବଂ ସମସ୍ତ ପରିବାରର ନିଜସ୍ୱ ବିଦ୍ୟୁତ ସଂଯୋଗ ଅଛି ।

**ସାରଣୀ ୫.୧୫ ମୌଳିକ ସୁବିଧା ସୁଯୋଗର ଉପଲବ୍ଧତା**

| | | ସଂଖ୍ୟା | % |
|---|---|---|---|
| **ବିଦ୍ୟୁତ ସଂଯୋଗ** | | ୧୪ | ୧୦୦.୦୦ |
| **ପାନୀୟ ଜଳର ଉତ୍ସ** | ପାଇପ | ୧୪ | ୧୦୦.୦୦ |
| | ଅଗଭୀର କୂଅ | ୦ | ୦.୦୦ |
| | ନଳ କୂଅ | ୦ | ୦.୦୦ |
| **ଗାଧୁଆ ଘର** | ଘର ଭିତରେ | ୧୪ | ୧୦୦.୦୦ |
| | ଖୋଲାରେ | ୦ | ୦.୦୦ |
| | ଘର ଅଗଣାରେ | ୦ | ୦.୦୦ |
| **ଘର ମଧ୍ୟରେ ଶୌଚଳୟ** | ଘର ଭିତରେ | ୧୪ | ୧୦୦.୦୦ |
| | ଖୋଲାରେ | ୦ | ୦.୦୦ |
| **ଗୁହାଳ** | ଘରର କାନ୍ଥ ସହ ସଂଲଗ୍ନ | ୦ | ୦.୦୦ |
| | ସଂପୂର୍ଣ୍ଣ ଅଲଗା | ୫ | ୩୫.୭୧ |
| **ଧୁଆ ଧୁଇ କରିବା ନିମନ୍ତେ ସ୍ଥାନ** | ଘର ଭିତରେ | ୧୪ | ୧୦୦.୦୦ |
| | ଖୋଲାରେ | ୦ | ୦.୦୦ |

କେତେକ ପରିବାରରେ ପଶୁପାଳନ କରନ୍ତି । ଅଧିକାଂଶ କ୍ଷେତ୍ରରେ ଗୁହାଳ ଘର ବାସଗୃହ ଠାରୁ ଅଲଗା ଭାବରେ ରହିଥାଏ ।

## ୫.୩ ସ୍ୱାସ୍ଥ୍ୟ ଅବସ୍ଥା ଏବଂ ସ୍ୱାସ୍ଥ୍ୟ ସମ୍ପର୍କିତ ଆଚରଣ

ସ୍ୱାସ୍ଥ୍ୟ ସମ୍ପର୍କିତ ଆଚରଣ ବିଷୟରେ ସୂଚନା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଏକ ଅଂଶ । ଏହି ପରିପ୍ରେକ୍ଷୀରେ ପ୍ରଭାବିତ ପରିବାରଗୁଡ଼ିକୁ ସେମାନଙ୍କର ସ୍ୱାସ୍ଥ୍ୟ ସମ୍ପର୍କିତ ଆଚରଣ ବିଷୟରେ ପଚରାଯାଇଥିଲା ଯେପରିକି; ଆପଣ କେଉଁ ରୋଗରେ ପୀଡିତ, ନିକଟତମ ଚିକିତ୍ସା ସୁବିଧାର ଉପଲବ୍ଧତା, ସୁବିଧାର ପ୍ରକାର, ଗତ ଏକ ବର୍ଷ ମଧ୍ୟରେ ସାଧାରଣ ରୋଗର ଚିକିତ୍ସା ପାଇଁ ଖର୍ଚ୍ଚ ହୋଇଥିବା ପରିମାଣ । ଚିକିତ୍ସାର ସୁବିଧା ସମ୍ପର୍କରେ ଏହା ଜଣାପଡିଛି ଯେ ଆବଶ୍ୟକ ସମୟରେ ପ୍ରଭାବିତ ପରିବାର ସରକାରୀ ଡାକ୍ତରଖାନାରେ ଏଲୋପାଥିକ ଚିକିତ୍ସାର ସୁବିଧା ପାଇଛନ୍ତି ।

ଗାଁଟି ଖୋର୍ଦ୍ଧାରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ। ନିକଟବର୍ତ୍ତୀ ଅଞ୍ଚଳରେ ଘରୋଇ ଡାକ୍ତରଖାନା ଉପଲବ୍ଧ। ସମସ୍ତ ଗ୍ରାମବାସୀ ଏଲୋପାଥିକ ଚିକିତ୍ସା ପାଇଁ ଯାଆନ୍ତି । ଏହି ଅଞ୍ଚଳରେ ହୋମିଓପାଥି ଏବଂ ଆୟୁର୍ବେଦିକ ଚିକିତ୍ସାର ଉତ୍ସ ବହୁତ କମ୍ ମିଳେ । ଅନେକ ଲୋକ ସେମାନଙ୍କର ଛୋଟ ରୋଗ ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି । ୮ (୫୭.୧୪%) ଟି ପରିବାର ସରକାରୀ ଏଲୋପାଥିକ ଡାକ୍ତରଖାନାରେ ଚିକିତ୍ସା ପାଆନ୍ତି, ୨(୧୪.୨୯%)ଟି ପରିବାର ଘରୋଇ ଏଲୋପାଥିକ ହସ୍ପିଟାଲରେ ଚିକିତ୍ସା ପାଆନ୍ତି ଏବଂ ୪(୨୮.୫୭%) ଟି ପରିବାର ଘରୋଇ ଏଲୋପାଥିକ ହସ୍ପିଟାଲ ସହିତ ସରକାରୀ ଡାକ୍ତରଖାନାରେ ଚିକିତ୍ସା ଗ୍ରହଣ କରିଛନ୍ତି ।

**ସାରଣୀ ୫.୧୬ : ସ୍ୱାସ୍ଥ୍ୟ ଅବସ୍ଥା ଏବଂ ସ୍ୱାସ୍ଥ୍ୟ ସମ୍ପର୍କିତ ଆଚରଣ**

| | | ଏଲୋପାଥିକ ସରକାରୀ | ଏଲୋପାଥିକ ଘରୋଇ | ଏଲୋପାଥିକ ସରକାରୀ ଓ ଘରୋଇ ଉଭୟ | ମୋଟ |
|---|---|---|---|---|---|
| କୁରୁମପଡା | ସଂଖ୍ୟା | ୮ | ୨ | ୪ | ୧୪ |
| | % | ୫୭.୧୪ | ୧୪.୨୯ | ୨୮.୫୭ | ୧୦୦.୦୦ |

*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ*

ଗାଁ ଲୋକଙ୍କ କହିବା ଅନୁସାରେ ସେମାନେ ପୂର୍ବରୁ ଖୋର୍ଦ୍ଧାର ଜିଲ୍ଲା ଡାକ୍ତରଖାନା ଏବଂ ଘରୋଇ ଡାକ୍ତରଖାନାକୁ ଯାଉଥିଲେ। ଯାହା ଗାଁରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ। ଏହା ବ୍ୟତୀତ, ପରିବାର ସହିତ ଆଲୋଚନାରୁ ଜଣାପଡ଼ିଲା ଯେ ଛୋଟ ଛୋଟ ରୋଗ ପାଇଁ ସେମାନେ ସ୍ଥାନୀୟ କ୍ୱାକ୍ ଏବଂ ବୈଦ୍ୟଙ୍କ ଉପରେ ନିର୍ଭର କରନ୍ତି।

**ସାରଣୀ ୫.୧୭: ସେମାନେ ସାଧାରଣତଃ ଚିକିତ୍ସା ପାଇଁ କେଉଁଠାକୁ ଯାଆନ୍ତି।**

| | % | ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର | ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର | ଜିଲ୍ଲା ଚିକିତ୍ସାଳୟ | ଘରୋଇ କ୍ଲିନିକ | ଘରୋଇ ଚିକିତ୍ସାଳୟ | ମୋଟ |
|---|---|---|---|---|---|---|---|
| କୁରୁମପଡା | ସଂଖ୍ୟା | ୦ | ୨ | ୫ | ୦ | ୭ | ୧୪ |
| | % | ୦.୦୦ | ୧୪.୨୯ | ୩୫.୭୧ | ୦.୦୦ | ୫୦.୦୦ | ୧୦୦.୦୦ |

*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ*

## ୫.୪. ଜୀବିକା ହରାଉଥିବା ପରିବାର ଗଣନା

RFCTLAR & R Act ୨୦୧୩ ର ଧାରା ୩ ର ଉପ-ଧାରା (ii) ର ଧାରା ଅନୁଯାୟୀ ଏହି ବର୍ଗରେ, କେବଳ ଭୂମିହୀନ ପରିବାର, ଯାହାର ଜୀବିକା ମୁଖ୍ୟତଃ ଅଧିଗ୍ରହଣ ହୋଇଥିବା ଜମି ଉପରେ ନିର୍ଭରଶୀଳ ତାହା ସମ୍ବନ୍ଧରେ ଗଣନା କରାଯାଇଥିଲା । ସ୍ପଷ୍ଟ ଭାବରେ କହିଲେ ପ୍ରଭାବିତ ପରିବାରର ଏହି ବର୍ଗ ମଧ୍ୟରେ ଏପରି ପରିବାର ଅନ୍ତର୍ଭୁକ୍ତ ଯାହାର ଜମି ଉପରେ କୌଣସି ମାଲିକାନା ନାହିଁ, କିନ୍ତୁ ଏହିପରି ପରିବାରର ସଦସ୍ୟ କିମ୍ବା ସଦସ୍ୟମାନେ କୃଷି ଶ୍ରମିକ ହୋଇପାରନ୍ତି ଯେ,

କୌଣସି ପ୍ରକାରର ଭାଗଚାଷୀ ହୋଇପାରନ୍ତି କିମ୍ବା ଫଳ ଭୋଗ ଅଧିକାର, ଫସଲର ଅଂଶୀଦାର କିମ୍ବା କାରିଗର କିମ୍ବା ତିନିବର୍ଷରୁ ଅଧିକ ସମୟ ପୂର୍ବରୁ ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟ କରୁଥାଇ ପାରନ୍ତି, ଯାହାର ପ୍ରାଥମିକ ଜୀବିକାର ଉତ୍ସ ଜମି ଅଧିଗ୍ରହଣ ଦ୍ୱାରା ପ୍ରଭାବିତ ହୋଇଥିଲା । ସର୍ଭେ ସମୟରେ ପ୍ରସ୍ତାବିତ ପ୍ରକଳ୍ପ ହେତୁ ସେପରି କୌଣସି ପରିବାର ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିନଥିଲା।

## ୫.୫. ଅନୁସୂଚିତ ଜନଜାତିର ପରିବାର ଏବଂ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସିନ୍ଦା ଯେଉଁମାନେ ସେମାନଙ୍କର ଜଙ୍ଗଲ ଅଧିକାର ହରାଉଛନ୍ତି ସେମାନଙ୍କ ଗଣନା

ପ୍ରକଳ୍ପ ଅଧିକାରୀ, ଗ୍ରାମଗୋଷ୍ଠୀର ନେତା, ପଞ୍ଚାୟତରାଜ ଅନୁଷ୍ଠାନର ସଦସ୍ୟଙ୍କ ସହ ଆଲୋଚନା ତଥା ଅଧ୍ୟୟନ ଦଳର କ୍ଷେତ୍ର ପରିଦର୍ଶନ ରୁ ଅବଗତ ହେଲା ଯେ, ପ୍ରସ୍ତାବିତ ପ୍ରକଳ୍ପ ହେତୁ ଏପରି କୌଣସି ପରିବାର ପ୍ରଭାବିତ ହେବେ ନାହିଁ ।

## ୫.୬. ବିଭିନ୍ନ ଯୋଜନା ଅଧୀନରେ ଦିଆଯାଇଥିବା ଜମି ହରାଉଥିବା ପରିବାରର ଗଣନା:

ପ୍ରକଳ୍ପ ଅଧିକାରୀ, ସମ୍ପ୍ରଦାୟ ନେତା, ପିଆରଆଇ ସଦସ୍ୟଙ୍କ ସହିତ ଆଲୋଚନା ଅନୁଯାୟୀ, କୃଷି ଶ୍ରମିକ, ଭଡାଟିଆ କିମ୍ବା ଫଳ ଭୋଗ ଅଧିକାର ଧାରଣ କରିଥିବା ପରିବାର, ଭାଗଚାଷୀ କିମ୍ବା କାରିଗର କିମ୍ବା ଜମି ଅଧିଗ୍ରହଣ ପୂର୍ବରୁ ଗତ ତିନି ବର୍ଷ ଧରି ପ୍ରଭାବିତ ଅଞ୍ଚଳରେ କାମ କରୁଥିବା ପରିବାର ପ୍ରସ୍ତାବିତ ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେବେ ନାହିଁ ।

## ୫.୭. କୃଷି ଶ୍ରମିକଙ୍କ ପରିବାର, ଭଡାନେଇ ଜମି ଚାଷ କରୁଥିବା ବ୍ୟକ୍ତି କିମ୍ବା ଫଳଅଧିକାର ଦାବିଦାର ବ୍ୟକ୍ତି, ଭାଗଚାଷୀ କିମ୍ବା କାରିଗର କିମ୍ବା ଯେଉଁମାନେ ଜମି ଅଧିଗ୍ରହଣ ପୂର୍ବରୁ ତିନି ବର୍ଷ ଧରି ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟ କରିଥିବେ

ପ୍ରକଳ୍ପ ଅଧିକାରୀ, ଗ୍ରାମଗୋଷ୍ଠୀର ନେତା, ପଞ୍ଚାୟତରାଜ ଅନୁଷ୍ଠାନର ସଦସ୍ୟ ସହ ଆଲୋଚନା ରୁ ଅବଗତ ହେଲା ଯେ, କୃଷି ଶ୍ରମିକଙ୍କ ପରିବାର, ଭଡାନେଇ ଜମି ଚାଷ କରୁଥିବା ବ୍ୟକ୍ତି କିମ୍ବା ଫଳଭୋଗ ଅଧିକାର ବ୍ୟକ୍ତି, ଭାଗଚାଷୀ କିମ୍ବା କାରିଗର କିମ୍ବା ଯେଉଁମାନେ ଜମି ଅଧିଗ୍ରହଣ ପୂର୍ବରୁ ତିନି ବର୍ଷ ଧରି ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟ କରିଥିବେ ସେପରି ପରିବାର ପ୍ରସ୍ତାବିତ ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେବେ ନାହିଁ |

## ୫.୮. ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାର ଯେ କୌଣସି ଯୋଜନା ଅଧୀନରେ ଯେଉଁ ପରିବାରମାନଙ୍କୁ ଜମି ଦେଇଛନ୍ତି

ପ୍ରକଳ୍ପ ଅଧିକାରୀ, ଗ୍ରାମଗୋଷ୍ଠୀର ନେତା, ପଞ୍ଚାୟତରାଜ ଅନୁଷ୍ଠାନର ସଦସ୍ୟ ସହ ହୋଇଥିବା ଆଲୋଚନା ଅନୁଯାୟୀ, ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାର ଯେ କୌଣସି ଯୋଜନା ଅଧୀନରେ ଭୂମିହୀନ ପରିବାରକୁ ଦିଆଯାଇଥିବା ଜମି ଅଧିଗ୍ରହଣ କ୍ଷେତ୍ର ମଧ୍ୟରେ ଆସୁନାହିଁ । ତେଣୁ ପ୍ରସ୍ତାବିତ ପ୍ରକଳ୍ପ ହେତୁ ସେପରି କୌଣସି ପ୍ରକାର ପରିବାର ପ୍ରଭାବିତ ହେବେ ନାହିଁ।

## ୫.୯. ସହରାଞ୍ଚଳର ଯେ କୌଣସି ଜମିରେ ଯଦି ପରିବାରମାନେ ଜମି ଅଧିଗ୍ରହଣ ପୂର୍ବରୁ ୩ ବର୍ଷ କିମ୍ବା ତା'ଠାରୁ ଅଧିକ ପୂର୍ବରୁ ବସବାସ କରିଆସୁଛନ୍ତି;

ପ୍ରକଳ୍ପ ଅଧିକାରୀ, ଗ୍ରାମଗୋଷ୍ଠୀର ନେତା, ପଞ୍ଚାୟତି ରାଜ ଅନୁଷ୍ଠାନର ସଦସ୍ୟଙ୍କ ସହ ଆଲୋଚନା ଅନୁଯାୟୀ, ପ୍ରସ୍ତାବିତ ପ୍ରକଳ୍ପ ହେତୁ ସେପରି କୌଣସି ପରିବାର ପ୍ରଭାବିତ ହେବେ ନାହିଁ |

## ୫.୧୦ ପ୍ରକଳ୍ପ ହେତୁ ପରୋକ୍ଷ ଭାବରେ ପ୍ରଭାବିତ ପରିବାରର ସାମାଜିକ ଆର୍ଥିକ ସ୍ଥିତି (ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହକାରୀ, ଶିକାରୀ, କେଉଟ, ଏବଂ ନାଉରିଆ)

ବର୍ତ୍ତମାନ ପ୍ରଭାବିତ ଅଞ୍ଚଳରେ ଶିକାର ଏବଂ ଡଙ୍ଗା ଚାଳନା ଏକ ଅଭ୍ୟାସ ନୁହେଁ । ଯଦିଓ କିଛି ପରିବାର ମାଛ ଧରିବା ଉପରେ ନିର୍ଭର କରନ୍ତି କିନ୍ତୁ ସେମାନଙ୍କର ଜୀବିକା କେବଳ ଏହି କାର୍ଯ୍ୟକଳାପ ଉପରେ ନିର୍ଭର କରେ ନାହିଁ । ତେଣୁ, ବର୍ତ୍ତମାନର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ପ୍ରାଥମିକ ସର୍ଭେ ସମୟରେ ଅଧ୍ୟୟନ ଦଳ ଦ୍ୱାରା ଏହି ବର୍ଗର ଗୋଟିଏ ବି ପରିବାରର ଗଣନା କରାଯାଇ ନାହିଁ । ଯେକୌଣସି ବିକାଶମୂଳକ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ଲୋକଙ୍କ ଉପରେ ପ୍ରଭାବ ପକାଇଥାଏ ଯାହାଙ୍କ ଜମି ଏବଂ ସମ୍ପତ୍ତି ଅଧିଗ୍ରହଣ ହେବାକୁ ଯାଉଛି ଏବଂ ପ୍ରଭାବିତ ଗ୍ରାମରେ ରହୁଥିବା ଅନ୍ୟ ଲୋକଙ୍କ ଉପରେ ଯେଉଁମାନେ ପ୍ରକଳ୍ପ ଦ୍ୱାରା ପରୋକ୍ଷ ଭାବରେ ପ୍ରଭାବିତ ହୁଅନ୍ତି କିନ୍ତୁ ସେମାନଙ୍କର ଜମି ଏବଂ ସମ୍ପତ୍ତି ଅଧିଗ୍ରହଣ ହୁଏ ନାହିଁ । ସେହି ଲୋକମାନଙ୍କୁ ପରୋକ୍ଷ ଭାବରେ ପ୍ରଭାବିତ ପରିବାର କୁହାଯାଏ । RFCTLARR ଆଇନ ଅନୁଯାୟୀ, ପ୍ରକଳ୍ପ ବିଷୟରେ ପରୋକ୍ଷ ଭାବରେ ପ୍ରଭାବିତ ପରିବାରର ଧାରଣା ଏବଂ ସଚେତନତା ସମ୍ପର୍କରେ ସୂଚନା ସଂଗ୍ରହ କରିବା ବାଧ୍ୟତାମୂଳକ । ବିଶେଷକରି ଏକ ପ୍ରସ୍ତାବିତ ପ୍ରକଳ୍ପରେ ସାମାଜିକ ପ୍ରଭାବର ତୁଳନାତ୍ମକ ମୂଲ୍ୟାଙ୍କନ, ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ପ୍ରଭାବିତ ପରିବାର ଉଭୟଙ୍କ ମତାମତ ନେବା ଆବଶ୍ୟକ। ତେଣୁ, ପ୍ରଭାବିତ ଗ୍ରାମର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସମୟରେ ମନମୁତାବକ ନମୁନା ସଂଗ୍ରହ ପଦ୍ଧତି ଅବଲମ୍ବନ କରି ୧୦ ଟି ପରୋକ୍ଷ ଭାବରେ ପ୍ରଭାବିତ ପରିବାରରୁ ତଥ୍ୟ ସଂଗ୍ରହ କରାଯାଇଛି । ଏହି ୧୦ ଟି ପରୋକ୍ଷ ଭାବରେ ପ୍ରଭାବିତ ପରିବାର ମଧ୍ୟରୁ ସମସ୍ତ ପରିବାର ପୁରୁଷ ମୁଖ୍ୟ ପରିବାର । ସର୍ଭେରୁ ଜଣାପଡ଼ିଛି ଯେ ପରୋକ୍ଷ ଭାବରେ ପ୍ରଭାବିତ ୧୦ ଟି ପରିବାର ମଧ୍ୟରେ ୨ (୨୦%) ଟି ପରିବାର ଅନୁସୂଚିତ ଜାତି ପରିବାର, ୫ (୫୦%) ଟି ପରିବାର ଅନ୍ୟାନ୍ୟ ପଛୁଆ ବର୍ଗ ପରିବାର ଏବଂ ୩ (୩୦%) ଟି ପରିବାର ସାଧାରଣ ଜାତି ପରିବାର ଅଛନ୍ତି । ପରୋକ୍ଷ ଭାବରେ ପ୍ରଭାବିତ ପରିବାର ପରିବାର ମଧ୍ୟରେ ଅନୁସୂଚିତ ଜନଜାତି ପରିବାର ନାହାନ୍ତି ।

ପରୋକ୍ଷ ଭାବରେ ପ୍ରଭାବିତ ପରିବାରର ଜାତି ଅନୁଯାୟୀ ବିତରଣର ବିବରଣୀ ନିମ୍ନରେ ସାରଣୀ ସଂଖ୍ୟା ୫.୧୮ ରେ ଦିଆଯାଇଛି।

**ସାରଣୀ ୫.୧୮: ପରୋକ୍ଷ ଭାବରେ ପ୍ରଭାବିତ ପରିବାରର ଜାତି ଅନୁଯାୟୀ ବିତରଣ**

| କ୍ରମିକ ସଂଖ୍ୟା | ଗ୍ରାମର ନାମ | ଅନୁସୂଚିତ ଜାତି | | ଅନୁସୂଚିତ ଜନଜାତି | | ଅନ୍ୟାନ୍ୟ ପଛୁଆ ବର୍ଗ | | ସାଧାରଣ ବର୍ଗ | | ମୋଟ |
|---|---|---|---|---|---|---|---|---|---|---|
| | | ସଂଖ୍ୟା | % | ସଂଖ୍ୟା | % | ସଂଖ୍ୟା | % | ସଂଖ୍ୟା | % | ସଂଖ୍ୟା |
| ୧ | କୁରୁମପଡା | ୨ | ୨୦.୦୦ | ୦ | ୦.୦୦ | ୫ | ୫୦.୦୦ | ୩ | ୩୦.୦୦ | **୧୦** |

*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ*

ପରୋକ୍ଷ ଭାବରେ ପ୍ରଭାବିତ ପରିବାରର ସଦସ୍ୟଙ୍କ ମଧ୍ୟରେ ଲିଙ୍ଗ ଅନୁଯାୟୀ ବିତରଣ ଦର୍ଶାଉଛି ଯେ ମୋଟ ୪୩ ଜଣଙ୍କ ମଧ୍ୟରୁ ପୁରୁଷ ସଦସ୍ୟଙ୍କ ସଂଖ୍ୟା ୨୩ (୫୩.୪୮%) ଏବଂ ମହିଳା ସଦସ୍ୟଙ୍କ ସଂଖ୍ୟା ୨୦ (୪୬.୫୧%)। ଲିଙ୍ଗ ଅନୁପାତ ୮୬୯ । ଗ୍ରାମରେ ପୁରୁଷ ଏବଂ ମହିଳା ସଦସ୍ୟଙ୍କ ସଂଖ୍ୟା ନିମ୍ନଲିଖିତ ସାରଣୀ ୫.୧୯ ରେ ଦିଆଯାଇଛି ।

**ସାରଣୀ ୫.୧୯: ପରୋକ୍ଷ ଭାବରେ ପ୍ରଭାବିତ ପରିବାରର ଜନସଂଖ୍ୟା ର ଲିଙ୍ଗ ଅନୁଯାୟୀ ବିତରଣ**

| କ୍ର ସଂଖ୍ୟା | ଗ୍ରାମ | | ଜନ ସଂଖ୍ୟା | | | ହାରାହାରି ପରିବାର ଆକାର | ଲିଙ୍ଗ ଅନୁପାତ |
|---|---|---|---|---|---|---|---|
| | | | ପୁରୁଷ | ମହିଳା | ମୋଟ | | |
| ୧ | କୁରୁମପଡା | ସଂଖ୍ୟା | ୨୩ | ୨୦ | ୪୩ | ୪.୩୦ | ୮୬୯ |
| | | % | ୫୩.୪୮ | ୪୬.୫୧ | ୧୦୦.୦୦ | | |

*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ*

ପରୋକ୍ଷ ଭାବରେ ପ୍ରଭାବିତ ପରିବାରର ସଦସ୍ୟଙ୍କ ମଧ୍ୟରେ ବୟସଭିତ୍ତିକ ବିତରଣ ଦର୍ଶାଉଛି ଯେ ମୋଟ ୪୩ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ସର୍ବାଧିକ ୧୯ (୪୪.୧୯%) ଜଣ ଲୋକଙ୍କ ବୟସ (୧୯-୪୫) ବର୍ଷ ବୟସ ମଧ୍ୟରେ ଏବଂ ତା'ପରେ ୪୬ ରୁ ୬୦ ବୟସ ବର୍ଗର ଲୋକଙ୍କର ସଂଖ୍ୟା ୧୨ (୨୭.୯୧%) । ଯାହାକୁ ଉତ୍ପାଦନକ୍ଷମ ବୟସ ଗୋଷ୍ଠୀ ଭାବରେ ବିବେଚନା କରାଯାଏ । ଏହା ସୂଚାଇ ଦିଏ ଯେ କାର୍ଯ୍ୟକ୍ଷମ ବୟସ ଜନସଂଖ୍ୟା ୧୯-୬୦ ଜନସଂଖ୍ୟାର ୭୨% ରୁ ଅଧିକ ଅଟେ ଯାହା ସୂଚିତ କରେ ଯେ ୩୮% ନିର୍ଭରଶୀଳତା ଭାର ବହୁତ କମ । ବୟସଭିତ୍ତିକ ବିତରଣ ନିମ୍ନଲିଖିତ ସାରଣୀରେ ଦିଆଯାଇଛି।

**ସାରଣୀ ୫.୨୦: ପରୋକ୍ଷ ଭାବରେ ପ୍ରଭାବିତ ଜନସଂଖ୍ୟା ର ବୟସ ଅନୁଯାୟୀ ବିତରଣ**

| ବୟସ ବର୍ଗ | ୦ ରୁ ୬ | ୭ ରୁ୧୮ | ୧୯ ରୁ ୪୫ | ୪୬ ରୁ ୬୦ | ୬୦ ରୁ ଅଧିକ | ମୋଟ |
|---|---|---|---|---|---|---|
| ପୁରୁଷ | ୨ | ୩ | ୧୦ | ୬ | ୨ | ୨୩ |
| ମହିଳା | ୧ | ୩ | ୯ | ୬ | ୧ | ୨୦ |
| ମୋଟ | ୩ | ୬ | ୧୯ | ୧୨ | ୩ | ୪୩ |
| ସମୁଦାୟ ଲୋକସଂଖ୍ୟାର କେତେ % | ୬.୯୮ | ୧୩.୯୫ | ୪୪.୧୯ | ୨୭.୯୦ | ୬.୯୮ | ୧୦୦.୦୦ |

*ଉତ୍ସ- ପ୍ରାଥମିକ ପରିବାର ସର୍ବେକ୍ଷଣ*

"ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁରୁମପଡା ଗ୍ରାମରେ ରାଜୁଆ ଡାଇଭର୍ସନ ୱେୟାର ଅଧୀନରେ ବ୍ରଜମୋହନପୁର ସବ୍ ମାଇନର ୦୨ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ବିଷୟରେ ପରୋକ୍ଷ ଭାବରେ ପ୍ରଭାବିତ ଲୋକମାନେ କହିଥିଲେ ଯେ ଏହି ପ୍ରକଳ୍ପ ର ନିର୍ମାଣ କାର୍ଯ୍ୟ ବହୁ ଦିନ ହେବ ଚାଲୁ ରହିଛି ଏହି କେନାଲ କାର୍ଯ୍ୟ ସଂପୂର୍ଣ୍ଣ ହେଲେ ସେମାନେ ଚାଷବାସ କରି ସୁବିଧାରେ ଜୀବିକା ନିର୍ବାହ କରିପାରିବେ । ଏହି ପ୍ରକଳ୍ପ ଦ୍ୱାରା ସେମାନଙ୍କର ବହୁତ ସୁବିଧା ହେବ ।

# ଷଷ୍ଠ ଅଧ୍ୟାୟ
# ଅଧ୍ୟୟନ ଅଞ୍ଚଳର ପାର୍ଶ୍ୱଚିତ୍ର, ସାମାଜିକ ଅର୍ଥନୈତିକ ଏବଂ ସାଂସ୍କୃତିକ ପାର୍ଶ୍ୱଚିତ୍ର

## ୬.୧. ମୁଖବନ୍ଧ

ଏକ ଅଞ୍ଚଳର ରୂପରେଖ ଏକ ଅଞ୍ଚଳର ସାମାଜିକ-ଆର୍ଥିକ ପରିସ୍ଥିତି ବିଷୟରେ ଏକ ଧାରଣା ପ୍ରଦାନ କରେ । ତେଣୁ କୌଣସି ପ୍ରକଳ୍ପ ବିଷୟରେ ଆଲୋଚନା କରିବା ପୂର୍ବରୁ ଜଣେ ପାଠକ ଏବଂ ଗବେଷକଙ୍କ ପାଇଁ ଅଞ୍ଚଳର ପୃଷ୍ଠଭୂମି ଏବଂ ଏହାର ରୂପରେଖ ସମ୍ପର୍କରେ ଅବଗତ ହେବା ଆବଶ୍ୟକ । ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁରୁମପଡ଼ା ଗ୍ରାମଠାରେ ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ଅଧୀନରେ ବ୍ରଜମୋହନପୁର ସବ-ମାଇନର ୦୨ କେନାଲ ନିର୍ମାଣ ପାଇଁ ପ୍ରସ୍ତାବିତ ୧.୦୨୬୦ ଏକର ଜମି ଅଧିଗ୍ରହଣ । ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ନରଣଗଡ ଗ୍ରାମପଞ୍ଚାୟତର କୁରୁମପଡ଼ା ଗ୍ରାମରୁ ୧.୦୨୬୦ ଏକର ବ୍ୟକ୍ତିଗତ ଜମି ଅଧିଗ୍ରହଣ ପାଇଁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଉଛି।

ଓଡ଼ିଶା ପୂର୍ବରେ ବଙ୍ଗୋପସାଗର, ଉତ୍ତରରେ ଝାଡ଼ଖଣ୍ଡ, ପଶ୍ଚିମରେ ଛତିଶଗଡ଼ ଏବଂ ଦକ୍ଷିଣରେ ଆନ୍ଧ୍ର ପ୍ରଦେଶ ଦ୍ୱାରା ଘେରି ରହିଛି । ଓଡ଼ିଶାର ଏକ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଅଛି, ଏବଂ ଏହାର ଇତିହାସ ଅନେକ ହଜାର ବର୍ଷ ପୁରୁଣା । ୯୪% ରୁ ଅଧିକ ଲୋକ ହିନ୍ଦୁ ଧର୍ମର ଅନୁଗାମୀ । ଓଡ଼ିଆ ହିନ୍ଦୁମାନଙ୍କ ଦ୍ୱାରା ଅନୁସରଣ କରାଯାଉଥିବା ନିର୍ଦ୍ଦିଷ୍ଟ ଜଗନ୍ନାଥ ସଂସ୍କୃତି ଯୋଗୁଁ ଓଡ଼ିଶାରେ ହିନ୍ଦୁ ଧର୍ମ ଅଧିକ ଗୁରୁତ୍ୱପୂର୍ଣ୍ଣ । ଜଗନ୍ନାଥ ସଂସ୍କୃତିର ଅଭ୍ୟାସ ରାଜ୍ୟରେ ଲୋକପ୍ରିୟ ଏବଂ ପୁରୀରେ ବାର୍ଷିକ ରଥଯାତ୍ରା ସାରା ଭାରତରୁ ତୀର୍ଥଯାତ୍ରୀଙ୍କୁ ଆକର୍ଷିତ କରେ । ଓଡ଼ିଶାର ପୂର୍ବ ଦିଗରେ ବଙ୍ଗୋପସାଗର ସହିତ ୪୮୫ କିଲୋମିଟର (୩୦୧ ମାଇଲ) ଲମ୍ବ ଉପକୂଳ ରହିଛି । ଏହା କ୍ଷେତ୍ରଫଳ ଅନୁସାରେ ନବମ ବୃହତ ରାଜ୍ୟ ଏବଂ ଆଦିବାସୀ ଜନସଂଖ୍ୟା ଅନୁସାରେ ତୃତୀୟ ବୃହତ ରାଜ୍ୟ । ଓଡ଼ିଶା ୧୭.୭୮ ଡିଗ୍ରୀ ରୁ ୨୨.୭୩ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୮୧.୩୭ ଡିଗ୍ରୀ ରୁ ୮୭.୫୩ ଡିଗ୍ରୀ ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ରାଜ୍ୟର କ୍ଷେତ୍ରଫଳ ୧୫୫,୭୦୭ ବର୍ଗ କିମି, ଯାହା ଭାରତର ମୋଟ କ୍ଷେତ୍ରଫଳର ୪.୮୭% ଅଟେ । ରାଜ୍ୟର ପୂର୍ବ ଭାଗରେ ଉପକୂଳ ସମତଳ ଅଞ୍ଚଳ ଅବସ୍ଥିତ । ଏହା ଉତ୍ତରରେ ସୁବର୍ଣ୍ଣରେଖା ନଦୀଠାରୁ ଦକ୍ଷିଣରେ ଋଷିକୂଲ୍ୟା ନଦୀ ପର୍ଯ୍ୟନ୍ତ ବିସ୍ତୃତ। ଚିଲିକା ହ୍ରଦ ଉପକୂଳ ସମତଳ ଭୂମିର ଏକ ଅଂଶ । ଚିଲିକା ହ୍ରଦ ଭାରତର ସର୍ବବୃହତ ଲବଣ ଜଳ ହ୍ରଦ ଏବଂ ଏଠାରେ ଅନେକ ପ୍ରଜାତିର ପ୍ରବାସୀ ପକ୍ଷୀ ବାସ କରନ୍ତି । ଏହା ଡଙ୍ଗା ଚାଳନା ଏବଂ ମାଛ ଧରିବା ପାଇଁ ମଧ୍ୟ ଏକ ଲୋକପ୍ରିୟ ସ୍ଥାନ। ଭାରତର ପୂର୍ବ ଉପକୂଳରେ ଥିବା ଏକ ରାଜ୍ୟ, ଓଡ଼ିଶାକୁ ଜିଲ୍ଲା ଭାବରେ ୩୦ଟି ପ୍ରଶାସନିକ ଭୌଗୋଳିକ ଏକକରେ ବିଭକ୍ତ କରାଯାଇଛି । ଏହି ୩୦ଟି ଜିଲ୍ଲାକୁ ସେମାନଙ୍କର ଶାସନକୁ ସୁବ୍ୟବସ୍ଥିତ କରିବା ପାଇଁ ତିନୋଟି ଭିନ୍ନ ଭିନ୍ନ ରାଜସ୍ୱ ବିଭାଗ ଅଧୀନରେ ରଖାଯାଇଛି । ଓଡ଼ିଶାରେ ୦୩ଟି ରାଜସ୍ୱ ଡିଭିଜନ, ୩୦ଟି ଜିଲ୍ଲା, ୫୮ଟି ସବଡିଭିଜନ୍, ୩୧୭ଟି ତହସିଲ ଏବଂ ୩୧୪ଟି ବ୍ଲକ ଅଛି ।


## ୬.୨ ଜିଲ୍ଲା ସମ୍ବନ୍ଧରେ

୧୮୦୩ ମସିହାରେ ବ୍ରିଟିଶମାନଙ୍କ ଦ୍ୱାରା ବିଜୀତ ହୋଇଥିବା ଶେଷ ରାଜ୍ୟ ଭାବରେ ଖୋର୍ଦ୍ଧା ଜିଲ୍ଲା ଇତିହାସରେ ଏକ ଅନନ୍ୟ ସ୍ଥାନ ପାଇଛି । ଜୟୀ ରାଜଗୁରୁ ଏବଂ ବକ୍ସି ଜଗବନ୍ଧୁ ବିଦ୍ୟାଧର ଦଳ ବେହେରାଙ୍କ ନେତୃତ୍ୱରେ ୧୮୧୭ ମସିହାରେ ହୋଇଥିବା ପାଇକ ବିପ୍ଳବ ପାଇଁ ଖୋର୍ଦ୍ଧା ପ୍ରସିଦ୍ଧ। ତାପଙ୍ଗ ଗଡ଼ର ବକ୍ସି ଜଗବନ୍ଧୁ ବିଦ୍ୟାଧର ଦଳ ବେହେରା ମଧ୍ୟ ସେହି

ସମୟରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ୧୯୯୩ ମସିହା ଏପ୍ରିଲ ୧ ତାରିଖରେ ଖୋର୍ଦ୍ଧା ଜିଲ୍ଲା ଏହାର ପୂର୍ବଜିଲ୍ଲା ପୁରୀ ଜିଲ୍ଲା ଠାରୁ ବିଭାଜିତ ହୋଇ ଏକ ସ୍ୱତନ୍ତ୍ର ଅସ୍ତିତ୍ୱ ପାଇଥିଲା । ପୁରୀକୁ ତିନୋଟି ଜିଲ୍ଲାରେ ବିଭକ୍ତ କରାଯାଇଥିଲା। ୧୯୯୨ ମସିହା ଅକ୍ଟୋବର ୨ ତାରିଖରୁ ଏହି ଜିଲ୍ଲା ନିଜର ଅସ୍ତିତ୍ୱ ପାଇଥିଲା। ୧୮୦୩ ମସିହାରେ ବ୍ରିଟିଶମାନଙ୍କ ଦ୍ୱାରା ବିଜୀତ ହୋଇଥିବା ଶେଷ ରାଜ୍ୟ ଭାବରେ ଖୋର୍ଦ୍ଧା ଜିଲ୍ଲା ଇତିହାସରେ ଏକ ଅନନ୍ୟ ସ୍ଥାନ ପାଇଛି।

ଖୋର୍ଦ୍ଧା ଜିଲ୍ଲାର ଭୌଗୋଳିକ ଅବସ୍ଥିତି ୧୯ଡିଗ୍ରୀ ୫୫' ରୁ ୨୦ଡିଗ୍ରୀ୨୫' ଉତ୍ତର ଅକ୍ଷାଂଶ ଏବଂ ୮୪ଡିଗ୍ରୀ ୫' ରୁ ୮୬ଡିଗ୍ରୀ୫' ପୂର୍ବ ଦ୍ରାଘିମାରେ ଅବସ୍ଥିତ । ବଙ୍ଗୋପସାଗର ଠାରୁ ଏହାର କମ ବ୍ୟାସାର୍ଦ୍ଧ ଦୂରତା ଏବଂ ଚିଲିକା ହ୍ରଦ ଭଳି ଏକ ବିଶାଳ ଜଳାଶୟର ଉପସ୍ଥିତି ପାଇଁ ଏହାର ଜୈବ ଜଳବାୟୁ ବହୁତ ପ୍ରଭାବିତ । ଜିଲ୍ଲା ସାଧାରଣତଃ ୧୪୦୮ ମିମି ସର୍ବାଧିକ ବୃଷ୍ଟିପାତ ଏବଂ ସର୍ବାଧିକ ତାପମାତ୍ରା ୪୨.୨ ଡିଗ୍ରୀ ସେଲସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ୧୧.୧ ଡିଗ୍ରୀ ସେଲସିୟସ୍ ଧାରଣ କରେ। ସେହିପରି, ହାରାହାରି ଆପେକ୍ଷିକ ଆର୍ଦ୍ରତା ୪୬% ରୁ ୮୯% ପର୍ଯ୍ୟନ୍ତ ରହିଥାଏ । ଏହା ପୂର୍ବ ଏବଂ ଦକ୍ଷିଣ-ପୂର୍ବ ଉପକୂଳ ସମତଳ ଭୂମିରେ ଅବସ୍ଥିତ ଏବଂ ବିଭିନ୍ନ କୃଷି-ପରିବେଶ ପ୍ରଣାଳୀରେ ବାଲିଆ-ଦୋରସା, କର୍ଦ୍ଦମାକ୍ତ, ମଟାଳ ମାଟି, ଏବଂ କାଦୁଅ ମାଟି ପ୍ରାପ୍ତ । ଖୋର୍ଦ୍ଧା ଜିଲ୍ଲା ଦୁଇଟି ଉପ ଆଞ୍ଚଳିକ ଜଳବାୟୁ କ୍ଷେତ୍ରରେ ବିଭକ୍ତ । ଗୋଟିଏ ହେଉଛି ନଦୀ ଉପକୂଳ ଅବସାଦ ମୃତ୍ତିକା ଅଞ୍ଚଳ (Deltaic Alluvium sub-region) ଯାହା ବାଲିଅନ୍ତା, ବାଲିପାଟଣା ଏବଂ ଚିଲିକା ଭଳି ୩ ଟି ବ୍ଲକକୁ ନେଇ ଗଠିତ । ଯେତେବେଳେ କି ବାଣପୁର, ବେଗୁନିଆ, ଭୁବନେଶ୍ୱର, ବୋଲଗଡ଼, ଜଟଣୀ, ଖୋର୍ଦ୍ଧା ଏବଂ ଟାଙ୍ଗୀ ଲାଲ ମୃତ୍ତିକା ଉପ-କ୍ଷେତ୍ରର (Lateritic sub-region) ଅନ୍ତର୍ଭୁକ୍ତ।

**ମାନଚିତ୍ର -୬.୧ ଖୋର୍ଦ୍ଧା ଜିଲ୍ଲା ମାନଚିତ୍ର**




ଖୋର୍ଦ୍ଧା ଜିଲ୍ଲା ମୁଖ୍ୟାଳୟ ଖୋର୍ଦ୍ଧା ସହରରେ ଅବସ୍ଥିତ। ଏଠାରେ ଦୁଇଟି ସବ ଡିଭିଜନ ଅଛି ଯେପରିକି ଭୁବନେଶ୍ୱର ସବ ଡିଭିଜନ: ଏଥିରେ ୪ଟି ବ୍ଲକ (ବାଲିଅନ୍ତା, ବାଲିପାଟଣା, ଜଟଣୀ ଏବଂ ଭୁବନେଶ୍ୱର) ରହିଛି। ଖୋର୍ଦ୍ଧା ସବ ଡିଭିଜନ: ଜିଲ୍ଲାରେ ୬ଟି ବ୍ଲକ (ବାଣପୁର, ବେଗୁନିଆ, ବୋଲଗଡ଼, ଚିଲିକା, ଖୋର୍ଦ୍ଧା ଏବଂ ଟାଙ୍ଗୀ) ରହିଛି, ୧୦ଟି ତହସିଲ, ୧୦ଟି ବ୍ଲକ, ୧୯୦ଟି ଗ୍ରାମ ପଞ୍ଚାୟତ ଏବଂ ୧୫୩୪ଟି ଗ୍ରାମ (୧୩୫୬ଟି ଜନବସତି ଗ୍ରାମ ଏବଂ ୧୭୮ଟି ଜନଶୂନ୍ୟ ଗ୍ରାମ) ଗ୍ରାମ ଅଛି । ଜିଲ୍ଲାର ଭୌଗୋଳିକ କ୍ଷେତ୍ରଫଳ ୨୮୧୩ ବର୍ଗ କିଲୋମିଟର (ରାଜ୍ୟ କ୍ଷେତ୍ରଫଳର ୧.୮୧%)। ଆକାର ଦୃଷ୍ଟିରୁ ଏହା ୨୫ତମ ସ୍ଥାନରେ ରହିଛି।

**ସାରଣୀ :- ୬.୨ ଖୋର୍ଦ୍ଧା ଜିଲ୍ଲାର ଭୌଗଳିକ ଏବଂ ଜନସଂଖ୍ୟା ସମ୍ବନ୍ଧୀତ ବିବରଣୀ**

| | | ଖୋର୍ଦ୍ଧା ଜିଲ୍ଲା | ଖୋର୍ଦ୍ଧା ବ୍ଲକ ଖୋର୍ଦ୍ଧା ମୁନ୍ସିପାଲିଟି ଏବଂ କାଇପଦର (ଜନଗଣନା ସହର) ସହିତ |
|---|---|---|---|
| ଭୌଗଳିକ ଅଞ୍ଚର ପରିମାଣ (ବର୍ଗ କିଲୋମିଟର ) | | ୨୮୧୩ | ୩୨୮.୦୫ |
| | ନିର୍ଜନ ଗ୍ରାମ ସଂଖ୍ୟା | ୧୩୫୬ | ୧୨୦ |
| | ଆବାସିକ ଗ୍ରାମ ସଂଖ୍ୟା | ୧୭୮ | ୧୨ |
| | ମୋଟ ଗ୍ରାମ ସଂଖ୍ୟା | ୧୫୩୪ | ୧୩୨ |
| | ଲିଙ୍ଗ ଅନୁପାତ | ୯୫୯ | ୯୫୬ |
| | ଜଙ୍ଗଲ ଅଞ୍ଚଳ: (ହେକ୍ଟର) | ୩୮୭୪୦ | ୨୫୫୪ |
| ଜନସଂଖ୍ୟା (୨୦୧୧) | ମୋଟ ଲୋକସଂଖ୍ୟା | ୨୨୫୧୬୭୩ | ୧୩୬୨୪୪ |
| | ପୁରୁଷ | ୧୧୬୭୧୩୭ | ୬୯୬୮୩ |
| | ମହିଳା | ୧୦୮୪୫୩୬ | ୬୬୫୬୧ |
| | ଗ୍ରାମାଞ୍ଚଳ ଲୋକ ସଂଖ୍ୟା | ୧୧୬୭୩୫୭ | ୧୫୧୩୦୧ |
| | ଗ୍ରାମାଞ୍ଚଳ ପୁରୁଷ | ୫୯୫୮୦୯ | ୭୭୭୭୦ |
| | ଗ୍ରାମାଞ୍ଚଳ ମହିଳା | ୫୭୧୫୪୮ | ୭୩୫୩୧ |
| | ସହରାଞ୍ଚଳ ଲୋକ ସଂଖ୍ୟା | ୧୦୮୪୩୧୬ | ୫୦୭୧୭ |
| | ସହରାଞ୍ଚଳ ପୁରୁଷ | ୫୭୧୩୨୮ | ୨୬୨୬୩ |
| | ସହରାଞ୍ଚଳ ମହିଳା | ୫୧୨୯୮୮ | ୨୪୪୫୪ |
| | ଅନୁସୂଚିତ ଜାତି ଲୋକସଂଖ୍ୟା | ୨୯୭୪୭୨ | ୨୪୨୪୨ |
| | ଅନୁସୂଚିତ ଜାତି ପୁରୁଷ | ୧୫୧୫୨୮ | ୧୨୩୧୧ |
| | ଅନୁସୂଚିତ ଜାତି ମହିଳା | ୧୪୫୯୪୪ | ୧୧୯୩୧ |
| | ଅନୁସୂଚିତ ଜନଜାତି ଲୋକସଂଖ୍ୟା | ୧୧୫୦୫୧ | ୧୭୦୫୯ |
| | ଅନୁସୂଚିତ ଜନଜାତି ପୁରୁଷ | ୫୯୦୯୪ | ୮୫୨୩ |
| | ଅନୁସୂଚିତ ଜନଜାତି ମହିଳା | ୫୫୯୫୭ | ୮୫୩୬ |
| ଲୋକସଂଖ୍ୟା ଘନତ୍ୱ | ୮୦୦(ପ୍ରତି ବର୍ଗ କିମି) ଲିଙ୍ଗ ଅନୁପାତ – (ଗ୍ରାମାଞ୍ଚଳ- ୯୩୯, ସହରାଞ୍ଚଳ -୮୦୮) | | |
| ସାକ୍ଷରତା | ସମୁଦାୟ ସାକ୍ଷର | ୧୭୪୯୯୩୬ | ୧୫୬୨୦୭ |
| | ସାକ୍ଷର ପୁରୁଷ | ୬୫୭୫୧୫ | ୮୫୧୯୦ |
| | ସାକ୍ଷର ମହିଳା | ୭୯୨୪୨୧ | ୭୧୦୧୭ |
| ପରିବାର ସଂଖ୍ୟା | ମୋଟ ପରିବାର ସଂଖ୍ୟା | ୪୯୪୨୧୨ | ୪୧୩୧୧ |
| | ଗ୍ରାମାଞ୍ଚଳ ପରିବାର ସଂଖ୍ୟା | ୨୪୭୩୦୪ | ୩୧୧୦୬ |
| | ସହରାଞ୍ଚଳ ପରିବାର ସଂଖ୍ୟା | ୨୪୬୯୦୮ | ୧୦୨୦୫ |

*ଉତ୍ସ : - ଡିଷ୍ଟ୍ରିକ୍ଟ ଷ୍ଟାଟିଷ୍ଟିକାଲ ହ୍ୟାଣ୍ଡବୁକ ୨୦୧୮ ଏବଂ ପପୁଲେସନ ସେନ୍ସସ*

**ସାରଣୀ :- ୬.୧ ଜିଲ୍ଲା ସମ୍ବନ୍ଧରେ ମୌଳିକ ତଥ୍ୟ**

| | | | |
|---|---|---|---|
| ୧. | ଗଠନ ତାରିଖ | : | ୨ ଅକ୍ଟୋବର ୧୯୯୨ |
| ୨. | ଭୌଗଳିକ ଅଞ୍ଚଳ | : | ୨୮୧୩ବର୍ଗ କିଲୋମିଟର |
| ୩. | ଭୌଗଳିକ ଅବସ୍ଥିତି | : | ୧୯ ଡିଗ୍ରୀ ୪୦' ରୁ ୨୦ଡିଗ୍ରୀ ୨୫' ଉତ୍ତର ଅକ୍ଷାଂଶ<br>୮୪ ଡିଗ୍ରୀ ୫୫' ରୁ ୮୬ ଡିଗ୍ରୀ ୫' ପୂର୍ବ ଦ୍ରାଘିମା |
| ୪ | ଭୌଗଳିକ ପରିସୀମା | | ଏହାର ଉତ୍ତରରେ କଟକ ଜିଲ୍ଲା,<br>ପଶ୍ଚିମରେ ନୟାଗଡ ଜିଲ୍ଲା,<br>ପୂର୍ବରେ ପୁରୀ ଜିଲ୍ଲା ଏବଂ<br>ଦକ୍ଷିଣରେ ଗଞ୍ଜାମ ଜିଲ୍ଲା ଅବସ୍ଥିତ |

ଜିଲ୍ଲାର ଜନସଂଖ୍ୟା ୨୨୫୧୬୭୩, ଯେଉଁଥିରେ ୧୧୬୭୧୩୭ ପୁରୁଷ ଏବଂ ୧୦୮୪୫୩୬ ମହିଳା ଅଛନ୍ତି। ଜିଲ୍ଲାର ଲିଙ୍ଗ ଅନୁପାତ ହେଉଛି ପ୍ରତି ୧୦୦୦ ପୁରୁଷରେ ୯୨୯ ମହିଳା (୨୦୧୧ ଜନଗଣନା), ଖୋର୍ଦ୍ଧା ଆକାରରେ ୨୫ତମ ସ୍ଥାନରେ ଅଛି । ୨୦୧୧ ଜନଗଣନା ଅନୁଯାୟୀ ଜିଲ୍ଲାର ମୋଟ ଅନୁସୂଚିତ ଜାତି ଜନସଂଖ୍ୟା ୨୯୭୪୭୨ ଏବଂ ଅନୁସୂଚିତ ଜାତି ଜନସଂଖ୍ୟା ୧୧୫୦୫୧ । ୨୦୧୧ ଜନଗଣନା ଅନୁଯାୟୀ ଜିଲ୍ଲାରେ ୨୨୫୧୬୭୩ ଜନସଂଖ୍ୟା ଅଛି ଯାହା ମଧ୍ୟରୁ ୧୧୬୭୩୫୭ (୫୧.୮୪%) ଗ୍ରାମାଞ୍ଚଳ ଏବଂ ୧୦୮୪୩୧୬ (୪୮.୧୫%) ସହରାଞ୍ଚଳ ଜନସଂଖ୍ୟା ରହିଛି।

ରାଜ୍ୟର ତିରିଶ ଜିଲ୍ଲା ମଧ୍ୟରେ ଜିଲ୍ଲା କ୍ଷେତ୍ରଫଳରେ ୨୫ତମ ଏବଂ ଜନସଂଖ୍ୟା ଦୃଷ୍ଟିରୁ ୫ମ ସ୍ଥାନରେ ଅଛି। ପ୍ରତି ବର୍ଗ କିଲୋମିଟର ଜନସଂଖ୍ୟା ଦୃଷ୍ଟିରୁ ଖୋର୍ଦ୍ଧା ରାଜ୍ୟର ପ୍ରଥମ ଘନ ଜନସଂଖ୍ୟା ବିଶିଷ୍ଟ ଜିଲ୍ଲା। ୨୦୧୧ ଜନଗଣନା ଅନୁଯାୟୀ, ଜିଲ୍ଲାଟିର ଜନସଂଖ୍ୟା ଘନତା ଓଡିଶା ରାଜ୍ୟରେ ପ୍ରତି ବର୍ଗକିଲୋମିଟରରେ ମାତ୍ର ୮୦୦ (ପ୍ରତି ବର୍ଗକିଲୋମିଟରରେ ୨୭୦)। ୨୦୧୧ ଜନଗଣନା ଅନୁଯାୟୀ ଜିଲ୍ଲାର ମୋଟ ଅନୁସୂଚିତ ଜାତି ଜନସଂଖ୍ୟା ୧୦୪୯୩୪ (ମୋଟ ଜନସଂଖ୍ୟାର ୨୩.୭୯%) ଏବଂ ଅନୁସୂଚିତ ଜନଜାତି ଜନସଂଖ୍ୟା ୫୫୩୬୪ (ମୋଟ ଜନସଂଖ୍ୟାର ୧୨.୫୫%)। ଏହା ଓଡ଼ିଶାର ଆର୍ଥିକ ଦୃଷ୍ଟିରୁ ପଛୁଆ ଜିଲ୍ଲା ମଧ୍ୟରୁ ଗୋଟିଏ।

**ସାରଣୀ :- ୬.୩ ଜିଲ୍ଲାର ପ୍ରଶାସନିକ ବ୍ୟବସ୍ଥା**

| | | | |
|---|---|---|---|
| ସବ୍-ଡିଭିଜନ୍ ସଂଖ୍ୟା | ୨ | ବିଜ୍ଞାପିତ ଅଞ୍ଚଳ ପରିଷଦ ସଂଖ୍ୟା | ୨ |
| ମୁନିସିପାଲି କର୍ପୋରେସନ | ୧ | ମହିଳା ଥାନା ସହ ସମୁଦାୟ ଥାନା ସଂଖ୍ୟା | ୩୪ |
| ବ୍ଲକ୍ ସଂଖ୍ୟା | ୧୦ | ଆବାସିକ ଗ୍ରାମ ସଂଖ୍ୟା | ୧୩୫୬ |
| ତହସିଲ୍ ସଂଖ୍ୟା | ୧୦ | ନିର୍ଜନ ଗ୍ରାମ ସଂଖ୍ୟା | ୧୭୮ |
| ଗ୍ରାମ ପଞ୍ଚାୟତ ସଂଖ୍ୟା | ୧୯୦ | ମୋଟ ଗ୍ରାମ ସଂଖ୍ୟା | ୧୫୩୪ |

*ଉତ୍ସ : - ଡିଷ୍ଟ୍ରିକ୍ଟ ଷ୍ଟାଟିଷ୍ଟିକାଲ ହ୍ୟାଣ୍ଡବୁକ ୨୦୧୮ (ଡାଇରକ୍ଟୋରି ଅଫ ଇକୋନୋମିକ୍ସ ଆଣ୍ଡ ଷ୍ଟାଟିଷ୍ଟିକ୍ସ )*

ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲାରେ ଏକ ଉଷ୍ଣକଟିବନ୍ଧୀୟ ମୌସୁମୀ ଜଳବାୟୁ ଅନୁଭୂତ ହୁଏ ଯାହାର ଭିନ୍ନ ଭିନ୍ନ ଋତୁ ହୋଇଥାଏ: ଗରମ ଗ୍ରୀଷ୍ମ (ମାର୍ଚ୍ଚ-ଜୁନ୍, ୪୫° ସେଣ୍ଟିଗ୍ରେଡ ପର୍ଯ୍ୟନ୍ତ ଆର୍ଦ୍ର, ଆର୍ଦ୍ର ମୌସୁମୀ (ଜୁଲାଇ-ଅକ୍ଟୋବର), ଏବଂ ଆରାମଦାୟକ ଶୀତ (ଡିସେମ୍ବର-ଜାନୁଆରୀ, ୧୧°C-୧୫°C ପର୍ଯ୍ୟନ୍ତ)। ଏହି ଅଞ୍ଚଳରେ ଉଚ୍ଚ ଆର୍ଦ୍ରତା (୪୬% - ୮୯%) ରହିଛି ଏବଂ ବାର୍ଷିକ ହାରାହାରି ପ୍ରାୟ ୧୪୪୯ ମିମି ବର୍ଷା ହୁଏ । ୨୦୨୧-୨୨ ବର୍ଷରେ, ରାଜ୍ୟର ୫୪୧୪ ହଜାର ହେକ୍ଟର ଜମି ।

## ୬.୩. ଅଧ୍ୟୟନ ବ୍ଲକର ପାର୍ଶ୍ୱଚିତ୍ର

ଖୋର୍ଦ୍ଧା ଜିଲ୍ଲାରେ ୧୦ଟି ବ୍ଲକ ରହିଛି। ୧୦ଟି ବ୍ଲକ ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାର କେବଳ ଗୋଟିଏ ବ୍ଲକ ରାଜୁ ଡାଇଭର୍ସନ ୱେୟାର ପ୍ରକଳ୍ପ ପାଇଁ ପ୍ରସ୍ତାବିତ ଜମି ଅଧିଗ୍ରହଣ ଯୋଗୁଁ ପ୍ରଭାବିତ ହେଉଛି। ତହସିଲ କ୍ଷେତ୍ରଫଳକୁ ବିଚାରକୁ ନେଲେ, ଖୋର୍ଦ୍ଧା ଜିଲ୍ଲାର ଚତୁର୍ଥ ବୃହତ ତହସିଲ ଭାବରେ ଜଣାପଡ଼ିଛି ଯାହାର ଭୌଗୋଳିକ କ୍ଷେତ୍ରଫଳ ୩୦୨.୬୭ ବର୍ଗ କିଲୋମିଟର। ୨୨ଟି ଗ୍ରାମ ପଞ୍ଚାୟତ ଏବଂ ୧ ପୌରପାଳିକାକୁ ନେଇ ୧୩୨ଟି ଗ୍ରାମ (୧୨୦ ଜନବସତି ଗ୍ରାମ ଏବଂ ୧୨ଟି ଜନବସତି ନଥିବା ଗ୍ରାମ) ନେଇ ଏହି ତହସିଲ ଗଠିତ ହୋଇଥିଲା। ଧାନ ବ୍ୟତୀତ ବ୍ଲକର ଅନ୍ୟାନ୍ୟ ପ୍ରମୁଖ ଫସଲ ହେଉଛି ମୁଗ, କୋଳଥ, ଆଖୁ, ଆଳୁ, ମକା, ରାଶି, ଗହମ, ସୋରିଷ ବିହନ, ଚିନାବାଦାମ ଇତ୍ୟାଦି ।

ଖୋର୍ଦ୍ଧା ଡିଭିଜନରେ ୦୬ଟି ବ୍ଲକ (ଖୋର୍ଦ୍ଧା, ବେଗୁନିଆ, ବୋଲଗଡ଼, ବାଣପୁର, ଟାଙ୍ଗୀ ଏବଂ ଚିଲିକା) ଅନ୍ତର୍ଭୁକ୍ତ । ବର୍ତ୍ତମାନର ଜମି ଅଧିଗ୍ରହଣ ଖୋର୍ଦ୍ଧା ବ୍ଲକରେ ହେବ, ଯାହା ଖୋର୍ଦ୍ଧା ସବ-ଡିଭିଜନ ଅଧୀନରେ ଆସୁଛି ଏବଂ ଜିଲ୍ଲା ଏବଂ ରାଜ୍ୟର ଏକ ବିକଶିତ ଅଞ୍ଚଳ ଭାବରେ ବିବେଚିତ । ୨୦୨୨ ମସିହାର ପରିସଂଖ୍ୟାନ ହ୍ୟାଣ୍ଡ ବୁକରୁ ଜଣାପଡ଼ିଛି ଯେ ଖୋର୍ଦ୍ଧା ବ୍ଲକରେ (ଖୋର୍ଦ୍ଧା ବ୍ଲକ, ଖୋର୍ଦ୍ଧା ପୌରପାଳିକା ଏବଂ କାଇପଦର (ଜନଗଣନା ସହର) ସମେତ) ମୋଟ ପରିବାର ୪୧୩୧୧। ଖୋର୍ଦ୍ଧା ବ୍ଲକର ଜନସଂଖ୍ୟା ହିସାବ ଦର୍ଶାଏ ଯେ ବ୍ଲକରେ ୧୩୬୨୪୪ ଲୋକ ବାସ କରନ୍ତି, ଯେଉଁଥିରେ ୬୯୬୮୩ (୫୧.୧୫%) ପୁରୁଷ ଏବଂ ୬୬୫୬୧ (୪୮.୮୫%) ମହିଳା ଅଛନ୍ତି । ଏହା ଜଣାପଡ଼ିଲା ଯେ ବ୍ଲକରେ ପୁରୁଷ ଏବଂ ମହିଳାଙ୍କ ଅନୁପାତ ବହୁତ ଉତ୍ସାହଜନକ । ଜନଗଣନା ତଥ୍ୟରୁ ଏହା ଜଣାପଡ଼ିଛି ଯେ ମୋଟ ୧୩୬୨୪୪ ଜଣଙ୍କ ମଧ୍ୟରୁ ୨୪୨୪୨ (୧୭.୭୯%) ଅନୁସୂଚିତ ଜାତି ଏବଂ ୧୭୦୫୯ (୧୨.୫୨%) ଅନୁସୂଚିତ ଜନଜାତି ଏବଂ ବାକି ୯୪୯୪୩ (୬୯.୬୯%) ଅନ୍ୟାନ୍ୟ ଜାତି ବର୍ଗର। ବ୍ଲକରେ ମୋଟ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜନଜାତି ଗଠନ ୩୦.୩୧%, ଯାହା ରାଜ୍ୟ (୩୯.୯୦%) ଠାରୁ କମ୍ ଏବଂ ଜିଲ୍ଲା ହାରାହାରି (୧୮.୩୨%) ଠାରୁ ଅଧିକ। ବ୍ଲକଟି ଉତ୍ତରରେ ବାଙ୍କି ଡମପଡ଼ା ବ୍ଲକ, ଦକ୍ଷିଣରେ କଣାସ ବ୍ଲକ ଏବଂ ଟାଙ୍ଗି ବ୍ଲକ, ପଶ୍ଚିମରେ ବେଗୁନିଆ ବ୍ଲକ ଏବଂ ପୂର୍ବରେ ଜଟଣୀ ବ୍ଲକ ଦ୍ୱାରା ପରିବେଷ୍ଟିତ।

## ୬.୪ ପ୍ରଭାବିତ ଗ୍ରାମ ତଥା ଗୋଷ୍ଠୀର ସାମାଜିକ ଅର୍ଥନୈତିକ ପାର୍ଶ୍ୱଚିତ୍ର

ରାଜୁଆ ଡାଇଭର୍ସନ ୱେୟାର ଅନ୍ତର୍ଗତ ବ୍ରଜମୋହନପୁର ସବ୍ ମାଇନର୍ - ୦୨ କେନାଲ ନିର୍ମାଣ ପାଇଁ ଭୂମି ଅଧିଗ୍ରହଣ ସମ୍ପର୍କରେ, ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲର ନରଣଗଡ ଗ୍ରାମପଞ୍ଚାୟତର କୁରୁମପଡ଼ା ଗ୍ରାମରୁ ୧.୦୨୬ ଏକର ବ୍ୟକ୍ତିଗତ ଜମି ଅଧିଗ୍ରହଣ କରାଯିବ । ଖୋର୍ଦ୍ଧା ବ୍ଲକରେ ୨୨ଟି ଗ୍ରାମପଞ୍ଚାୟତ ଏବଂ ୧ ଟି ପୌରାଞ୍ଚଳ ରହିଛି। ସେଥିମଧ୍ୟରୁ ନରଣଗଡ ଗ୍ରାମପଞ୍ଚାୟତ ବର୍ତ୍ତମାନର ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବ । ସେହିପରି ନରଣଗଡ ଗ୍ରାମପଞ୍ଚାୟତ ଅଧୀନରେ ୧୧ଟି ଗ୍ରାମ ରହିଛି । ଏହି ଗ୍ରାମଗୁଡ଼ିକ ମଧ୍ୟରୁ କେବଳ କୁରୁମପଡ଼ା ଗ୍ରାମ ବର୍ତ୍ତମାନର ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବ । ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି କୁରୁମପଡ଼ା ଗ୍ରାମରେ ଅବସ୍ଥିତ । ସମସ୍ତ ଜମିର ମାଲିକ ଗ୍ରାମପଞ୍ଚାୟତ ମୁଖ୍ୟାଳୟ ନରଣଗଡରେ ରୁହନ୍ତି। ନରଣଗଡ ଗ୍ରାମ କୁରୁମପଡ଼ା ଗ୍ରାମଠାରୁ ୩ କିଲୋମିଟର ଦୂରରେ ଅବସ୍ଥିତ।

ପ୍ରକଳ୍ପ କ୍ଷେତ୍ରରେ ବାସ କରୁଥିବା ଭୂମି କ୍ଷୟକ୍ଷତିକାରୀଙ୍କ ପ୍ରଭାବିତ ସମ୍ପ୍ରଦାୟର ସାମାଜିକ-ଆର୍ଥିକ ସ୍ଥିତି ଉପରେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ପ୍ରଭାବ ମୂଲ୍ୟାଙ୍କନ କରିବା ପାଇଁ ବର୍ତ୍ତମାନର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି। ପ୍ରଭାବ ଉପରେ ଏକ ବାସ୍ତବବାଦୀ ଏବଂ ଉପଯୁକ୍ତ ନିଷ୍କର୍ଷ ଆଙ୍କିବା ପାଇଁ, ବର୍ତ୍ତମାନର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ପ୍ରକଳ୍ପ କ୍ଷେତ୍ରର ପ୍ରଭାବିତ ସମ୍ପ୍ରଦାୟର ସାମାଜିକ-ଅର୍ଥନୈତିକ ପାର୍ଶ୍ୱଚିତ୍ର ବିଷୟରେ ସୂଚନା ରହିବା ଅତ୍ୟନ୍ତ ଜରୁରୀ।

ସମଗ୍ର ପ୍ରକଳ୍ପ କ୍ଷେତ୍ରର ପାର୍ଶ୍ୱଚିତ୍ରରେ ଜନସଂଖ୍ୟା, ସାକ୍ଷରତା ହାର, ଆର୍ଥିକ କାର୍ଯ୍ୟକଳାପ, ଶିକ୍ଷା, ଯୋଗାଯୋଗ, ସ୍ୱାସ୍ଥ୍ୟ ଏବଂ ପରିମଳ ଏବଂ ଅନ୍ୟାନ୍ୟ ସେବା ସୁବିଧା, କୃଷି, ପଶୁପାଳନ ଇତ୍ୟାଦିର ବିଶ୍ଳେଷଣ ଅନ୍ତର୍ଭୁକ୍ତ। ଏହିପରି ବିଶ୍ଳେଷଣ ଜନସଂଖ୍ୟା ଦ୍ୱାରା ଅନୁସୃତ ଜୀବନର ସ୍ଥିତି ଏବଂ ଗୁଣବତ୍ତା ବିଷୟରେ ପ୍ରତ୍ୟକ୍ଷ ସୂଚନା ପ୍ରଦାନ କରେ ଏବଂ ଶେଷରେ ବର୍ତ୍ତମାନର ଅଧ୍ୟୟନରେ ଏକ ଉପଯୁକ୍ତ ନିଷ୍କର୍ଷ ଆଙ୍କିବାରେ ସାହାଯ୍ୟ କରେ।

SIA ଅଭ୍ୟାସର ଏକ ଅଂଶ ଭାବରେ, ସଂରଚିତ ପ୍ରଶ୍ନାବଳୀ ବ୍ୟବହାର କରି ଏକ ସମ୍ପୂର୍ଣ୍ଣ ଗଣନା ସର୍ଭେ କରାଯାଇଥିଲା। ସେହି ସର୍ଭେରୁ ପ୍ରାପ୍ତ ପରିମାଣାତ୍ମକ ସୂଚନା ଆଧାରରେ, ଏହି ଅଧ୍ୟାୟରେ ପ୍ରକଳ୍ପ ପ୍ରଭାବିତ ପରିବାରଗୁଡ଼ିକର ଏକ ବିସ୍ତୃତ ସାମାଜିକ-ଅର୍ଥନୈତିକ ମୂଳଦୁଆ ବିଶ୍ଳେଷଣ କରାଯାଇଛି।

## ସାରଣୀ ୬.୪ ପ୍ରଭାବିତ ଗ୍ରାମର ସାଧାରଣ, ସାମାଜିକ ଏବଂ ସାଂସ୍କୃତିକ ଭିତ୍ତିଭୂମି

### ସାଧାରଣ ଭିତ୍ତିଭୂମି

| | ଭିତ୍ତିଭୂମି | କୁରୁମପଡାଗ୍ରାମ | |
|---|---|---|---|
| କ୍ର ସଂଖ୍ୟା | ପ୍ରକଳ୍ପ ଅଞ୍ଚଳରେ ଥିବା ସାଧାରଣ ଭିତ୍ତିଭୂମି | ଦୂରତା | ସଂଖ୍ୟାରେ |
| ୧ | **ରାସ୍ତା** | ୨୦୦ ମିଟର | ୬ |
| | **ଆଭ୍ୟନ୍ତରିଣ/ବାହ୍ୟ** | ୪୦୦ ମିଟର | ୮ |
| | କଚ୍ଚା | ୨୦୦ ମିଟର | ୧ |
| | ପକ୍କା | | |
| | ଆଂଶିକ ପକ୍କା | | |
| ୨ | **ପାନୀୟଜଳ ସୁବିଧା** | | |
| | ଅଗଭୀର କୂପ | | |
| | ନଳ କୂପ | ୧୮ | |
| | ହ୍ୟାଣ୍ଡ ପମ୍ପ | | |
| | ପାଇପଲାଇନ | ଅଛି | ୬୦୦ ମିଟର |
| | ଅନ୍ୟ କୌଣସି (ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ କରନ୍ତୁ ) | | |
| ୩ | ବିଦ୍ୟୁତ ଯୋଗାଣ | ଅଛି | |
| ୪ | ଶ୍ମଶାନ | ୩ | |
| ୫ | ଇଟା ଭାଟି | ୧ | |
| ୬ | ବଜାର ସ୍ଥାନ | ୧ | |
| ୭ | ଗୋରୁ ବଜାର | ୦ | |
| ୮ | ଗ୍ରାମ ଶିଳ୍ପ ଅଞ୍ଚଳ | ୦ | |
| ୯ | ସମୁଦାୟ ଭବନ | | |

| | ଭିତ୍ତିଭୂମି | କୁରୁମପଡାଗ୍ରାମ | |
|---|---|---|---|
| ୧୦ | ଆଙ୍ଗନବାଡି କେନ୍ଦ୍ର | ୨ | |
| ୧୧ | ପଞ୍ଚାୟତ ଘର | ୧ | |
| ୧୨ | ଗୋଷ୍ଠୀ କେନ୍ଦ୍ର | ୪ | |
| ୧୩ | ପୋଷ୍ଟ ଅଫିସ | ୧ | |
| ୧୪ | ପୋଲିସ ଷ୍ଟେସନ/ ଫାଣ୍ଡି | ୦ | |
| ୧୫ | **ବ୍ୟାଙ୍କ(ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ କରନ୍ତୁ )** | | |
| | ବାଣିଜିକ ବ୍ୟାଙ୍କ | | |
| | ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ | ଅଛି | |
| | ଋଣ ସମବାୟ କେନ୍ଦ୍ର | ୧ | |
| ୧୬ | ପ୍ରାର୍ଥନ ଗୃହ / ଭାଗବତ ଟୁଙ୍ଗି | ୩ | |
| ୧୭ | **ବିଦ୍ୟାଳୟ / ଶିକ୍ଷା କେନ୍ଦ୍ର** | | |
| | ପ୍ରାଥମିକ | ୧ | |
| | ମାଧ୍ୟମିକ | ୧ | |
| | ଉଚ୍ଚ ବିଦ୍ୟାଳୟ | ୧ | |
| | ବୈଷୟିକ ବିଦ୍ୟାଳୟ | ୦ | |
| | ପୌଢ ଶିକ୍ଷା କେନ୍ଦ୍ର | | |
| | ମହା ବିଦ୍ୟାଳୟ (ସାଧାରଣ ଶିକ୍ଷା) | | |
| | ଦିବ୍ୟଙ୍ଗମାନଙ୍କ ନିମନ୍ତେ ବିଶେଷ ବିଦ୍ୟାଳୟ | ଏସ ସି ଏସ ଟି ସ୍କୁଲ | ବିଶ୍ୱ ଜୀବ ଏନଜିଓ ଦ୍ୱାରା ପରିଚାଳିତ |
| | ଅନ୍ୟାନ୍ୟ ଦୁସ୍ଥବ୍ୟକ୍ତି ଅସୁରକ୍ଷିତ ଗୋଷ୍ଠୀ କେନ୍ଦ୍ର | | |
| | ଲାଇବ୍ରେରୀ/ ଷ୍ଟଡି ସେଣ୍ଟର | ୧ | |
| ୧୮ | **ହେଲ୍ଥ ସେଣ୍ଟର (ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ କରନ୍ତୁ )** | | |
| | ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର/ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର | ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ହାଡପଦା | ୨ କି ମି |
| | ଉପ କେନ୍ଦ୍ର | ୧ | |
| | ଏ ଏନ ଏମ ସେଣ୍ଟର | ୧ | |
| | ଡିଶପେନସରୀ/ ହସ୍ପିଟାଲ ( ଏଲୋପଥିକ / ଆୟୁର୍ବେଦିକ/ ହୋମିଓପାଥିକ/ ଅନ୍ୟାନ୍ୟ) | | |
| | ଭେଟେରୀନାରୀ | ୧ | |
| ୧୯ | ସୁଲଭ ମୂଲ୍ୟ ଦୋକାନ | ୧ | |
| ୨୦ | ସମବାୟ କେନ୍ଦ୍ର | ୧ | |
| ୨୧ | **ଦୋକାନ** ଲୁଗା ଦୋକାନ | ୦ | |
| | ଡାଲି, ଚାଉଳ ଦୋକାନ | ୩ | |

| | ଭିତ୍ତିଭୂମି | କୁରୁମପଡାଗ୍ରାମ | |
|---|---|---|---|
| | ଔଷଧ ଦୋକାନ | ୨ | |
| | ଲୁହା ଦୋକାନ/ ସିମେଣ୍ଟ / ନିର୍ମାଣ ସାମଗ୍ରୀ ଦୋକାନ | ୨ | |
| | ହୋଟେଲ / ଲଜ୍ / ଗେଷ୍ଟ ହାଉସ୍ | ୧ ହୋଟେଲ | |
| ୨୨ | **ସେବା କେନ୍ଦ୍ର** | | |
| | ଅଟାକଳ | ୧ | |
| | ଟ୍ରାକ୍ଟର ମରାମତି ଦୋକାନ | ୦ | |
| | ସାଇକେଲ/ ଅଟୋମୋବାଇଲ ମରାମତି ଦୋକାନ | ୨ | |
| ୨୩ | **ସେବା ପ୍ରଦାନକାରୀ** | | |
| | ବାରିକ | ୨ | |
| | ବଢେଇ | ୩ | |
| | କମାର | ୦ | |
| | ବଣିଆ | ୧ | |
| | ଦର୍ଜି | ୩ | |
| | ମୋଚି | ୦ | |
| | ମିସ୍ତ୍ରୀ | ୦ | |
| | କୁମ୍ଭାର | ୦ | |
| | ଧୋବା | ୨ | |
| | ଅନ୍ୟ କୌଣସି | ୦ | |

## ପ୍ରଭାବିତ ଗ୍ରାମର ସାମାଜିକ ଏବଂ ସାଂସ୍କୃତିକ ଭିତ୍ତିଭୂମି

| କ୍ରମିକ ସଂଖ୍ୟା | ବିବରଣୀ | ଦୂରତା | ସଂଖ୍ୟା |
|---|---|---|---|
| A | **ସାମାଜିକ ଭିତ୍ତିଭୂମି** | | |
| ୧ | ଉତ୍ସବ ସ୍ଥଳ | ମା ଦକ୍ଷିଣ ଚଣ୍ଡୀ | |
| ୨ | ସ୍ଥାନୀୟ ବାଣିଜ୍ୟ ବଜାର | ୦ | |
| ୩ | ବାଣିଜ୍ୟ ସ୍ଥଳ | ୦ | |
| ୪ | ଭଜନ ମଣ୍ଡଳ | ୧ | |
| ୫ | କ୍ରୀଡା ଗୋଷ୍ଠୀ / ଆସୋସିଏସନ୍ / କ୍ଲବ୍ | ୩ | |
| ୬ | ସଂଗୀତ ଗୋଷ୍ଠୀ / ସଙ୍ଗଠନ / କ୍ଲବ୍ | ୦ | |
| ୭ | ନୃତ୍ୟ ଦଳ / ଆସୋସିଏସନ୍ | ୦ | |
| ୮ | ଡ୍ରାମା ଗୋଷ୍ଠୀ / ଆସୋସିଏସନ୍ / କ୍ଲବ୍ | ୦ | |
| ୯ | ସ୍ୱୟଂ ସହାୟକ ଗୋଷ୍ଠୀ | ୧୬ | |

| କ୍ରମିକ ସଂଖ୍ୟା | ବିବରଣୀ | ଦୂରତା | ସଂଖ୍ୟା |
|---|---|---|---|
| ୧୦ | ଯୁବକ ମଣ୍ଡଳ | ୦ | |
| ୧୧ | ଯୁବତୀ ମଣ୍ଡଳ | ୦ | |
| ୧୨ | ଲୋକ କଳା ଗୋଷ୍ଠୀ | ୦ | |
| ୧୩ | ପେଣ୍ଟିଂ ଗୋଷ୍ଠୀ | ୨ | |
| ୧୪ | ହସ୍ତଶିଳ୍ପ ସଙ୍ଗଠନ | ୧ | |
| ୧୫ | ସ୍ଥାନୀୟ ବ୍ୟାଣ୍ଡ ପାର୍ଟି | ୦ | |
| ୧୬ | ସମବାୟ ସଂସ୍ଥା(କ୍ରେଡିଟ କୋ ଅପରେଟିଭ ସୋସାଇଟ) | ୨ ଟି | |
| ୧୭ | ମହାଜନ | ୦ | |
| ୧୮ | ଶଠ ବୈଦ୍ୟ | ୨ | |
| ୧୯ | ପଞ୍ଚାୟତ / ବୟସ୍କମାନଙ୍କ କମିଟି | ୦ | |
| ୨୦ | ଗ୍ରାମ ପଞ୍ଚାୟତ | ଅଛି | |
| B | **ସାଂସ୍କୃତିକ ଭିତ୍ତିଭୂମି** | | |
| ୧ | ଦୁର୍ଗ | ନାହିଁ | |
| ୨ | ପ୍ରାଚୀନ ପ୍ରାସାଦ | ନାହିଁ | |
| ୩ | ଗୋଲ ବାରୁଦ ଗଚ୍ଛିତ ସ୍ଥାନ | ନାହିଁ | |
| ୪ | ଯୁଦ୍ଧକ୍ଷେତ୍ର | ନାହିଁ | |
| ୫ | ଅନ୍ୟାନ୍ୟ ସ୍ମାରକୀ | ନାହିଁ | |
| ୬ | ଗାଁ ପ୍ରବେଶ ଦ୍ୱାର | ନାହିଁ | |
| ୭ | ସୀମା ପଥର | ନାହିଁ | |
| ୮ | ଆଖଡା | ନାହିଁ | |
| ୯ | ପ୍ରତ୍ନତାତ୍ତ୍ୱିକ ସ୍ଥାନ | ନାହିଁ | |
| ୧୦ | ଖୋର୍ଦ୍ଧା ମଠ | ନାହିଁ | |
| ୧୧ | ମଠ | ୨ | |
| ୧୨ | ମଠାଧୀପତି | ନାହିଁ | |
| ୧୩ | ଚଡିଘର | ନାହିଁ | |
| ୧୪ | ଧରମଶାଳା | ନାହିଁ | |
| ୧୫ | ମୁସାଫିର ଖାନା | ନାହିଁ | |
| ୧୬ | ମରୁ ଯାତ୍ରୀ | ନାହିଁ | |
| ୧୭ | ଯାତ୍ରା ପଡିଆ | ୧ | |
| ୧୮ | ପବିତ୍ର କବର ସ୍ଥଳ | ନାହିଁ | |
| ୧୯ | ପବିତ୍ର ଝରଣା | ନାହିଁ | |
| ୨୦ | ସମାଧୀ | ନାହିଁ | |

| କ୍ରମିକ ସଂଖ୍ୟା | ବିବରଣୀ | ଦୂରତା | ସଂଖ୍ୟା |
|---|---|---|---|
| ୨୧ | ଦରଘା | ନାହିଁ | |
| ୨୨ | ଗୁମ୍ଫା | ୧ | |
| ୨୩ | ଧାର୍ମିକ ନେତା / ସାଧୁମାନଙ୍କର ଜନ୍ମ ସ୍ଥାନ | ନାହିଁ | ନାହିଁ |
| ୨୪ | ପ୍ରାଚୀନ ଲେଖା | ନାହିଁ | |
| ୨୫ | ସ୍ମରଣୀୟ ପଥର | ୧ | |
| ୨୬ | ମହାସତୀ ପଥର | ନାହିଁ | |
| ୨୭ | ମନ୍ଦିର | ୬ | |
| ୨୮ | ଇଦଗା | ନାହିଁ | ନାହିଁ |
| ୨୯ | ମସଜିଦ | ନାହିଁ | ନାହିଁ |
| ୩୦ | ଚର୍ଚ୍ଚ | ନାହିଁ | ନାହିଁ |
| ୩୧ | ଗୁରୁଦ୍ୱାର | ନାହିଁ | ନାହିଁ |
| ୩୨ | ଜୈନ ମନ୍ଦିର | ନାହିଁ | ନାହିଁ |
| ୩୩ | ଖୋର୍ଦ୍ଧା ସ୍ତୁପ | ନାହିଁ | ନାହିଁ |

# ସପ୍ତମ ଅଧ୍ୟାୟ

# ପ୍ରକଳ୍ପ ସମ୍ବନ୍ଧରେ ପରିବାରର ଧାରଣା ଏବଂ ପ୍ରକଳ୍ପର ପ୍ରଭାବ

## ୭.୧. ପ୍ରକଳ୍ପର ପ୍ରଭାବ

ରାଜୁଆ ଡାଇଭର୍ସନ ୱେୟାର (ବ୍ରଜମୋହନପୁର ସବ-ମାଇନର୍ ୦୨) ନିର୍ମାଣ ପ୍ରକଳ୍ପର ଗ୍ରାମବାସୀଙ୍କ ସାମାଜିକ-ଆର୍ଥିକ ସ୍ଥିତି ଉପରେ କିଛି ପ୍ରତ୍ୟକ୍ଷ ଏବଂ ପରୋକ୍ଷ ପ୍ରଭାବ ଅଛି । ଏକ ରେଖାକାରରେ ଯାଉଥିବା ଭିତ୍ତିଭୂମି ପ୍ରକଳ୍ପର ସବୁଠାରୁ ପ୍ରତ୍ୟକ୍ଷ ପ୍ରଭାବ ହେଉଛି ବ୍ୟକ୍ତିବିଶେଷଙ୍କୁ ସେମାନଙ୍କ ଜମିରୁ ବିଚ୍ୟୁତ କରିବା । ଯେକୌଣସି ଭୂମି ଅଧିଗ୍ରହଣ କାର୍ଯ୍ୟକଳାପରେ, ପ୍ରକଳ୍ପ ପାଇଁ ଅଧିଗ୍ରହଣ ହେବାକୁ ଥିବା ଜମି ମାଲିକ ପରିବାର ଉପରେ ସର୍ବଦା ପ୍ରମୁଖ ପ୍ରଭାବ ପଡ଼ିଥାଏ । ପୂର୍ବରୁ ଆଲୋଚନା ହୋଇଛି ଯେ ଗୋଟିଏ ଗ୍ରାମରେ କେନାଲ ନିର୍ମାଣ ପାଇଁ କେବଳ ୧.୦୨୬ ଏକର ଜମି ଆବଶ୍ୟକ । ଏହା ବ୍ୟତୀତ, ଭୂମି ଅଧିଗ୍ରହଣ ଯୋଗୁଁ ହରାଇବାକୁ ଥିବା ଜମିର କ୍ଷେତ୍ରଫଳ ଗୁରୁତ୍ୱହୀନ ଦେଖାଯାଇପାରେ କିନ୍ତୁ ଜମିର ସ୍ଥାନ ଏବଂ ଅଧିଗ୍ରହଣ ପରେ ବଳକା ପ୍ଲଟ୍-ୱାରି ଜମିର ସ୍ଥିତି ଦୃଷ୍ଟିରୁ ଦେଖିଲେ, ଏହାର ପ୍ରଭାବ ପ୍ରକୃତରେ ଗମ୍ଭୀର । ଅଧିଗ୍ରହଣ ପରେ ଅବଶିଷ୍ଟ ଜମି କୌଣସି ବ୍ୟବହାର ପାଇଁ ବହୁତ ଛୋଟ ଏବଂ ଗୁରୁତ୍ୱହୀନ ହେବ । ତେଣୁ, ଭୂମି ଅଧିଗ୍ରହଣ ଅତ୍ୟନ୍ତ ବୋଝପୂର୍ଣ୍ଣ ପ୍ରମାଣିତ ହେବ । ଏହା ପ୍ରଭାବିତ ପରିବାର ଉପରେ ପ୍ରକଳ୍ପର ସିଧାସଳଖ ପ୍ରତିକୂଳ ପ୍ରଭାବ ସୃଷ୍ଟି କରିବ ।

ପ୍ରକଳ୍ପର ଫଳାଫଳ କିଛି ଦୃଷ୍ଟିକୋଣରୁ ସକାରାତ୍ମକ ହୋଇପାରେ ଏବଂ ସେହି ସମୟରେ ଅନ୍ୟ ଦୃଷ୍ଟିକୋଣରୁ ନକାରାତ୍ମକ ମଧ୍ୟ ହୋଇପାରେ । ଏହାର ପରିଣାମ ଭୂ-ଭୌତିକ ଠାରୁ ସାମାଜିକ-ଅର୍ଥନୈତିକ, ରାଜନୈତିକ-ପ୍ରଶାସନିକ ଏବଂ ସାମାଜିକ-ସାଂସ୍କୃତିକ ପର୍ଯ୍ୟନ୍ତ ପରିଲକ୍ଷିତ ହୁଏ । ଆମର ଗବେଷଣା ଦଳ ପରିବାର ସ୍ତରରୁ ଗୋଷ୍ଠୀସ୍ତର ପର୍ଯ୍ୟନ୍ତ ଏହି ପ୍ରକଳ୍ପର ବିଭିନ୍ନ ସକାରାତ୍ମକ ଏବଂ ନକାରାତ୍ମକ ପ୍ରଭାବ ବିଶ୍ଳେଷଣ କରିବାକୁ ଚେଷ୍ଟା କରିଛି । ସାକ୍ଷାତକାର ସୂଚୀରେ ଅନେକ ପ୍ରଶ୍ନ ମାଧ୍ୟମରେ ପ୍ରକଳ୍ପ ସମ୍ପର୍କରେ ଲୋକଙ୍କ ଧାରଣା ପ୍ରକାଶ ପାଇଛି। ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ପ୍ରଭାବିତ ପରିବାରଗୁଡ଼ିକରୁ ଉତ୍ତର ସଂଗ୍ରହ କରାଯାଇଛି। ସୂଚନାର ଯତ୍ନର ସହିତ ବିଶ୍ଳେଷଣ ଉପରେ ଆଧାର କରି, ଏହି ଅଧ୍ୟାୟ ପ୍ରସ୍ତାବିତ ପ୍ରକଳ୍ପର ଲୋକଙ୍କ ଧାରଣା ଏବଂ ପ୍ରଭାବର ଏକ ବ୍ୟାପକ ମ୍ୟାପିଂ ପ୍ରସ୍ତୁତ କରେ।

ପ୍ରଭାବିତ ପରିବାରମାନଙ୍କୁ ରାଜୁଆ ଡାଇଭର୍ସନ ୱେୟାରର ସକାରାତ୍ମକ ଏବଂ ନକାରାତ୍ମକ ପ୍ରଭାବ ଏବଂ ରାଜୁଆ ଡାଇଭର୍ସନ ୱେୟାର ଅନ୍ତର୍ଗତ ବ୍ରଜମୋହନପୁର ସବ୍ ମାଇନର୍ ୦୨ କେନାଲ ନିର୍ମାଣ ପାଇଁ ବର୍ତ୍ତମାନର ଜମି ଅଧିଗ୍ରହଣ ବିଷୟରେ ପଚରାଯାଇଥିଲା । ପ୍ରଭାବିତ ପରିବାରମାନେ ପ୍ରକଳ୍ପ ସମାପ୍ତ ହେବା ପରେ ସେମାନେ ଆଶା କରୁଥିବା ବିଭିନ୍ନ ଲାଭ ବିଷୟରେ କହିଥିଲେ।

### ୭.୧.୧ ଜମି ଏବଂ ଭୂମିଭିତ୍ତିକ ଜୀବିକା ଉପରେ ପ୍ରଭାବ:

ବନ୍ଧ, ଜଳଭଣ୍ଡାର ଏବଂ କେନାଲ ପ୍ରଣାଳୀ ଭଳି ଜଳସେଚନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଜମି ଏବଂ ଭୂମିଭିତ୍ତିକ ଜୀବିକା ଉପରେ ଗଭୀର ପ୍ରଭାବ ପକାଇଥାଏ, ଯାହା ଫଳରେ ପ୍ରଭାବିତ ଜନସଂଖ୍ୟା ପାରମ୍ପରିକ, ଜୀବିକା ନିର୍ବାହ କୃଷିରୁ ଗମ୍ଭୀର ଆର୍ଥିକ ଦୁର୍ବଳତା ଆଡ଼କୁ ମୁହାଁଇଥାଏ । ଯଦିଓ ଜଳସେଚନ ପ୍ରକଳ୍ପଗୁଡ଼ିକ ଆଞ୍ଚଳିକ କୃଷି ଉତ୍ପାଦନକୁ ଉନ୍ନତ କରିବା ପାଇଁ ଡିଜାଇନ୍ କରାଯାଇଛି, ଏହାର ତୁରନ୍ତ, ସ୍ଥାନୀୟ ପ୍ରଭାବ ପ୍ରାୟତଃ ଚାଷୀମାନଙ୍କର ଅନିଚ୍ଛାକୃତ ବିସ୍ଥାପନ, ଉର୍ବର ଜମି କ୍ଷତି ଏବଂ ସ୍ଥାନୀୟ, ଭୂମିଭିତ୍ତିକ ଅର୍ଥନୀତିରେ ବାଧା ସୃଷ୍ଟି କରେ । କିନ୍ତୁ ବର୍ତ୍ତମାନ ର ପ୍ରକଳ୍ପରେ ସେପରି ହେବାର ସମ୍ଭାବନା କମ ।

ବର୍ତ୍ତମାନର ପ୍ରକଳ୍ପ କ୍ଷେତ୍ର ରେଖୀୟ ଆକାରରେ କେବଳ ୧.୦୨୬ ଏକର ଜମି ଅଧିଗ୍ରହଣ କରିବ । ୧୪ ପରିବାରରୁ ମୋଟ ୧.୦୨୬ ଏକର ଜମି ଅଧିଗ୍ରହଣ କରାଯିବ। ପ୍ରତି ପରିବାର ପାଇଁ ହାରାହାରି ଜମି କ୍ଷତି ପରିମାଣ ମାତ୍ର ୦.୦୭୩ ଏକର ହେବ । କିନ୍ତୁ ତୁଳନାତ୍ମକ ଭାବରେ, ବହୁତ ଅଧିକ ଅଞ୍ଚଳ ଜଳସେଚିତ ହେବ । ଏହା ସହିତ, ବର୍ତ୍ତମାନର ପ୍ରକଳ୍ପ କ୍ଷେତ୍ର ମହାନଦୀ ଉପନଦୀ ଅଞ୍ଚଳରେ ଅବସ୍ଥିତ, ଯେଉଁଠାରେ ରାଜୁଆ ନଦୀ ତିରୁମାଳା ଠାରେ ଉତ୍ପନ୍ନ ହୋଇଛି । ମହାନଦୀର ଏକ ତ୍ରିକୋଣ ଭୂମି ଅଞ୍ଚଳ ହୋଇଥିବାରୁ , ଏହି ଅଞ୍ଚଳର ଚାଷୀମାନେ, ବିଶେଷକରି ରାଜୁଆ ନଦୀର ଉଭୟ ପାର୍ଶ୍ୱରେ ରହୁଥିବା ଲୋକମାନେ ବନ୍ୟା ପାଣି ଯୋଗୁଁ ଖରିଫ ଧାନ ଚାଷ କରିପାରୁ ନାହାଁନ୍ତି । ତେଣୁ, ଏହି ଅଞ୍ଚଳର ଚାଷୀମାନେ ଶରଧାପୁର ଏବଂ ଢୋଲପାଟଣା ଠାରେ ନଦୀ ଜଳ ସଂରକ୍ଷଣ କରି ଶୀତକାଳୀନ ଫସଲର ଜଳସେଚନ ପାଇଁ ସେହି ପାଣି ବ୍ୟବହାର କରି ରବି ଫସଲ ଚାଷ କରୁଛନ୍ତି । ତେଣୁ, ଆଶା କରାଯାଉଛି ଯେ ବର୍ତ୍ତମାନର ଜମି ଅଧିଗ୍ରହଣ ସେମାନଙ୍କୁ କ୍ଷତି ବଦଳରେ ଲାଭ ଆଣିବ ।

ଏହି ସମସ୍ୟାଗୁଡ଼ିକୁ ହ୍ରାସ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ଉଚିତ ଯାହା ଭୂମି ହରାଇଥିବା ଲୋକଙ୍କୁ ସେମାନଙ୍କର କୃଷି ଜୀବିକା ପୁନରୁଦ୍ଧାର କରିବା ପାଇଁ ଅତିରିକ୍ତ ଜମି କିଣିପାରିବେ । ଅନ୍ୟପକ୍ଷରେ ପ୍ରକଳ୍ପଟି ଏକ ଜଳସେଚନ ପ୍ରକଳ୍ପ ହୋଇଥିବାରୁ ଏହା ଉତ୍ପାଦନ ବୃଦ୍ଧିରେ ସାହାଯ୍ୟ କରିବ । ଜମି ଅଧିଗ୍ରହଣ ପରେ କିଛି ଜମି ଚାଷ ପାଇଁ ଅନୁପଯୁକ୍ତ ହୋଇପାରେ । ଏହି କ୍ଷେତ୍ରରେ ସମ୍ପୂର୍ଣ୍ଣ ଜମି ଅଧିଗ୍ରହଣ କରାଯିବା ଉଚିତ ଏବଂ ସେମାନଙ୍କର ମାଲିକମାନଙ୍କୁ ଅନ୍ୟ ଜମି ଖଣ୍ଡ ପାଇଁ ପ୍ରଯୁଜ୍ୟ ପ୍ରତିସ୍ଥାପନ ମୂଲ୍ୟ ଅନୁସାରେ କ୍ଷତିପୂରଣ ଦିଆଯିବା ଉଚିତ । ତଥାପି, ଏହି ରେଖାକାର ପ୍ରକଳ୍ପ ପାଇଁ ଅଧିଗ୍ରହଣ ହେବାକୁ ଥିବା ଜମି କମ୍ ଏବଂ ଜଳସେଚନ ଭିତ୍ତିଭୂମି ବିକାଶ ପାଇଁ ଥିବାରୁ କ୍ଷତିଗ୍ରସ୍ତ ପରିବାରର ଖାଦ୍ୟ ସୁରକ୍ଷା କିମ୍ବା ଜୀବିକା ଉପରେ ଏହାର ପ୍ରଭାବ ନଗଣ୍ୟ ହେବ।

### ୭.୧.୨ ନିଯୁକ୍ତି ଏବଂ ଆୟ ଉପରେ ପ୍ରଭାବ:

ଭୂମି ଅଧିଗ୍ରହଣ ନିଶ୍ଚିତ ଭାବରେ ପ୍ରକଳ୍ପ ପ୍ରଭାବିତ ପରିବାରର ଆୟ ଏବଂ ଜୀବିକା ଉପରେ ନକାରାତ୍ମକ ପ୍ରଭାବ ପକାଇବ । କିନ୍ତୁ ଏହି କ୍ଷେତ୍ରରେ, ଏହା ଏକ ଜଳସେଚନ ପ୍ରକଳ୍ପ ଯାହା ରବି ଋତୁରେ ଚାଷ ହୋଇଥିବା କୃଷି ଜମିକୁ ଜଳସେଚନ ସୁବିଧା ଯୋଗାଇବ। କେନାଲ କାର୍ଯ୍ୟକ୍ଷମ ହେବା ପରେ, ମୋଟ ଚାଷଯୋଗ୍ୟ କ୍ଷେତ୍ରଫଳ ବୃଦ୍ଧି ପାଇବ ଏବଂ ପ୍ରତି ୟୁନିଟ୍ ଏକର ଉତ୍ପାଦନ ବୃଦ୍ଧି ପାଇବ । ତେଣୁ, ନିଯୁକ୍ତି ଏବଂ ଆୟ ଉପରେ ଏହାର ପ୍ରଭାବ ସକାରାତ୍ମକ ହେବ । ଏହା ସହିତ, ରବି ଋତୁରେ ପନିପରିବା, ଡାଲି ଏବଂ ତୈଳବୀଜ ପ୍ରଚୁର ପରିମାଣରେ ଚାଷ କରାଯିବାରୁ, ଏହି ଚାଷ ଅତିରିକ୍ତ କୃଷି ଉତ୍ପାଦ ଏବଂ ପନିପରିବା ବିକ୍ରୟ ସହିତ ଜଡିତ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ଚାଷୀ ପରିବାର ଏବଂ ସ୍ଥାନୀୟ ଲୋକଙ୍କୁ ସୁଲଭ ମୂଲ୍ୟରେ ପୁଷ୍ଟିକର ଖାଦ୍ୟ ଯୋଗାଇବାରେ ମଧ୍ୟ ସାହାଯ୍ୟ କରିବ ।

### ୭.୧.୩ ସାଧାରଣ ସମ୍ପତ୍ତି ସମ୍ପଦ (ସିପିଆର) ଉପରେ ପ୍ରଭାବ:

ଆଲୋଚନା ଅନୁଯାୟୀ ରାଜୁଆ ଡାଇଭର୍ସନ ୱେୟାରରେ କେନାଲ ନିର୍ମାଣ ଏକ ରେଖାକାର ପ୍ରକଳ୍ପ । ତେଣୁ ସାଧାରଣ ସମ୍ପତ୍ତି ସମ୍ପଦ କିମ୍ବା ସାମୁଦାୟିକ ସମ୍ପତ୍ତି ଭାବରେ ଜଣାଶୁଣା କୌଣସି ସାଧାରଣ ସମ୍ପତ୍ତି ସମ୍ପଦ ବିଶେଷ ଭାବରେ ପ୍ରଭାବିତ ହେବ ନାହିଁ । କ୍ଷେତ୍ର ସର୍ଭେ ସମୟରେ ପ୍ରସ୍ତାବିତ ମାର୍ଗରେଖାକୁ ଭୌଗୋଳିକ ଭାବରେ ଯାଞ୍ଚ କରାଯାଇଥିଲା ଏବଂ ଏହି ସମସ୍ୟା

ବିଷୟରେ ଗୋଷ୍ଠୀ ସହିତ ଆଲୋଚନା କରାଯାଇଥିଲା । ତଥାପି ଏପରି କୌଣସି ସାଧାରଣ ସମ୍ପତ୍ତି ପ୍ରଭାବିତ ହୋଇଥିବା ଜଣାପଡିନାହିଁ କାରଣ ଏଥିପାଇଁ ଜମିର ବହୁତ କମ୍ ଅଂଶ ଅଧିଗ୍ରହଣ କରାଯିବ। ଗ୍ରାମବାସୀମାନେ କହିଥିଲେ ଯେ ଯଦି କେନାଲ ଉନ୍ନତ କରାଯିବ, ତେବେ କେନାଲ ବନ୍ଧର ଉଚ୍ଚତା ଅଧିକ ହେବ, ତେଣୁ ଚାଷ ଜମିର ଜଳ ନିଷ୍କାସନରେ ସମସ୍ୟା ହେବ, ଏହି କାରଣଗୁଡ଼ିକ ପାଇଁ, ପ୍ରଭାବ ମଧ୍ୟମ ବୋଲି ଆକଳନ କରାଯାଇଥିଲା । ପ୍ରକଳ୍ପ ହେତୁ ପ୍ରାକୃତିକ ନାଳ ପ୍ରଭାବିତ ହୋଇପାରେ, ଯାହା ଅଧିକ ଜଳବନ୍ଦି ସମସ୍ୟା ସୃଷ୍ଟି କରିବ ।

## ୭.୨ ପ୍ରକଳ୍ପ ସମ୍ବନ୍ଧରେ ସଚେତନତା

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଏକ ଅଂଶ ଭାବରେ ତଥ୍ୟ ସଂଗ୍ରହ ସମୟରେ ଜମି ହରାଉଥିବା ପରିବାରର ସଚେତନତା ସ୍ତର ସଂଗ୍ରହ କରାଯାଇଥିଲା । ବିଭିନ୍ନ ବର୍ଗର ଲୋକଙ୍କଠାରୁ ସଂଗୃହୀତ ସୂଚନାର ବିଶ୍ଳେଷଣରୁ ଜଣାପଡ଼ିଥିଲା ଯେ ଗ୍ରାମବାସୀମାନେ ରାଜୁଆ ଡାଇଭର୍ସନ ୱେୟାର ବିଷୟରେ ଅବଗତ ଥିଲେ । ତଥାପି ପ୍ରସ୍ତାବିତ ବ୍ରଜମୋହନପୁର ସବ-ମାଇନର କେନାଲ ପାଇଁ କେଉଁ ଅଂଶ ଜମି ଅଧିଗ୍ରହଣ କରାଯିବ ସେ ବିଷୟରେ ସେମାନେ ସମ୍ପୂର୍ଣ୍ଣ ଅବଗତ ନଥିଲେ । କିନ୍ତୁ ସାମଗ୍ରିକ ଭାବରେ, ଭୂମି ଅଧିଗ୍ରହଣ ବିଷୟରେ ଲୋକଙ୍କ ମନରେ କୌଣସି ଦ୍ୱିଧା ନଥିଲା କାରଣ ଖୋର୍ଦ୍ଧା ଜଳସେଚନ ଡିଭିଜନ ଦ୍ୱାରା ବହୁତ କମ୍ ପରିମାଣର ଜମି ଅଧିଗ୍ରହଣ କରାଯିବାର ପ୍ରସ୍ତାବ ରହିଛି। ଯେହେତୁ ଜଳସେଚନ ଡିଭିଜନ ଦ୍ୱାରା କେନାଲ ନିର୍ମାଣ ଏକ ସରକାରୀ ପ୍ରକଳ୍ପ ଏବଂ ସେମାନେ କ୍ଷତିପୂରଣ ଏବଂ ଜଳସେଚନ ପାଣି ପାଇବା ଦ୍ୱାରା ପ୍ରକଳ୍ପରୁ ଲାଭବାନ ହେବେ।

## ୭.୩ କ୍ଷତିପୂରଣ ପାଇଁ ପ୍ରଭାବିତ ପରିବାରଗୁଡିକର ଆଶା ଏବଂ ପସନ୍ଦ:

ସର୍ଭେ ସମୟରେ ସମସ୍ତ ପ୍ରଭାବିତ ପରିବାରଙ୍କ ଜମି କ୍ଷତି ପାଇଁ କ୍ଷତିପୂରଣ ସମ୍ପର୍କରେ ସେମାନଙ୍କର ପସନ୍ଦ ଏବଂ ଆଶା ଜାଣିବାକୁ ଚେଷ୍ଟା କରାଯାଇଥିଲା । ଏହାର ପଛରେ ଧାରଣା ଥିଲା କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟାକୁ ଅଧିକ ଅଂଶଗ୍ରହଣକାରୀ ଏବଂ ଲୋକାଭିମୁଖୀ କରିବା । ପ୍ରତ୍ୟେକ ପ୍ରଭାବିତ ପରିବାରକୁ ଏଥିପାଇଁ ସେମାନଙ୍କର ପସନ୍ଦ ଜଣାଇବା ପାଇଁ ଯୋଗାଯୋଗ କରାଯାଇଥିଲା । ସର୍ଭେରୁ ଜଣାପଡ଼ିଛି ଯେ ସମସ୍ତ ପ୍ରଭାବିତ ପରିବାର ସେମାନଙ୍କର ଜମି ହରାଇବା ବଦଳରେ ନଗଦ କ୍ଷତିପୂରଣ ବ୍ୟବସ୍ଥା କୁ ବାଛିଥିଲେ । ସ୍ୱତନ୍ତ୍ର ଅତିରିକ୍ତ କ୍ଷତିପୂରଣ ସହାୟତା ବାଛିଥିବା ଲୋକମାନେ ଉଲ୍ଲେଖ କରିଥିଲେ ଯେ ଜମି ପାଇଁ ସେମାନଙ୍କର ସ୍ଥାୟୀ ଆୟର ଉତ୍ସ ହରାଇଛନ୍ତି। ସମସ୍ତ ପ୍ରଭାବିତ ପରିବାର ପାଇଁ ସବୁଠାରୁ ପସନ୍ଦର ବିକଳ୍ପ ଥିଲା ସେମାନଙ୍କ ଜମି କ୍ଷତି ପାଇଁ ନଗଦ କ୍ଷତିପୂରଣ । ତେଣୁ, ପ୍ରଭାବିତ ପରିବାରଙ୍କ ଆଶା ଏବଂ ସ୍ଥାନୀୟ ମାନଦଣ୍ଡ ମୂଲ୍ୟକୁ ବିଚାର କରି, ପ୍ରକଳ୍ପ କର୍ତ୍ତୃପକ୍ଷ RTFCTLARR ଆଇନ ୨୧୦୩ ଅନୁଯାୟୀ କ୍ଷତିପୂରଣ ରାଶି ଚୂଡ଼ାନ୍ତ କରିବା ଉଚିତ । ବର୍ତ୍ତମାନ ଅଧିଗ୍ରହଣ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ସେମାନଙ୍କର ପୂଜାସ୍ଥଳ ନିର୍ମାଣ କରିବାକୁ ମଧ୍ୟ ଗ୍ରାମବାସୀମାନେ ଦାବି କରିଥିଲେ।

## ୭.୪ ସାମାଜିକ ପ୍ରଭାବ ପରିଚାଳନା ଯୋଜନା:

ଖୋର୍ଦ୍ଧା ଜିଲ୍ଲାରେ ଜଳସେଚନ ଭିତ୍ତିଭୂମି ପାଇଁ ଜମି ଅଧିଗ୍ରହଣର ପ୍ରତିକୂଳ ପ୍ରଭାବ ପଡ଼ିପାରେ ବୋଲି ଯୁକ୍ତି କରାଯାଇ ପାରିବ ନାହିଁ । ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା କିଛି ପ୍ରକଳ୍ପ ପ୍ରଭାବିତ ପରିବାରର ଜୀବିକା ଏବଂ ସାମାଜିକ-ସାଂସ୍କୃତିକ ଜୀବନରେ ବାଧା ସୃଷ୍ଟି ହୋଇପାରେ ଏବଂ ପ୍ରକଳ୍ପ ଅଞ୍ଚଳରେ ପରିବେଶଗତ ସମସ୍ୟା ସୃଷ୍ଟି ହୋଇପାରେ। କିନ୍ତୁ ଅନ୍ୟପକ୍ଷରେ

ଜଳସେଚନ ଭିତ୍ତିଭୂମିର ବିକାଶ ଅଞ୍ଚଳର ଲୋକଙ୍କ ଜୀବିକା ବୃଦ୍ଧି କରିବ । ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି, ଏହି ପ୍ରତିକୂଳ ପ୍ରଭାବକୁ ହ୍ରାସ କରିବା ପାଇଁ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ନାମକ ଏକ ରଣନୀତି ପ୍ରସ୍ତୁତ କରାଯାଇଛି । ଏହି ଯୋଜନାରେ ଅଞ୍ଚଳର ସ୍ଥାୟୀ ବିକାଶ ପାଇଁ ଲୋକ, ସରକାର ଏବଂ ଜମି ଅଧିଗ୍ରହଣ ସଂଗଠନର ଭୂମିକା ଉଲ୍ଲେଖ କରାଯାଇଛି । ଯୋଜନାକୁ ଏପରି ନମନୀୟ କରିବାକୁ ଚେଷ୍ଟା କରାଯାଇଛି ଯେ ଏହା ପରିବର୍ତ୍ତିତ ପରିବେଶ ସହିତ ନିଜକୁ ଖାପ ଖୁଆଇପାରିବ ଏବଂ ପ୍ରକଳ୍ପର ସଂପୂର୍ଣ୍ଣ ଜୀବନକାଳ ମଧ୍ୟରେ ପ୍ରାସଙ୍ଗିକ ହୋଇପାରିବ । ଯୋଜନାର ଉଦ୍ଦେଶ୍ୟ ହେଉଛି ପ୍ରତିକୂଳ ସାମାଜିକ ପ୍ରଭାବକୁ କମ କରିବା ଏବଂ ପ୍ରକଳ୍ପର ଲାଭଦାୟକ ପ୍ରଭାବକୁ ବୃଦ୍ଧି କରିବା । ସାମାଜିକ ପ୍ରଭାବ ପରିଚାଳନା ଯୋଜନା, ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏବଂ ଅଂଶୀଦାରମାନଙ୍କ ସହିତ ପରାମର୍ଶ ଉପରେ ଆଧାରିତ । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର, ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ଥଇଥାନରେ ସ୍ବଚ୍ଛତା ଆଇନ ୨୦୧୩ ର ଧାରା ୪ ର ଉପ-ଧାରା ୫ ରେ ପ୍ରକଳ୍ପର ପ୍ରତିକୂଳ ପ୍ରଭାବକୁ ହ୍ରାସ କରିବା ପାଇଁ ଗ୍ରହଣ କରାଯିବା ଆବଶ୍ୟକ ଉନ୍ନତିମୂଳକ ପଦକ୍ଷେପଗୁଡ଼ିକୁ ତାଲିକାଭୁକ୍ତ କରି ଏକ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ପ୍ରସ୍ତୁତ କରିବା ପାଇଁ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି । ଯେକୌଣସି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଜମି ଅଧିଗ୍ରହଣ ପ୍ରାୟତଃ କିଛି ଉଦ୍ଦେଶ୍ୟମୂଳକ ଏବଂ ଅନିଚ୍ଛାକୃତ ସାମାଜିକ ପରିଣାମ ବହନ କରେ । ଏହି ପରିଣାମକୁ ହ୍ରାସ କରିବା ପାଇଁ କର୍ତ୍ତୃପକ୍ଷ ଉପଯୁକ୍ତ ପଦକ୍ଷେପ ନେବା ଉଚିତ ଯାହା ଦ୍ୱାରା ଜମି ହରାଉଥିବା ଲୋକଙ୍କ ସହିତ ଅନ୍ୟ ପରୋକ୍ଷ ଭାବରେ ପ୍ରଭାବିତ ପରିବାର ଯେଉଁମାନେ କ୍ଷତିଗ୍ରସ୍ତ ହୋଇନାହାଁନ୍ତି । ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP)  ରେ, ଏକ ପ୍ରଭାବ ହ୍ରାସ ଯୋଜନା ପ୍ରସ୍ତୁତ କରିବାକୁ ପ୍ରୟାସ କରାଯାଏ ଯାହା ନକାରାତ୍ମକ ପ୍ରଭାବକୁ ହ୍ରାସ କରିବା ପାଇଁ ଚିନ୍ତା ବ୍ୟବସ୍ଥା ଦ୍ୱାରା ଅନୁସରଣ କରାଯାଇପାରିବ । ଯେହେତୁ ଜଳସେଚନ ବିଭାଗ ଗ୍ରାମରୁ କେବଳ ୧.୦୨୬୦ ଏକର କୃଷି ଜମି ଅଧିଗ୍ରହଣ କରୁଛି, ପ୍ରଭାବିତ ଲୋକଙ୍କ ଜୀବନ ଜୀବିକା ଉପରେ ଏହାର ପ୍ରଭାବ ଯଥେଷ୍ଟ କମ୍ ହେବ କାରଣ ପ୍ରତି ପରିବାର ପାଇଁ ଜମି କ୍ଷତି ପରିମାଣ ପ୍ରାୟ ୦.୦୭୩ ଏକର ।

ଗବେଷଣା ଦଳ ଦ୍ୱାରା ବିକଶିତ ବର୍ତ୍ତମାନର SIMP ନକାରାତ୍ମକ ପ୍ରଭାବକୁ ସମାଧାନ କରିବା ଏବଂ ଏହାର ପରିଣାମକୁ ହ୍ରାସ କରିବା ପାଇଁ ଗ୍ରହଣ କରାଯିବା ଆବଶ୍ୟକ ଉନ୍ନତିମୂଳକ ପଦକ୍ଷେପ ଉପରେ ଧ୍ୟାନ ଦେଇଛି । ପ୍ରଭାବିତ ପରିବାରର ଜୀବନଜୀବିକା, ସାର୍ବଜନୀନ ଏବଂ ଗୋଷ୍ଠୀ ସମ୍ପତ୍ତି, ସାର୍ବଜନୀନ ଭିତ୍ତିଭୂମି, ଜଳ ନିଷ୍କାସନ, ପରିମଳ, ପାନୀୟ ଜଳ, ସାର୍ବଜନୀନ ପୋଖରୀ, ଚାରଣ ଭୂମି, ବୃକ୍ଷରୋପଣ, ସାର୍ବଜନୀନ ଉପଯୋଗୀତା ଇତ୍ୟାଦି ଉପରେ ପ୍ରକଳ୍ପର ପ୍ରଭାବ ବିଚାରକୁ ନିଆଯାଇଛି । ଏହି ପ୍ରଭାବ ବିଷୟରେ ଅନୁଭବମୂଳକ ତଥ୍ୟ ସ୍ଥାନୀୟ ଅଞ୍ଚଳରେ ରହୁଥିବା ପ୍ରଭାବିତ ପରିବାରଙ୍କଠାରୁ ସଂଗ୍ରହ କରାଯାଇଛି । ଏହି ରିପୋର୍ଟର ବିଭିନ୍ନ ଅଧ୍ୟାୟରେ ସେଗୁଡ଼ିକୁ ପ୍ରକ୍ରିୟାକରଣ ଏବଂ ବିଶ୍ଳେଷଣ କରାଯାଇଛି । ଏହି ତଥ୍ୟ ଆଧାରରେ ଉନ୍ନତିମୂଳକ ଏବଂ ପ୍ରତିକାରାତ୍ମକ ପଦକ୍ଷେପ ସମ୍ପର୍କରେ ପରାମର୍ଶ ଦିଆଯାଇଛି । ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ରେ ଯଥାସମ୍ଭବ କାର୍ଯ୍ୟ ଉପଯୋଗୀ ବିନ୍ଦୁଗୁଡ଼ିକ ପରାମର୍ଶ ଦେବା ପାଇଁ ଯତ୍ନ ନିଆଯାଇଛି । କର୍ତ୍ତୃପକ୍ଷଙ୍କ ଶୀଘ୍ର ଏବଂ ସହଜ ସୁପାରିଶ ପାଇଁ ସମ୍ପୂର୍ଣ୍ଣ ଯୋଜନା ନିମ୍ନଲିଖିତ ବିନ୍ଦୁଗୁଡ଼ିକରେ ଉପସ୍ଥାପିତ ହୋଇଛି । ନିମ୍ନଲିଖିତ ସାରଣୀ ହେଉଛି ଏକ ସୂଚିତ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ।

**ସାରଣୀ - ୭.୧ ସାମାଜିକ ପ୍ରଭାବ ପରିଚାଳନା ଯୋଜନା**

| କ୍ର ସଂ | ପ୍ରକଳ୍ପ ପ୍ରଭାବିତ ଦିଗ | ସମ୍ଭାବ୍ୟ ପ୍ରଭାବ | ପ୍ରସ୍ତାବିତ ହ୍ରାସ / ବୃଦ୍ଧି ପଦକ୍ଷେପ | ଦାୟୀ ବ୍ୟକ୍ତି | ତଦାରଖ ଏବଂ ଯାଞ୍ଚ |
|---|---|---|---|---|---|
| | ଚାଷ ଜମିର କ୍ଷତି | ପ୍ରକଳ୍ପ ପ୍ରଭାବିତ ପରିବାର ସେମାନଙ୍କର କୃଷି ଜମି ହରାଇବେ | ଜମି ଅଧିଗ୍ରହଣ ଆଇନ ୨୦୧୩, ORFCTLAR&R ନିୟମ ୨୦୧୬ ଏବଂ ଅଧିକାର ଢାଞ୍ଚା ଅନୁଯାୟୀ କରାଯିବ।<br>ଅଧିଗ୍ରହଣ ହୋଇଥିବା ଜମି ପାଇଁ ନ୍ୟାୟୋଚିତ ଏବଂ ସ୍ୱଚ୍ଛ କ୍ଷତିପୂରଣ<br>କ୍ଷତିପୂରଣ ତୁରନ୍ତ ପ୍ରଦାନ ଏବଂ ସେମାନଙ୍କର ଉପଯୁକ୍ତ ଏବଂ ଉପଯୁକ୍ତ ଆୟ ସୃଷ୍ଟି ଉତ୍ସ ଉପରେ ଦୃଷ୍ଟି ପ୍ରଦାନ | ଭୂ – ଅର୍ଜନ ଅଧିକାରୀ | ପ୍ରକଳ୍ପ ପରିଚାଳନା ଦଳ |
| ୨ | ଜୀବିକା/ଆୟ ଉପରେ ପ୍ରଭାବ | କୃଷି ଜମି ହରାଇବା ଯୋଗୁଁ କିଛି ପ୍ରକଳ୍ପ ପ୍ରଭାବିତ ପରିବାର ସେମାନଙ୍କର ବୃତ୍ତି ହରାଇବେ | ପ୍ରକଳ୍ପ ପ୍ରଭାବିତ ପରିବାରଗୁଡ଼ିକୁ ଉନ୍ନତ କୃଷି ଅଭ୍ୟାସ ଉପରେ ତାଲିମ ପ୍ରଦାନ କରାଯାଇପାରେ।<br>ପ୍ରଭାବିତ ଚାଷୀମାନଙ୍କୁ ବିଭିନ୍ନ କୃଷି ଯୋଜନା ସହିତ ଯୋଡାଯାଇପାରେ।<br>ଦକ୍ଷତା ଉନ୍ନତିକରଣ ମାଧ୍ୟମରେ ଅନ୍ୟାନ୍ୟ ଆତ୍ମନିଯୁକ୍ତି ସୁଯୋଗ ବ୍ୟବସ୍ଥା କରାଯାଇପାରେ।<br>ସ୍ଥାନୀୟ ବିକାଶ ଯୋଜନା ପ୍ରସ୍ତୁତ କରନ୍ତୁ ଯେଉଁଥିରେ ନିଯୁକ୍ତି ଏବଂ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ହେବ।<br>ସମ୍ଭାବ୍ୟ ଯୁବକମାନଙ୍କୁ ଉପଯୁକ୍ତ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯାଇପାରେ। । | କୃଷି, ବିଭାଗୀୟ କର୍ମଚାରୀ, ସ୍ଥାନୀୟ, ଗ୍ରାମ ଏବଂ ବ୍ଲକ ସ୍ତରରେ ଉଦ୍ୟାନ କୃଷି କର୍ମଚାରୀ | ଜଳସେଚନ ବିଭାଗ ଏବଂ ସମ୍ପୃକ୍ତ ବିଭାଗ |
| ୩ | ସାର୍ବଜନୀନ ଏବଂ ଗୋଷ୍ଠୀ ସମ୍ପତ୍ତିର କ୍ଷତି | | ଜମି ଅଧିଗ୍ରହଣ ଆଇନ ୨୦୧୩ ଏବଂ ନିୟମାବଳୀର ବ୍ୟବସ୍ଥା ଅନୁଯାୟୀ କ୍ଷତିପୂରଣ ସାର୍ବଜନୀନ ଏବଂ ଗୋଷ୍ଠୀ ସମ୍ପତ୍ତି ଯେପରିକି ରାସ୍ତା ଏବଂ ଡ୍ରେନ୍ର ପୁନଃନିର୍ମାଣ। | | ଜଳସେଚନ ବିଭାଗ |
| ୪ | ନିଯୁକ୍ତି ଏବଂ ଆୟ ସୃଷ୍ଟି | | ଜମି ଅଧିଗ୍ରହଣ ଯୋଗୁଁ ପ୍ରଭାବିତ ପରିବାରର ଜମି ଏବଂ ଆୟ କ୍ଷତି ହେତୁ MGNREGS ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ କରି ଆୟ କ୍ଷତି ପୁନରୁଦ୍ଧାର କରାଯାଇପାରିବ<br>ନିର୍ମାଣ କାର୍ଯ୍ୟ ସମୟରେ ଜମି ହରାଇଥିବା ପରିବାରଗୁଡ଼ିକୁ ପ୍ରାଥମିକତା ଦିଅନ୍ତୁ<br>ପ୍ରଭାବିତ ପରିବାରଗୁଡ଼ିକୁ ସେମାନଙ୍କର ସମ୍ଭାବନା ଏବଂ କଞ୍ଚାମାଲର ଉପଲବ୍ଧତାକୁ | | BDO, PS ଅଧ୍ୟକ୍ଷ ଏବଂ ଅନ୍ୟାନ୍ୟ ଅଧିକାରୀମାନେ |

| | | | | | |
|---|---|---|---|---|---|
| | | | ଦେଖି ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପରେ ନିୟୋଜିତ କରନ୍ତୁ। | | |
| ୫ | ଜଳବନ୍ଦୀ | ଜଳବନ୍ଦୀ ଯୋଗୁଁ ଜଳ କୃଷି କ୍ଷେତ୍ରରୁ ଜଳ ନିଷ୍କାସନକୁ ଅବରୋଧ କରିପାରେ | ଜଳବନ୍ଦୀ ଅଞ୍ଚଳର ସଠିକ୍ ସୀମା ନିର୍ଦ୍ଧାରଣ ଏବଂ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ। ଜମି ହରାଇଥିବା ପରିବାରଗୁଡ଼ିକୁ ସଂରକ୍ଷିତ ଜଳରେ ମାଛଚାଷ ପାଇଁ ଅନୁମତି ଦିଆଯାଇପାରିବ ଏବଂ ଏଥିପାଇଁ ପର୍ଯ୍ୟାପ୍ତ ସହାୟତା ଯୋଗାଇ ଦିଆଯାଇପାରିବ। | | |
| ୬ | ଗୋଷ୍ଠୀ ସ୍ୱାସ୍ଥ୍ୟ | ଡାଇଭର୍ସନ ୱେୟାରରେ ପାଣି ସଂରକ୍ଷଣ ଯୋଗୁଁ ପ୍ରଦୂଷଣ<br><br>ରବି ଫସଲ ଚାଷରେ ରାସାୟନିକ ସାରର ଅତ୍ୟଧିକ ବ୍ୟବହାର ଯୋଗୁଁ ପ୍ରଭାବ | ଜଳବନ୍ଦୀ ଯୋଗୁଁ ପ୍ରଦୂଷଣର ସମ୍ଭାବ୍ୟ ପ୍ରଭାବ ବିଷୟରେ ସମସ୍ତ ଶ୍ରମିକ ଏବଂ ଗ୍ରାମବାସୀଙ୍କୁ ତାଲିମ ଦିଆଯିବା ଉଚିତ।<br>**ଜୈବିକ ଏବଂ ଅଜୈବିକ ମିଶ୍ରଣ**:- ୫୦% ପର୍ଯ୍ୟନ୍ତ ରାସାୟନିକ ସାର ପରିବର୍ତ୍ତନ ଛାଯାମୀ ପରିଚାଳନା, ଜିଆ ଖତ କିମ୍ବା କୁକୁଡ଼ା ଖତ ଭଳି ଜୈବିକ ସାର ବ୍ଯବହାର କରିବା ଦ୍ୱାରା ମାଟି ଗଠନ ଏବଂ ପୁଷ୍ଟିକର ଉପଲବ୍ଧତାରେ ଉନ୍ନତି ହୁଏ।<br>**ଜୈବିକ ସାର ଏବଂ ସୂକ୍ଷ୍ମ ଦ୍ରବଣ**: ନାଇଟ୍ରୋଜେନକୁ ସ୍ଥିର କରିବା ଏବଂ ଫସଫରସକୁ ଦ୍ରବଣୀୟ କରିବା ପାଇଁ ରାଇଜୋବିୟମ୍, ଆଜୋଟୋବ୍ୟାକ୍ଟର ଏବଂ ଫସଫେଟ୍ ଦ୍ରବଣୀୟ ଜୀବାଣୁ (PSB) ପରି ଜୈବିକ ସାର ବ୍ୟବହାର କରିବା।<br>**କଭର ଫସଲ ଏବଂ ସବୁଜ ସାର:** ପ୍ରାକୃତିକ ଭାବରେ ମାଟିରେ ନାଇଟ୍ରୋଜେନ ବୃଦ୍ଧି କରିବା ପାଇଁ ଡାଲି ଜାତୀୟ ଫସଲ ଚାଷ କିମ୍ବା ସବୁଜ ସାର ଫସଲ (ସନ ହେମ୍ପ ) ରୋପଣ କରିବା, ଯାହା ରାସାୟନିକ ସାର ଆବଶ୍ୟକତାକୁ ହ୍ରାସ କରିପାରିବ।<br>**ଶସ୍ୟ ଅବଶିଷ୍ଟ ପରିଚାଳନା**: ଫସଲ ଅବଶିଷ୍ଟାଂଶକୁ ପୋଡ଼ିବା ପରିବର୍ତ୍ତେ ମାଟିରେ ମିଶାଇବା, ଯାହା ମାଟିରେ ପୋଟାସିୟମ୍ (K) ଭଳି ପୁଷ୍ଟିକର ସାରକୁ ବଜାୟ ରଖେ। | କୃଷି ବିଭାଗ | MIP ପରିଚାଳନା ବିଭାଗ |
| ୬ | ସାମାଜିକ ଅଶାନ୍ତି | ଜଳ ବଣ୍ଟନରେ ସାମୁଦାୟିକ ସଦଭାବନାକୁ ବାଧା ଦେବା | ଉପଯୁକ୍ତ ଜଳ ବଣ୍ଟନ ବ୍ୟବସ୍ଥା ବିକଶିତ କରାଯିବା ଉଚିତ। ପାଣି ପଞ୍ଚାୟତ ଗଠନ କରାଯିବା ଉଚିତ ଏବଂ ଜଳସେଚନ ଜଳର ଉପଯୁକ୍ତ ପରିଚାଳନା ପାଇଁ ସେମାନଙ୍କର କ୍ଷମତା ବୃଦ୍ଧି କରାଯିବା ଉଚିତ। | MIP ପରିଚାଳନା ବିଭାଗ | MIP ପରିଚାଳନା ବିଭାଗ |

# ଅଷ୍ଟମ ଅଧ୍ୟାୟ

# ମୂଲ୍ୟ ସହ ଲାଭର ବିଶ୍ଳେଷଣ ଓ ସୁପାରିଶ

## ୮.୧ ଉପକ୍ରମ

ପ୍ରକଳ୍ପଗୁଡ଼ିକ ଲୋକଙ୍କ ପାଇଁ ସୁଯୋଗ ଏବଂ ଲାଭ ସୃଷ୍ଟି କରିପାରେ, କିନ୍ତୁ ସେହି ସମୟରେ ସେମାନେ ନକାରାତ୍ମକ ପ୍ରଭାବ ମଧ୍ୟ ସୃଷ୍ଟି କରିପାରନ୍ତି । ସାଧାରଣତଃ, ପ୍ରକଳ୍ପଗୁଡ଼ିକ କେବେବି ସମାନ ଭାବରେ ଭଲ କିମ୍ବା ଖରାପ ନୁହେଁ, ପ୍ରଭାବିତ ଗୋଷ୍ଠୀ ମଧ୍ୟରେ ଖର୍ଚ୍ଚ ଏବଂ ଲାଭର ଏକ ବିବିଧ ବିତରଣ ଅଛି। ହରାଉଥିବା ବ୍ୟକ୍ତି ଏବଂ ପ୍ରକଳ୍ପରୁ ଲାଭ ପାଉଥିବା ବ୍ୟକ୍ତିଙ୍କ ପରିପ୍ରେକ୍ଷୀରେ କଥାବାର୍ତ୍ତା କରିବା ଅତ୍ୟନ୍ତ ସରଳ, କାରଣ ଲୋକମାନେ ସେହି ସମୟରେ ଲାଭ ପାଇପାରିବେ ଏବଂ ନପାଇପାରନ୍ତି । ପ୍ରକଳ୍ପର ଜୀବନକାଳ ମଧ୍ୟରେ ପ୍ରକଳ୍ପଗୁଡ଼ିକର ଲାଭକୁ ସର୍ବାଧିକ କରାଇବା ଏବଂ ନକାରାତ୍ମକ ପ୍ରଭାବକୁ ନିରନ୍ତର ଭାବରେ ଏଡାଇଦେବା କିମ୍ବା ହ୍ରାସ କରିବାକୁ ନିଶ୍ଚିତ କରିବା ପାଇଁ ଉତ୍ତମ ପରିଚାଳନା ଆବଶ୍ୟକ । ସାମାଜିକ ପ୍ରଭାବ ଆକଳନ ହେଉଛି ଏକ ପ୍ରକ୍ରିୟା ଯାହା ଲାଭ ହାସଲ ଏବଂ ଅସୁବିଧାକୁ ଏଡାଇ ଦେବାରେ ବହୁତ ସାହାଯ୍ୟ କରିପାରେ । ଯେକୌଣସି ବିକାଶ ପ୍ରକଳ୍ପର ପରିବାର ସ୍ତରରେ ଏବଂ ଗୋଷ୍ଠୀ ସ୍ତରରେ କିମ୍ବା ଗ୍ରାମ (ପରିବାରର ଏକତ୍ରୀକରଣ) ସ୍ତରରେ ଏହାର ପ୍ରଭାବ ଥାଏ । ବର୍ତ୍ତମାନର ଅଧ୍ୟାୟ ଲାଭ ଏବଂ ଖର୍ଚ୍ଚ ଦୃଷ୍ଟିରୁ ପ୍ରକଳ୍ପର ବିଭିନ୍ନ ପ୍ରଭାବକୁ ସାରାଂଶରେ ଉପସ୍ଥାପନ କରାଯାଇଛି । ଲାଭଗୁଡ଼ିକରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଲାଭ ଏବଂ ସେହିପରି ଖର୍ଚ୍ଚଗୁଡ଼ିକରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଖର୍ଚ୍ଚ ଅନ୍ତର୍ଭୁକ୍ତ କରାଯାଇଛି । ସମାଜ ପାଇଁ ଏକ ଭିତ୍ତିଭୂମି ପ୍ରକଳ୍ପର ଲାଭ ଏବଂ ଖର୍ଚ୍ଚ ସେମାନଙ୍କର ବ୍ୟକ୍ତିଗତ ଖର୍ଚ୍ଚ ଏବଂ ଲାଭ ଠାରୁ ଭିନ୍ନ କାରଣ ବଜାର କେତେକ ସମୟରେ ଲୋକଙ୍କ ଆପେକ୍ଷିକ ପସନ୍ଦ ଏବଂ ସେମାନଙ୍କ ଦ୍ୱାରା ହାତଛଡ଼ା ହୋଇଥିବା ସୁଯୋଗଗୁଡ଼ିକୁ ଆବଦ୍ଧ କରିବାରେ ବିଫଳ ହୁଏ । ବର୍ତ୍ତମାନର ପ୍ରକଳ୍ପ କ୍ଷେତ୍ରରେ ମଧ୍ୟ ଏହା ସତ୍ୟ । ଭବିଷ୍ୟତ ଅନିଶ୍ଚିତ ହୋଇଥିବାରୁ, ପ୍ରକଳ୍ପ ଫଳାଫଳ ସହିତ ବିପଦ ଜଡିତ ଏବଂ ଏହି ବିପଦ ଏବଂ ଅନିଶ୍ଚିତତାକୁ ସୂଚିତ କରିବା କଷ୍ଟକର । ପରିବେଶଗତ ବିଶ୍ଳେଷଣରେ ମୂଲ୍ୟ ଏବଂ ଲାଭ ଆକଳନ କରିବା ସମୟରେ ସମାନ ସମସ୍ୟାର ସମ୍ମୁଖୀନ ହୁଏ । ବର୍ତ୍ତମାନର ପ୍ରକଳ୍ପର ବିଶ୍ଳେଷଣରେ କେତେକ ଅନୁମାନ ଅନ୍ତର୍ଭୁକ୍ତ କରାଯାଇଛି, ଯାହା ନୀତି କାର୍ଯ୍ୟାନ୍ୱୟନ ପାଇଁ ସର୍ବୋତ୍ତମ ସଠିକ୍ ହୋଇନପାରେ ।

## ୮.୨ ମୂଲ୍ୟ ସହ ଲାଭର ବିଶ୍ଳେଷଣ

ଉପକୂଳ ଓଡ଼ିଶାରେ ଜଳବନ୍ଦୀ ଏବଂ ଲୁଣାପାଣି ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ, ବିଶେଷକରି ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା ଏବଂ ବାଲେଶ୍ୱର ଭଳି ଜିଲ୍ଲାକୁ ଏହା ପ୍ରଭାବିତ କରୁଛି । ସମତଳ ଭୂମି, ଖରାପ ଜଳ ନିଷ୍କାସନ ପଦ୍ଧତି, ଘୂର୍ଣ୍ଣିବାତ୍ୟା ଏବଂ ସମୁଦ୍ର ଜଳ ପ୍ରବେଶ ଦ୍ୱାରା ପ୍ରଭାବିତ, ଏହି ସମସ୍ୟାଗୁଡ଼ିକ ଜଳବନ୍ଦୀ, ପୁଷ୍ଟିକର-ଅଭାବୀ ମୃତ୍ତିକା ଏବଂ କମ ଫସଲ ଉତ୍ପାଦନ ସୃଷ୍ଟି କରେ । ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ, ବିଶେଷକରି ଚିଲିକା ଏବଂ ମହାନଦୀ ତ୍ରିକୋଣଭୂମି ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକ କୃଷି କ୍ଷେତ୍ରରେ ଗୁରୁତର କ୍ଷତି ଏବଂ ମଧୁର ଜଳ ଉପଲବ୍ଧତା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସମୁଦ୍ର ନିକଟତର ହେବା ଯୋଗୁଁ, ଘୂର୍ଣ୍ଣିବଳୟ ବିପଦ ଏବଂ ଜୁଆର ମାଧ୍ୟମରେ ଲୁଣାପାଣି ପ୍ରବେଶ ଜଳସେଚନ ଏବଂ ପାନୀୟ ପାଇଁ ଗ୍ରହଣୀୟ ଗୁଣବତ୍ତାର ଜଳ ଉପଲବ୍ଧତାକୁ ସୀମିତ କରିଛି । ଲୁଣାପାଣି ଏବଂ ମଧୁର ଜଳ ଉଭୟ ସେମାନଙ୍କର ସ୍ଥିତି ପରିବର୍ତ୍ତନ କରିବା ପରେ ଏହି ଅଞ୍ଚଳରେ ସହାବସ୍ଥାନ କରେ । ଜଳବନ୍ଦୀ ଏବଂ ଲୁଣାପାଣି ଯାହା ଉପକୂଳବର୍ତ୍ତୀ ଜମିର ଉତ୍ପାଦନ

କ୍ଷମତାକୁ ନଷ୍ଟ କରେ, ତାହା ଖାଦ୍ୟ ସୁରକ୍ଷା ପାଇଁ ଏକ ପ୍ରମୁଖ ବିପଦ । ରାଜୁଆ ନଦୀ ମହାନଦୀର ତ୍ରିକୋଣଭୂମି ପ୍ରଣାଳୀରେ ତିରୁମାଳା ଠାରେ ଦୟା ନଦୀ (ମହାନଦୀର ଏକ ଶାଖା) ରୁ ବିଭାଜିତ ହୋଇଛି । ରାଜୁଆ ନଦୀର ଉଭୟ ପାର୍ଶ୍ୱର ଚାଷୀମାନେ ବନ୍ୟା ଜଳ ଯୋଗୁଁ ସାଧାରଣତଃ ଖରିଫ ଫସଲ ଚାଷ କରିପାରନ୍ତି ନାହିଁ । ତେଣୁ ନିକଟସ୍ଥ ଗ୍ରାମର ଚାଷୀମାନେ ରବି ଫସଲରେ ରାଜୁଆ ନଦୀର ପାଣି ବ୍ୟବହାର କରିବା ପାଇଁ ଢୋଲପାଟଣା ଏବଂ ଶାରଦାପୁର (ଢୋଲାପାଟଣାର ୩ କିଲୋମିଟର ତଳମୁଣ୍ଡରେ) ଆଡିବନ୍ଧ ନିର୍ମାଣ କରନ୍ତି । ଏହି ଅଞ୍ଚଳରେ ରବିଚାଷ ପାଇଁ ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ଢୋଲାପାଟଣା ଠାରେ ଏକ ଡାଇଭର୍ସନ ୱେୟାର ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା; ଯାହା ଦ୍ୱାରା ୨୬୬୬ ହେକ୍ଟର ଅଞ୍ଚଳକୁ ଜଳସେଚନ ଯୋଗାଇ ଦିଆଯାଇପାରିବ ।

ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ହେଉଛି ଓଡ଼ିଶାର ଏକ ଜଳସେଚନ ଭିତ୍ତିଭୂମି ପ୍ରକଳ୍ପ, ଯାହା ଗୁରୁତ୍ୱାକର୍ଷଣ ଆଧାରିତ ଜଳସେଚନ ପାଇଁ ରାଜୁଆ ନଦୀରେ ଜଳସ୍ତର ବୃଦ୍ଧି କରି କୃଷି ଜମିକୁ ଜଳ ଯୋଗାଣ କରିବା ପାଇଁ ଡିଜାଇନ୍ କରାଯାଇଛି । ଏହି ପ୍ରକଳ୍ପରେ ବିଶେଷ ଭାବରେ ଏକ ଡାଇଭର୍ସନ ୱେୟାର ଏବଂ ଏହାର ସଂଲଗ୍ନ କେନାଲ ସିଷ୍ଟମ ନିର୍ମାଣ ଅନ୍ତର୍ଭୁକ୍ତ, ଯାହା ପ୍ରାୟତଃ ଖୋର୍ଦ୍ଧା ଜିଲ୍ଲାରେ ଜଳସେଚନ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ RIDF (ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି) ଅଧୀନରେ କାର୍ଯ୍ୟକାରୀ କରାଯାଇଛି । ନିର୍ମାଣରେ ଜଳସ୍ତର ବୃଦ୍ଧି କରିବା ପାଇଁ ମୁଖ୍ୟ ଡାଇଭର୍ସନ ୱେୟାର (ହେଡୱାର୍କସ୍) ଏବଂ ଜଳ ବଣ୍ଟନ ପାଇଁ କେନାଲର ଏକ ନେଟୱାର୍କ ଅନ୍ତର୍ଭୁକ୍ତ । କ୍ଷେତକୁ ଜଳର ନିୟନ୍ତ୍ରିତ, ନିରନ୍ତର ଯୋଗାଣ ସୁନିଶ୍ଚିତ କରି ଜଳସେଚନ ନିର୍ଭରଯୋଗ୍ୟତାକୁ ଉନ୍ନତ କରିବା ପ୍ରକଳ୍ପର ଲକ୍ଷ୍ୟ ।

ବର୍ତ୍ତମାନର ପରିସ୍ଥିତିରେ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁରୁମପଡ଼ା ଗ୍ରାମରେ ରାଜୁଆ ଡାଇଭର୍ସନ ୱେୟାର ଅଧୀନରେ ବ୍ରଜମୋହନପୁର ସବ୍ ମାଇନର୍ ୦୨ ନିର୍ମାଣ ପାଇଁ ଅତିରିକ୍ତ ୧.୦୨୬ ଏକର ଘରୋଇ ଜମି ଅଧିଗ୍ରହଣ କରିବାକୁ ଯୋଜନା କରାଯାଇଛି।

### ୮.୨.୧ ଆର୍ଥିକ ମୂଲ୍ୟ ଲାଭ

ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପକୁ ୧୭.୦୬.୧୯୯୯ ରେ ଅନୁଷ୍ଠିତ ୮୮ତମ ରାଜ୍ୟ ଟି ଏ ସି ରେ ୧୯୯୯-୨୦୦୦ ମୂଲ୍ୟ ସ୍ତରରେ ୧୪୮୬.୬୬ ଲକ୍ଷ ଟଙ୍କାରେ ମଞ୍ଜୁରୀ ଦିଆଯାଇଥିଲା । ପ୍ରାରମ୍ଭରେ ନାବାର୍ଡ ୧୫.୦୩.୨୦୦୦ ରେ RIDF – ୫ ଅଧୀନରେ ୧୪୩୦.୮୮ ଲକ୍ଷ ଟଙ୍କାରେ ପ୍ରକଳ୍ପକୁ ମଞ୍ଜୁର କରିଥିଲା, ଯାହା ରାଜ୍ୟ ସରକାରଙ୍କ ଦ୍ୱାରା ଜଳବିଜ୍ଞାନର ମଞ୍ଜୁରୀ ଉପରେ ନିର୍ଭର କରେ । ଜଳବିଜ୍ଞାନକୁ ମୁଖ୍ୟ ଯନ୍ତ୍ରୀ PP & F, ଭୁବନେଶ୍ୱରଙ୍କ ଦ୍ୱାରା ମଞ୍ଜୁରୀ ଦିଆଯାଇଥିଲା ଏବଂ ୩୦.୦୧.୨୦୦୧ ରେ ଇଞ୍ଜିନିୟର-ଇନ୍-ଚିଫ୍ ଜଳସମ୍ପଦଙ୍କ ଦ୍ୱାରା ନାବାର୍ଡ ସହିତ ଯୋଗାଯୋଗ କରାଯାଇଥିଲା। ତଦନୁସାରେ, ୦୯.୦୨.୨୦୦୧ ରେ କ୍ଷେତ୍ର ପରିଦର୍ଶନ ପରେ ୨୬.୦୪.୨୦୦୧ ରେ ନାବାର୍ଡ ଦ୍ୱାରା ଚୂଡ଼ାନ୍ତ ମଞ୍ଜୁରୀ ପ୍ରଦାନ କରାଯାଇଥିଲା । ୧୫.୦୩.୨୦୦୦ ରେ RIDF-୫ ରେ ୧୪୩୦.୮୮ ଲକ୍ଷ ଟଙ୍କା ମୂଲ୍ୟର ପ୍ରକଳ୍ପକୁ ନାବାର୍ଡ ଦ୍ୱାରା ମଞ୍ଜୁର କରାଯିବା ପରେ, ମୁଖ୍ୟ କାର୍ଯ୍ୟ ଏବଂ ଆଫ୍ଲକ୍ସ ବନ୍ଧ ନିର୍ମାଣ କାର୍ଯ୍ୟ ୪.୦୩.୨୦୦୨ ରେ ୨ଟି ପ୍ୟାକେଜରେ ଆରମ୍ଭ ହୋଇଥିଲା, ଯାହାର ସମାପ୍ତି ତାରିଖ ୦୩.୦୯.୨୦୦୪ ରେ ଧାର୍ଯ୍ୟ କରାଯାଇଥିଲା । ଏହି ଦୁଇଟି ପ୍ୟାକେଜ ବ୍ୟତୀତ ହଳଦୀପଡା ଠାରେ ଏକ ଅତିରିକ୍ତ ସ୍ଲୁଇସ୍ ନିର୍ମାଣ, ପ୍ରକଳ୍ପ କାର୍ଯ୍ୟାଳୟ ଏବଂ ଆପ୍ରୋଚ୍ ରୋଡର ଏକ ଅଂଶ ଗୋଟିଏ

ପ୍ୟାକେଜରେ କାର୍ଯ୍ୟକାରୀ କରାଯାଇଛି । RIDF - ୫ ଟ୍ରେଞ୍ଚ ଅଧୀନରେ ଅନୁମୋଦିତ ବର୍ଦ୍ଧିତ ସମୟ ଅବଧି ଅର୍ଥାତ୍ ୩୧.୦୩.୨୦୦୬ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବା ପରେ, କାର୍ଯ୍ୟର ଅବଶିଷ୍ଟ ଅଂଶକୁ RIDF - ୧୪ ଅଧୀନରେ ୨୮.୦୧.୨୦୦୯ ରେ ୧୭୭୫.୧୮ ଲକ୍ଷ ଟଙ୍କା ମୂଲ୍ୟର ନାବାର୍ଡ ଦ୍ୱାରା ପୁନଃସ୍ଥାପିତ ଏବଂ ମଞ୍ଜୁର କରାଯାଇଛି । RIDF - ୧୪ ଅଧୀନରେ କାର୍ଯ୍ୟର ବିସ୍ତୃତ କାର୍ଯ୍ୟାନ୍ୱୟନ ନିମ୍ନରେ ବିସ୍ତୃତ ଭାବରେ ଦର୍ଶାଯାଇଛି।

୧. ହେଡ୍ ୱାର୍କସ୍ ଏବଂ ଆଫ୍ଲକ୍ସ ବନ୍ଧର ବାକି କାମ ସମାପ୍ତ ହୋଇଛି

୨. ବାମ ଏବଂ ଡାହାଣ ମୁଖ୍ୟ କେନାଲର ଖନନ ଆଂଶିକ ଭାବରେ ସମାପ୍ତ ହୋଇଛି

ନାବାର୍ଡ ସହାୟତାରେ ସେପ୍ଟେମ୍ବର ୨୦୧୫ ପର୍ଯ୍ୟନ୍ତ ପ୍ରକଳ୍ପର ଖର୍ଚ୍ଚ ୧୧୮୧.୭୬ ଲକ୍ଷ ଟଙ୍କା । ବାମ ଏବଂ ଡାହାଣ ମୁଖ୍ୟ କେନାଲର ଖନନର ଅବଶିଷ୍ଟ କାମ WSIDP ଯୋଜନା (ଅସମ୍ପୂର୍ଣ୍ଣ ପ୍ରକଳ୍ପର ସମାପ୍ତି) ଅଧୀନରେ କାର୍ଯ୍ୟକାରୀ କରାଯାଇଛି । ଫେବୃଆରୀ ୨୦୨୩ ପର୍ଯ୍ୟନ୍ତ ମୋଟ ଖର୍ଚ୍ଚ ୨୪୯୭.୩୯ ଲକ୍ଷ ଟଙ୍କା । ୨୦୦୬ ର ବଜାର ମୂଲ୍ୟ ଏବଂ ୨୦୧୭ରେ ପ୍ରବର୍ତ୍ତିତ GST କର ପରବର୍ତ୍ତୀ ପର୍ଯ୍ୟାୟରେ ଶ୍ରମ ଏବଂ ସାମଗ୍ରୀ ହାର ବିଶ୍ଳେଷଣ ଉପରେ ଆଧାର କରି ପ୍ରକଳ୍ପର ସଂଶୋଧିତ ଆକଳନ ୪୩୨୧.୭୬ ଲକ୍ଷ ଟଙ୍କା ପ୍ରସ୍ତୁତ କରାଯାଇଛି । ବାକି କାର୍ଯ୍ୟର ଆନୁମାନିକ ମୂଲ୍ୟ ୧୮୨୪.୩୭ ଲକ୍ଷ ଟଙ୍କା ।

ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ପାଇଁ ପ୍ରସ୍ତାବିତ ଜଳସେଚନ କ୍ଷମତା ୨୯୯୪ ହେକ୍ଟର ମୋଟ ଜଳସେଚନ ଅଞ୍ଚଳ (GCA) ଏବଂ ଚାଷଯୋଗ୍ୟ ଜଳସେଚନ ଅଞ୍ଚଳ (CCA) ୨୬୬୬ ହେକ୍ଟର ହେବ । ସେଥିମଧ୍ୟରୁ ଡାଲୁଅ ଧାନ ୯୦୬ ହେକ୍ଟର, ଚିନାବାଦାମ ୮୦୦ ହେକ୍ଟର ଏବଂ ପନିପରିବା ୬୯୩ ହେକ୍ଟର । ମୋଟ ୨୩୯୩ ହେକ୍ଟର (ମୋଟ CCAର ୯୦%)

**ଲାଭ ମୂଲ୍ୟ ଅନୁପାତ**

ନିର୍ବାହୀ ଯନ୍ତ୍ରୀ ରାଜୁଆ ଜଳସେଚନ ବିଭାଗ ଦ୍ୱାରା ପ୍ରସ୍ତୁତ ବିସ୍ତୃତ ପ୍ରକଳ୍ପ ବିବରଣୀ ଅନୁଯାୟୀ । ପ୍ରକଳ୍ପର ଲାଭ ମୂଲ୍ୟ ଅନୁପାତ ଜଳସଂପଦ ବିଭାଗର ମାର୍ଗଦର୍ଶନ ଅନୁଯାୟୀ ଜଳସେଚନ ଚାହିଦାକୁ ବିଚାରକୁ ନେଇ ଗଣନା କରାଯାଇଛି ଏବଂ ପୁଞ୍ଜି ବ୍ୟୟ ଉପରେ ୧୦% ସୁଧରେ ୪.୨୩ ପର୍ଯ୍ୟନ୍ତ ଆକଳନ କରାଯାଇଛି । ୧୨% ରିହାତି କାରକ @ ଆଭ୍ୟନ୍ତରୀଣ ଫେରସ୍ତ ହାର ୪୨.୦୮% ପର୍ଯ୍ୟନ୍ତ ହୋଇପାରେ ।

### ୭.୨.୨ ସାମାଜିକ ମୂଲ୍ୟ ଲାଭ

ଆର୍ଥିକ ମୂଲ୍ୟ ଆକଳନ କରିବା ସମୟରେ ପ୍ରକଳ୍ପର କିଛି ସାମାଜିକ ଲାଭ ଏବଂ ଖର୍ଚ୍ଚ ଏଠାରେ ବିଚାର ପାଇଁ ଉଲ୍ଲେଖ କରାଯାଇପାରିବ । ଦୃଷ୍ଟିଗୋଚର ହେଉଥିବା ଲାଭ ମଧ୍ୟରେ ଲୋକମାନଙ୍କର ଚଳଣିରେ ଉନ୍ନତି ସହିତ, ନିଯୁକ୍ତି ସୃଷ୍ଟି ଏହି ପ୍ରକଳ୍ପର ଅତିରିକ୍ତ ଲାଭ । ଲୋକମାନଙ୍କୁ ଅଧିକ ନିଯୁକ୍ତି ସୁଯୋଗ ସାମାଜିକ ସ୍ଥିତିକୁ ପ୍ରୋତ୍ସାହିତ କରିବ । ଅଧିକ ନିଯୁକ୍ତି ସୁଯୋଗ ଯୋଗୁଁ ଲୋକମାନଙ୍କର ସାମୟିକ ସମୟ ପାଇଁ ବା ସ୍ଥାୟୀ ଭାବରେ ବାହାରକୁ କର୍ମ ଅନ୍ୱେଷଣରେ ସ୍ଥାନାନ୍ତରଣ ହ୍ରାସ

ପାଇବ, ସୁଲଭ ମୂଲ୍ୟରେ ସବୁଜ ପନିପରିବା ଉପଲବ୍ଧତା ଯୋଗୁଁ ଗ୍ରାମବାସୀମାନଙ୍କ ସ୍ୱାସ୍ଥ୍ୟ, ଦୈନନ୍ଦିନ ବ୍ୟବହାର ପାଇଁ ଗ୍ରାମାଞ୍ଚଳରେ ଲୋକଙ୍କୁ ଜଳ ଯୋଗାଣ ଏବଂ ସାମାଜିକ ଆଚରଣରେ ପରିବର୍ତ୍ତନ ଗୁରୁତ୍ୱପୂର୍ଣ୍ଣ ଦୀର୍ଘକାଳୀନ ସାମାଜିକ ଲାଭ ।

## ୮.୨ ସାର୍ବଜନୀନ ଉଦ୍ଦେଶ୍ୟର ଆକଳନ

ଭାରତର ସମ୍ବିଧାନ ମୂଳତଃ ଧାରା ୧୯ ଏବଂ ୩୧ ଅନୁଯାୟୀ ସମ୍ପତ୍ତି ଅଧିକାର ପ୍ରଦାନ କରିଥିଲା । ଧାରା ୧୯ ସୁନିଶ୍ଚିତ କରିଛି ଯେ, ସମସ୍ତ ନାଗରିକଙ୍କର ସମ୍ପତ୍ତି ହାସଲ, ଧାରଣ ଏବଂ ବିକ୍ରୟ କରିବାର ଅଧିକାର ଅଛି । ଧାରା ୩୧ ରେ ଦର୍ଶାଯାଇଛି ଯେ "ଆଇନର ପ୍ରଦାନ କରାଯାଇଥିବା ଅଧିକାର ଅନୁଯାୟୀ କୌଣସି ବ୍ୟକ୍ତିଙ୍କୁ ତାଙ୍କ ସମ୍ପତ୍ତିରୁ ବଞ୍ଚିତ କରାଯାଇପାରିବ ନାହିଁ"। ଏହା ମଧ୍ୟ ପ୍ରକାଶ କରାଯାଇଛି ଯେ, ଯେଉଁ ବ୍ୟକ୍ତିଙ୍କ ସମ୍ପତ୍ତି ସର୍ବସାଧାରଣ ଉଦ୍ଦେଶ୍ୟରେ ଅର୍ଜନ କରାଯାଇଛି ସେହି ବ୍ୟକ୍ତିଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ । ଏହି ଅଧିନିୟମ, ୨୦୧୩, ନିର୍ଦ୍ଦିଷ୍ଟ ବାକ୍ୟାଂଶ ବ୍ୟବହାର କରୁଛି ଯେପରିକି 'ଜନସାଧାରଣଙ୍କ ପାଇଁ ସାଧାରଣ ଲାଭ ଉଦ୍ଦେଶ୍ୟରେ', 'ଜନସାଧାରଣଙ୍କ ସ୍ୱାର୍ଥ', ଯାହା କେବଳ ରଣନୈତିକ ସ୍ୱାର୍ଥ, ଜାତୀୟ ସୁରକ୍ଷା, ଭିତ୍ତିଭୂମି ପ୍ରକଳ୍ପ ଇତ୍ୟାଦି ଆଇନଗତ ଭାବରେ ନିର୍ବିରୋଧ ତଥା ନିର୍ବିବାଦୀୟ ଜନସାଧାରଣଙ୍କ ଉଦ୍ଦେଶ୍ୟକୁ ବଜାୟ ରଖିଛି ।

**ଧାରା ୨ ଅନୁଯାୟୀ ଅଧିନିୟମର ପ୍ରୟୋଗ.** – (୧) ଜମି ଅଧିଗ୍ରହଣ, କ୍ଷତିପୂରଣ, ପୁନଃଥଇଥାନ ଏବଂ ପୁନଃବିସ୍ଥାପନ ସମ୍ବନ୍ଧୀୟ ଏହି ଆଇନର ନିୟମାବଳୀ ପ୍ରଯୁଜ୍ୟ ହେବ, ଯେତେବେଳେ ଏକ ବୈଧ ସରକାର ନିଜର ବ୍ୟବହାର, ଧାରଣ ଏବଂ ନିୟନ୍ତ୍ରଣ ସମେତ ସାର୍ବଜନୀନ କ୍ଷେତ୍ର ଏବଂ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରିବେ ସେଥିମଧ୍ୟରେ ନିମ୍ନଲିଖିତ ଉଦ୍ଦେଶ୍ୟଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି , ଯଥା: -ରାଷ୍ଟ୍ରର ନୌସେନା, ପଦାତିକ, ବାୟୁସେନା ଏବଂ ସଶସ୍ତ୍ର ବାହିନୀ ସମେତ କେନ୍ଦ୍ରୀୟ ପାରାମିଲିଟାରୀ ଫୋର୍ସ କିମ୍ବା ଜାତୀୟ ସୁରକ୍ଷା କିମ୍ବା ଭାରତ କିମ୍ବା ରାଜ୍ୟ ପୋଲିସର ପ୍ରତିରକ୍ଷା, ଲୋକଙ୍କ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସହିତ ଜଡିତ ରଣନୈତିକ ଉଦ୍ଦେଶ୍ୟ ପାଇଁ,; କିମ୍ବା ଭିତ୍ତିଭୂମି ପ୍ରକଳ୍ପ ଯେଉଁଥିରେ ନିମ୍ନଲିଖିତ କାର୍ଯ୍ୟ ଗୁଡିକ ସାମିଲ ଅଛି । ଯଥା: -ବେସରକାରୀ ଡାକ୍ତରଖାନା, ବେସରକାରୀ ଶିକ୍ଷାନୁଷ୍ଠାନ, ଘରୋଇ ହୋଟେଲଗୁଡିକୁ ବାଦ୍ ଦେଇ ୨୭ ମାର୍ଚ୍ଚ, ୨୦୧୨ ତାରିଖ ଦିନ ଭାରତ ସରକାରଙ୍କ ଅର୍ଥନୈତିକ ବ୍ୟାପାର (ଭିତ୍ତିଭୂମି ବିଭାଗ) ନମ୍ବର ୧୩/୬/୨୦୦୯-INF ରେ ବିଜ୍ଞପ୍ତିରେ ତାଲିକାଭୁକ୍ତ ସମସ୍ତ କାର୍ଯ୍ୟକଳାପ କିମ୍ବା ବସ୍ତୁ । (ଅର୍ଥନୈତିକ ବ୍ୟାପାର ବିଭାଗ ଅନୁଯାୟୀ ଭିତ୍ତିଭୂମିର ପରିବହନ ଶୀର୍ଷକରେ ଥିବା ବସ୍ତୁଗୁଡିକ ଯଥା ସଡକ ଏବଂ ବ୍ରିଜ୍ • ବନ୍ଦର • ଆଭ୍ୟନ୍ତରୀଣ ଜଳପଥ • ବିମାନବନ୍ଦର • ରେଳ ଟ୍ରାକ୍, ଟନେଲ୍, ଭିଆଡକ୍ଟସ୍, ବ୍ରିଜ୍ • ସହରୀ ଜନସାଧାରଣ ପରିବହନ (ସହରାଞ୍ଚଳ ସଡ଼କ ପରିବହନ କ୍ଷେତ୍ରରେ ବ୍ୟବହାର ହେଉଥିବା ଛୋଟ ଗଳିକୁ ବାଦ ଦେଇ ଅନ୍ତର୍ଭୁକ୍ତ କରେ) ଅର୍ଥନୈତିକ ବ୍ୟାପାର ବିଭାଗ ଅନୁଯାୟୀ ସାମାଜିକ ଏବଂ ବାଣିଜ୍ୟିକ ଭିତ୍ତିଭୂମିରେ ସାମିଲ କାର୍ଯ୍ୟଗୁଡିକ ହେଲା ; ଶିକ୍ଷା ପ୍ରତିଷ୍ଠାନ, ଡାକ୍ତରଖାନା (ମେଡିକାଲ୍ କଲେଜ (ପାରା ମେଡିକାଲ୍ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ ଏବଂ ଡାଇଗ୍ନୋଷ୍ଟିକ୍ ସେଣ୍ଟର ଅନ୍ତର୍ଭୁକ୍ତ କରେ)।

ନ୍ୟାୟୋଚିତ କ୍ଷତିପୂରଣ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୪(୧) ର ଏକ ବାଧ୍ୟତା ମୂଳକ ପ୍ରବଧାନ ହିସାବରେ ଏହି ପ୍ରକଳ୍ପ ସାର୍ବଜନୀନ ଉଦ୍ଦେଶ୍ୟ ସାଧନ କରୁଛି । ବର୍ତ୍ତମାନର କ୍ଷେତ୍ରରେ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁରୁମପଡ଼ା ଗ୍ରାମରେ ରାଜୁଆ ଡାଇଭର୍ସନ ୱେୟାର ଭଳି ଜଳସେଚନ ଭିତ୍ତିଭୂମି ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରାଯାଉଛି ।

ନିସନ୍ଦେହରେ ଏହାକୁ ସାଧାରଣ ଉଦ୍ଦେଶ୍ୟରେ ନିର୍ମାଣ କରାଯାଉଛି ବୋଲି କୁହାଯାଇପାରେ କାରଣ ଏହି ଜଳସେଚନ ପ୍ରକଳ୍ପ ଖୋର୍ଦ୍ଧା ଜିଲ୍ଲାର ୧୫ ଟି ଗ୍ରାମର ୧୨୭୩.୫୦ ହେକ୍ଟର ଏବଂ ପୁରୀ ଜିଲ୍ଲାର ୨୧ ଟି ଗ୍ରାମର ୧୩୯୨.୫୦ ହେକ୍ଟର ଜମିକୁ ଜଳସେଚନ କରିବାରେ ସାହାଯ୍ୟ କରିବ। ଏହି ପ୍ରକଳ୍ପ କୃଷି ବିକାଶରେ ସାହାଯ୍ୟ କରିବ ଯାହା ଦ୍ୱାରା ଖୋର୍ଦ୍ଧା ଏବଂ ପୁରୀ ଜିଲ୍ଲାର ଲୋକଙ୍କ ସାମାଜିକ ଆର୍ଥିକ ଅବସ୍ଥା ବିକଶିତ ହେବ। ସର୍ବୋପରି ଏହା ଜନସାଧାରଣଙ୍କ ସାଧାରଣଙ୍କ ଲାଭରେ ସାହାଯ୍ୟ କରିବ । ଏହି ପ୍ରକଳ୍ପକୁ ଧାରା -୨, (ଖ) (୨) ଅନୁଯାୟୀ ସାଧାରଣ ଉଦ୍ଦେଶ୍ୟ ଭାବରେ ବିବେଚନା କରାଯାଇଛି।

## ୮.୩ ଜମିର ସର୍ବନିମ୍ନ ଆବଶ୍ୟକତା ଏବଂ କମ୍ ବିସ୍ଥାପନ ନିମନ୍ତେ ବିକଳ୍ପର ଚୟନ

ରାଜୁଆ ଡାଇଭର୍ସନ ୱେୟାର ଅନ୍ତର୍ଗତ ବ୍ରଜମୋହନପୁର ସବ୍ ମାଇନର୍ ୦୨ ର ନିର୍ମାଣ ଜଳବିଜ୍ଞାନ ନିୟମ ଅନୁସାରେ ଯୋଜନା କରାଯାଇଛି । ଭବିଷ୍ୟତରେ ଜମି ଅଧିଗ୍ରହଣ ଏବଂ ଗ୍ରାମରେ ବିଭ୍ରାଟକୁ କମ କରିବା ପାଇଁ ସମସ୍ତ ପ୍ରକାରର ପ୍ରୟାସ କରାଯାଇଛି । ସାନାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ଦ୍ୱାରା ଗ୍ରାମବାସୀଙ୍କ ସହିତ ସ୍ଥାନ ପରିବର୍ତ୍ତନ କରିବା ପାଇଁ ଅନ୍ୟାନ୍ୟ ସାମ୍ଭାବ୍ୟ ବିକଳ୍ପଗୁଡ଼ିକର ପରୀକ୍ଷା କରିବା ପାଇଁ ମଧ୍ୟ ଏକ ପ୍ରୟାସ କରାଯାଇଥିଲା, ଯାହା ଦ୍ୱାରା ଜମି ଅଧିଗ୍ରହଣକୁ କମ କରାଯାଇପାରିବ । କିନ୍ତୁ ଏହା ସମ୍ଭବ ହୋଇନଥିଲା । ସ୍ଥାନରେ ଏପରି କୌଣସି ପରିବର୍ତ୍ତନ ନକାରାତ୍ମକ ପ୍ରଭାବ ପକାଇପାରେ । ଶେଷରେ, ଅଧ୍ୟୟନ ଦଳ ସ୍ଥାନ ସମ୍ବନ୍ଧୀୟ ସମସ୍ତ ବିକଳ୍ପ ଯାଞ୍ଚ କରିବା ପରେ ଜାଣିପାରିଲେ ଯେ ମନୋନୀତ ସ୍ଥାନ ଯଥାର୍ଥ ଏବଂ ବର୍ତ୍ତମାନ ପର୍ଯ୍ୟାୟରେ ସର୍ବନିମ୍ନ ଆବଶ୍ୟକତା ନିଶ୍ଚିତ କରେ । ବର୍ତ୍ତମାନ ପ୍ରକଳ୍ପ ଯୋଗୁଁ କୌଣସି ବିସ୍ଥାପନ ହେଉ ନାହିଁ । ତେଣୁ ଏଠାରେ କୁହାଯାଇପାରେ ଯେ ପ୍ରସ୍ତାବିତ ନିର୍ମାଣ ସ୍ଥାନଟି ସର୍ବୋତ୍ତମ ଏବଂ ସମସ୍ତ ଆବଶ୍ୟକୀୟ ମାନଦଣ୍ଡ ପୂରଣ କରୁଛି । ତେଣୁ ବିକଳ୍ପ ସ୍ଥାନ ଖୋଜିବାର କୌଣସି ଆବଶ୍ୟକତା ନାହିଁ ।

## ୮.୪ ଉପସଂହାର ଓ ସୁପାରିଶ

ଜଳସେଚନ ପ୍ରକଳ୍ପର ଫଳାଫଳ ସମ୍ପର୍କରେ କିଛି ଚିନ୍ତାଧାରା ରହିଛି ଯାହାକୁ ଏହି ବିବରଣୀରେ ଉଲ୍ଲେଖ କରାଯାଇଥିବା ପ୍ରଶମନ ବ୍ୟବସ୍ଥା ମାଧ୍ୟମରେ ସତର୍କତାର ସହ ପରିଚାଳନା କରାଯିବା ଆବଶ୍ୟକ । ସାମଗ୍ରିକ ଭାବରେ, ଏହି ନିଷ୍କର୍ଷ ଦିଆଯାଇପାରେ ଯେ, ଏହି ପ୍ରକଳ୍ପ ସ୍ଥାନୀୟ ଲୋକଙ୍କ ଜୀବନଜୀବିକା ଉପରେ ଅଧିକ ସକାରାତ୍ମକ ପ୍ରଭାବ ପକାଇବ । ପ୍ରକଳ୍ପ ଯୋଗୁଁ ସାମ୍ଭାବ୍ୟ ଲାଭ ସମ୍ପର୍କରେ ଗ୍ରାମବାସୀଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା ଗୁରୁତ୍ୱପୂର୍ଣ୍ଣ । ପ୍ରକଳ୍ପର ସମୟୋଚିତ ଏବଂ ସଫଳ କାର୍ଯ୍ୟାନ୍ୱୟନ ଆଶଙ୍କାକୁ ଆହୁରି ବଢ଼ାଇପାରେ । ଜଳ ସଂରକ୍ଷଣ ହୋଇ ରହୁଥିବା ସ୍ଥାନରେ ପର୍ଯ୍ୟାପ୍ତ ଏବଂ ସର୍ବାଧିକ ଜଳସ୍ତରର ସଂରକ୍ଷଣକୁ ସୁନିଶ୍ଚିତ କରିବା ପାଇଁ ଜଳାଶୟର ଉପରମୁଣ୍ଡରେ ମୃତ୍ତିକା ସଂରକ୍ଷଣ ଭଳି କାର୍ଯ୍ୟ କରିବାକୁ ପଡ଼ିପାରେ । କେନାଲ ର ତଳ ମୁଣ୍ଡରେ ପାଣି ଯେପରି ପହଞ୍ଚି ପାରିବ ସେଥିପାଇଁ କେନାଲ ପ୍ରଣାଳୀକୁ ଦକ୍ଷତାର ସହିତ ନିର୍ମାଣ କରାଯିବା ଉଚିତ ଯାହା ଦ୍ୱାରା କେନାଲ ସହିତ ଅଧିକ କିମ୍ବା କମ୍ ସମାନ ଜଳ ପ୍ରବାହ ବଜାୟ ରହିବ । ପ୍ରକଳ୍ପ ସମାପ୍ତ ହେବା ପରେ କେନାଲ ପ୍ରଣାଳୀର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ଜଳସେଚନ ବିଭାଗକୁ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସହିତ ନିୟମିତ ପାରସ୍ପରିକ ସମ୍ପର୍କ ବଜାୟ ରଖିବାକୁ ପଡିବ । ପରବର୍ତ୍ତୀ ରକ୍ଷଣାବେକ୍ଷଣ ପାଇଁ ଗ୍ରାମବାସୀ ଏବଂ ସ୍ଥାନୀୟ ଅଧିକାରୀମାନେ ହିତାଧିକାରୀଙ୍କ ସହିତ ସହଯୋଗ କରିପାରିବେ ଏବଂ ଜଳସେଚନ ଅଞ୍ଚଳ ନିମନ୍ତେ ସ୍ୱତନ୍ତ୍ର ଏବଂ ଋତୁକାଳୀନ ଫସଲ ସୂଚୀ ପ୍ରସ୍ତୁତ କରିପାରିବେ ଯେଉଁଥିରେ ସମ୍ପୃକ୍ତ ବିଭାଗଗୁଡ଼ିକ ଫସଲ ସୂଚୀ ପ୍ରସ୍ତୁତ କରିପାରିବେ ।

ସରକାରଙ୍କ ବିଭିନ୍ନ ଯୋଜନା ଅଧୀନରେ ସ୍ଥାନୀୟ ଚାଷୀମାନଙ୍କୁ ଜଳସେଚନ, ବୁନ୍ଦା ଜଳସେଚନ, ସାର ବ୍ୟବହାର ଇତ୍ୟାଦି ପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ସହିତ ସମର୍ଥନ ଜାରି ରାଖୀ ପାରିବେ । ଏହା ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବ।

ସାଧାରଣ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରାଯାଉଛି । ଯଦିଓ ଜମିର ମାଲିକମାନେ ଭୌଗୋଳିକ ଭାବରେ ବିସ୍ଥାପିତ ହେଉନାହାନ୍ତି, ତଥାପି ସେମାନଙ୍କର କୃଷି ଜମି ଅଧିଗ୍ରହଣ କରାଯିବ । ଏପରି ପରିସ୍ଥିତିରେ, ଜମି ଅଧିଗ୍ରହଣ ହେତୁ କୃଷିରୁ ସେମାନଙ୍କର ଆୟ କିଛି ପରିମାଣରେ ହ୍ରାସ ପାଇବ, କିନ୍ତୁ ଅଧ୍ୟୟନ ଫଳାଫଳ ସୂଚାଉଛି ଯେ, ଉନ୍ନତ ଜଳସେଚନ ସୁବିଧା ଯୋଗୁଁ ଅଧିଗ୍ରହଣ ହେଉନଥିବା କିମ୍ବା ଅବଶିଷ୍ଟ ଜମିରୁ ମିଳିବାକୁ ଥିବା ଅଧିକ ଉତ୍ପାଦନ ପାଇ ସେମାନେ କ୍ଷତି ସହିପାରିବେ । ଏଥିପାଇଁ, ପ୍ରକଳ୍ପ ଅଞ୍ଚଳ ନିମନ୍ତେ ଏକ ବ୍ୟାପକ କୃଷି ଉତ୍ପାଦନ ଯୋଜନା ପ୍ରସ୍ତୁତ କରାଯିବା ଉଚିତ ଯେଉଁଥିରେ ସମ୍ପୃକ୍ତ ବିଭାଗଗୁଡ଼ିକୁ ସାମିଲ ହେବାକୁ ପଡ଼ିବ । ଉପରୋକ୍ତ ବିଷୟ ଏବଂ ପ୍ରକଳ୍ପ ସପକ୍ଷରେ ପ୍ରଭାବିତ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରକାଶିତ ମତାମତକୁ ଦୃଷ୍ଟିରେ ରଖି, ଅଧ୍ୟୟନ ଅଞ୍ଚଳରେ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କରିବା ଯୁକ୍ତିଯୁକ୍ତ କାରଣ ଥିବା ମନେହୁଏ।

ଅଧ୍ୟୟନ ଫଳାଫଳକୁ ଦୃଷ୍ଟିରେ ରଖି, ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ପାଇଁ ନିମ୍ନଲିଖିତ ପଦକ୍ଷେପ ନିଆଯାଇପାରେ।

- ଏହି ପ୍ରକଳ୍ପ ମୁଖ୍ୟତଃ କୃଷି ଉତ୍ପାଦନ, ଫସଲ ଢାଞ୍ଚାରେ ପରିବର୍ତ୍ତନ ଏବଂ ପନିପରିବା ଏବଂ ଅନ୍ୟାନ୍ୟ ଅର୍ଥକରୀ ଫସଲ ଚାଷକୁ ବୃଦ୍ଧି କରିବ । ତେଣୁ ଜୈବିକ ସଂଶୋଧନ ସହିତ ରାସାୟନିକ ସାର ବ୍ୟବହାର, ପରିବେଶ ସୁରକ୍ଷା ପାଇଁ ଜୈବ ସାର ବ୍ୟବହାର ଉପରେ ଉପଯୁକ୍ତ ମାର୍ଗଦର୍ଶନ ପ୍ରଦାନ କରାଯିବା ଉଚିତ।
- ଜଳଭଣ୍ଡାରରେ ପର୍ଯ୍ୟାପ୍ତ ଏବଂ ସର୍ବାଧିକ ଜଳସ୍ତର ସଂରକ୍ଷଣ ନିଶ୍ଚିତ କରିବା ପାଇଁ ଜଳଭଣ୍ଡାରର ଉପରମୁଣ୍ଡରେ ଉପଚାର କରାଯିବା ଉଚିତ ଏବଂ ଏହାକୁ ସମ୍ପୂର୍ଣ୍ଣ ଭାବରେ ଅନୁସରଣ କରାଯିବା ଉଚିତ।
- ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମାପ୍ତ ହେବା ପରେ ପ୍ରକଳ୍ପର ସ୍ଥାୟୀତ୍ୱ ପାଇଁ ପରବର୍ତ୍ତୀ ରକ୍ଷଣାବେକ୍ଷଣ ପଦକ୍ଷେପ ସଠିକ୍ ଭାବରେ ଯୋଜନା କରାଯିବା ଉଚିତ । ସମସ୍ତ ଅଂଶୀଦାର ଯେପରିକି ହିତାଧିକାରୀ ଏବଂ ସ୍ଥାନୀୟ ସମଭାବାପନ୍ନ ବିଭାଗର ଅଧିକାରୀମାନେ ମିଳିତ ଭାବରେ ଢାଞ୍ଚାର ରକ୍ଷଣାବେକ୍ଷଣ ଉପରେ ନଜର ରଖିବା ଉଚିତ, ଯାହା ଦ୍ୱାରା ଜଳ ବଣ୍ଟନ ଏବଂ ଫସଲ ଅବଧି ସଠିକ୍ ଭାବରେ ନିର୍ଣ୍ଣୟ କରାଯାଇପାରିବ ।
- ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ଏବଂ RoR ପ୍ରମାଣୀକରଣ ପ୍ରକ୍ରିୟା ସମାପ୍ତ ହେବା ପରେ ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ କରାଯିବା ଉଚିତ। କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟା ସୁଗମ ଏବଂ ଅସୁବିଧାମୁକ୍ତ କରାଯିବା ଉଚିତ ।
- ଜମି ଅଧିଗ୍ରହଣ ପରେ ବଳକା ଥିବା ଛୋଟ ଜମି ଯାହା ଚାଷ ପାଇଁ ଉପଯୁକ୍ତ ନୁହେଁ, ତାହା ଅନୁପାତିକ କ୍ଷତିପୂରଣ ବ୍ୟବସ୍ଥା ସହିତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅଧିଗ୍ରହଣ କରାଯିବା ଉଚିତ।

ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଯୋଗୁଁ ସାମଗ୍ରିକ ଲାଭ ଏବଂ କ୍ଷତି ସମ୍ପର୍କରେ ବ୍ୟକ୍ତିଗତ ମତାମତ ବ୍ୟତୀତ; ଗ୍ରାମବାସୀମାନେ FGD ସମୟରେ କିଛି ଅଭିଯୋଗ ରଖିଥିଲେ।

- ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ସମସ୍ତ ଜମିର ସତ୍ତ୍ୱାଧିକାର ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିର ନାମରେ ଅଛି । ଜଗନ୍ନାଥ ମନ୍ଦିର ପ୍ରଶାସକ ହେଉଛନ୍ତି ଜମିର ମାଲିକ । ଚାଷୀମାନେ ଏହି ଜମି ସେମାନଙ୍କ ପୂର୍ବପୁରୁଷଙ୍କଠାରୁ ଉତ୍ତରାଧିକାରୀ

ଭାବରେ ପାଇଛନ୍ତି ଏବଂ ଏହାକୁ ଚାଷ କରିଆସୁଛନ୍ତି। ଯଦି ଏହି ଜମି ପାଇଁ କ୍ଷତିପୂରଣ ଦିଆଯିବ, ତେବେ କ୍ଷତିପୂରଣ ରାଶି କାହାକୁ ଦିଆଯିବ ତାହା ଚୂଡ଼ାନ୍ତ ହେବା ଆବଶ୍ୟକ।

- ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ଶୀଘ୍ର ଚିହ୍ନଟ ହେବା ଉଚିତ ଯାହା ଦ୍ୱାରା ସେମାନେ ସେମାନଙ୍କର ରଣନୀତି ପ୍ରସ୍ତୁତ କରିପାରିବେ । ଆଂଶିକ ଜମି ଅଧିଗ୍ରହଣ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅବ୍ୟବହୃତ ଜମିକୁ ଦଖଲ କରିବା ପାଇଁ ପ୍ରୟାସ କରାଯିବା ଉଚିତ । ଏପର୍ଯ୍ୟନ୍ତ କେଉଁ ଜମି ଅଧିଗ୍ରହଣ କରାଯିବ ତାହା ଚିହ୍ନଟ କରାଯାଇ ନାହିଁ ତେଣୁ ଗ୍ରାମରେ ଏହି ପ୍ରକାରର ଘଟଣା ଘଟିବାର ଅନୁମାନ କରାଯାଉଛି ।
- କେନାଲ ବନ୍ଧ ଯୋଗୁଁ ଜଳବନ୍ଦୀ ହେବାର ସମ୍ଭାବନା ରହିଛି ତେଣୁ ଜଳବନ୍ଦୀକୁ ଏଡାଇବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବା ଉଚିତ।
- ଗ୍ରାମରେ ବହୁ ଦିନ ଧରି ମ୍ୟୁଟେସନ କରାଯାଇ ନାହିଁ ଯାହା କ୍ଷତିପୂରଣ ସମୟରେ ସମସ୍ୟା ସୃଷ୍ଟି କରିବ । ପ୍ରକଳ୍ପ ପ୍ରଭାବିତ ପରିବାରଗୁଡ଼ିକୁ ତୁରନ୍ତ ମ୍ୟୁଟେସନ ଏବଂ ବିଭାଜନ ପାଇଁ ଆବେଦନ କରିବାକୁ ପଡିବ ଯାହା ଦ୍ୱାରା କ୍ଷତିପୂରଣ ଦେୟ ସହଜ ହେବ । ତେଣୁ, ପ୍ରଭାବିତ ବ୍ୟକ୍ତିଙ୍କ ଠାରୁ ମ୍ୟୁଟେସନ୍ ଆବେଦନ ଗ୍ରହଣ କରିବା ସମୟରେ ସମ୍ପୃକ୍ତ କର୍ତ୍ତୃପକ୍ଷ ମାମଲାକୁ ପ୍ରାଥମିକତା ଭିତ୍ତିରେ ବିଚାର କରିବା ଉଚିତ ।

ତେଣୁ, ସମସ୍ତେ ଆଶା କରୁଛନ୍ତି ଯେ, ଅଞ୍ଚଳ ଏବଂ ଲୋକଙ୍କ ବିକାଶକୁ ବିଚାରକୁ ନେଇ ଆଇନଗତ ଏବଂ ସରକାରୀ ପଦ୍ଧତିକୁ ସଠିକ୍ ଭାବରେ ଅନୁସରଣ କରି ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବା ଉଚିତ । ଏହି ଜମି ହରାଇଥିବା ପରିବାରଗୁଡ଼ିକର ସମ୍ପୃକ୍ତି, ତ୍ୟାଗ ଏବଂ ଅବଦାନକୁ ଜିଲ୍ଲା ଏବଂ ରାଜ୍ୟ ଦ୍ୱାରା ସ୍ୱୀକୃତି ଦିଆଯିବା ଉଚିତ ।

# ଅନୁସୂଚୀ

# ଅନୁସୂଚୀ- ୧

# ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ନିମନ୍ତେ ବିଜ୍ଞପ୍ତି ଏବଂ ଭୂମି ଅନୁସୂଚୀ

**ଓଡିଶା ସରକାର**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

****

**No.RDM-LAA-KHD-0003-2026-** 4791 **/R&DM, Dated** 02 FEB 2026

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା**

ରାଜ୍ୟ ସରକାର ପ୍ରଭାବିତ କ୍ଷେତ୍ର ଜିଲ୍ଲାପାଳ, ଖୋର୍ଦ୍ଧାଙ୍କ ପରାମର୍ଶ କ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ (Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜନ, ପୁନର୍ବାସ ଓ ଥାଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ ୨୦୧୩ ର ଧାରା ୪(୧) ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ ।

**୧. ପ୍ରକଳ୍ପ ବିକାଶକାରୀଙ୍କ ନାମ:-** ଅଧିକ୍ଷଣ ଯନ୍ତ୍ରୀ, ଖୋର୍ଦ୍ଧା ଜଳସେଚନ ଡିଭିଜନ, ଖୋର୍ଦ୍ଧା (Superintending Engineer, Khordha Irrigation Division, Khordha)

**୨. ପ୍ରସ୍ତାବିତ ଭୂମି ଅଧିଗ୍ରହଣ ର ଉଦ୍ଦେଶ୍ୟ:-** ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ (ToR78-00007) ।

**୩.SIA ସର୍ବେକ୍ଷଣ ଅନୁଷ୍ଠାନ**:- M/s. STARR, Bhubaneswar, an empanelled agency under Nabakrushna Choudhary Centre for Development Studies, Bhubaneswar.

**୪. SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୂଚନା**:- Nabakrushna Choudhary Centre for Development Studies, Bhubaneswar, Pin-751001 Phone No.(0674) 2300471, 7827451458

**୫. ପ୍ରକଳ୍ପ ପାଇଁ ଖୋର୍ଦ୍ଧା ଜିଲ୍ଲାରେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ /ତଫସିଲ**

| କ୍ରମିକ ନଂ | ତହସିଲ | ଗ୍ରାମ | ବେସରକାରୀ ଜମି | ମନ୍ତବ୍ୟ |
|---|---|---|---|---|
| ୧ | ଖୋର୍ଦ୍ଧା | କୁରୁମପଡା | ଏ ୧.୦୨୬ | |
| ମୋଟ | | | ଏ ୧.୦୨୬ | |

ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି ।

**(କ) ପ୍ରସ୍ତାବିତ ପ୍ରକଳ୍ପ ର ସଂକ୍ଷିପ୍ତ ବିବରଣୀ:-**ଖୋର୍ଦ୍ଧା ଜିଲ୍ଲା ଖୋର୍ଦ୍ଧା ତହସିଲ କୁରୁମପଡା ମୌଜାରେ ରାଜୁଆ ଡାଇଭର୍ସନ ୱେୟାର ପ୍ରକଳ୍ପ ଅଧୀନରେ **"ବ୍ରଜମୋହନପୁର ସବ-ମାଇନର-୦୨"** ନିର୍ମାଣ ନିମନ୍ତେ ଅଧିକ୍ଷଣ ଯନ୍ତ୍ରୀ, ଖୋର୍ଦ୍ଧା ଜଳସେଚନ ଡିଭିଜନ, ଖୋର୍ଦ୍ଧାଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

**(ଖ)SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ** :- ଖୋର୍ଦ୍ଧା ଜିଲ୍ଲା ରେ ଉପରୋକ୍ତ ୧ ଗୋଟି ମୌଜା ରେ **ଏ ୧.୦୨୬** ଘରୋଇ ଜମି ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳି ପାରିବ ।

**(ଗ)** ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି ? ଯଦି ଏହି ଅଧିଗ୍ରହଣ ଘରୋଇ କମ୍ପାନୀଙ୍କ ପାଇଁ ହେଉଥାଏ ତେବେ ୮୦ ପ୍ରତିଶତ ପ୍ରଭାବିତ ପରିବାରଙ୍କ ପୂର୍ବସମ୍ମତି ଆବଶ୍ୟକ ପଡ଼ିବ ଏବଂ ଯଦି ସରକାରୀ ବେସରକାରୀ ଭାଗିଦାରୀ ପ୍ରକଳ୍ପ ନିମନ୍ତେ ଏହି ଅଧିଗ୍ରହଣ ହେଉଥାଏ ତେବେ ୭୦ ପ୍ରତିଶତ ପ୍ରଭାବିତ ପରିବାରଙ୍କ ପୂର୍ବସମ୍ମତି ଆବଶ୍ୟକ ପଡ଼ିବ ।

(ଘ )SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ:- ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମବାସୀଙ୍କ ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ। SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୁହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୂଡାନ୍ତ ରିପୋର୍ଟରେ ସ୍ଥାନିତ ହେବ। ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ପ୍ରକ୍ରିୟା ନିମନ୍ତେ ଓଡିଶା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ ୨୦୧୬ ର ନିୟମ-୧୪ ଦ୍ରଷ୍ଟବ୍ୟ।

(ଙ)SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୬ ମାସ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ। SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ /ଗ୍ରାମ/ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ । ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବ ସାଇଟ ରେ ସୂଚିତ ହେବ ।

ରାଜ୍ୟପାଳଙ୍କ ଆଦେଶାନୁସାରେ

(ସୁରଞ୍ଜନ ପ୍ରଧାନ )
ଅତିରିକ୍ତ ଶାସନ ସଚିବ

Memo No. 4792 /Rev & DM, Dated 02 FEB 2026

Copy along with the land schedule forwarded to the Director, Printing Stationery, Odisha, Cuttack for information and necessary. He is requested to publish the Notification in the next issue of the Odisha Gazette as this is a statutory one.

SRO Number may be allotted to this publication.

Joint Secretary to Government

Memo No. 4793 /Rev & DM, Dated 02 FEB 2026

Copy forwarded to Department of Water Resources/ Superintending Engineer, Khordha Irrigation Division, Khordha for information and necessary action.

Joint Secretary to Government

Memo No. 4794 /Rev & DM, Dated 02 FEB 2026

Copy forwarded to RDC(CD), Cuttack /Collector, Khordha / Land Acquisition Officer , Khordha for information and necessary action.

Joint Secretary to Government

Memo No. 4795 /Rev & DM, Dated 02 FEB 2026

Copy forwarded to the State Co-ordinator, Nabakrushna Choudhury Centre for Development Studies, Bhubaneswar *( email: ncdsbbsr1987@gmail.com )* for information and necessary action.

Joint Secretary to Government

Memo No. 4796 /Rev & DM, Dated 02 FEB 2026

Copy forwarded to the e-Governance Branch of this Department with a request to upload the Notification in the website.

Joint Secretary to Government

ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ
ଜିଲ୍ଲା - ଖୋର୍ଦ୍ଧା
ତହସିଲ - ଖୋର୍ଦ୍ଧା
ମୌଜା – କୁରୁମପଡା

| କ୍ରମିକ ନମ୍ବର | ମୌଜା | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ରକବା | କିସମ | ଖାତା ରୟତ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | କୁରୁମପଡା | ଗ୍ରାମାଞ୍ଚଳ | ୬୦ | ୪୭୭ | ୩.୨୨୦ | ୦.୩୪୦ | ଶାରଦ-୨ | ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ ପୁରୀ ତରଫ ଆଡ଼ମିନିଷ୍ଟ୍ରେଟର, ଜଗନ୍ନାଥ ମନ୍ଦିର ପରିଚାଳନା କମିଟୀ ପୁରୀ ଖେୱାଟ ନମ୍ବର:- 1, 1 କପିଳେଶ୍ୱର ଚମ୍ପତି, ମିନ କେତନ ଚମ୍ପତି ପି: ହଟ କିଶୋର ଚମ୍ପତି, ରବିନ୍ଦ୍ର ନାଥ ବିଧାର ପି: ବାଉରି ବନ୍ଧୁ ବିଧାର, ସନାତନ ରାଉତରା, ଯୁଧିଷ୍ଠିର ରାଉତରା ପି: ଗୋଲଖ ବିହାରି ରାଉତରା ଜା: ଖଣ୍ଡାୟତ ବା: ନରଣ ଗଡ଼ |
| ୨ | | | ୭୯ | ୪୯୮ | ୦.୪୩୫ | ୦.୦୧୫ | ଶାରଦ-୨ | ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ ପୁରୀ ତରଫ ଆଡ଼ମିନିଷ୍ଟ୍ରେଟର, ଜଗନ୍ନାଥ ମନ୍ଦିର ପରିଚାଳନା କମିଟୀ ପୁରୀ ଖେୱାଟ ନମ୍ବର:- 1, 1 କୁଳମଣି ନାୟକ ପି:କାହ୍ନୁ ନାୟକ ଜା: ମେହେନ୍ତର ବା: ନରଣ ଗଡ଼ |

| | | | | | | | | |
|---|---|---|---|---|---|---|---|---|
| ୩ | | | ୧୬୧ | ୪୮୦ | ୦.୫୨୫ | ୦.୦୧୮ | ଶାରଦ-୨ | ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଯେ ପୁରୀ ତରଫ ଆଡ଼ମିନିଷ୍ଟ୍ରେଟର, ଜଗନ୍ନାଥ ମନ୍ଦିର ପରିଚାଳନା କମିଟୀ ପୁରୀ ଖେୱାଟ ନମ୍ବର:- 1, 1 ତରା ଦେଇ ସ୍ୱା:ଜଳଧର ସାହୁ ଜା: ଗୁଡ଼ିଆ ବା: ନରଣ ଗଡ଼ |
| ୪ | | | ୨୮୨ | ୪୯୩ | ୦.୨୨୫ | ୦.୧୪୫ | ଶାରଦ-୨ | ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଯେ ପୁରୀ ତରଫ ଆଡ଼ମିନିଷ୍ଟ୍ରେଟର, ଜଗନ୍ନାଥ ମନ୍ଦିର ପରିଚାଳନା କମିଟୀ ପୁରୀ ଖେୱାଟ ନମ୍ବର:- 1, 1 ବିଶ୍ୱନାଥ ପଧାନ ପି:ଦନେଇ ପଧାନ ଜା: ଖଣ୍ଡାୟତ ବା: ନରଣ ଗଡ଼ |
| ୫ | | | ୪୯୯ | ୪୭୮ | ୧.୦୫୫ | ୦.୦୧୮ | ଶାରଦ-୨ | ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଯେ ପୁରୀ ତରଫ ଆଡ଼ମିନିଷ୍ଟ୍ରେଟର, ଜଗନ୍ନାଥ ମନ୍ଦିର ପରିଚାଳନା କମିଟୀ ପୁରୀ ଖେୱାଟ ନମ୍ବର:- 1, 1 ଶ୍ରୀ ଗଡେଶ୍ୱର ମହାଦେବ ବିଜେ ନରଣ ଗଡ଼ ମାରଫତ ବା:, ଭ୍ରମର ନନ୍ଦ, କୁମର ନନ୍ଦ ପି: କେଳା ନନ୍ଦ, ବିର ନନ୍ଦ ପି: ନିଳ ନନ୍ଦ, ଲାବନ୍ୟବତି ଦେଇ ସ୍ୱା: ସୋମନାଥ ମହାପାତ୍ର, ସୋମନାଥ ମହାପାତ୍ର ପି: ଅନନ୍ତ ମହାପାତ୍ର ଜା: ମାଳି ବା: ନରଣ ଗଡ଼ |

| | | | | | | | | |
|---|---|---|---|---|---|---|---|---|
| ୬ | | | ୪୯୯ | ୪୭୯ | ୦.୬୧୫ | ୦.୩୪୫ | ଶାରଦ-୨ | ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଯେ ପୁରୀ ତରଫ ଆଡ଼ମିନିଷ୍ଟ୍ରେଟର, ଜଗନ୍ନାଥ ମନ୍ଦିର ପରିଚାଳନା କମିଟୀ ପୁରୀ ଖେୱାଟ ନମ୍ବର:- 1, 1ଶ୍ରୀ ଗଡେଶ୍ୱର ମହାଦେବ ବିଜେ ନରଣ ଗଡ଼ ମାରଫତ ବା:, ଭ୍ରମର ନନ୍ଦ, କୁମର ନନ୍ଦ ପି: କେଳା ନନ୍ଦ, ବିର ନନ୍ଦ ପି: ନିଳ ନନ୍ଦ, ଲାବନ୍ୟବତି ଦେଇ ସ୍ୱା: ସୋମନାଥ ମହାପାତ୍ର, ସୋମନାଥ ମହାପାତ୍ର ପି: ଅନନ୍ତ ମହାପାତ୍ର ଜା: ମାଳି ବା: ନରଣ ଗଡ଼ |
| ୭ | | | ୫୧୪ | ୪୯୪ | ୧.୩୪୫ | ୦.୧୪୫ | ଶାରଦ-୨ | ଶ୍ରୀ ଭଗବତୀ ଠାକୁରାଣୀ ବିଜେ ନରଣ ଗଡ଼ ମାରଫତ ବା:, ଭ୍ରମର ନନ୍ଦ, କୁମର ନନ୍ଦ ପି: କେଲୁ ନନ୍ଦ, ବିର ନନ୍ଦ ପି: ନିଳମଣି ନନ୍ଦ, ଲାବନୀ ଦେଇ ସ୍ୱା: ସୋମନାଥ ମହାପାତ୍ର, ସୋମନାଥ ମହାପାତ୍ର ପି: ଅନନ୍ତ ମହାପାତ୍ର ଜା: ମାଳି ବା: ନରଣ ଗଡ଼ |
| ମୋଟ ଅଧିଗ୍ରହଣ ରକବା=ଏକର ୧.୦୨୬ | | | | | | | | |

ଭୂ-ଅର୍ଜନ ଅଧିକାରୀ,ଖୋର୍ଦ୍ଧା

# ଅନୁସୂଚୀ- ୨

# ଜନଶୁଣାଣି ନିମନ୍ତେ ବିଜ୍ଞପ୍ତି ଏବଂ ଭୂମି ଅନୁସୂଚୀ

OFFICE OF THE COLLECTOR & DISTRICT MAGISTRATE, KHORDHA

(Land Acquisition Section)

Letter No. 486 LA/KHD/26 Date. 13 / 03 /2026

To

The Sarapanch, Narangarh G.P

The Sub-Collector, Khordha

The Superintending Engineer, Khordha Irrigation Division, Khordha

The Tahasildar, Khordha

Sub:- Organisation of Public Hearing for acquisition of private land in Mouza- Kurumpada for the project "Construction of Brajamohanpur Sub-Minor-II of Rajua Diversion Weir"

Madam / Sir,

With reference to the above noted subject, I am to say that an area of Ac 1.0260 dec of private land is to be acquired in Mouza- Kurumpada for the project "C onstruction of Brajamohanpur Sub-Minor-II of Rajua Diversion Weir". As per section-5 of RFCTLAR&R Act-2013 read with Rule 14 of ORFCTLAR & R Rules-2016, a Public Hearing is scheduled to be held on **24.03.2026 (Tuesday) at 11.00 A.M at 'Maa Dakshinchandi Temple, Hadapada, Narangarh G.P** in order to finalize the draft SIA study report. In this regard, a public notice has been enclosed here with to be published on the office Notice Board for information of the general public.

You are, therefore, requested to make it convenient to attend the above public hearing as per the scheduled programme.

Yours faithfully,

Land Acquisition Officer,
Collectorate, Khordha

Memo No. 487 LA/KHD/26 Date. 13 / 03 /2026

Copy submitted to the Coordinator, State SIA Unit (Nabakrushna Choudhury Centre for Development Studies), Bhubaneswar-751013/ The Director, STARR, Bhubaneswar-751015 for information & Necessary action.

Land Acquisition Officer,
Collectorate, Khordha

# ଅନୁସୂଚୀ-୩

## ଜନଶୁଣାଣି ସଭାରେ ଭାଗ ନେଇଥିବା ବ୍ୟକ୍ତିମାନଙ୍କ ସ୍ୱାକ୍ଷର

### PUBLIC HEARING

"Social Impact Assessment Study for Land Acquisition of 1.0260 acres of Private Land from Village Kurumpada under Khurda Tahasil of Khurda District for RajuaDiversion Weir (ToR 78-00007)."

**Venue** : Dakhinchandi Temple Premisis, Hadapada, Naranagarh G.P., Khordha
**Date** : 24.03.2026
**Village** : Kurumpada
**Organised By** : District Administration, Khordha

**(GUEST'S ACKNOWLEDGEMENT)**

| Sl. No | Name of the Participants | Designation & Mobile No. | Signature |
|---|---|---|---|
| 1 | Ananya Smiti Satpathy | Dy. Collector cum LAO Khordha | [signature] 24/03/26 |
| | | | |
| | | | |
| 2 | Padma Charan Dash | Director STARR 9437285784 | [signature] 24/3/26 |
| 3 | Debiprasad Sahu | R.I. L.A. Section 7504114604 | [signature] 24.03.26 |
| 4 | Manmatha Ku Nanda | ASO, SJTA, Pbn. | [signature] (9937366509) |
| 5 | Papun Swain | 6370139644 | [signature] 24/03/26 |
| 6 | Rasmi Ranjan Pattay | SRA 8585076001 | [signature] 24.03.26 |
| 7 | Soumendra Pr. Barix | 7978671413 | [signature] 24.3.26 |
| 8 | Bijay Behera | 9374804937? | [signature] |
| 9 | Manasi Dash | Study Co-ordinator STARR 9439539819 | Manasi Dash 24.03.2026 |
| 10 | Janmejay Satteea | Surveyor STARR 9329160912 | Janmejay Satteea |
| | | | |

# PUBLIC HEARING

**"Social Impact Assessment Study for Land Acquisition of 1.0260 acres of Private Land from Village Kurumpada under Khurda Tahasil of Khurda District for RajuaDiversion Weir (ToR 78-00007)."**

**Venue** : Dakhinchandi Temple Premisis, Hadapada, Naranagarh G.P., Khordha
**Date** : 24.03.2026
**Village** : Kurumpada
**Organised By :** District Administration, Khordha

## (PARTICIPANT'S ACKNOWLEDGEMENT)

| Sl. No | Name of the Participants | Designation & Mobile No. | Signature |
|---|---|---|---|
| 1 | [illegible] | 6371239192 | [illegible] |
| 2 | Abakash mohanty | Ex. Sarpanch 7064073319 | [illegible] |
| 3 | Sangram K. Raulray | 9348245929 | [illegible] |
| 4 | Raghunath Nanda | 9438464465 | [illegible] |
| 5 | Saroj K. Sethi | 7788914213 | [illegible] |
| 6 | Dukhishyam Simhasinh | 8455059285 | [illegible] |
| 7 | [illegible] | 7326984785 | [illegible] |
| 8 | Bharati Bhusan Nanda | 9776219267 | Bharati Bhusan Nanda |
| 9 | Bibhuti Bhusan Nanda. | 9937707417 | [illegible] |
| 10 | [illegible] | 9437034824 | [illegible] |
| 11 | Pranay Ramesh | 8249148682 | [illegible] |
| 12 | [illegible] | 9437212206 | [illegible] |
| 13 | Pravakar Chhualsingh | 9776925813 | [illegible] |
| 14 | Sushanta Kumar Martha | 9348732337 | Smatha |
| 15 | Bijay Kumar Mohapatra | 9777066724 | [illegible] |
| 16 | [illegible] | - | [illegible] |
| | | | |
| | | | |

# ଅନୁସୂଚୀ-୪

## ଦଳଗତ ଆଲୋଚନାରେ ଭାଗ ନେଇଥିବା ବ୍ୟକ୍ତିମାନଙ୍କ ସ୍ୱାକ୍ଷର

**"Social Impact Assessment Study for Land Acquisition of 1.0260 acres of Private Land from Village Kurumpada under Khurda Tahasil of Khurda District for Rajua Diversion Weir (ToR 78-00007)."**

### Focus Group Discussion

1. Name of Village:- Narangarh (Kurumpada)
2. Name of GP:- Narangarh
3. Name of Block:- Khordha
4. Name of Tahasil:- Khordha
5. Name of District:- Khordha

**LIST OF PARTICIPANTS**

| Sl. No | Name | Occupation | Sex | Age | Social Category | Signature |
|---|---|---|---|---|---|---|
| 1 | Basantamanjari Champati | Govt Pension Holder | Female | 72 | OBC | Basanta Manjari Champati |
| 2 | Nabaghana Sahoo | Business | Male | 60 | OBC | [illegible] |
| 3 | Lalitendu Champati | Retire | Male | 60 | General | Lalitendu Champati |
| 4 | Bharati Bhusan Nanda | Business | Male | 60 | OBC | Bharati Bhusan Nanda |
| 5 | Bibhuti Bhusan Nanda | Retire | Male | 64 | OBC | Bibhuti Bhusan Nanda |
| 6 | Chittaranjan Nanda | Farmer | Male | 39 | OBC | Chitta Ranjan Nanda |
| 7 | Satyapriya Nanda | Farmer | Male | 50 | OBC | Satyapriya Nanda |
| 8 | Jatin Ku. Rautaray | Farmer | Male | 69 | Gen | Jatin Kumar Rautaray |
| 9 | Manoranjan Nanda | Business | Male | 48 | O.B.C | Manoranjan Nanda |
| 10 | Raghunath Nanda | Retire | Male | 71 | OBC | Raghunath Nanda |
| 11 | Ashutosh Mangaraj | Business | Male | 39 | Gen | Ashutosh Mangaraj |
| 12 | Kanhu Nayak | Pvt Work | Male | 51 | SC | [illegible] |
| 13 | Sangram Kesari Rautaray | Pvt Work | Male | 52 | OBC | Sangram Kesari Rautaray |
| | | | | | | |

# ଅନୁସୂଚୀ- ୫


## ସର୍ବେକ୍ଷଣ କରାଯାଇଥିବା ପରିବାରର ତାଲିକା

| କ୍ରମିକ ସଂଖ୍ୟା | ପରିବାର ମୁଖ୍ୟଙ୍କ ନାମ | ଦାବିଦାରଙ୍କ ନାମ | ବୟସ | ପରିବାର ମୁଖ୍ୟଙ୍କ ସହ ସମ୍ପର୍କ | ଜାତି | ଲିଙ୍ଗ | ବିବାହିତା/ ଅବିବାହିତ | ଖାତା ସଂଖ୍ୟା | ପ୍ଲଟ ନମ୍ବର | ମାଲିକାନାରେ ଥିବା ସମୁଦାୟ ଜମି (ଏକରରେ) | ପ୍ରଭାବିତ ହେଉଥିବା ଜମି ପରିମାଣ (ଏକରରେ) | ଅଧିଗ୍ରହଣ ହେବାକୁମାର ଥିବା ଜମି ପରିମାଣ | ପ୍ରଭାବିତ ହେଉଥିବା ଜମି ମାଲିକାନାରେ ଥିବା ସମୁଦାୟ ଜମିର କେତେ ପ୍ରତିଶତ | ଅଧିଗ୍ରହଣ ହେବାକୁମାର ଥିବା ଜମି ପ୍ରଭାବିତ ଜମି ର କେତେ ପ୍ରତିଶତ |
|---|---|---|---|---|---|---|---|---|---|---|---|---|---|---|
| ୧ | ଭାରତୀ ଭୂଷଣ ନନ୍ଦ | ଭାରତୀ ଭୂଷଣ ନନ୍ଦ | ୬୦ | ଗୃହକର୍ତ୍ତା | ଓ ବି ସି | ପୁରୁଷ | ବିବାହିତ | ୪୯୯ | ୪୭୮ | ୧.୫୪୦ | ୩.୦୧୫ | ୦.୫୦୮ | ୧୬.୮୫ | ୩୨.୯୯ |
| | | ଶିଶିର କୁମାର ନନ୍ଦ | ୩୦ | ପୁଅ | ଓ ବି ସି | ପୁରୁଷ | ବିବାହିତ | | | | | | | |
| | | ସାଗର କୁମାର ନନ୍ଦ | ୨୫ | ପୁଅ | ଓ ବି ସି | ପୁରୁଷ | ବିବାହିତ | | | | | | | |
| ୨ | ବିଭୂତି ଭୂଷଣ ନନ୍ଦ | ବିଭୂତି ଭୂଷଣ ନନ୍ଦ | ୬୪ | ଗୃହକର୍ତ୍ତା | ଓ ବି ସି | ପୁରୁଷ | ବିବାହିତ | ୪୯୯ | ୪୭୮ | ୧.୫୫୦ | | | | |
| | | ସମୀର କୁମାର ନନ୍ଦ | ୩୫ | ପୁଅ | ଓ ବି ସି | ପୁରୁଷ | ଅବିବାହିତ | | | | | | | |
| | | ମିହିର କୁମାର ନନ୍ଦ | ୩୦ | ପୁଅ | ଓ ବି ସି | ପୁରୁଷ | ଅବିବାହିତ | | | | | | | |
| ୩ | ବ୍ରଜକିଶୋର ନନ୍ଦ | ବ୍ରଜକିଶୋର ନନ୍ଦ | ୭୬ | ଗୃହକର୍ତ୍ତା | ଓ ବି ସି | ପୁରୁଷ | ବିବାହିତ | ୪୯୯ | ୪୭୮ | ୨.୧୨୦ | | | | |
| | | ସତ୍ୟପ୍ରିୟ ନନ୍ଦ | ୪୯ | ପୁଅ | ଓ ବି ସି | ପୁରୁଷ | ବିବାହିତ | | | | | | | |
| | | ଶରତ ନନ୍ଦ | ୪୬ | ପୁଅ | ଓ ବି ସି | ପୁରୁଷ | ବିବାହିତ | | | | | | | |
| | | ହେମନ୍ତ କୁମାର ନନ୍ଦ | ୪୫ | ପୁଅ | ଓ ବି ସି | ପୁରୁଷ | ବିବାହିତ | | | | | | | |
| | | ସୁକାନ୍ତ କୁମାର ନନ୍ଦ | ୪୩ | ପୁଅ | ଓ ବି ସି | ପୁରୁଷ | ବିବାହିତ | | | | | | | |
| ୪ | ରଘୁନାଥ ନନ୍ଦ | ରଘୁନାଥ ନନ୍ଦ | ୭୦ | ଗୃହକର୍ତ୍ତା | ଓ ବି ସି | ପୁରୁଷ | ବିବାହିତ | ୪୯୯ | ୪୭୮ | ୨.୪୫୦ | | | | |
| | | ପ୍ରସନ୍ନ ନନ୍ଦ | ୪୭ | ପୁଅ | ଓ ବି ସି | ପୁରୁଷ | ବିବାହିତ | | | | | | | |
| | | ସୁଶାନ୍ତ କୁମାର ନନ୍ଦ | ୪୪ | ପୁଅ | ଓ ବି ସି | ପୁରୁଷ | ବିବାହିତ | | | | | | | |
| | | ରଜନୀକାନ୍ତ ନନ୍ଦ | ୩୫ | ପୁଅ | ଓ ବି ସି | ପୁରୁଷ | ବିବାହିତ | | | | | | | |
| ୫ | ମନୋରଞ୍ଜନ ନନ୍ଦ | ମନୋରଞ୍ଜନ ନନ୍ଦ | ୪୭ | ଗୃହକର୍ତ୍ତା | ଓ ବି ସି | ପୁରୁଷ | ବିବାହିତ | ୪୯୯ | ୪୭୮ | ୧.୦୪୦ | | | | |

| କ୍ରମିକ ସଂଖ୍ୟା | ପରିବାର ମୁଖ୍ୟଙ୍କ ନାମ | ଦାବିଦାରଙ୍କ ନାମ | ବୟସ | ପରିବାର ମୁଖ୍ୟଙ୍କ ସହ ସମ୍ପର୍କ | ଜାତି | ଲିଙ୍ଗ | ବିବାହିତା/ ଅବିବାହିତ | ଖାତା ସଂଖ୍ୟା | ପ୍ଲଟ ନମ୍ବର | ମାଲିକାନାରେ ଥିବା ସମୁଦାୟ ଜମି (ଏକରରେ) | ପ୍ରଭାବିତ ହେଉଥିବା ଜମି ପରିମାଣ (ଏକରରେ) | ଅଧିଗ୍ରହଣ ହେବାକୁମାର ଥିବା ଜମି ପରିମାଣ | ପ୍ରଭାବିତ ହେଉଥିବା ଜମି ମାଲିକାନାରେ ଥିବା ସମୁଦାୟ ଜମିର କେତେ ପ୍ରତିଶତ | ଅଧିଗ୍ରହଣ ହେବାକୁମାର ଥିବା ଜମି ପ୍ରଭାବିତ ଜମି ର କେତେ ପ୍ରତିଶତ |
|---|---|---|---|---|---|---|---|---|---|---|---|---|---|---|
| | | ମଧୁସ୍ମିତା ନନ୍ଦ | ୨୧ | ଝିଅ | ଓ ବି ସି | ମହିଳା | ଅବିବାହିତ | | | | | | | |
| ୬ | ଚିତ୍ତରଞ୍ଜନ ନନ୍ଦ | ଚିତ୍ତରଞ୍ଜନ ନନ୍ଦ | ୩୯ | ଗୃହକର୍ତ୍ତା | ଓ ବି ସି | ପୁରୁଷ | ବିବାହିତ | ୪୯୯ | ୪୭୮ | ୧.୦୨୦ | | | | |
| ୭ | କାହ୍ନୁ ନାୟକ | କାହ୍ନୁ ନାୟକ | ୫୧ | ଗୃହକର୍ତ୍ତା | ଏସ ସି | ପୁରୁଷ | ବିପତ୍ନୀକ | ୭୯ | ୪୯୮ | ୧.୦୩୦ | ୦.୪୩୫ | ୦.୦୧୫ | ୩.୪୫ | ୧.୪୬ |
| | | ସିବା ନାୟକ | ୪୦ | ପୁଅ | ଏସ ସି | ପୁରୁଷ | ବିବାହିତ | | | | | | | |
| | | ଜ୍ୟୋତିରଞ୍ଜନ ନାୟକ | ୨୬ | ପୁଅ | ଏସ ସି | ପୁରୁଷ | ଅବିବାହିତ | | | | | | | |
| ୮ | ନବଘନ ସାହୁ | ନବଘନ ସାହୁ | ୬୦ | ଗୃହକର୍ତ୍ତା | ଓ ବି ସି | ପୁରୁଷ | ବିବାହିତ | ୧୬୧ | ୪୮୦ | ୧.୧୦୦ | ୦.୫୨୫ | ୦.୦୧୮ | ୩.୪୩ | ୧.୬୪ |
| | | ପାମାଚନ୍ଦ୍ର ସାହୁ | ୩୫ | ପୁଅ | ଓ ବି ସି | ପୁରୁଷ | ବିବାହିତ | | | | | | | |
| | | ଲକ୍ଷ୍ମୀଧର ସାହୁ | ୩୦ | ପୁଅ | ଓ ବି ସି | ପୁରୁଷ | ବିବାହିତ | | | | | | | |
| | | ମଧୁସମିତା ସାହୁ | ୨୩ | ଝିଅ | ଓ ବି ସି | ମହିଳା | ଅବିବାହିତ | | | | | | | |
| | | ବାସନ୍ତୀ ସାହୁ | ୪୬ | Sister | ଓ ବି ସି | ମହିଳା | ଅବିବାହିତ | | | | | | | |
| ୯ | ବାସନ୍ତୀ ସାହୁ | ବସନ୍ତ ମଞ୍ଜରୀ ଚମ୍ପତ୍ତି | ୭୨ | ଗୃହକର୍ତ୍ତା | ଓ ବି ସି | ମହିଳା | ବିଧବା | ୬୦ | ୪୭୭ | ୨.୫୪୦ | ୩.୨୨୦ | ୦.୩୪୦ | ୧୦.୫୬ | ୧୩.୩୯ |
| | | ମାନସ ରଞ୍ଜନ ଚମ୍ପତ୍ତିରାୟ | ୪୫ | ପୁଅ | ଓ ବି ସି | ପୁରୁଷ | ବିବାହିତ | | | | | | | |
| | | ଚିତ୍ରଲିପି ଚମ୍ପତ୍ତିରାୟ | ୪୬ | ଝିଅ | ଓ ବି ସି | ମହିଳା | ଅବିବାହିତ | | | | | | | |
| ୧୦ | ସଚଳା ଚମ୍ପତ୍ତି | ସଚଳା ଚମ୍ପତ୍ତି | ୮୧ | ଗୃହକର୍ତ୍ତା | ଓ ବି ସି | ମହିଳା | ବିଧବା | ୬୦ | ୪୭୭ | ୩.୦୫୦ | | | | |
| | | ଲଳିତେନ୍ଦୁ ଚମ୍ପତ୍ତି | ୬୦ | ପୁଅ | ଓ ବି ସି | ପୁରୁଷ | ବିବାହିତ | | | | | | | |
| | | ସିମଲିନ୍ ଚମ୍ପତ୍ତି | ୨୯ | G. ଝିଅ | ଓ ବି ସି | ମହିଳା | ଅବିବାହିତ | | | | | | | |
| | | ଲେଲିନ୍ ଚମ୍ପତ୍ତି | ୨୭ | G. ଝିଅ | ଓ ବି ସି | ମହିଳା | ଅବିବାହିତ | | | | | | | |
| | | ଆମୋଘ ବିକ୍ରମ ଚମ୍ପତ୍ତି | ୨୧ | G.ପୁଅ | ଓ ବି ସି | ପୁରୁଷ | ଅବିବାହିତ | | | | | | | |
| ୧୧ | ଯତୀନ କୁମାର | ଯତୀନ କୁମାର | ୬୯ | ଗୃହକର୍ତ୍ତା | ଓ ବି ସି | ପୁରୁଷ | ବିବାହିତ | ୬୦ | ୪୭୭ | ୨.୮୦୦ | | | | |

| କ୍ରମିକ ସଂଖ୍ୟା | ପରିବାର ମୁଖ୍ୟଙ୍କ ନାମ | ଦାବିଦାରଙ୍କ ନାମ | ବୟସ | ପରିବାର ମୁଖ୍ୟଙ୍କ ସହ ସମ୍ପର୍କ | ଜାତି | ଲିଙ୍ଗ | ବିବାହିତା/ ଅବିବାହିତ | ଖାତା ସଂଖ୍ୟା | ପ୍ଲଟ ନମ୍ବର | ମାଲିକାନାରେ ଥିବା ସମୁଦାୟ ଜମି (ଏକରରେ) | ପ୍ରଭାବିତ ହେଉଥିବା ଜମି ପରିମାଣ (ଏକରରେ) | ଅଧିଗ୍ରହଣ ହେବାକୁମାର ଥିବା ଜମି ପରିମାଣ | ପ୍ରଭାବିତ ହେଉଥିବା ଜମି ମାଲିକାନାରେ ଥିବା ସମୁଦାୟ ଜମିର କେତେ ପ୍ରତିଶତ | ଅଧିଗ୍ରହଣ ହେବାକୁମାର ଥିବା ଜମି ପ୍ରଭାବିତ ଜମି ର କେତେ ପ୍ରତିଶତ |
|---|---|---|---|---|---|---|---|---|---|---|---|---|---|---|
| | ରାଉତରାୟ | ରାଉତରାୟ | | | | | | | | | | | | |
| | | ଆଶୁତୋଷ ରାଉତରାୟ | ୩୫ | ପୁଅ | ଓ ବି ସି | ପୁରୁଷ | ବିବାହିତ | | | | | | | |
| | | ଆର୍ଯ୍ୟତୋଷ ରାଉତରାୟ | ୩୨ | ପୁଅ | ଓ ବି ସି | ପୁରୁଷ | ବିବାହିତ | | | | | | | |
| ୧୨ | ରଜନୀ ଚମ୍ପତି | ରଜନୀ ଚମ୍ପତି | ୭୫ | ଗୃହକର୍ତ୍ତା | ଓ ବି ସି | ପୁରୁଷ | ବିବାହିତ | ୬୦ | ୪୭୭ | ୩.୦୭୦ | | | | |
| | | ରୋହନ ଚମ୍ପତି | ୩୯ | ପୁଅ | ଓ ବି ସି | ପୁରୁଷ | ବିବାହିତ | | | | | | | |
| ୧୩ | ସଂଗ୍ରାମ କେଶରୀ ରାଉତରାୟ | ସଂଗ୍ରାମ କେଶରୀ ରାଉତରାୟ | ୫୨ | ଗୃହକର୍ତ୍ତା | ଓ ବି ସି | ପୁରୁଷ | ବିବାହିତ | ୬୦ | ୪୭୭ | ୨.୦୫୦ | | | | |
| | | ସୌମ୍ୟସିଦ୍ଧ ରାଉତରାୟ | ୨୦ | ପୁଅ | ଓ ବି ସି | ପୁରୁଷ | ଅବିବାହିତ | | | | | | | |
| | | ଆକାଂକ୍ଷା ରାଉତରାୟ | ୧୯ | ଝିଅ | ଓ ବି ସି | ମହିଳା | ଅବିବାହିତ | | | | | | | |
| ୧୪ | ବୃନ୍ଦାବନ ଚନ୍ଦ୍ର ବିହାର | ବୃନ୍ଦାବନ ଚନ୍ଦ୍ର ବିହାର | ୭୪ | ଗୃହକର୍ତ୍ତା | ଓ ବି ସି | ପୁରୁଷ | ବିବାହିତ | ୬୦ | ୪୭୭ | ୩.୨୦୦ | | | | |
| | | | | | | ସର୍ବମୋଟ | | | | ୨୮.୫୬୦ | ୭.୧୯୫ | ୦.୮୮୧ | ୧୨.୨୪ | ୩.୦୮ |

# ଅନୁସୂଚୀ- ୬
# କୁରୁମପଡା ଗ୍ରାମର ମାନଚିତ୍ର



# ସର୍ବେକ୍ଷଣ ଓ ଦଳଗତ ଆଲୋଚନା ଫଟୋଗ୍ରାଫ



















GPS Map Camera
Narangarh, Odisha, India
3h2p+2jq, Rd.road, Hadapada, Narangarh,
Odisha 752018, India
Lat 20.050551° Long 85.587144°
Wednesday, 11/02/2026 11:18 AM GMT +05:30
Google


GPS Map Camera
Narangarh, Odisha, India
3h2p+2jq, Rd.road, Hadapada, Narangarh,
Odisha 752018, India
Lat 20.050125° Long 85.586699°
Thursday, 12/02/2026 01:48 PM GMT +05:30
Google

# ଜନଶୁଣାଣି ଫଟୋଗ୍ରାଫ

